

ଉତ୍କଳ ପ୍ରସଙ୍ଗ

Vol. XL V No. 1 UTKAL PRASANGA Regd. No. O-05/88
Licence No. C. R. N. P. 5—Licensed to post without Pre-Payment






ଜାତୀୟ ସଂହତି ଶିବିର ଉଦ୍‌ଯାପନ ଉତ୍ସବରେ




STATION BUILDING
By SRI J. B PATNAIK
CHIEF MINISTER OF ORISSA


27th FOUNDATION DAY CELE
ORISSA UNIVERSITY OF AGRICULTURE & TEC
24th AUGUST 1988

# ଉତ୍କଳ ପ୍ରସଙ୍ଗ

ଭାଦ୍ରବ ୧୯୦୯ ଶକାବ୍ଦ ୪୪ ଭାଗ ଦ୍ୱିତୀୟ ସଂଖ୍ୟା ସେପ୍‌ଟେମ୍ବର ୧୯୮୮

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ନୃସିଂହ ପ୍ରସାଦ ଦେବ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

● **ପ୍ରଚ୍ଛଦପଟ**

ଅଧ୍ୟାପକ ବଳଦେବ ମହାରଥୀ

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଓଡ଼ିଶାର ଆୟ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୧ |
| ବାଣପୁରର ପ୍ରାଚୀନ ଐତିହ୍ୟ .. | ଡକ୍ଟର ସତ୍ୟନାରାୟଣ ରାଜଗୁରୁ.. | ୪ |
| ମୟୂରଭଞ୍ଜର ଛଉନୃତ୍ୟ .. | ଶ୍ରୀ ଦୁର୍ଗା ଚରଣ କୁଅଁର .. | ୭ |
| ସମାଜ ଓ ଶ୍ରମିକ .. | ଶ୍ରୀ କଲ୍ୟାଣ ରାୟ .. | ୧୧ |
| ଦାର୍ଶନିକ ଗୁରୁ ଡକ୍ଟର ରାଧାକୃଷ୍ଣନ .. | ଶ୍ରୀ ନୃସିଂହ ପ୍ରସାଦ ଦେବ .. | ୧୩ |
| ଓଡ଼ିଶାରେ ସ୍ୱାସ୍ଥ୍ୟସେବା .. | ଶ୍ରୀ ଆଶୁତୋଷ ପଟ୍ଟନାୟକ .. | ୧୫ |
| ଓଡ଼ିଆ ସଂସ୍କୃତିର ବିକାଶ ଓ ସୁରକ୍ଷା .. | ଶ୍ରୀ ଇନ୍ଦୁଭୂଷଣ କର .. | ୧୯ |
| ବତକ ପାଳନ .. | ଡକ୍ଟର ବିଭୂତି ଭୂଷଣ ରଥ .. | ୨୩ |
| ସାର୍ଥକ ସ୍ୱପ୍ନ .. | .. | ୨୭ |
| ସମ୍ବାଦ ପରିକ୍ରମା .. | .. | ୨୯ |
| ଓଡ଼ିଶାରେ ସୋୟାବିନ୍ ଚାଷ .. | ଡକ୍ଟର ଦାମୋଦର ଲେଙ୍କା .. | ୩୯ |
| ଲୁଞ୍ଜିଆ ଓ ବାମନ କନ୍ଧ .. | କୁମାରୀ ଶୁଭଲକ୍ଷ୍ମୀ ମହାନ୍ତି .. | ୪୩ |
| ଓଡ଼ିଶୀ ନୃତ୍ୟ .. | ଶ୍ରୀ ଲଛମନ ରାଉତ .. | ୪୭ |
| ନୂଆଖିଆ ପର୍ବ .. | ଶ୍ରୀ ଚିତ୍ରସେନ ପଶାୟତ୍ .. | ୫୦ |
| ପରଲୋକରେ ରାଷ୍ଟ୍ରପତି ଗିରି .. | ଶ୍ରୀମତୀ ସ୍ମିତା ମିଶ୍ର .. | ୫୩ |
| ଆନ୍ତର୍ଜାତିକ ଥଇଥାନ ସମ୍ବତ୍ସର .. | ଶ୍ରୀମତୀ ନିର୍ମଳା କୁମାରୀ ମହାପାତ୍ର | ୬୨ |
| ଓଡ଼ିଶାର ଝୁଲଣ ଯାତ୍ରା .. | ଶ୍ରୀମତୀ ସୁଧାଂଶୁବାଳା ମହାନ୍ତି .. | ୬୫ |

# ମୋ ଦୃଷ୍ଟିରେ ....

ଉତ୍କଳ ପ୍ରସଙ୍ଗର ସେପ୍ଟେମ୍ବର ୧୯୮୮ ସଂଖ୍ୟା ନିଜ ଚିରାଚରିତ ଶୁଭକାମନା ପାଠକମାନଙ୍କୁ ଜଣାଇ ଆତ୍ମପ୍ରକାଶ କରୁଅଛି ।

ଏ ସଂଖ୍ୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅମୃତ ତୁଲ୍ୟ ଆମ୍ବର ଓଡ଼ିଶାରେ ଲାଭ ଜନକ ଚାଷ କରିବା ନିମନ୍ତେ ଯେଉଁ ଉପାଦେୟ ପରାମର୍ଶ ଦେଇଛନ୍ତି,ସେଥିପ୍ରତି ଆମର ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିବୁ । ପୁରାଣରେ ଲେଖା ଅଛି ଯେ ଦେବତାମାନେ ଆମ୍ବର ସୁବାସ ଆଘ୍ରାଣ କରିବା ନିମନ୍ତେ ଏବଂ ଆମ୍ବର ସୁମିଷ୍ଟ ରସ ସେବନ କରିବା ନିମନ୍ତେ ମର୍ତ୍ତ୍ୟରେ ଜନ୍ମ ଗ୍ରହଣ କରନ୍ତି । ଦେବଭୂମି ଓଡ଼ିଶା ସେମାନଙ୍କୁ ପ୍ରଲୋଭିତ କରିବା ନିମନ୍ତେ ଓ ସେଥିସଙ୍ଗେସଙ୍ଗେ ଓଡ଼ିଆମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ତଥ୍ୟ ପୂର୍ଣ୍ଣ ପ୍ରବନ୍ଧ ଆମ ନିମନ୍ତେ ପଥ ପ୍ରଦର୍ଶନ କରିବ ବୋଲି ଆମର ଆଶା ।

ଏହି ମାସରେ ଆମର ଭୂତପୂର୍ବ ରାଷ୍ଟ୍ରପତି ଦାର୍ଶନିକ ଡକ୍ଟର ରାଧାକୃଷ୍ଣନ୍‌ଙ୍କର ଜନ୍ମତିଥି ପଡୁଛି ଏବଂ ତାଙ୍କର ସ୍ମରଣ କରିଛନ୍ତି ଶ୍ରୀ ନୃସିଂହ ପ୍ରସାଦ ଦେବ ।

ଓଡ଼ିଶା ସରକାରଙ୍କର ଶ୍ରମ ବିଭାଗର ସଚିବ ଶ୍ରୀ କଲ୍ୟାଣ ରାୟଙ୍କର "ସମାଜ ଓ ଶ୍ରମିକ" ପ୍ରବନ୍ଧରେ ଓଡ଼ିଶା ସରକାରଙ୍କର ଶ୍ରମିକମାନଙ୍କ ପ୍ରତି ନୀତି ସୁସ୍ପଷ୍ଟ ଏବଂ ଏହି ପ୍ରବନ୍ଧ ପ୍ରତି ଆମେ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିବୁ ।

ଭାରତର ପଡ଼ୋଶୀ ରାଷ୍ଟ୍ରର ରାଷ୍ଟ୍ରପତି ଜିଆଙ୍କ ମୃତ୍ୟୁ ପରେ ପାକିସ୍ଥାନରେ ଯେଉଁ ଚହଳ ସୃଷ୍ଟି ହୋଇଛି ଏବଂ ଭାରତ ଉପରେ ତା'ର ପ୍ରଭାବ ସମ୍ପର୍କରେ ଆଲୋଚନା ଆମ ପାଠକମାନଙ୍କୁ ଆନ୍ତର୍ଜାତୀୟ ସ୍ପର୍ଶ ଦେବ ବୋଲି ଆଶା କରିବା ସମୀଚୀନ ହେବ ।

ଓଡ଼ିଶାର ଗୌରବମୟ ଐତିହ୍ୟ ବହନ କରିଥିବା ଅନେକ ଗ୍ରାମ, ସହର ଓ ନଗରୀଙ୍କ ମଧ୍ୟରେ ବାଣପୁର ଅନ୍ୟତମ ଏବଂ ସେହି ଗାଥା ଐତିହାସିକ ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କଠାରୁ ଶୁଣିବାକୁ ନିଶ୍ଚୟ ଭଲ ଲାଗିବ ।

ଓଡ଼ିଶାର ପରମ୍ପରା ଭିତରେ ତା'ର ପର୍ବ ପର୍ବାଣୀ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଝୁଲଣ ଯାତ୍ରା ସମଗ୍ର ଭାରତରେ ପାଳିତ ହେଲେ ମଧ୍ୟ ଓଡ଼ିଶାରେ ତା'ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେହି ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରିଛନ୍ତି ଶ୍ରୀମତୀ ସୁଧାଂଶୁବାଳା ମହାନ୍ତି ।

ଉତ୍କଳ ପ୍ରସଙ୍ଗ ଭୋଦୁଅ ଖରାର ଉତ୍ତାପରେ ସବୁ କ୍ଷତିକାରୀ କୀଟପତଙ୍ଗଙ୍କ ବିନାଶ କାମନା କରି ଓଡ଼ିଶାର କୃଷକମାନଙ୍କର ଶୁଭ କାମନା କରୁଛି—ଏ ବର୍ଷ ବିଲରେ ସୁନା ଫଳୁ ।

# ଓଡ଼ିଶାର ଆମ୍ବ



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମ୍ବ ଭାରତବର୍ଷର ନିଜସ୍ୱ ଫଳ । ମନୁଷ୍ୟ ସଭ୍ୟତା ଜନ୍ମ ହେବା କାଳରୁ ଭାରତର ମାଟି ପାଣିପବନରେ ଆମ୍ବ ...ଇ ଆସିଛି । ଆମର କଳା ଓ ଭାସ୍କର୍ଯ୍ୟରେ ଆମ୍ବ ଓ ଆମ୍ବଗଛର ...ରୂ ଅଙ୍କିତ ହୋଇଛି । ଆମ୍ବ ଯୁଗେ ଯୁଗେ ଶିଳ୍ପୀ ଓ କଳା-...ମାନଙ୍କୁ ମୁଗ୍ଧ କରି ଆସିଛି । ଜନସାଧାରଣ ମଧ୍ୟ ଆମ୍ବ ...ଳ ପ୍ରତି ଆକୃଷ୍ଟ ହୋଇ ଆସିଛନ୍ତି । ତେଣୁ, ସହର ବଜାର, ...ଗଣ୍ଡା ସବୁଆଡେ ଆମ୍ବ ଫଳ ପ୍ରସାର ଲାଭ କରିଛି । ...ସ୍କୃତର ଜଣେ କବି ଆମ୍ବକୁ ଫଳମାନଙ୍କର ରାଜା ବୋଲି ...ହିଛନ୍ତି । ବାସ୍ତବିକ୍ ସବୁ ଫଳ ଭିତରେ ଆମ୍ବ ହେଉଛି ରାଜା । ...ମ୍ବ ଯେତେବେଳେ ଆସିଲା, ସେତେବେଳେ ଅନ୍ୟ ଫଳମାନଙ୍କର ...ଶା ବିଷୟରେ ସଂସ୍କୃତ କବି ଗୋଟିଏ ଅନୁଭୂତିମୂଳକ ଶ୍ଳୋକ ...ଖିଛନ୍ତି ।

ଯଦ୍ ସମା ଜନ୍ମ ହୃଦୟ ବିଦୂରଂ ଡାଳିମ୍ବ ଫଳମ୍
...ଶ୍ୱଳଂ ସଞ୍ଜାତେ ହୃଦୟେ ମହିମାନେନ ପନସଂ
...ଭୟା ବକ୍ତବ୍ୟଂ ତରୁଶାଖାଲୁଜଂ ଲଙ୍କୁଳି ଫଳମ୍
...ସମାପତେ ସୁତେ ଜଗତି ହଳରାନେ ପ୍ରସରନ୍ତି ॥

ଜଗତର ଫଳ ରାଜା ଆମ୍ବର ଆଗମନ ହେଲବେଳେ ...ବୋଳି ଲଜରେ କଳା ପଡ଼ିଗଲା । ଡାଳିମ୍ବର ହୃଦୟ ...ଗଲା । ପଣସ ଫାଟି ଯାଇଥାନ୍ତା, କିନ୍ତୁ ସେ ଭିତରେ ଗୋଟିଏ ...ରଖି ତା' ସାହାଯ୍ୟରେ କୌଣସି ମତେ ନିଜକୁ ରକ୍ଷା କଲା । ...ରେ ନଡ଼ିଆର କଲିଜା ପାଣି ହୋଇଗଲା । ତେଣ, ସେ ...ନ ନଫର୍ଦ୍ଦ ଉପରେ ଝୁଲିଲା । ଏହିପରି ଭାବରେ ଆମ୍ବର ...ଛି ସ୍ଥାନ କରାଯାଇଛି ।

ଆମ ରାଜ୍ୟରେ ଶିରୁଡ଼ି ଆମ୍ବଠାରୁ ଆରମ୍ଭ କରି ସର୍ବୋତ୍କୃଷ୍ଟ ଆମ୍ବ ପର୍ଯ୍ୟନ୍ତ ପ୍ରାୟ ୧୭୨୫ ପ୍ରକାରର ଆମ୍ବ ଉପାଦିତ ହେଉଛି । ବିଭିନ୍ନ ଅଞ୍ଚଳର ଲୋକେ ସ୍ୱତଃ ପ୍ରବୃତ୍ତ ଭାବେ ଆମ୍ବର ଏତେ ନାଆଁ ଦେଇଛନ୍ତି ଯେ ଭାରତବର୍ଷରେ ଏହାହିଁ ସବୁଠାରୁ ଜନପ୍ରିୟ ଫଳ ବୋଲି ଯେ କୌଣସି ବ୍ୟକ୍ତିର ଧାରଣା ହେବ । ଇଂରେଜ, ପର୍ତ୍ତୁଗୀଜ ଓ ଫରାସୀମାନଙ୍କ ଅମଳରେ ଅନ୍ୟାନ୍ୟ ଅନେକ ଫଳ ଭାରତବର୍ଷକୁ ଆସିଛି, କାଳକ୍ରମେ ତାହା ଭାରତର ନିଜସ୍ୱ ହୋଇ ଯାଇଛି । ଯେପରିକି, ପୂର୍ବରୁ ଅମୃତଭଣ୍ଡା ଆମ ଦେଶରେ ନଥିଲା । ଦକ୍ଷିଣ ଆମେରିକାରୁ ପର୍ତ୍ତୁଗୀଜମାନେ ଭାରତବର୍ଷକୁ ଏହାକୁ ଆଣିଥିଲେ । କିନ୍ତୁ ଭାରତବର୍ଷରେ ଅମୃତଭଣ୍ଡା ହେଉ ନଥିଲା ବୋଲି ଏବେ କେହି ବିଶ୍ୱାସ କରିବେ ନାହିଁ । ସେହିପରି ସେଓ ମଧ୍ୟ ଭାରତବର୍ଷରେ ପ୍ରଥମେ ନଥିଲା । ଏହାକୁ ୟୁରୋ-ପୀୟମାନେ ଭାରତକୁ ଆଣିଥିଲେ । କାଳକ୍ରମେ ସେଓ ଭାର-ତୀୟ ଫଳରେ ପରିଣତ ହେଲା । ଏହିପରି ଅନେକ ଫଳ ଅଛି, ଯେଉଁ ଫଳଗୁଡ଼ିକ ଭାରତବର୍ଷର ବାହାରୁ ଆସି ସମୟକ୍ରମେ ଭାରତର ମାଟି, ପାଣି ଓ ପବନରେ ତା'ର ନିଜସ୍ୱ ହୋଇ ଯାଇଛି ।

ଭାରତରୁ ବିଦେଶକୁ ଯେଉଁ ଆମ୍ବ ରପ୍ତାନୀ କରାଯାଏ, ସେଥିରେ ଆମେ ବର୍ଷକୁ ୧୬ କୋଟି ଟଙ୍କା ବୈଦେଶିକ ମୁଦ୍ରା ଅର୍ଜନ କରିଥାଉ । ଅବଶ୍ୟ, ଭାରତବର୍ଷର ଆୟତନ ଏବଂ ଆମ୍ବର ବିଶେଷତ୍ୱ ଓ ପ୍ରଶସ୍ତି ତୁଳନାରେ ଏହା ଯଥେଷ୍ଟ ନୁହେଁ । ସେ ଦୃଷ୍ଟିରୁ, ବହୁ ବୈଚିତ୍ର୍ୟଭରା ଆମ୍ବ ମଧ୍ୟରୁ କେତେ ଗୁଡ଼ିଏ ଆମ୍ବକୁ ବାଛିବା ଆମର ବର୍ତ୍ତମାନ ଆବଶ୍ୟକ ପଡୁଛି । ଯେପରିକି, ଏସବୁ ଆମ୍ବ ବିଶ୍ୱରେ ସର୍ବଶ୍ରେଷ୍ଠ


ଆମ୍ବ ରୂପେ ପରିଗଣିତ ହେବ। ଭାରତ ବର୍ଷରେ ଏହିପରି ଉତ୍କୃଷ୍ଟ ଧରଣର ୬-୭ଟି ଆମ୍ବ ବଛାଯାଉଛି ଏବଂ ସେସବୁ ପୃଥିବୀର ବହୁ ଦେଶରେ ଆଦର ଲାଭ କରିଛି । ଓଡ଼ିଶାର କେତେକ ଆମ୍ବମଧ୍ୟ ସେହି ତାଲିକାରେ ସ୍ଥାନପାଇବା ଦରକାର । ବର୍ତ୍ତମାନ "ଆଲ୍‌ଫେନ୍‌ସୋ" ଆମ୍ବକୁ ବମ୍ବେରେ ଖୁବ୍ ପ୍ରଶଂସା କରାଯାଉଛି । ସେହିପରି ଓଡ଼ିଶାରେ ଅନେକ ପ୍ରକାର ଆମ୍ବ ଅଛି, ଯେଉଁ ଗୁଡ଼ିକ "ଆଲ୍‌ଫେନ୍‌ସୋ" ଆମ୍ବଠାରୁ ମଧ୍ୟ ଯଥେଷ୍ଟ ଉତ୍କୃଷ୍ଟ ଧରଣର । କିନ୍ତୁ ସେସବୁ ଆମ୍ବର ଏପର୍ଯ୍ୟନ୍ତ ନାମକରଣ ହୋଇନାହିଁ କି ଭାରତବର୍ଷରେ ତାହା ଆଦର ଲାଭ କରିପାରିନାହିଁ । ସେଥିପାଇଁ ପ୍ରତିବର୍ଷ ଜିଲ୍ଲା ସ୍ତରରେ ଓ ରାଜ୍ୟ ସ୍ତରରେ ଆମ୍ବ ପ୍ରଦର୍ଶନୀମାନ ଅନୁଷ୍ଠିତ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି ।

ଆମ୍ବ ପ୍ରଦର୍ଶନୀରେ ଆମର ଏଭଳି ୫-୬ଟି ଉତ୍କୃଷ୍ଟ ଆମ୍ବ ଦରକାର, ଯେପରିକି ତାହା ଭାରତବର୍ଷର ସ୍ୱାଦିଷ୍ଟ ଆମ୍ବମାନଙ୍କ ସହିତ ତୁଳନୀୟ ହେବ । ଆମ୍ବ ବାଛିଲା ବେଳେ ଆମ୍ବର ରସାଳତାକୁ ଜାଣିବା ଆବଶ୍ୟକ । ଆମ୍ବ ଚେନ୍ଥୁଆ କିମ୍ବା ସ୍ୱଳ୍ପ ରସାଳ ହେବା ଉଚିତ ନୁହେଁ । ଟାକୁଆଟି ଛୋଟ ହୋଇଥିବ ଏବଂ ଆମ୍ବରେ ମହକ ଭରି ରହିଥିବ । ଏ ସବୁକୁ ଦୃଷ୍ଟିରେ ରଖି ଆମେ ଆମ୍ବ ବାଛିଲେ, ତାହା ଭାରତବର୍ଷରେ ଅତ୍ୟନ୍ତ ସମାଦୃତ ହେବ । ଏ ଦିଗରେ ଫଳୋଦ୍ୟାନ ବିଭାଗର ଯଥେଷ୍ଟ ଦାୟିତ୍ୱ ରହିଛି । ଆଜିଠାରୁ ଉଦ୍ୟମ କଲେ, ସର୍ବ-ଭାରତୀୟ ପ୍ରଦର୍ଶନୀରେ ଆମେ ଶ୍ରେଷ୍ଠତ୍ୱ ଅର୍ଜନ କରିପାରିବା ଏବଂ ବର୍ଷେ ଦୁଇବର୍ଷ ଭିତରେ ନିଜକୁ ପ୍ରତିଷ୍ଠିତ କରିପାରିବା । ଏ ହେଉଛି ବିଜ୍ଞାପନର ଯୁଗ, ପ୍ରଦର୍ଶନୀର ଯୁଗ । ଆମେ ଯେତେ ବିଜ୍ଞାପିତ କରିବା, ପ୍ରଦର୍ଶନୀ କରିବା, ସାମ୍ବାଦିକ ଓ ରସ-ଗ୍ରାହୀଙ୍କ ଜରିଆରେ ଅନ୍ୟମାନଙ୍କୁ ଜଣେଇ ପାରିବା, ସର୍ବ-ଭାରତୀୟ ପତ୍ରପତ୍ରିକାରେ ସମ୍ବାଦ ଦେଇ ପାରିବା, ତେବେ ସହଜରେ ଆମ ଆମ୍ବର ଆଦର ବଢ଼ିବ । ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଠିକ୍ ଏମିତି ଅବସ୍ଥା ହୋଇଥିଲା । ପ୍ରଥମେ ଓଡ଼ିଶୀ ନୃତ୍ୟକୁ ଲୋକ ଗ୍ରହଣ କରୁନଥିଲେ । କିନ୍ତୁ ବର୍ତ୍ତମାନ ଓଡ଼ିଶୀ ନୃତ୍ୟକୁ ଭାରତର ଅନ୍ୟତମ ଶ୍ରେଷ୍ଠ ନୃତ୍ୟ ରୂପେ ଗ୍ରହଣ କରା-ଯାଉଛି । ଯାହା ନୃତ୍ୟସବୁ ଆଗରୁ ଥିଲା. ପଛରେ ଆସି ମଧ୍ୟ ଓଡ଼ିଶୀ ନୃତ୍ୟ କ୍ଲାସିକାଲ୍ ଡାନ୍‌ସ ହିସାବରେ ବର୍ତ୍ତମାନ ସମସ୍ତଙ୍କୁ ପଛରେ ପକେଇ ଦେଲାଣି । ଓଡ଼ିଶୀ ସଙ୍ଗୀତକୁ ମଧ୍ୟ ସ୍ୱୀକୃତି ଦେବା ପାଇଁ ଏବର୍ଷ ପ୍ରବଳ ଉଦ୍ୟମ ହେଉଛି । ଆଶା କରାଯାଏ, ଏ ଉଦ୍ୟମ ନିଶ୍ଚୟ ସାର୍ଥକ ହେବ । ସେହିପରି ଓଡ଼ିଶାର ଆମ୍ବକୁ ମଧ୍ୟ ସର୍ବଭାରତୀୟ ସ୍ତରରେ ଗ୍ରହଣ କରାଇବାକୁ ହେବ ।

ଓଡ଼ିଶାରେ ଆମ୍ବକୁ ଗୋଟିଏ ଲାଭପ୍ରଦ ବୃକ୍ଷ ହିସାବରେ ଭଲ ଭାବରେ କିପରି ଆମେ ପ୍ରବର୍ତ୍ତନ କରିପାରିବା, ତାହା ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ବର୍ତ୍ତମାନ ଯାହା ଦେଖା ଯାଉଛି, ଜଙ୍ଗଲରେ ଥିବା ଆମ୍ବ ଗଛସବୁ କଟା ସରିଲାଣି । ଆମ୍ବତୋଟା ନାହିଁ କହିଲେ ଚଳେ । ସାଧାରଣତଃ ଗାଁ ଗଣ୍ଡାରେ ତୋଟାସବୁ ଥାଏ । ଏହାର ସଂସ୍କୃତ ନାମ "ଆମ୍ରକୁଞ୍ଜ" । କିନ୍ତୁ ଆଜି ଆଉ ଆମ୍ରକୁଞ୍ଜ ନାହିଁ । ସବୁଠି ଯେମିତି ଧୂଧୂସରିତ ଅଞ୍ଚଳ । ଆମ୍ବ ବଗିଚାର ସବୁଜିମା ସ୍ୱପ୍ନ ପ୍ରାୟ ହୋଇଛି । ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବଦ୍ଦଶାରେ ଗୋଟିଏ ଗୋଟିଏ ଆମ୍ବଗଛ ରୋପଣ କରିବାର ପ୍ରଥା ଅନୁ… ଥିଲା । ସେମାନେ ନିଜେ ଫଳ ଖାଇବା ଆଶାରେ ନୁହେଁ, ବରଂ ନିଜର ପିଲାମାନଙ୍କ ପାଇଁ ଆମ୍ବଗଛଟିଏ ଲଗାଉଥିଲେ । ସବୁଗାଁରେ ଅନୁସଂଧାନ କଲେ ଏକଥା ଆମେ ଜାଣି ପାରିବା । ଯିଏ ବାହାରକୁ ତୀର୍ଥ କରିବାକୁ ଯାଉଥିଲେ, ସେଠାରୁ ଭ… ଆମ୍ବ ଆଣି ନିଜର ବାଡ଼ିବଗିଚାରେ ଲଗାଉଥିଲେ । ଅତ… ରାଜା, ମହାରାଜା ଓ ଜମିଦାରମାନେ ଆମ୍ବ ବଗିଚା କରୁଥିଲେ । ଆମ୍ବଗଛ ଲଗାଇବା ଗୋଟିଏ ପରମ କର୍ତ୍ତବ୍ୟ ବୋଲି ସେତେବେଳେ ସମସ୍ତେ ମନେ କରୁଥିଲେ । କିନ୍ତୁ ଆଜିର କର୍ତ୍ତବ୍ୟ ଆମ୍ବ ଗଛ କାଟିବାରେ ପରିଣତ ହୋଇଛି । ଆମ୍ବ ଗଛଟିଏ ମରିଗଲ… ପରେ କେହି ସେ ଯାଗାରେ ନୂଆ ଗଛଟିଏ ଲଗାଉ ନାହାନ୍ତି । ଆମେ ଏପୁରୁଷର କଥା ଚିନ୍ତା କରୁ ନାହୁଁ କି ଭବି… ପୁରୁଷ କଥା ଚିନ୍ତା କରୁନାହୁଁ ।

ରାସ୍ତାକଡ଼ରେ ଛାୟାପ୍ରଦ ଓ ଫଳପ୍ରଦ ବୃକ୍ଷରୋପଣ କରାଯାଉଥିବାର ଆମେ ବ୍ରିଟିଶ୍ ଅମଳରୁ ଦେଖି ଆସୁଛୁ । ରାଣୀ ଅହଲ୍ୟା ବାଈଙ୍କ ସମୟରେ ରାସ୍ତାକଡ଼ରେ ମଧ୍ୟ ଗଛ ଲଗାଯାଉଥିଲା । ଏସବୁ ଗଛ ମଧ୍ୟରେ ଆମ୍ବ ପ୍ରଧାନ ଥିଲା । କିନ୍ତୁ ଏବେ ଆକାଶିଆ ଗଛ ଲଗାଯାଉଛି, ଯାହାର ଫଳ ନାହିଁ କି ଛାଇନାହିଁ । ସେ ପୁଣି ଅଳ୍ପାୟୁ । ଜଙ୍ଗଲ ବିଭାଗ… ସରକାରଙ୍କ ତରଫରୁ ବାରମ୍ବାର ପରାମର୍ଶ ଦିଆଯାଉଛି ଯେ ଉଭୟ ଛାଇ ଓ ଫଳ ମିଳିପାରିବା ଭଳି ଆମ୍ବ ପଣସ… ଗଛ ରାସ୍ତାକଡ଼ରେ ଲଗେଇବା ପାଇଁ ବର୍ଗାକାରରେ ଆମ୍ବତୋଟା ମଧ୍ୟ କରାଯିବା ଦରକାର । ଏଦିଗରେ କୃଷି ବିଭାଗ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିପାରୁନାହିଁ ।

ସରକାର କୃଷି ଓ ଶିଳ୍ପର ବିକାଶ ପାଇଁ ଉଦ୍ୟମ କରି ଆସୁଛନ୍ତି । କୃଷି ଓ ଶିଳ୍ପ ମଧ୍ୟରେ ପାର୍ଥକ୍ୟ ହେଉଛି ଯେ… ଯେଉଁଠାରେ ଗୋଟିଏ ଶିଳ୍ପ କାରଖାନାର ପ୍ରଗତି ସାଧିତ ହେ… ଲୋକେ ତାକୁ ଆଖିରେ ଦେଖିଲେ । କିନ୍ତୁ କୃଷିର ସାଫଲ୍ୟ… ଦେଖିବା ପାଇଁ ନିଶ୍ଚୟ ସମୟ ଲାଗିବ । କୃଷିର ବିକାଶ ଦିଗରେ… ବହୁକାର୍ଯ୍ୟ କରାଯାଇଛି ଏବଂ ସେସବୁକୁ ତ୍ୱରାନ୍ୱିତ କରିବା… ସରକାରଙ୍କର ଇଚ୍ଛା । ଫଳଗୁଣ ହେଉଛି ଏହାର ଗୋଟି… ପ୍ରଧାନ ଦିଗ । ଫଳ ଭିତରେ ଆମ୍ବକୁ ପ୍ରଥମ ସ୍ଥାନ ଦିଆଯିବା… ଦରକାର । ଯେଉଁମାନେ ଆମ୍ବ ବଗିଚା କରିବେ, ସେମାନ… ସବ୍‌ସିଡ଼ି ଆକାରରେ ଆର୍ଥିକ ସାହାଯ୍ୟ ଦିଆଯିବା ପାଇଁ କୃଷି… ବିଭାଗ ତରଫରୁ ଗୋଟିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉ… ଏବଂ ଏହା ଦୁଇଟି ବାଟରେ କାର୍ଯ୍ୟକାରୀ ହେଉ । ବର୍ତ୍ତମା… ଗ୍ରାମବାସୀଙ୍କ ନିମନ୍ତେ କାଠ ପାଇଁ ଯେଉଁ ଏକି… କାର୍ଯ୍ୟକ୍ରମ ରହିଛି, ତା' ସହିତ ଆଉ ଗୋଟିଏ କାର୍ଯ୍ୟକ୍ର… ସମନ୍ୱୟ ହେବା ଆବଶ୍ୟକ । ଗାଁର ସାଧାରଣ ଜମି… ଆମ୍ବ ତୋଟା କରାଗଲେ ଏବଂ କେହି ବ୍ୟକ୍ତିଗତ ଭାବ… ଆମ୍ବ ବଗିଚା କଲେ, ସେଥିପାଇଁ ଆର୍ଥିକ ସାହାଯ୍ୟ ଦିଆଯି…



...କାର ଶିଳ୍ପ ପାଇଁ ଯେପରି ସାହାଯ୍ୟ ଦେଉଛନ୍ତି, ଆମ୍ବ ...ଗ ପାଇଁ ମଧ୍ୟ ସାହାଯ୍ୟ ଦେବେ ।

...ଶେଷ ଆମ୍ବ ଚାଷ ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ...ତି ଭାବେ ପରୀକ୍ଷା କରାଯିବା ଆବଶ୍ୟକ । ଜଳବାୟୁ ... ଲୋକଙ୍କର ଆଗ୍ରହକୁ ମଧ୍ୟ ବିଚାର କରିବାକୁ ...; ଯେପରିକି, ଲଙ୍ଗଡ଼ା ଆମ୍ବ ପାଇଁ ଲକ୍ଷ୍ନୌ ଜିଲ୍ଲା, ଲେଙ୍ଗଡ଼ା ଆମ୍ବ ପାଇଁ ବନାରସ ଜିଲ୍ଲା ଏବଂ ମାଲଦା ଆମ୍ବ ପାଇଁ ମାଲଦା ଜିଲ୍ଲା ପ୍ରସିଦ୍ଧି ଲାଭ କରିଛି । ଆମେ କେତେଗୁଡ଼ିଏ ଆମ୍ବକୁ ବାଛି, ତାକୁ କେତୋଟି ଜିଲ୍ଲା ଭିତରେ ସୀମାବଦ୍ଧ କରିବା ଏବଂ ତାର ପ୍ରସାର ଓ ପ୍ରଚାର ନିମନ୍ତେ ଲୋକମାନଙ୍କୁ ସାହାଯ୍ୟ ଦେବା । ତା' ହେଲେ ଆମ୍ବ ଚାଷ ଦିଗରେ ଆମର ବିଶେଷ ଅଗ୍ରଗତି ସାଧିତ ହେବ ।

(ଆମ୍ବ ପ୍ରଦର୍ଶନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ସଂଗୃହୀତ ।)



ଉତ୍କଳ ବିଶ୍ୱବିଦ୍ୟାଳୟ

# ବାଣପୁରର ପ୍ରାଚୀନ ଐତିହ୍ୟ

ଡା: ସତ୍ୟନାରାୟଣ ରାଜଗୁରୁ

'ମାଦଳା-ପାଞ୍ଜି'ରେ ବର୍ଣ୍ଣିତ ଅଛି ଯେ, ଓଡ଼ିଶାର ରାଜା ଶୋଭନ ଦେବଙ୍କ ରାଜତ୍ୱ କାଳରେ ରକ୍ତବାହୁ ନାମକ ଯବନ ବହୁ ସୈନ୍ୟ ସହ ନୌକାରେ ଶ୍ରୀକ୍ଷେତ୍ରକୁ ଆସିଥିଲା । ଅତ୍ୟାଗ୍ରହୀ ଯବନଙ୍କ ଭୟରେ ଶ୍ରୀମନ୍ଦିର ଶୂନ୍ୟ କରି ଦେଇ ସେବକମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଅନ୍ୟତ୍ର ଅପସାରିତ କରିଥିଲେ । ଶ୍ରୀକ୍ଷେତ୍ରରୁ ଲୋକେ ପ୍ରାଣବିକଳରେ ଯେ ଯୁଆଡେ ପଳାଇଲେ । ଓଡ଼ିଶାରୁ ପ୍ରଚୁର ଧନରତ୍ନ ସଂଗ୍ରହ କରି ନୌକାଯୋଗେ ସ୍ୱଦେଶକୁ ଫେରିଯିବାକୁ ରକ୍ତବାହୁ ଉଦ୍ୟତ, ସେତିକିବେଳେ ଆକାଶରୁ ଘୋର ନିର୍ଘାତ ପରି ଶବ୍ଦ ଶୁଣାଗଲା । ସମୁଦ୍ରରୁ ପର୍ବତ ସମାନ ଜୁଆର ମାଡ଼ିଆସି ରକ୍ତବାହୁ ଯବନର ନୌକାଗୁଡ଼ିକ ଜଳମଗ୍ନ କଲା । ସେହି ପ୍ରାକୃତିକ ବିପର୍ଯ୍ୟୟବେଳେ ମାଣିକପାଟଣାଠାରେ ସମୁଦ୍ର ତରଙ୍ଗ ଉଚ୍ଛୁଳି-ଉଠି କୂଳ ପ୍ଲାବିତ କଲା । ଫଳରେ ଏକ ବିରାଟ ହ୍ରଦ ସେଠାରେ ସୃଷ୍ଟି ହୋଇଗଲା । ତାହା ବର୍ତ୍ତମାନ 'ଚିଲିକା' ନାମରେ ପରିଚିତ ହୁଏ ।

ଚିଲିକା-ହ୍ରଦର ଚତୁଃପାର୍ଶ୍ୱକୁ ଘେରି ମଧ୍ୟ କଳିଙ୍ଗରେ ଏକ ନୂତନ ରାଜ୍ୟ ସୃଷ୍ଟି ହୋଇଥିଲା, ଏହା ଇତିହାସରୁ ପ୍ରମାଣିତ ହୁଏ । ଗୁପ୍ତବଂଶର ଏକ ସାମନ୍ତ ରାଜବଂଶ ସେଠାରେ ରାଜତ୍ୱ କରିବାକୁ ଲାଗିଲେ । ଗୁପ୍ତମାନଙ୍କ ପତନ ପରେ ସେଠାରେ ଶୈଳୋଦ୍ଭବ ରାଜବଂଶ ପ୍ରବଳ ପରାକ୍ରମ ବିସ୍ତାର କରି ତାଙ୍କ ରାଜ୍ୟକୁ 'କୋଙ୍ଗଦ' ନାମରେ ଅଭିହିତ କଲେ । ସେହି ରାଜ୍ୟର ପ୍ରଥମ ରାଜଧାନୀ ସାଳିମାନଦୀ କୂଳରେ ଥିବା ପ୍ରସଙ୍ଗ ମାଧବରାଜଙ୍କ ଗୋଟିଏ ତାମ୍ର ଶାସନରେ ଉଲ୍ଲେଖ ଅଛି ।[*] ସେହି ନଦୀଟି ଆଧୁନିକ ବାଣପୁରର ସାଳିଆନଦୀ ବୋଲି ଚିହ୍ନିତ ହୋଇଅଛି । କୋଙ୍ଗଦ ରାଜ୍ୟରସୀମା ଉତ୍ତରରେ ମହାନଦୀ ଓ ଦକ୍ଷିଣରେ ମହେନ୍ଦ୍ରଗିରି ସୂଚୀତ କରନ୍ତି । ତଥାପି ଶୈଳୋଦ୍ଭବ ରାଜାମାନଙ୍କ ଦାନ ଶାସନ ଗୁଡ଼ିକ ଖୁର୍ଦ୍ଧା ଏବଂ ଖଲିକୋଟ-ଆଠଗଡ ମଧ୍ୟରେ ସୀମିତ ହୋଇଥିବା ଦୃଷ୍ଟିରୁ ତାହାହିଁ କୋଙ୍ଗଦର ସଙ୍କୀର୍ଣ୍ଣ କେନ୍ଦ୍ର ବୋଲି ମନେ ହୁଏ । ତାଙ୍କ ରାଜ୍ୟର ଏକଆଡେ ତରଙ୍ଗମାଳ ସୁଭ୍ର ମହୋଦଧି ଏବଂ ଅନ୍ୟଆଡେ ଭୟଙ୍କର ଶ୍ୱାପଦ-ସଙ୍କୁଳ-ମହାରଣ୍ୟ ଓ ପାର୍ବତୀୟ ମାଳଭୂମି ବିଦ୍ୟମାନ । ସେଠାରେ କୃଷ୍ଣକାୟ ପୃଥୁଳ ହସ୍ତୀପଲ ଥିବା କଥା ଚୀନପରିବ୍ରାଜକ ହୁଏନସାଂ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଉଲ୍ଲେଖ କରି ଅଛନ୍ତି; ତାଂର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ଉଦ୍ଧୃତ ହେଲା:

''ଏଠାରେ ପାର୍ବତୀୟ ଅଞ୍ଚଳରୁ ଆରମ୍ଭ କରି ସିନ୍ଧୁ ଉପକୂଳ ପର୍ଯ୍ୟନ୍ତ ଦଶ ବା ତତୋଧିକ ସୁଦୃଢ଼ ଦୁର୍ଗ ବିଦ୍ୟମାନ । ସେଥିରେ ଯେଉଁ ସାମରିକ ଶକ୍ତି ରହିଛି, ତାହା ପାର୍ଶ୍ୱବର୍ତ୍ତୀ ରାଜାମାନଙ୍କ ମନରେ ଭୀତି ସଂଚାର କରେ । ସେହି ରାଜ୍ୟ ବିରୁଦ୍ଧରେ ଅଭିଯାନ କରିବାକୁ କେହିହେଲେ ସାହସ କରନ୍ତି ନାହିଁ । ସେଠାରେ ବିରାଟକାୟ କୃଷ୍ଣ ହସ୍ତୀମାନେ ବହୁଦୂର ଦେଶକୁ ଯାତ୍ରା କରିବାକୁ ସମର୍ଥ ।''[*] ବାସ୍ତବରେ ଭୟଙ୍କର ବ୍ୟାଘ୍ର ଓ ହିଂସ୍ରଜନ୍ତୁ ସଂକୁଳ ନିବିଡ଼ ଜଙ୍ଗଲରେ ଯାତ୍ରା କରିବା ପାଇଁ ଏକମାତ୍ର ହସ୍ତୀ ପୃଷ୍ଠହିଁ ଆଶ୍ରୟ ସ୍ଥଳ । ଯୁଦ୍ଧ ବିଗ୍ରହ ବେଳେ ଏ' ଅଞ୍ଚଳର ରାଜାମାନେ ସୁଶିକ୍ଷିତ ଗଜବାହିନୀ ହେତୁ ଶତ୍ରୁମାନଙ୍କୁ ଅଳ୍ପ ଆୟାସରେ ପରାସ୍ତ କରି ପାରୁଥିଲେ । ଏକଦା ଦକ୍ଷିଣ କୋଶଳର ମହାରାଜା ତିବର ଦେବ ଶୈଳୋଦ୍ଭବ ବଂଶୀୟ ଦୁଇଟି ରାଜଭ୍ରାତାଙ୍କ ମଧ୍ୟରେ ସଂଘର୍ଷ ସୁଯୋଗ ନେଇ କୋଙ୍ଗଦ ଅଧିକାର କରିବାକୁ ଯାଇଥିଲେ । କିନ୍ତୁ ସେଠାରେ ସେ କିପରି ଶୋଚନୀୟ ପରାଜୟ ସ୍ୱୀକାର କରିଥିଲେ, ତାହା ତାମ୍ର ଶାସନମାନଙ୍କରେ ବର୍ଣ୍ଣିତ ହୋଇଅଛି ।

ବାଣପୁରଠାରେ କୋଙ୍ଗଦର ରାଜଧାନୀ ଥିବାରୁ, ସେଠାରେ କେତେକ ବ୍ରାହ୍ମଣ ଶାସନ ପ୍ରତିଷ୍ଠା ଲାଭ କରିଥିଲା । ପରବର୍ତ୍ତୀ କାଳରେ 'ସିଳତ୍' ନାମକ ସ୍ଥାନରୁ ମହାରାଜା ଧର୍ମରାଜଙ୍କ ମହିଷୀ କଲ୍ୟାଣ ମହାଦେବୀ ଭଗବତୀଙ୍କ ବଳୀ, ଚରୁ ଓ ସତ୍ର ପ୍ରତିଷ୍ଠା ପାଇଁ ଗ୍ରାମଦାନ କରିଥିବା ପ୍ରସଙ୍ଗ ଏକ ତାମ୍ରଶାସନରେ ଉଲ୍ଲେଖ ହୋଇଅଛି ।[*] ବାଣପୁରଠାରୁ ସେହି ତାମ୍ରଶାସନଟି ମିଳିଥିବାରୁ ଆମେ ମନେକରୁ, ସେଠାରେ ପୂଜାପୀଠ ଦେବୀ- ଭଗବତୀ ଶୈଳୋଦ୍ଭବ ରାଜବଂଶର ଇଷ୍ଟ ଦେବୀ ହୋଇଥିବେ । ଭଗବତୀଙ୍କୁ ପରବର୍ତ୍ତୀ କାଳରେ ତାରାକ- ଦେବୀ ରୂପେ ବ୍ରାହ୍ମଣମାନେ ଆରାଧନା କରୁଅଛନ୍ତି ।

ସାଳିମା ନଦୀ ତଟରେ ଯେଉଁ 'ସିଳିତ' ନାମକ ରାଜଧାନୀ ଥିଲା, ତାହା କେବେ ଓ କେଉଁ ରାଜବଂଶର ରାଜତ୍ୱକାଳରେ 'ବାଣପୁର' ନାମରେ ପରିଚିତ ହୋଇଥିଲା, ତାହା ଅଜ୍ଞାତ ହୋଇ ରହିଛି । ତେବେ, ସେଠାରେ ବହୁ ଜୈନ ଓ ବୌଦ୍ଧ-ଭିକ୍ଷୁ ଅବସ୍ଥାନ କରୁଥିବା ଜଣାଯାଇଛି । ଅଳ୍ପ କେତେବର୍ଷ ପୂର୍ବେ ବାଣପୁରର ମହାବିଦ୍ୟାଳୟ ପାଇଁ ନିଅଁ ଖୋଳିବା ବେଳେ ବହୁ ସଂଖ୍ୟାରେ ଧାତୁ ନିର୍ମିତ ମହାଯାନୀ-ବୌଦ୍ଧ ଦେବ-ଦେବୀ

ଭିତ୍ତିକ ଭୂଗର୍ଭରୁ ଆବିଷ୍କୃତ ହୋଇଥିଲା । ଏଣୁ ତାହା କୋଙ୍ଗଦର ଏକ ପ୍ରସିଦ୍ଧ ଧର୍ମକେନ୍ଦ୍ର ହୋଇଥିବା ଏଥିରୁ ପ୍ରମାଣିତ ହୁଏ ।

ବାଣପୁରଠାରୁ ଅଳ୍ପଦୂରରେ ବଙ୍କାଡ଼-ପର୍ବତମାଳା କାଲୁପଡ଼ା ସମେତ ଅଞ୍ଚଳକୁ ଘେରି ରହିଛି; ସେଠାରେ ଏକ ଗିରିଦୁର୍ଗର ସନ୍ଧାନ ମଧ୍ୟ ମିଳିଛି । ୧୯୫୪ ସାଲରେ ଏ ଲେଖକ ସ୍ୱର୍ଗୀୟ ପରମାନନ୍ଦ ଆଚାର୍ଯ୍ୟଙ୍କ ସଙ୍ଗେ ସେହି ପର୍ବତ ଆରୋହଣ କରିଥିଲା । ସେଠାର ଶିଖର ଦେଶରେ ଏକ ବିରାଟ ଶିଳାଗାତ୍ରରେ ଖୋଦିତ ଦୁଇ ପଂକ୍ତି ବିଶିଷ୍ଟ ଅଭିଲେଖ ଆମେ ଦେଖିଥିଲୁ । କିନ୍ତୁ ସଂଧ୍ୟା ହୋଇଥିବାରୁ, ପୁଣି ସେଠାରୁ ଏକ ମହାବଳ ପଥ ଥାଇଥିବା ଶୁଣି ଅଭିଲେଖଟି ସଂପୂର୍ଣ୍ଣ ରୂପେ ପାଠକରିବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ ।

ଦୀର୍ଘ ୩୫ ବର୍ଷ ପରେ ବାଣପୁର କୁଶଡ଼ିହ ଶାସନର ଶ୍ରୀ ବ୍ରଜବନ୍ଧୁ ଦାସ (ବର୍ତ୍ତମାନ ଇନ୍ସପେକ୍ଟର୍ ଏ.ଆର୍. ସି.ଏସ୍.ଅଫିସ୍, ଖୋର୍ଦ୍ଧା)ଙ୍କ ଠାରୁ ସେହି କ୍ଷୁଦ୍ର ଅଭିଲେଖର ଏକ ଫଟୋ କପି ପାଇ ସେଥିର ପ୍ରାଥମିକ ପାଠ ନିମ୍ନ ପ୍ରକାରରେ କରିଛି ।

"ଶ୍ରୀ ବରମୋର ମାନ୍ଧାତ୍ୟ
ଅକ୍ଷତ୍ରା ଭବଶୀମଶୀ ।"

ଏଥିରେ ଲେଖାଥିବା "ଶ୍ରୀ ବରମୋର" ଏକ ରାଜା କିମ୍ବା ଦେଶର ନାମ ହୋଇଥିବା ସମ୍ଭବ । ଶୈଳୋଦ୍ଭବ ବଂଶୀୟ ମହାରାଜା ମାଧବ ବର୍ମାଙ୍କ ଗୋଟିଏ ଦାନପତ୍ର ଶେଷରେ ନିମ୍ନ ପ୍ରକାରେ ଗୋଟିଏ ଆର୍ଯ୍ୟାବୃତ୍ତର ଶ୍ଳୋକ ଅଛି:

"ଜୟତି ଜୟନ୍ତ ପ୍ରତିମଃ ପ୍ରସଭ ସମାକୃଷ୍ଟ ରିପୁନୃପ ଶ୍ରୀକଃ ।
ଶ୍ରୀ ବରମୋରଃକ୍ଷିତିପୋ ବରଦୀକୃତ ଲୋକନାଥ ସଖଃ ॥"*

ଏହି ତାମ୍ର ଶାସନରେ 'ଶ୍ରୀବରମୋରଃ କ୍ଷିତିପୋ' ଲେଖାଥିବାରୁ ବଙ୍କାଡ଼ ପର୍ବତର ଶିଳାଲେଖରେ ଖୋଦିତ "ଶ୍ରୀବରମୋର ମାନ୍ଧାତ୍ୟ" ଶବ୍ଦଟି ଦ୍ୱାରା କୌଣସି ରାଜାଙ୍କ ନାମ ପ୍ରକଟ କରାଯାଇଥିବା ସମ୍ଭବ ବୋଲି ମନେ ହୁଏ । ତଥାପି ଏହି ଶିଳାଲିପିରେ ପ୍ରଚଳିତ ଅକ୍ଷର ସଙ୍ଗେ ତାମ୍ର ଶାସନର ଅକ୍ଷର କେତେକାଂଶରେ ପ୍ରଭେଦ ଥିବାରୁ 'ଶ୍ରୀବରମୋର' ଶବ୍ଦଟି କୌଣସି ରାଜା ବା କୌଣସି ଦେଶ ବାଚକ ଶବ୍ଦ ହୋଇଥିବା ମଧ୍ୟ ସମ୍ଭବ ବୋଲି ଜଣାଯାଉଛି । ତେଣୁ ଏ ସମ୍ବନ୍ଧରେ ଅଧିକ ଗବେଷଣା ଆବଶ୍ୟକ ବୋଲି ଆମେ ମନେ କରୁ ।

'ଶ୍ରୀ ବରମୋର' ସମ୍ଭବତଃ କାଳକ୍ରମେ 'ବ୍ରହ୍ମ' (ବର୍ମା) ନାମରେ ପରିଚିତ ହୋଇଥିବ; କାରଣ ତ୍ରିପୁରାରୁ ଆବିଷ୍କୃତ ଖ୍ରୀ: ୭ମ ଶତାବ୍ଦୀର ଏକ ତାମ୍ର ଶାସନରୁ ଜଣାଯାଉଛି ଯେ, ସେଠାରେ ଲୋକନାଥ ନାମକ ଜଣେ ରାଜା ରାଜତ୍ୱ କରି ପାର୍ଶ୍ୱବର୍ତ୍ତୀ ବହୁ ଅଞ୍ଚଳର ରାଜାମାନଙ୍କ ସଙ୍ଗେ ମିତ୍ରତା ସ୍ଥାପନ କରିଥିଲେ । ସେ ମଧ୍ୟ ଜୟତୁଙ୍ଗ ବର୍ଷ ନାମକ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ ।* ବ୍ରହ୍ମଦେଶର ନିକଟବର୍ତ୍ତୀ ରାଜ୍ୟର ରାଜାମାନଙ୍କ ସଙ୍ଗେ ତ୍ରିପୁରାର ପୂର୍ବ ଭାରତୀୟ ରାଜାଙ୍କ ମିତ୍ରତା ସ୍ଥାପିତ ହୋଇଥିଲା । ସେ ଦୃଷ୍ଟିରୁ ଶୈଳୋଦ୍ଭବ ବଂଶୀୟ ରାଜା ମାଧମ ବର୍ମା ସେ ଅଞ୍ଚଳର ରାଜାମାନଙ୍କ ସହିତ ମିତ୍ରତା ସ୍ଥାପନ କରି କୋଙ୍ଗଦର ସାମୁଦ୍ରିକ ବାଣିଜ୍ୟପଥ ସୁଗମ ଓ ନିରାପଦ କରିଥିଲେ । ତେଣୁ କମ୍ବୋଜ (କମ୍ବୋଡ଼ିଆ), ଥାଇଲାଣ୍ଡ, ଇଣ୍ଡୋଚୀନ ପ୍ରଭୃତି ଅଞ୍ଚଳରେ ଭାରତୀୟ ଧର୍ମ ଓ ବାଣିଜ୍ୟ-ବ୍ୟବସାୟ ପ୍ରସାର କରିବା ସମ୍ଭବ ହୋଇଥିଲା । ଚିଲିକା ଉପକୂଳରେ ଯେଉଁ ନାବିକମାନେ ବାସ କରୁଥିଲେ, ସେମାନଙ୍କ ସାହାଯ୍ୟରେ ସମୁଦ୍ରପଥରେ ଦୂର ଦେଶକୁ ଯାତ୍ରା କରିବା ସମ୍ଭବ ହୋଇଥିଲା । କୋଙ୍ଗଦରୁ ଶୈଳୋଦ୍ଭବ ରାଜବଂଶର ପତନ ପରେ ଖ୍ରୀ: ୮ମ ଶତାବ୍ଦୀର ଶେଷଭାଗରେ ଭୌମକର ବଂଶୀୟ ରାଜାମାନେ ପୂର୍ବଭାରତରୁ ଉଠି ଆସି ଗଙ୍ଗାଠାରୁ ମହେନ୍ଦ୍ରାଞ୍ଚଳ ପର୍ଯ୍ୟନ୍ତ ସମଗ୍ର 'ତୋଷଳୀ' ନାମକ ପ୍ରଦେଶ (ଓଡ଼ିଶା) ଅଧିକାର କଲେ । ସେମାନେ ବୌଦ୍ଧଧର୍ମାବଲମ୍ବୀ ହୋଇଥିଲେ ହେଁ କାଳକ୍ରମେ ବ୍ରାହ୍ମଣ୍ୟଧର୍ମରେ ଦୀକ୍ଷିତ ହୋଇ କେତେକ ଶିବ ଓ ଦେବୀଙ୍କ ମନ୍ଦିର ନିର୍ମାଣ କରିଥିଲେ । ସେମାନଙ୍କ ରାଜତ୍ୱକାଳରେ ବହୁସଂଖ୍ୟାରେ ବ୍ରାହ୍ମଣଶାସନମାନ ଏ' ଅଞ୍ଚଳରେ ପ୍ରତିଷ୍ଠିତ ହେଲା । ବାଣପୁର କୁମରଙ୍ଗୀ ଶାସନରୁ ପଣ୍ଡିତ ଗୋପବନ୍ଧୁ ଦାସଭୌମକରବଂଶର ରାଣୀ ଦଣ୍ଡି ମହାଦେବୀଙ୍କର ଏକ ତାମ୍ର ଶାସନ ସେହି ଗ୍ରାମର ହଳଧର ଷଡ଼ଙ୍ଗୀ ତୁହରୁ ସଂଗ୍ରହ କରିଥିଲେ ।* ସେଠା ବ୍ରାହ୍ମଣମାନଙ୍କଠାରୁ ସେ ଶୁଣିଥିଲେ ଯେ, ବହୁସଂଖ୍ୟାରେ ତାମ୍ର ଶାସନଗୁଡ଼ିକ ୧୮୧୦ ସାଲରେ ବାଣପୁର ଜମି ବନ୍ଦୋବସ୍ତ ବେଳେ ଖୋର୍ଦ୍ଧାର ବନ୍ଦୋବସ୍ତ ଅଫିସର ଟେଲର୍ ସାହେବ (ମି: ଟେଲର୍) ଙ୍କ ଅଫିସରେ ଦାଖଲ କରାଯାଇ ଥିଲା । କିନ୍ତୁ ତାହା ସେମାନେ ଆଉ ଫେରି ପାଇଲେ ନାହିଁ । ବୋଧହୁଏ ତାହା ବ୍ରିଟିଶ୍ ମିଉଜିୟମକୁ ପ୍ରେରିତ ହୋଇଥିବ । ଦଣ୍ଡି ମହାଦେବୀଙ୍କ ସେହି କୁମରଙ୍ଗୀ ତାମ୍ର ଶାସନଟି ଭୌମାବ୍ଦ ୧୮୭ (=୧୮୭+୭୩୭=ଖ୍ରୀ: ୯୨୪)ରେ ଭରଦ୍ୱାଜ ଗୋତ୍ରୀୟ ବ୍ରାହ୍ମଣଙ୍କୁ ପ୍ରଦତ୍ତ ହୋଇଥିଲା । ସେହି ତାମ୍ର ଶାସନରେ ଲେଖା ଅଛି ଯେ, ଦକ୍ଷିଣ—ତୋଷାଳୀରେ ଥିବା କୋଙ୍ଗଦମଣ୍ଡଳର ଖିଡ଼ିଙ୍ଗହାର ବିଷୟ (ଜିଲ୍ଲା) ସ୍ଥିତ କଣ୍ଟିରାକଗର୍ଗା ନାମକ ଗ୍ରାମ ଦାନ କରାଗଲା । ଶୈଳୋଦ୍ଭବ ବଂଶୀୟ ମହାରାଜା ଧର୍ମରାଜାଙ୍କ ନିବିନା ଦାନ ଶାସନ ମଧ୍ୟ ସେହି ଖିଡ଼ିଙ୍ଗହାର ବିଷୟରେ ପ୍ରଦତ୍ତ ହୋଇଥିଲା ।* ବର୍ତ୍ତମାନ ନିବିନାଗ୍ରାମ ଗଞ୍ଜାମ ଆଠଗଡ଼ରେ ଅଛି । ତେଣୁ ସେଠାର ଏକ ବ୍ରାହ୍ମଣ ପରିବାର, ଯେଉଁମାନେ ଆଠଗଡ଼ର ଖିଡ଼ିଙ୍ଗହାର ବିଷୟରେ ଦଣ୍ଡିମହାଦେବୀଙ୍କ ରାଜତ୍ୱକାଳ ଖ୍ରୀ: ୯୨୪ରେ ଦାନ ଗ୍ରହଣ କରିଥିଲେ । ସେହି ପରିବାର ପରବର୍ତ୍ତୀ କାଳରେ ଉତ୍କଳ ଗଜପତି ରାଜାଙ୍କ ଏକ ସାମନ୍ତରାଜାଙ୍କ ରାଜଧାନୀ ରୂପେ ବାଣପୁର ହେଲା ପରେ କୁମରଙ୍ଗୀଠାରେ ବାସ ସ୍ଥାପନ କରିଥିବା ସମ୍ଭବ । ତେଣୁ ସେହି ବ୍ରାହ୍ମଣ ପରିବାର ଏଠାକୁ ଆସିଲାବେଳେ ସେମାନେ ପାଇଥିବା ଦାନ ପତ୍ରଟି ମଧ୍ୟ ସଙ୍ଗରେ ଆଣିଥିଲେ ।

ପରବର୍ତ୍ତୀ କାଳରେ କୋଙ୍ଗଦ ଏକ 'ଅଟବୀ' ବା ଅରଣ୍ୟରେ ପରିଣତ ହେଲା । ସେଠାରେ ଦୁର୍ଗଗୁଡ଼ିକ ଭୂଗର୍ଭରେ ବିଲୀନ ହେଲା । ବଙ୍କାଡ଼ଗିରି ଦୁର୍ଗ ଏକ 'ଶ୍ୱାପଦସଙ୍କୁଳ ଜଙ୍ଗଲ ହୋଇ ରହିଲା । ସେଠାରେ ଅନ୍ୟପାର୍ଶ୍ୱରେ 'ପୁଞ୍ଜିଆ ମା' ନାମକ ସ୍ଥାନ, ଯେଉଁଠାରେ ବୌଦ୍ଧ ଶ୍ରମଣ ଓ ଜୈନ ତପସ୍ୱୀମାନେ ଆଶ୍ରମ କରିଥିଲେ, ତାହା ମଧ୍ୟ ଏକ ଦୁର୍ଭେଦ୍ୟ-ଅରଣ୍ୟରେ ପରିଣତ ହେଲା । ସେଠା ମନ୍ଦିର ଗୁଡ଼ିକର ଭଗ୍ନ ଶିଳାଖଣ୍ଡମାନ ସ୍ତୂପକାରରେ ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ିରହିଛି । ଆମେରିକାର ଜଣେ ଅଧ୍ୟାପିକା ଗୋଟିଏ ଶିଳାଖଣ୍ଡରେ ଖୋଦିତ ହୋଇଥିବା ୭ମ ଶତାବ୍ଦୀର ଏକ ଅଭିଲେଖ ଅଳ୍ପ କେତେ ବର୍ଷ ପୂର୍ବେ ସେଠାରୁ ସଂଗ୍ରହ କରି, ମୋଠାକୁ ପଠାଇ ପଢ଼ିଦେବାକୁ ଅନୁରୋଧ କରିଥିଲେ । ସେହି ଶିଳାଲେଖରେ ଗୋଟିଏ ମାତ୍ର ସରଳ ସଂସ୍କୃତ ଭାଷାରେ ଶ୍ଳୋକ ଲେଖାଅଛି ।

"ଉଚ୍ଛିଷ୍ଟଂ କିଲ ଭୋକ୍ତବ୍ୟଂ ଦରିଦ୍ରେଣ ବିଶେଷତଃ ।
ଆହାରେନକୁ ଦୌର୍ବଲ୍ୟଂ ଯସସିଂହେନ ପାଡ଼ିତଃ ॥"

ଏହି ଶ୍ଳୋକର ଶବ୍ଦଗୁଡ଼ିକ ସରଳ ହୋଇଥିଲେ ସୁଦ୍ଧା କେଉଁ ଉଦ୍ଦେଶ୍ୟରେ କାହିଁକି ଏପରି ଗୋଟିଏ ଶ୍ଳୋକ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇ ଅଛି, ସେଥିର ରହସ୍ୟ ଜଣାଯାଉ ନାହିଁ । ମନେହୁଏ, କେଉଁ ତାନ୍ତ୍ରିକଯୋଗୀଙ୍କ ରଚିତ ଗ୍ରନ୍ଥରୁ ଏ ଶ୍ଳୋକ ଉଦ୍ଧୃତ ହୋଇଥିବ । ଲିପିତତ୍ତ୍ୱ ଅନୁସାରେ, ଏଥିରେ କାଳ ଖ୍ରୀ: ୭ମ ବା ୮ମ ଶତାବ୍ଦୀର ବୋଲି ଜଣାଯାଏ । ବାଣପୁର ଭଗବତୀ ଏକ ପ୍ରସିଦ୍ଧ-ତନ୍ତ୍ରପୀଠର ଦେବୀ । ତେଣୁ ତାନ୍ତ୍ରିକ ଗୁରୁମାନେ ସେଠାରେ ଯୋଗସାଧନା କରୁଥିବା ସୁନିଶ୍ଚିତ ।

ବାଣପୁର ନିକଟବର୍ତ୍ତୀ ବାଲୁଗାଁଠାରୁ ପୂର୍ବେ ନୌକାରେ ଚିଲିକା ପାର ହୋଇ ଯାତ୍ରୀମାନେ ଶ୍ରୀକ୍ଷେତ୍ରକୁ ଯାଉଥିଲେ । ତେଣୁ ସେ ଅଞ୍ଚଳ ଏକ ବନ୍ଦର ରୂପେ ମଧ୍ୟ ବ୍ୟବହୃତ ହେଉଥିଲା ।

ଓଡ଼ିଶାରେ ଗଜପତି ରାଜାମାନଙ୍କ ଶାସନ କାଳରେ ବାଣପୁର ଏକ ସାମନ୍ତ ରାଜାଙ୍କ ଅଧୀନରେ ଶାସିତ ହେଉଥିଲା । ତେଣୁ ପରବର୍ତ୍ତୀ କାଳରେ ସେ ଅଞ୍ଚଳ ପୁଣି ଜନ ବସତିରେ ପରିଣତ ହେଲା ।

ମାଡ୍ରାଜର ଓରିଏଣ୍ଟାଲ୍ ଲାଇବ୍ରେରୀରେ ସଂରକ୍ଷିତ "କିମିଡ଼ି–(ଖିମୁଣ୍ଡି) ରାଜବଂଶାବଳୀ" ଶୀର୍ଷକ ଏକ ପ୍ରାଚୀନ ତେଲୁଗୁ ପାଣ୍ଡୁଲିପି*ରେ ବାଣପୁର ରାଜାଙ୍କ ସମ୍ବନ୍ଧରେ କିଛି ଲେଖା ଆମେ ପାଇଥିଲୁ । ତାହା ନିମ୍ନରେ ଉଲ୍ଲେଖ କରାଗଲା :

"ପ୍ରାଚୀନ କାଳରେ ଓଡ଼ିଶାର ଗଜପତି ବଂଶୀୟ ରାଜାମାନେ ମହାବିକ୍ରମ ପ୍ରକାଶ କରି ରାଜ୍ୟ ଶାସନ କରୁଥିଲେ । କିଛିକାଳ ପରେ ଅଶ୍ୱପତି ବଂଶୀୟ ରାଜାମାନେ "ଗଜପତି" ଓ "ନରପତି"ମାନଙ୍କୁ ତାଙ୍କ ଅଧୀନସ୍ଥ କରି ରଖିଲେ । ଏହାପରେ ଗଜପତି ରାଜାମାନେ ଖିମୁଣ୍ଡି ଓ ନାରାୟଣପାଟଣାଠାରେ ସେମାନଙ୍କ ରାଜ୍ୟ ସ୍ଥାପନ କଲେ । ତାହା ଅଗମ୍ୟ ଜଙ୍ଗଲ ବେଷ୍ଟିତ ହୋଇଥିବାରୁ ଆଦିବାସୀ (ମ୍ଳେଚ୍ଛ) ମାନଙ୍କ ଘନରେ ପରିଣତ ହେଲା । ତେଣୁ ବାହାରୁ କେହି ସେ ଅଞ୍ଚଳ ଅଧିକାର କରିପାରୁ ନଥିଲେ । ଖିମୁଣ୍ଡି ରାଜବଂଶରେ ଏକଦା ଜଣେ ରାଜାଙ୍କର ତିନୋଟି ପୁତ୍ର ଥିଲେ । ସେମାନଙ୍କ ନାମ ହେଉଛି, (୧) ଜଗନ୍ନାଥ ଦେବ, (୨) ବିକ୍ରମଦେବ ଓ (୩) ବୀର ବିକ୍ରମ ଦେବ । ଜଗନ୍ନାଥ ଦେବ ଥିଲେ 'ସର୍ବଜ୍ଞ', ତାଙ୍କ ପୁତ୍ରଙ୍କ ନାମ ବୀର କୃଷ୍ଣ ଦେବ । ଦ୍ୱିତୀୟ ଭ୍ରାତା ବିକ୍ରମ ଦେବଙ୍କ ପୁତ୍ର ସୁନ୍ଦର ନାରାୟଣ ଦେବ ଓ ତୃତୀୟ ଭ୍ରାତା ବୀର ବିକ୍ରମଙ୍କ ପୁତ୍ର ନାମ ବିଜୟ ଗୋପାଳ ଦେବ ।

ଯେତେବେଳେ ସେହି ପୁତ୍ରମାନେ ଯୌବନରେ ପଦାର୍ପଣ କରି[illegible] ସେତେବେଳେ ବୀରକୃଷ୍ଣ ଦେବ ଯେଉଁ ରାଜ୍ୟଟି ଅଧିକାର କରିଥିଲେ ତାହା ଶ୍ରୀଜଗନ୍ନାଥଙ୍କ ଦେଶ ବାଣପୁରଠାରେ ବିସ୍ତାର ଲାଭ କଲା । ତାପରେ ସୁନ୍ଦର ନାରାୟଣ ଓ ବିଜୟ ଗୋପାଳ ଦେବ ଯଥାକ୍ରମେ ବଡ଼ଖିମୁଣ୍ଡି ଓ ସାନଖିମୁଣ୍ଡି ରାଜ୍ୟ ଅଧିକାର କଲେ ।

ବାଣପୁରର ରାଜା ବୀରକୃଷ୍ଣ ଦେବ ଓ ତାଙ୍କର ବଂଶଧରମାନେ ଅଦ୍ୟାପି ସେଠାରେ ରାଜତ୍ୱ କରୁ ଅଛନ୍ତି ଏବଂ ସେମାନେ 'ଖିମୁଣ୍ଡି ଗଜପତି ବଂଶଧର' ବୋଲି ପରିଚିତ ହେଉଅଛନ୍ତି ।* ସେହି ରାଜାମାନେ ସମସ୍ତେ ଭ୍ରାତୃତ୍ୱ-ବନ୍ଧନରେ ଆବଦ୍ଧ ହୋଇ ସ୍ନେହ-ସୌହାର୍ଦ୍ଦ୍ୟ ସମ୍ପନ୍ନ ଏକ ବଂଶୀୟ ରୂପେ ନିଜ ନିଜ ରାଜ୍ୟପାଳନ କରୁ ଅଛନ୍ତି ।" ୧୯[illegible] ଶତାବ୍ଦୀରେ ବାଣପୁର ରାଜବଂଶ ନିଶ୍ଚିହ୍ନ ହୋଇଗଲା ।

ବାଣପୁର ଚିଲିକା ହ୍ରଦର ନିକଟରେ ଥିବାରୁ ଓଡ଼ିଶାର ଦକ୍ଷିଣ ଦି[illegible] ସୁରକ୍ଷିତ ହୋଇଥିଲା । ଉତ୍ତର-ପୂର୍ବ ଦିଗରୁ ମୁସଲମାନମାନଙ୍କ ଆକ୍ରମଣବେଳେ ଶ୍ରୀଜଗନ୍ନାଥଙ୍କୁ ବାଣପୁର ଗୋପନ କରାଯାଉଥିବା ପ୍ରସଙ୍ଗ 'ମାଦଳାପାଞ୍ଜିରେ' ଲେଖାଅଛି । ପ୍ରାଚୀନ କୋଙ୍ଗଦ ରାଜ୍ୟ ଗଜପତି ରାଜାମାନଙ୍କ ରାଜତ୍ୱ କାଳରେ ଖଲିକୋଟ, ଆଠଗଡ଼, ଧରାକୋଟ, ସୋରଡ଼ା ପ୍ରଭୃତି ଜମିଦାରିରେ ପରିଣତ ହୋଇଥିଲା ।

---

Ep.Ind., Vol. VI, P 143, In .Or., Vol.I, Pt.ii, P.157 ଦ୍ରଷ୍ଟବ୍ୟ

Watters, Vol.II, PP.196-7

Inscriptions of Orissa, Vol.I Pt.ii, P.223

Ins.Or. Vol.I.ii, P.190 ଦ୍ରଷ୍ଟବ୍ୟ

Ep.Ind., Vol.XV, PP.310-II

ଏ ସମ୍ବନ୍ଧରେ ବିଶଦ ଆଲୋଚନା ଅଛି


Inscriptions of Orissa, Vol.I Pt.ii, P.260 ଦେଖ

* ଏ ସମ୍ପର୍କରେ କୁମରଙ୍ଗୀ ଶାସନର ବ୍ରାହ୍ମଣ ଷଡ଼ଙ୍ଗୀ ପରିବାରର ବଂଶଜ ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁ ଏକ ଦୀର୍ଘ ଟିପ୍ପଣୀ ସହ Bihar Orissa Research Journal (Vol. V. PP.564-581) ରେ ଇଂରେଜୀରେ ପ୍ରକାଶ କରି ଅଛନ୍ତି ।

• Ep.Ind., Vol.XXI, PP 34-41

• Local Records, Vol.4, Pages 141-164

* ବାଣପୁରର ଉପରି ସମ୍ବନ୍ଧରେ ଯେଉଁ ବଂଶାବଳୀ ମେକାଞ୍ଜି ସାହେବଙ୍କ ସଙ୍କଳିତ 'ରାଜବଂଶାବଳୀ'ରେ ବିବୃତ ହୋଇଅଛି, ତାହା ଇଂରେଜୀଙ୍କ ଆଗମନର ଅବ୍ୟବହିତ ପରେ ଶେଷ ହୋଇଥିବାରୁ, ଖ୍ରୀ: ୧୮ଶ. ଶତାବ୍ଦୀ ପର୍ଯ୍ୟନ୍ତ ବାଣପୁର ରାଜବଂଶର ଅସ୍ତିତ୍ୱ ରହିଥିବା ସମର୍ଥିତ ହୁଏ ।



# ମୟୂରଭଞ୍ଜର ଛଉନୃତ୍ୟ



ଶ୍ରୀ ଦୁର୍ଗା ଚରଣ କୁଅଁର

ପୁଣ୍ୟଭୂମି ଉତ୍କଳର ଅବଦାନ ଭାରତୀୟ ସଂସ୍କୃତିକୁ ବହୁଭାବେ ପୁଷ୍ଟ କରିଛି । ଶିଳ୍ପ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଧର୍ମ ଓ ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଉତ୍କଳର କୃତି କାହାରିକୁ ଅବିଦିତ ନୁହେଁ । ନୃତ୍ୟ ଓ ସଂଗୀତ ଦିଗରେ ମଧ୍ୟ ଉତ୍କଳର ସ୍ୱତନ୍ତ୍ର ଐତିହ୍ୟ ଓ ପରମ୍ପରା ରହିଛି । ଓଡ଼ିଶୀ ନୃତ୍ୟ ଏବଂ ମୟୂରଭଞ୍ଜ ଓ ସରାଇକଳାର ଛଉନୃତ୍ୟ ଭାରତୀୟ ନୃତ୍ୟକଳାକୁ ଉତ୍କଳର ଦୁଇଟି ବିଶିଷ୍ଟ ଅବଦାନ । ଦକ୍ଷିଣର ଭରତ ନାଟ୍ୟମ୍, କେରଳର କଥାକଳି, ଉତ୍ତର ଭାରତର କଥକ ନୃତ୍ୟ ଓ ଆସାମର ମଣିପୁରୀ ନୃତ୍ୟ ପରି ଛଉ ଓ ଓଡ଼ିଶୀ ନୃତ୍ୟ ଉଚ୍ଚ କୋଟୀର ନୃତ୍ୟ ଭାବେ ସ୍ୱୀକୃତି ଲାଭ କରିଛି । ସରାଇକଳା ବର୍ତ୍ତମାନ ଉତ୍କଳଠାରୁ ବିଚ୍ଛିନ୍ନ; କିନ୍ତୁ ଉତ୍କଳରେ ଛଉନୃତ୍ୟର ବିକାଶରେ ସରାଇକଳା ତଥା ସମୁଦ୍ର ସିଂହଭୂମି ଅଞ୍ଚଳର ଅବଦାନ ଅବିସ୍ମରଣୀୟ ।

**ଛଉନୃତ୍ୟର ଇତିହାସ**

ଛଉନୃତ୍ୟର ଇତିହାସ ଅତି ପ୍ରାଚୀନ । ଓଡ଼ିଆମାନେ ଏକ ସମର-ନିପୁଣ ଜାତି ହିସାବରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରିଥିଲେ । ଓଡ଼ିଶାର ଗଡ଼ଜାତ ରାଜାମାନେ ମଧ୍ୟ ବହୁବର୍ଷ କାଳ ସେମାନଙ୍କର ସୈନ୍ୟସାମନ୍ତ ଧରି ରହିଥିଲେ ଓ ମୋଗଲ ଏବଂ ମରହଟ୍ଟାମାନଙ୍କ ସହିତ ସେମାନଙ୍କର ବହୁବାର ସଂଘର୍ଷ ହୋଇଥିଲା । ଓଡ଼ିଶା ସଂପୂର୍ଣ୍ଣଭାବେ ଇଂରେଜ କବଳିତ ହେବା ପର୍ଯ୍ୟନ୍ତ ସ୍ୱାଧୀନତାପ୍ରିୟ ଦୁର୍ଦ୍ଧର୍ଷ ଓଡ଼ିଆ ପାଇକମାନେ କେତେକ ରାଜା ଓ ଜମିଦାରଙ୍କ ନେତୃତ୍ୱରେ ଖଣ୍ଡଯୁଦ୍ଧ କରିଥିବା ବିଷୟ ଇତିହାସରେ ଦେଖିବାକୁ ମିଳେ । ଖ୍ରୀ: ୧୮୧୭-୧୮ର ଖୋର୍ଦ୍ଧା ପାଇକ ବିଦ୍ରୋହ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଓଡ଼ିଆ ଜାତିର ବିରାଟ ସାମରିକ ପରମ୍ପରା ସମ୍ବନ୍ଧରେ ମତଦ୍ୱୈଧ ହେବାର ଅବକାଶ ନାହିଁ । ଛଉନୃତ୍ୟ ଏହି ସାମରିକ ଓଡ଼ିଆ ଜାତିର ନୃତ୍ୟ ଓ ସମରକୁ ହିଁ ଏହି ବୀରତ୍ୱ-ବ୍ୟଞ୍ଜକ ନୃତ୍ୟର ଉତ୍ପତ୍ତି । ସେନା ଛାଉଣୀରେ ଅବସର ସମୟରେ ଚିତ୍ତବିନୋଦନ ପାଇଁ ଏବଂ ଶାନ୍ତି ସମୟରେ ଅଙ୍ଗ ଚାଳନା ଦ୍ୱାରା ନିଜକୁ ସମରକ୍ଷମ ରଖିବା ପାଇଁ ଓଡ଼ିଆ ପାଇକମାନେ ଏହି ନୃତ୍ୟ କରୁଥିଲେ । ରାଜା ଓ ସାମନ୍ତମାନେ ଏ ପ୍ରକାର ସାମରିକ ଚିତ୍ତବିନୋଦନରେ ଅଂଶ ଗ୍ରହଣ କରିବା ସଙ୍ଗେସଙ୍ଗେ ଏ ସବୁକୁ ଉତ୍ସାହିତ ମଧ୍ୟ କରୁଥିଲେ । ସେ ସମୟରେ ଏହାକୁ 'ରୁକ୍-ମାର' କୁହା ଯାଉଥିଲା । ହାତରେ ଖଣ୍ଡା ଓ ଢାଲ ଧରି ଦ୍ୱୈତଭାବେ ବା ସମୂହଭାବେ ଦୁଇ ଦଳରେ ବିଭକ୍ତ ହୋଇ ଢୋଲ, ମହୁରୀ, ଧୁମସା ପ୍ରଭୃତି ଓଡ଼ିଶୀ ସାମରିକ ବାଦ୍ୟର ତାଳେ ତାଳେ ପାଇକମାନେ କୌତୁକ ଯୁଦ୍ଧ କରୁଥିଲେ । ଗୋଟିଏ ପକ୍ଷ ଆକ୍ରମଣ କଲାବେଳେ ଅପରପକ୍ଷ ଢାଲ ତରବାରୀ ସାହାଯ୍ୟରେ ପ୍ରତିରକ୍ଷା କରୁଥିଲେ ଏବଂ ଏପରିଭାବେ ଆକ୍ରମଣ ଓ ପ୍ରତିଆକ୍ରମଣ ବ୍ୟଞ୍ଜକ ନୃତ୍ୟର ଉନ୍ମାଦନା ମଧ୍ୟରେ ଯୁଦ୍ଧଶ୍ରାନ୍ତ ସୈନ୍ୟ ସାମନ୍ତମାନେ ଅବସର ବିନୋଦନ କରୁଥିଲେ । ଆଜିକାଲି ମଧ୍ୟ ଦଶହରା ପ୍ରଭୃତି ପର୍ବରେ ଏହି ପ୍ରକାର 'ରୁକ୍-ମାର' ନୃତ୍ୟ ଓଡ଼ିଶାର ବହୁ ଅଞ୍ଚଳରେ ଦେଖିବାକୁ ମିଳେ । କେତେକ ସ୍ଥାନରେ ଏହାକୁ 'ଫରି-ଖଣ୍ଡା' ଖେଳ ମଧ୍ୟ କହନ୍ତି । ନୃତ୍ୟକଳା ଦୃଷ୍ଟିରୁ ଏହି ପ୍ରକାର ନୃତ୍ୟ ନିମ୍ନସ୍ତରର ନିଶ୍ଚୟ, କିନ୍ତୁ ଏହି 'ଫରି-ଖଣ୍ଡା' ଖେଳ ବା ଛାଉଣୀ ନୃତ୍ୟରୁ ଛଉନୃତ୍ୟର ଉତ୍ପତ୍ତି । ଭାରତ ତଥା ପୃଥିବୀର ବହୁ ପ୍ରତିଷ୍ଠିତ ନୃତ୍ୟ ନିମ୍ନସ୍ତରର ଆଦିମ ନୃତ୍ୟ (ପ୍ରିମିଟିଭ୍ ଡ୍ୟାନ୍ସ୍) ବା ଗଣନୃତ୍ୟ (ଫୋଲ୍କ ଡ୍ୟାନ୍ସ୍)ରୁ କ୍ରମେ ବିକାଶ ଲାଭ କରିଥିବା ବିଷୟ ନୃତ୍ୟବିତ୍ ପଣ୍ଡିତମାନେ କହନ୍ତି—

'Primitive dance was the foundation of folk dance; and Folk dance was the foundation of the refined forms. Refined dance when degenerates re-enter the category of folk dance. just as folk dance with culture and development as cends to that of refined dance. (e)

ବିଭିନ୍ନ ସ୍ତରରେ ଶାସ୍ତ୍ରୀୟ ତଥା ଗଣନୃତ୍ୟ ଭିତ୍ତିରେ ବିକାଶ ଲାଭ କରି ଛଉନୃତ୍ୟ ଏକ ଉନ୍ନତ ରୁଚି-ସମ୍ପନ୍ନ ନୃତ୍ୟରେ ପରିଣତ ହୋଇ ପାରିଛି । ସୈନ୍ୟ ଛାଉଣୀରୁ ଏହାର ଉତ୍ପତ୍ତି ବୋଲି କାଳକ୍ରମେ 'ଛଉନୃତ୍ୟ' ନାମରେ ଏହା ନାମିତ ହୋଇଛି । 'ଛାଉଣୀ ନୃତ୍ୟ' କ୍ରମେ ଲୋକମୁଖରେ 'ଛଉନୃତ୍ୟ' ରୂପେ କଥିତ ହେବା କିଛି ବିଚିତ୍ର ନୁହେଁ ।

(e) Folk dance of India- by Projesh Banerji

ଷଢ଼େଇକଳାର ଛଉନୃତ୍ୟ-ବିଶାରଦମାନେ କିନ୍ତୁ ଏହି ନୃତ୍ୟର ନାମ କରଣ ନେଇ ଭିନ୍ନମତ ପୋଷଣ କରନ୍ତି । ସେମାନଙ୍କ ମତରେ ଛଉ କଥାଟା ଛବି ବା ଛାୟାରୁ ଆସିଛି । ଏହି ନୃତ୍ୟରେ ମୁଖା (ଛାୟା-ମୁଖଠ) ବ୍ୟବହାର କରାଯାଉଥିବାରୁ ଏହାକୁ ଛଉନୃତ୍ୟ କୁହାଯାଏ । ନୃତ୍ୟରେ ମୁଖା ବ୍ୟବହାର କେବଳ ଷଢ଼େଇକଳା ଛଉରେ ନୁହେଁ, ସିଂହଳ, ସିକିମ୍, ବାଲି, କାମ୍ବୋଡ଼ିଆ, ମାଳୟ, ଚୀନଦେଶ, ମେକ୍ସିକୋ ପ୍ରଭୃତି ପୃଥିବୀର ବିଭିନ୍ନ ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳେ । ପୂର୍ବେ ଗ୍ରୀସ ଓ ରୋମରେ ମଧ୍ୟ ମୁଖା ବ୍ୟବହାର ପ୍ରଚଳନ ଥିଲା । ମୟୂରଭଞ୍ଜ ତଥା ଓଡ଼ିଶାର ଅନ୍ୟ କେତେକ ଅଞ୍ଚଳରେ ବିକାଶ ଲାଭ କରିଥିବା ଛଉନୃତ୍ୟରେ ମୁଖା ବ୍ୟବହାର କରାଯାଏ ନାହିଁ । ଏଣୁ ଛଉନୃତ୍ୟର ବୈଶିଷ୍ଟ୍ୟ ବା ସ୍ୱାତନ୍ତ୍ର୍ୟ ଏହାର ମୁଖା ବ୍ୟବହାରରେ ନାହିଁ । ମୂଳତଃ ଏକ ସାମରିକ ନୃତ୍ୟ ହୋଇଥିବାରୁ ଏହା ବୀରତ୍ୱ-ବ୍ୟଞ୍ଜକ ଏକ ସ୍ୱତନ୍ତ୍ର ନୃତ୍ୟଶୈଳୀର ଅଧିକାରୀ ହୋଇ ପାରିଛି । ମୟୂରଭଞ୍ଜ ଛଉନୃତ୍ୟରେ ହାତ ଦୁଇଟି ପରି-ଖଣ୍ଡା ଧରିବା ଭଙ୍ଗୀରେ ରହେ । ଷଢ଼େଇକଳା ନୃତ୍ୟରେ ଏହି ଭଙ୍ଗୀର ଫରକ ଅବଶ୍ୟ ଅଛି, କିନ୍ତୁ ଏହାଦ୍ୱାରା ଅନ୍ୟାନ୍ୟ ଭାରତୀୟ ନୃତ୍ୟ ପରି ହସ୍ତମୁଦ୍ରା ପ୍ରଦର୍ଶନର ସୁବିଧା ହୁଏ ନାହିଁ । କଠିନ ଅଙ୍ଗସଞ୍ଚାଳନା ହେତୁ ଏହି ନୃତ୍ୟରେ ମୁଖାଭିନୟ ମଧ୍ୟ ସମ୍ଭବ ହୁଏ ନାହିଁ । ନାଟ୍ୟ ଶାସ୍ତ୍ରରେ ହସ୍ତର ବହୁବିଧ ମୁଦ୍ରା ଓ ଚକ୍ଷୁ, ନାସିକା, ଗ୍ରୀବା, ଭ୍ରୂ ପ୍ରଭୃତି ଅଙ୍ଗ ପ୍ରତ୍ୟଙ୍ଗର ନାନା ପ୍ରକାର ଭଙ୍ଗୀ ବିଷୟ ଉଲ୍ଲେଖ କରାଯାଇଛି । ବାସ୍ତବପକ୍ଷେ ନୃତ୍ୟରେ ଭାବ ପ୍ରକାଶ ନିମିତ୍ତ ଚକ୍ଷୁ, ଭ୍ରୂ ପ୍ରଭୃତି ଅଙ୍ଗ ପ୍ରତ୍ୟଙ୍ଗ ବିଶେଷ ଉପଯୋଗୀ ଏବଂ ଭରତନାଟ୍ୟମ୍, କଥାକଳି ପ୍ରଭୃତି ଭାରତର ଉନ୍ନତ ନୃତ୍ୟମାନଙ୍କରେ ମୁଖାଭିନୟ ଓ ହସ୍ତମୁଦ୍ରା ପ୍ରଦର୍ଶନ ମୁଖ୍ୟସ୍ଥାନ ଲାଭ କରିଛି । ଛଉନୃତ୍ୟର ଶୈଳୀ କିନ୍ତୁ ଏସବୁଠାରୁ ଭିନ୍ନ । ବିଭିନ୍ନ ଭାବ ପ୍ରକାଶ ନିମିତ୍ତ ଛଉନୃତ୍ୟକାରୀଙ୍କୁ ପୂରା ଶରୀର, ମୁଖ୍ୟତଃ ପଦସ୍ଞ୍ଚାଳନା ଉପରେ ହିଁ ନିର୍ଭର କରିବାକୁ ପଡେ । ଉଦାହରଣ ସ୍ୱରୂପ ଅନ୍ୟ ନୃତ୍ୟରେ ହସ୍ତମୁଦ୍ରା ପ୍ରଦର୍ଶନ ଦ୍ୱାରା ଧନୁର ସୂଚନା ଦିଆଯାଉଥିବା ସ୍ଥଳେ ଛଉନୃତ୍ୟରେ ନୃତ୍ୟକାରୀଙ୍କୁ ତାର ସମସ୍ତ ଶରୀରକୁ ଧନୁ ଆକାରରେ ବଙ୍କାଇବାକୁ ହୁଏ । ସେହିପରି ମୁଦ୍ରା ଦ୍ୱାରା ଅତି ସୂକ୍ଷ୍ମରେ ଚକ୍ର ସୂଚାଇବା ପରିବର୍ତ୍ତେ ଛଉନୃତ୍ୟକାରୀଙ୍କୁ ନିଜ ଚାରିପଟେ ଘୂରିବାକୁ ହୁଏ । ଛଉ ନୃତ୍ୟର ଏହି ବିଶେଷତ୍ୱ ଦେଶ ବିଦେଶର ନୃତ୍ୟ ବିଶାରଦମାନଙ୍କ ଦୃଷ୍ଟି ଆକର୍ଷଣ ସର୍ବାଗ୍ରେ କରେ ଏବଂ ସେମାନେ ଛଉ ନୃତ୍ୟର ଅଙ୍ଗ ଓ ପଦସ୍ଞ୍ଚାଳନା ଶୈଳୀର ଉଚ୍ଛ୍ୱସିତ ପ୍ରଶଂସା କରି ଅଛନ୍ତି । ୧୯୫୦ ସାଲରେ ଦିଲ୍ଲୀ ଲାଲକିଲ୍ଲାରେ ଅନୁଷ୍ଠିତ ନୃତ୍ୟୋତ୍ସବରେ ଷଢ଼େଇକଳା ଛଉନୃତ୍ୟ ପ୍ରଦର୍ଶନ କରାଯାଇଥିଲା ଦୈନିକ ଷ୍ଟେଟ୍‌ସମେନ୍ ସମ୍ବାଦପତ୍ର ମାର୍ଚ୍ଚ ୧୭ ତାରିଖ ସଂଖ୍ୟାରେ ଲେଖିଥିଲେ–

Indeed as far foot work is concerned, this folk dance is superior to any other style, Bharata Natyam, Kathakuli, Manipuri or Kathak.

ଖ୍ରୀ: ୧୯୩୮ ରେ ଷଢ଼େଇକଳା ଛଉନୃତ୍ୟଦଳ ଇଉରୋପର ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରୁଥିବାବେଳେ ପାଶ୍ଚାତ୍ୟ ନୃତ୍ୟବିଶାରଦମାନେ ମଧ୍ୟ ଛଉନୃତ୍ୟର ଏହି ଉନ୍ନତ ପଦସ୍ଞ୍ଚାଳନା ଶୈଳୀର ଭୂୟସୀ ପ୍ରଶଂସା କରିଥଲନ୍ତି । ଷଢ଼େଇକଳା ଛଉନୃତ୍ୟକୁ ଲକ୍ଷ୍ୟ କରି ଏକ ପାଶ୍ଚାତ୍ୟ ସମ୍ବାଦପତ୍ର ଲେଖିଥିଲେ–

'The foot work of the whole company and especially of Subhendra is very fine, and their feet, stained red on the soles, were interesting to watch, as they had all the suppleness which we in the west have in our fingers, but not in our toes'. (9)

ମୂଳତଃ ବୀର-ରସ ପ୍ରଧାନ ଏକ ସାମରିକ ନୃତ୍ୟ ହୋଇଥିବାରୁ ଓ ଏହି ନୃତ୍ୟରେ ହସ୍ତ ତଥା ମୁଖ ଦ୍ୱାରା ଭାବ ପ୍ରକାଶ ସମ୍ଭବ ହେଉ ନଥିବାରୁ ଏହା ଏକ ସ୍ୱତନ୍ତ୍ର ଶୈଳୀରେ ବିକାଶ ଲାଭ କରିଛି । କଠିନ ଅଙ୍ଗସଞ୍ଚାଳନା ହେତୁ ନାରୀମାନେ ଛଉନୃତ୍ୟରେ ଅଂଶ ଗ୍ରହଣ କରନ୍ତି ଅଥଚ ମଣିପୁରୀ ନୃତ୍ୟରେ କେବଳ ନାରୀମାନେ ହିଁ ଭାଗ ନିଅନ୍ତି । ଶାସ୍ତ୍ରୀୟ ଭିତ୍ତିରେ ଛଉ ନୃତ୍ୟର ବିକାଶ ଦିନଠାରୁ ଅବଶ୍ୟ ଲାସ୍ୟଭାବ ଏଥିରେ ପ୍ରବେଶ କରିଛି; କିନ୍ତୁ ଏବେବି ଏହା ମୁଖ୍ୟତଃ ଏକ ବୀର-ରସ-ପ୍ରଧାନ ନୃତ୍ୟ । ଛଉନୃତ୍ୟର ଏହି ସମସ୍ତ ମୌଳିକତା ଓ ସ୍ୱତନ୍ତ୍ର ଶୈଳୀ ଦୃଷ୍ଟିରୁ 'ଛଉ ନୃତ୍ୟରୁ' ଏହାର ଏପରି ନାମକରଣ ହୋଇଥିବା ଅଧିକ ସମୀଚୀନ ମନେ ହୁଏ ।

**ସମର ନୃତ୍ୟ**

ଯୁଦ୍ଧପ୍ରିୟ ଓଡ଼ିଆ ପାଇକର ଚିତ୍ତବିନୋଦନ ପାଇଁ ଉଦ୍ଦିଷ୍ଟ 'ରୁକ୍‌ମାର' ନୃତ୍ୟ ମୟୂରଭଞ୍ଜ ରାଜ-ଦରବାରର ପୃଷ୍ଠପୋଷକତାରେ ଅଧିକ ଉନ୍ନତ ଓ ମାର୍ଜିତ ହୋଇ 'ସମର ନୃତ୍ୟ' ଆକାରରେ ଆତ୍ମ ପ୍ରକାଶ କଲା । ଏହି ନୃତ୍ୟ ପ୍ରଦର୍ଶନ କେବଳ ରାଜପ୍ରାସାଦ ମଧ୍ୟରେ ସୀମାବଦ୍ଧ ଥିଲା । ଏଥିରେ ଚଉଷଠି, ବତ୍ରିଶ ବା ଷୋଳଜଣ ନୃତ୍ୟକାରୀ ଅଂଶ ଗ୍ରହଣ କରନ୍ତି । ଏମାନେ ହଳଦୀ ଓ ଢାଉରଙ୍ଗ ମୁହଁ ଓ ଦେହରେ ବୋଳି ହୋଇ ଓଡ଼ିଆ ପାଇକ ବେଶରେ ନିଜକୁ ସଜ୍ଜିତ କରନ୍ତି । ଦୁଇ ଦଳରେ ବିଭକ୍ତ ହୋଇ ସବୁଜ ଓ ଲାଲ ପୋଷାକ ପିନ୍ଧି ହାତରେ ଖଣ୍ଡା ଓ ଢାଲ ଧରି ବୀରବାଦ୍ୟର ତାଳ ସହିତ ପାଦ ମିଳାଇ ବିପରୀତ ଦିଗରୁ ଆସି ଏମାନେ ନିଜ ନିଜର ଖଣ୍ଡାଖେଳର ପରାକାଷ୍ଠା ଦେଖାଇ ଦର୍ଶକମାନଙ୍କୁ ମୁଗ୍ଧ କରନ୍ତି । ଏହି ନୃତ୍ୟରେ ଧୁମ୍‌ସା (କେଟିଲ୍-ଡ୍ରମ୍), ମହୁରୀ, ଢୋଲ, ଚଡ଼ଚଡ଼ି ପ୍ରଭୃତି ଦେଶୀୟ ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ । ଯେତେବେଳେ 'ମାରୁ' ବାଦ୍ୟ ବାଜି ଉଠି ଏକ ଅଲୌକିକ ପରିବେଶ ଓ ଉନ୍ମାଦନା ସୃଷ୍ଟି କରେ, ନୃତ୍ୟକାରୀମାନେ ଜଣକୁ ଜଣେ ହୋଇ କୌତୁକ-ଯୁଦ୍ଧ ଆରମ୍ଭ କରି ଦିଅନ୍ତି । ସେମାନଙ୍କର ସାବଲୀଳ ବୃତ୍ତାକାର ଓ ଅର୍ଦ୍ଧ ବୃତ୍ତାକାର ଗତିଭଙ୍ଗୀ ଅତୀବ ଚିତ୍ତାକର୍ଷକ ବୋଧହୁଏ । ଏହି ନୃତ୍ୟ ପ୍ରାୟ ଏକ ଘଣ୍ଟା ଧରି ଚାଲେ । ବିଶ୍ୱକବି ରବୀନ୍ଦ୍ରନାଥ ଜାଭା ଭ୍ରମଣରେ ଯାଇଥିବା ବେଳେ ସେଠାକାର ସମର ନୃତ୍ୟ ସମ୍ବନ୍ଧରେ ଲେଖିଥିଲେ–

'Their tongue is silent, but the whole body does the talking by signs as well as movements. Nothing could be more foreign to any actual field of battle than this form they give to their dance warfare. But if some fairy land had been governed by the rule that fighting must be done rhythmically, a false step entailing defeat then this is the kind of battle that would have been waged there'. (n)

ଜାଭାର ସମର ନୃତ୍ୟ ସମ୍ବନ୍ଧରେ ରବୀନ୍ଦ୍ରନାଥଙ୍କର ଏହି ସୁନ୍ଦର ମତବ୍ୟଟି ମୟୂରଭଞ୍ଜ 'ସମରନୃତ୍ୟ' ପ୍ରତି ଏକାନ୍ତଭାବେ ପ୍ରଯୁଜ୍ୟ । ସେହି ସୈନ୍ୟ ଛାଉଣୀର ସାଧାସିଧା 'ରୁକ୍‌ମାର' ବା 'ପରିଖଣ୍ଡା' ନୃତ୍ୟ ରାଜପ୍ରାସାଦର ଏକ ସୌଖୀନ୍ ନୃତ୍ୟକଳାରେ ରୂପାନ୍ତରିତ ହୋଇଥିଲା ।

(9) Sketch the 15th June, 1938

(n) letters from Java- The Viswabharati Quarterly- Vol. No. 1, 1928, April.

ଖ୍ରୀ: ୧୯୧୨ ଜାନୁଆରୀ ମାସରେ ସମ୍ରାଟ ପଞ୍ଚମ ଜର୍ଜ ଓ ସାମ୍ରାଜ୍ଞୀଙ୍କ କଲିକତା ଆଗମନ ଉପଲକ୍ଷେ ମୟୂରଭଞ୍ଜ ଛଉନୃତ୍ୟ ଦଳଙ୍କର ପାଇଁ ଓଡ଼ିଶା ବାହାରେ ପ୍ରଦର୍ଶିତ ହୋଇଥିଲା । ଓଡ଼ିଆ ପାଇକନୃତ୍ୟ ବା ସମରନୃତ୍ୟ ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରି ଶ୍ଳାଘାଲାଭ କରିଥିଲା । ଖ୍ରୀ: ୧୯୧୨ ଜାନୁଆରୀ ୬ ତାରିଖ ସଂଖ୍ୟାରେ ଷ୍ଟେଟ୍ସମେନ୍ ସମ୍ବାଦପତ୍ର ଲେଖିଥିଲେ–

'....The dance drew universal appreciation. The oriya Paik dance was a great spectacle'.

ସେହିଦିନ Englishman ସମ୍ବାଦପତ୍ର ଲେଖିଥିଲେ–

'The War-dance of the Oriya Paiks, it is understood, was much admired by their majestics. The Paiks danced their best and furnished a relief from the monotony of silent processions.'

ସମର ନୃତ୍ୟରେ ଅଧିକ ଲୋକ ଦରକାର ହୁଅନ୍ତି ଓ ଏହା ଅଧିକ ଶ୍ରମସାପେକ୍ଷ । ବାଦ୍ୟର ତାଳ ସହିତ ତାଳ ରକ୍ଷା ନାଚି ନପାରିଲେ ନୃତ୍ୟକାରୀ ନିଜକୁ କ୍ଷତବିକ୍ଷତ କରିବା ସଙ୍ଗେ ସଙ୍ଗେ ଅନ୍ୟକୁ ବିପଦଗ୍ରସ୍ତ କରିବାର ଆଶଙ୍କା ସବୁବେଳେ ଥାଏ । ଏହିସବୁ କାରଣରୁ ଗତ କେତେବର୍ଷ ଧରି ମୟୂରଭଞ୍ଜରେ ସମରନୃତ୍ୟ ଏକ ପ୍ରକାର ବନ୍ଦ କରି ଦିଆଯାଇଛି ।

### ଚଇତ ପର୍ବ

ଭାରତର ଅନ୍ୟାନ୍ୟ ହିନ୍ଦୁ ନୃତ୍ୟପରି ଛଉନୃତ୍ୟ ଧର୍ମୋପାସନା ସହିତ ନିବିଡ଼ ଭାବେ ଜଡ଼ିତ । ନଟରାଜ ଶିବ ନୃତ୍ୟର ଅଧିଷ୍ଠାତା ଦେବତାରୂପେ ପୂଜିତ । ଶିବଙ୍କର ତାଣ୍ଡବନୃତ୍ୟ ଯୋଗୁଁ ବିଶ୍ୱର ସୃଷ୍ଟି, ସ୍ଥିତି ଓ ସଂହାର ସଂଘଟିତ ହୁଏ ବୋଲି ହିନ୍ଦୁ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି । ଶିବ ତାଣ୍ଡବ ଶୈଳୀର ଅଧିଷ୍ଠାତା ଓ ଶକ୍ତି ଲାସ୍ୟ ଶୈଳୀର ଅଧିଷ୍ଠାତ୍ରୀ ରୂପେ ନୃତ୍ୟକାରୀମାନଙ୍କ ଦ୍ୱାରା ପୂଜିତ ହୁଅନ୍ତି ।

ମୟୂରଭଞ୍ଜ ଓ ଓଡ଼ିଶାର ଉତ୍ତର ପୂର୍ବାଞ୍ଚଳରେ ଛଉନୃତ୍ୟ 'ଚଇତପର୍ବ' ନାମରେ ହିଁ ଲୋକମାନଙ୍କ ନିକଟରେ ପରିଚିତ । ସରାଇକେଲା ତଥା ସମଗ୍ର ସିଂହଭୂମି ଅଞ୍ଚଳରେ ଚଇତପର୍ବ ଏକ ପ୍ରଧାନ ଜାତୀୟ ପର୍ବରୂପେ ପାଳିତ ହୁଏ । ପ୍ରତିବର୍ଷ ଚୈତ୍ର ମାସର ଶେଷ ତିନି ଦିନ ଧରି ଶିବ ଓ ଶକ୍ତିଙ୍କ ଉପାସନାସହ ନୃତ୍ୟ, ଗୀତ ଓ ଆମୋଦପ୍ରମୋଦରେ ଆବାଳବୃଦ୍ଧବନିତା ଏହି ବସନ୍ତୋତ୍ସବରେ ଆତ୍ମହରା ହୁଅନ୍ତି । ନବବସନ୍ତ ଆଗମନରେ ମୟୂରଭଞ୍ଜ ଓ ସିଂହଭୂମିର ପାର୍ବତ୍ୟାଞ୍ଚଳ ଅପୂର୍ବ ଶୋଭାଶ୍ରୀ ଧାରଣ କରେ । କୃଷିଜୀବୀମାନେ ଶସ୍ୟ ଆହରଣ ଶେଷ କରିଥାନ୍ତି । ନୂତନ ବର୍ଷର କୃଷିକାର୍ଯ୍ୟ ଆରମ୍ଭ ହେବା ଡେରି ଥାଏ । ଆନନ୍ଦ ଉତ୍ସବ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ ।

ଚୈତ୍ରପର୍ବ ଆରମ୍ଭରେ ମୟୂରଭଞ୍ଜର ବାରିପଦାଠାରେ ଭୈରବ ଓ ଅମ୍ବିକାଙ୍କ ନିକଟରେ ବିଧିବଦ୍ଧ ଭାବେ ପୂଜା ଅନୁଷ୍ଠିତ ହୁଏ । 'ଭକ୍ତା' ପୂଜା ଏହି ପର୍ବର ଏକ ବିଶେଷ ଅଂଶ । ଭକ୍ତାମାନେ ବ୍ରତ ପାଳନ କରି ଏହି ପୂଜାରେ ଭାଗ ନିଅନ୍ତି । ଏହି 'ଭକ୍ତା'ମାନଙ୍କ ଭିତରେ ବିଭିନ୍ନ ଜାତିର ଲୋକ ଥାନ୍ତି । ଏହି ସମୟରେ ଓଡ଼ିଶାର ବିଭିନ୍ନ ଶକ୍ତି ପୀଠରେ ଭକ୍ତମାନଙ୍କର ବ୍ରତ ପାଳନ ଓ ନାଚ ବିଷୟ ଏଠାରେ ଉଲ୍ଲେଖ କରାଯାଇପାରେ । ଚଇତପର୍ବ ନାଚ ବା 'ଛଉନୃତ୍ୟ' ଆରମ୍ଭ ପୂର୍ବରୁ ମୟୂରଭଞ୍ଜର ନୃତ୍ୟକାରୀମାନେ ଭୈରବ ଓ ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା ଶେଷ କରି ନୃତ୍ୟ ମଞ୍ଚକୁ ଯାନ୍ତି । ରାଜ ସରକାରଙ୍କ ଅମଳରେ ମୟୂରଭଞ୍ଜ ରାଜପ୍ରାସାଦରେ ଛଉନୃତ୍ୟ ଅନୁଷ୍ଠିତ ହେଉଥିଲା । ତିନିଦିନ ଏହି ନୃତ୍ୟ ଓ ବାଦ୍ୟଧ୍ୱନିରେ ରାଜପ୍ରାସାଦ ମୁଖରିତ ହୋଇ ଉଠେ । ପ୍ରତିଯୋଗିତା ଦ୍ୱାରା ଛଉନୃତ୍ୟର ଉନ୍ନତି ସାଧନ ନିମିତ୍ତ ମୟୂରଭଞ୍ଜ ଛଉଦଳକୁ ଉତ୍ତରସାହୀ ଓ ଦକ୍ଷିଣସାହୀ ଏହି ଦୁଇ ଦଳରେ ବିଭକ୍ତ କରାଯାଇଛି । ସେମାନେ ରାଜପ୍ରାସାଦରେ ସମବେତ ବିରାଟ ଜନତା ଓ ରାଜପରିଜନବର୍ଗଙ୍କ ସମ୍ମୁଖରେ ନୃତ୍ୟରେ ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରି ମହାରାଜା ଓ ମହାରାଣୀଙ୍କ ଦ୍ୱାରା ପୁରସ୍କୃତ ହୁଅନ୍ତି । ଚଇତପର୍ବ ତିନିଦିନ ଧରି ରାଜପ୍ରାସାଦର ଦ୍ୱାର ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହେ । ନୃତ୍ୟଆରମ୍ଭ ହେବା ପୂର୍ବରୁ ଧୁମ୍ସା, ଢୋଲ ଓ ମହୁରୀରେ ଯେତେବେଳେ ରଣବାଦ୍ୟ ଏହାର ସ୍ୱର ଓ ତାଳ ଛଉଠାରୁ ସ୍ୱତନ୍ତ୍ର ବାଜି ଉଠି ସଂଧ୍ୟାକାଶକୁ ମୁଖରିତ କରେ ନର୍ତ୍ତକ ତଥା ଜନସାଧାରଣଙ୍କ ପ୍ରାଣରେ ଅପୂର୍ବ ଉନ୍ମାଦନା ସଞ୍ଚାର ହୁଏ । ଆବାଳବୃଦ୍ଧବନିତା ସହସ୍ର ସହସ୍ର ସଂଖ୍ୟାରେ ଆସି ନୃତ୍ୟ ମଞ୍ଚର ତିନିପଟକୁ ଘେରି ରୁଣ୍ଡ ହୁଅନ୍ତି । ନୃତ୍ୟ ଆରମ୍ଭ ହେଲେ ବାଦ୍ୟର ସ୍ୱର ବଦଳେ । ସ୍ୱତନ୍ତ୍ରଭାବେ ନିର୍ମିତ ନୃତ୍ୟ ମଞ୍ଚରେ ନୃତ୍ୟ ପରେ ନୃତ୍ୟ ପ୍ରଦର୍ଶିତ ହେଉଥାଏ । ସାରା ରାତି ଉଜାଗର ରହି ବିରାଟ ଜନତା ନିର୍ନିମେଷ ନୟନରେ ନିଜର ଜାତୀୟ ନୃତ୍ୟ ଦେଖି ମୁଗ୍ଧ ହୁଏ ।

ସରାଇକେଲାରେ ଏହି 'ଚଇତପର୍ବ' ଅତି ନିଷ୍ଠା ଓ ଆଡ଼ମ୍ବର ସହକାରେ ପାଳିତ ହୁଏ । ନୃତ୍ୟଗୀତର ଉନ୍ମାଦନା ଭିତରେ ଲୋକେ ସେମାନଙ୍କର ଦୁଃଖ ଲଞ୍ଛନା ଭୁଲି ଆତ୍ମହରା ହୁଅନ୍ତି । ସରାଇକେଲାର 'ଯାତ୍ରାଘଟ' ଓ 'କାଳୀଘଟ' ଶିବ ଓ ଶକ୍ତି ଉପାସନାର ପ୍ରତୀକ । ମୟୂରଭଞ୍ଜ ପରି ସରାଇକେଲାରେ ମଧ୍ୟ ଛଉନୃତ୍ୟ ଶିବଶକ୍ତି ଉପାସନା ଓ ଭକ୍ତାପୂଜା ଇତ୍ୟାଦି ଧର୍ମାନୁଷ୍ଠାନ ସହ ନିବିଡ଼ଭାବେ ଜଡ଼ିତ ।

ମୟୂରଭଞ୍ଜ ବାମନଘାଟି ପ୍ରଭୃତି ଅଞ୍ଚଳ ଓ ସରାଇକେଲା ଏବଂ ସିଂହଭୂମିର ପୁର-ପଲ୍ଲୀରେ ମଧ୍ୟ ଚଇତପର୍ବ ମହାସମାରୋହରେ ପାଳିତ ହୁଏ । ପୁରପଲ୍ଲୀରେ ଅନୁଷ୍ଠିତ ଚଇତପର୍ବ ନାଚ ବା ଛଉନୃତ୍ୟ ଏତେଦୂର ମାର୍ଜିତ ବା ଉନ୍ନତ ନୁହେଁ ।

### ନୃତ୍ୟ ଶିକ୍ଷା ଏ ମୟୂରଭଞ୍ଜ ଛଉନୃତ୍ୟର କେତେକ ମୌଳିକ ଟେକ୍‌ନିକ୍

ଛଉନୃତ୍ୟ ଏକ ଆୟାସସାଧ୍ୟ ବ୍ୟାପାର । ଏଥିପାଇଁ ନୃତ୍ୟକାରୀମାନଙ୍କୁ କଠୋର ଶାରୀରିକ ସାଧନା କରିବାକୁ ପଡ଼େ । ମୟୂରଭଞ୍ଜ ରାଜ ସରକାର ଅମଳରେ ମହାରାଜା ଉଚ୍ଚ ରାଜକର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୃତ୍ୟକାରୀମାନଙ୍କୁ ଚଳିବାକୁ ହେଉଥିଲା । ସାଧାରଣତଃ ପାଞ୍ଚବର୍ଷଠାରୁ ପନ୍ଦରବର୍ଷ ବୟସ ବାଳକମାନଙ୍କୁ ସେମାନଙ୍କର ରୂପରେଖ ଓ ଶାରୀରିକ ଗଠନ ଦେଖି ନୃତ୍ୟଶିକ୍ଷା ପାଇଁ ମନୋନୟନ କରାଯାଏ । ସେମାନଙ୍କର ଭରଣପୋଷଣ ଦାୟିତ୍ୱ ଅନେକଟା ରାଜ ସରକାର ବହନ କରନ୍ତି । ମୟୂରଭଞ୍ଜ ରାଜବଂଶର କଳାପ୍ରୀତି ଓଡ଼ିଶାରେ କାହାରିକୁ ଅବିଦିତ ନୁହେଁ । ରାଜାନୁଗ୍ରହ ହେତୁ ଛଉଦଳର ଲୋକମାନଙ୍କୁ ନିଜର ବା ପରିବାରର ଅଭାବ ଅସୁବିଧାନେଇ ବିଶେଷ ଚିନ୍ତା କରିବାକୁ ପଡ଼େ ନାହିଁ ।

ନିୟମିତ ନୃତ୍ୟଶିକ୍ଷା ଦଶହରାଠାରୁ ଚୈତ୍ରପର୍ବ ପର୍ଯ୍ୟନ୍ତ ଦୀର୍ଘ ଛ'ମାସ ଧରି ଚାଲେ । ଦଶହରା ଦିନ ଭୈରବଙ୍କ ନିକଟରେ ବିଧିବଦ୍ଧଭାବେ ପୂଜା ଅନୁଷ୍ଠିତ ହୁଏ ଏବଂ ଦେବତାଙ୍କ ନିକଟରେ ପୂଜିତ ଲାଲ ସାଲୁକନା 'ପାଗିରଥି' (ନଟ)ଙ୍କ ଡାହାଣ ହାତରେ ଓସ୍ତାଦ୍ ପିନ୍ଧାଇ ଦିଅନ୍ତି । ଏହାକୁ 'ନାଡ଼ାବନ୍ଧା' କହନ୍ତି । ଏହି ଦିନଠାରୁ ବ୍ରହ୍ମଚର୍ଯ୍ୟ ପାଳନ କରିବା ଓ ମାଦକଦ୍ରବ୍ୟ ସେବନ ନ କରିବାକୁ ନୃତ୍ୟକାରୀମାନେ ଶପଥ ଗ୍ରହଣ କରନ୍ତି । ଚଇତପର୍ବ ଯାଏ ଏହି ନିୟମ କଠୋରଭାବେ ପାଳନ କରିବାର ବିଧି ଅଛି । ନୃତ୍ୟକାରୀମାନେ ପ୍ରତ୍ୟହ ପ୍ରତ୍ୟୁଷରୁ ଉଠି ଦୌଡ଼, ଦଣ୍ଡବୈଠକ ପ୍ରଭୃତି ନାନା କୁସ୍ତି-କସରତ କରନ୍ତି । ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଏ । ଏହାଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେବା ସଙ୍ଗେ ସଙ୍ଗେ ଅଙ୍ଗ ପ୍ରତ୍ୟଙ୍ଗର କ୍ରିୟାଶୀଳତା ବୃଦ୍ଧିପାଏ । ସୁଦକ୍ଷ ଓସ୍ତାଦମାନେ ନୃତ୍ୟଶିକ୍ଷା ଦାୟିତ୍ୱରେ ରହନ୍ତି । ଚଇତପର୍ବ ସମୟରେ ନିଜ ନିଜ ନୃତ୍ୟକଳାର ଉତ୍କର୍ଷତା ଦେଖାଇବା ପାଇଁ ଉତ୍ତରସାହୀ ଓ ଦକ୍ଷିଣସାହୀ ଦଳ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଚାଲେ ।



ମହାରାଜାଙ୍କ ଦ୍ୱାରା ନିଯୁକ୍ତ ବିଶିଷ୍ଟ ବ୍ୟକ୍ତିମାନଙ୍କ ହାତରେ ଏହି ଧୁମ୍ପା ଦଳର ପରିଚାଳନା ଭାର ନିହିତ ଥାଏ ।

ନୂତନ ଶିକ୍ଷାର୍ଥୀମାନଙ୍କୁ ଅନେକଗୁଡ଼ିଏ ପ୍ରାଥମିକ ଓ ମୌଳିକ ଟେକ୍‌ନିକ୍‌ଗୁଡ଼ିକ ପ୍ରଥମେ ଅଭ୍ୟାସ କରିବାକୁ ପଡ଼େ । ପ୍ରଥମ ହେଲା 'ଚୌକବନ୍ଧ' । ଏଥିରେ ଭୂମି ଉପରେ ପାଦ ଦୁଇଟି ଟେରେଛା ଅବସ୍ଥାରେ ରହୁଥିବାରୁ ଏହାକୁ ଚୌକ କହନ୍ତି । ନୃତ୍ୟ-ଶିକ୍ଷାର୍ଥୀମାନଙ୍କୁ ମୟୂରଭଞ୍ଜ ଛଉନୃତ୍ୟର ଏହି ମୌଳିକ ଭଙ୍ଗୀକୁ ବହୁତ ଦିନ ଧରି ଅଭ୍ୟାସ କରିବାକୁ ପଡ଼େ । 'ଚୌକ' ଅଭ୍ୟାସ ହୋଇଗଲେ ଶିକ୍ଷାର୍ଥୀର ଡ଼ାହାଣ ହାତରେ ଖଣ୍ଡା ଓ ବାମ ହାତରେ ଢ଼ାଲ ଧରାଇ ଦିଆଯାଏ । ଏହି ଅସ୍ତ୍ରଧାରଣ ହେତୁ ଏହାକୁ 'ଧରଣ' କହନ୍ତି । ଧରଣର ଚୌକଭଙ୍ଗୀ ପୂର୍ବପରି ରହେ, ଅଣ୍ଟାଠାରୁ ଉପରକୁ ଆଦୌ ନଡ଼ନଚଡ଼ ନକରି କ୍ରମେ ପଦସଞ୍ଚାଳନା ଅଭ୍ୟାସ କରିବାକୁ ହୁଏ । 'ଚୌକ' ଓ 'ଧରଣ'ରେ ଦକ୍ଷତା ଆସିଗଲେ ନୃତ୍ୟକାରୀକୁ ତିନିଭୁଡ଼ା ଘୁରା ଓ ପାଦ ପକାଇବାର ବିଭିନ୍ନ ଭଙ୍ଗୀ ଶିକ୍ଷା ଦିଆଯାଏ । ମୟୂରଭଞ୍ଜ ଛଉନୃତ୍ୟରେ ପ୍ରତ୍ୟେକ ଅଭିନୟ ଶେଷରେ ତିନିଭୁଡ଼ା ଘୁରି ନର୍ତ୍ତକକୁ ଚୌକଭଙ୍ଗୀକୁ ଫେରି ଆସିବାକୁ ପଡ଼େ । ଭାରତନାଟ୍ୟମ୍ ଓ କଥକ ପ୍ରଭୃତି ନୃତ୍ୟରେ ପ୍ରତ୍ୟେକ ଅଭିନୟ ଶେଷରେ ଏକ ସ୍ୱତନ୍ତ୍ର ନୃତ୍ୟ ଭଙ୍ଗୀରେ ନୃତ୍ୟକାରୀକୁ ଛିଡ଼ା ହେବାକୁ ହୁଏ । ଚୌକ ବା ଧରଣଭଙ୍ଗୀ ଏ ଦୃଷ୍ଟିରୁ ମୟୂରଭଞ୍ଜ ଛଉନୃତ୍ୟର ସ୍ୱକୀୟ ଭଙ୍ଗୀ । ଷଢ଼େଇକଳା ଛଉନୃତ୍ୟର ଭଙ୍ଗୀ ଏହାଠାରୁ ପୃଥକ । ସେଠାରେ ଡ଼ାହାଣ ହାତ ମୁଷ୍ଟିବଦ୍ଧ ହୋଇ ଛାତି ପାଖରେ ରହେ ଓ ବାମ ହାତ ତଳକୁ ଝୁଲି ରହେ ।

**ଟପ୍‌କା:—(ବିଭିନ୍ନ ଭଙ୍ଗୀରେ ପାଦ ପକାଇବା ଓ ଗତି କରିବାର ଶୈଳୀ)**

ଟପ୍‌କା ପ୍ରାୟ ଛ' ପ୍ରକାର, ଯଥା:— ସାଧା ଟପ୍‌କା, କାହରା ଟପ୍‌କା, ଦୁବା ଟପ୍‌କା, ଉଷକା ଟପ୍‌କା, ଢ଼େଉ ଟପ୍‌କା ଓ ମୁଡ଼ା ଟପ୍‌କା । ପ୍ରତ୍ୟେକ ଛଉନୃତ୍ୟକାରୀଙ୍କୁ ଏହି ଟପ୍‌କାଗୁଡ଼ିକ ଶିକ୍ଷା କରିବାକୁ ହୁଏ ।

**ଉଫିଲ ବା ଉପଲୟ**

ଚୌକ, ଧରଣ ଓ ଟପ୍‌କାରେ ଦକ୍ଷତା ଆସିଲେ ନୃତ୍ୟ-ଶିକ୍ଷାର୍ଥୀମାନଙ୍କୁ ଛଉନୃତ୍ୟର ଉଫିଲ ବା ଉପଲୟଗୁଡ଼ିକ ଶିକ୍ଷା ଦିଆଯାଏ । ପ୍ରତ୍ୟେକ ଉଫିଲ ବା ଉପଲୟ କେତେଗୁଡ଼ିଏ ଅଙ୍ଗଭଙ୍ଗୀ ବା କରଣର ସମାହାରରେ ସମ୍ପାଦିତ ହୋଇଥାଏ । ଭରତ ମୁନି ତାଙ୍କ ନାଟ୍ୟ-ଶାସ୍ତ୍ରରେ ୧୦୮ କରଣର ଉଲ୍ଲେଖ କରିଅଛନ୍ତି । କେତେକ କରଣର ସମଷ୍ଟିରେ ଗୋଟିଏ 'ଅଙ୍ଗହାର' ହୁଏ । ଏହି ଅଙ୍ଗହାର ୩୨ ପ୍ରକାର ବୋଲି ନାଟ୍ୟ ଶାସ୍ତ୍ରକାର ଲେଖିଛନ୍ତି । ମୟୂରଭଞ୍ଜ ଛଉନୃତ୍ୟରେ ଅଙ୍ଗହାରକୁ 'ଉଫିଲ' ବା ଉପଲୟ କୁହାଯାଏ ଏବଂ ଛଉ-ଓସ୍ତାଦ୍‌ମାନଙ୍କ ମତରେ ଏଗୁଡ଼ିକର ସଂଖ୍ୟା ହେଉଛି ଛତ୍ତିଶ । କେତେଗୋଟି ଉଫିଲର ନାମ ଏଠାରେ ଦିଆଗଲା—ଗୁଡ଼ିଉଠା, ଗୋବରଗୋଳା, ଖରକା, ଛୁଞ୍ଚିବିନ୍ଧା, ବାସନମଜା, ହଳଦୀବଟା, ଗାଧୁଆ, ମଥାଝଟା, ସିନ୍ଧାପଟା, ସିନ୍ଦୁରପିନ୍ଧା, ଧାନକୁଟା, ଧାନପାଛୁଡ଼ା, ଅଡ଼ମୋଡ଼ା, କଣ୍ଡାବଟା, କଣ୍ଡାପିଙ୍ଗା, ବଗଟପ୍‌କା, ଖଣ୍ଡାହନା, ହାବସା, ବତାଚରା, ହରିଣଡ଼ିଆଁ ଇତ୍ୟାଦି । ଏହି ତାଲିକାରୁ ଜଣାଯିବଯେ ଉଫିଲଗୁଡ଼ିକର ନାମ ଓଡ଼ିଶାର ପଲ୍ଲୀ ଜୀବନର ଦୈନନ୍ଦିନ ଘଟଣାରୁ ଗୃହୀତ । ଏଗୁଡ଼ିକ ଛଉନୃତ୍ୟର ମୌଳିକ ଅଳଙ୍କାର ଏବଂ ନାଟ୍ୟ ଶାସ୍ତ୍ରୋକ୍ତ କରଣମାନଙ୍କ ସହିତ ଏଥିରେ ବ୍ୟବହୃତ ହୋଇ ଅନେକ ମେଳ ଅଛି । ଏହି ଛତ୍ତିଶ ମୂଳ ଉଫିଲ ବ୍ୟତୀତ ନୃତ୍ୟର ଆବଶ୍ୟକତାନୁଯାୟୀ ଛଉ-ଓସ୍ତାଦ୍‌ମାନେ ଆହୁରି ଅନେକ ଅଳଙ୍କାର ମଧ୍ୟ ରଚନା କରି ଅଛନ୍ତି ।

ଚୌକ, ଧରଣ, ଟପ୍‌କା ଓ କେତେକ ବିଶିଷ୍ଟ ଉଫିଲରେ ଦକ୍ଷତା ଆସିଗଲେ ଶିକ୍ଷାର୍ଥୀ ସାଧାରଣରେ ନୃତ୍ୟ ପ୍ରଦର୍ଶନ କରିବାକୁ ଉପଯୁକ୍ତ ବିବେଚିତ ହୋଇଥାଏ । ଛଉନୃତ୍ୟର ଟେକ୍‌ନିକ୍ ଇତ୍ୟାଦି ଉପରେ କୌଣସି ବିଧିବଦ୍ଧ ଗବେଷଣା ଆଜିଯାଏ ହୋଇନାହିଁ କିମ୍ବା ଏହି ନୃତ୍ୟର ମୌଳିକ ଟେକ୍‌ନିକ୍‌ଗୁଡ଼ିକୁ ନେଇ କୌଣସି ପ୍ରାମାଣ୍ୟ ପୁସ୍ତକ ରଚନା କରାଯାଇ ନାହିଁ । ସୁଦକ୍ଷ ନୃତ୍ୟ-ଓସ୍ତାଦ୍‌ମାନଙ୍କ ଗୁରୁ ପରମ୍ପରା କ୍ରମେ ଏହି ନୃତ୍ୟର ମୌଳିକତା ଏଯାଏ ବଞ୍ଚି ରହି ପାରିଛି । ଷଢ଼େଇକଳା ଓ ମୟୂରଭଞ୍ଜ ମହାରାଜାଙ୍କ ପୃଷ୍ଠପୋଷକତାରେ ଛଉ ଓସ୍ତାଦ ତଥା ନୃତ୍ୟଶିଳ୍ପୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ କଳାପ୍ରୀତି ଯୋଗୁଁ ଏକ ଗଣନୃତ୍ୟ ( **FOLK DANCE** ) ବିଭିନ୍ନ ସ୍ତରରେ ଉନ୍ନତି ଲାଭ କରି ଏକ ଉନ୍ନତ ପାରମ୍ପରିକ ନୃତ୍ୟରେ ପରିଣତ ହୋଇ ପାରିଛି । ଷଢ଼େଇକଳା ଓ ମୟୂରଭଞ୍ଜ ରାଜପରିବାରର ଲୋକେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ନୃତ୍ୟର ବିକାଶରେ ବହୁଭାବେ ସାହାଯ୍ୟ କରି ଅଛନ୍ତି । ଏ ସମ୍ପର୍କରେ ଷଢ଼େଇକଳାର କୁମାର ଶୁଭେନ୍ଦ୍ର, କୁମାର ... ପ୍ରଭୃତିଙ୍କ ନାମ ବିଶେଷ ଭାବେ ଉଲ୍ଲେଖଯୋଗ୍ୟ । କୁମାର ଶୁଭେନ୍ଦ୍ରଙ୍କ ଅସାଧାରଣ ନୃତ୍ୟ ପ୍ରତିଭା କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ୍ୟ ଛଉ ନୃତ୍ୟକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରିଥିଲା । ... ବୟସରେ ଶୁଭେନ୍ଦ୍ରଙ୍କର ଅକାଳ ବିୟୋଗ ହେତୁ ଛଉନୃତ୍ୟର ଅପୂରଣୀୟ କ୍ଷତି ଘଟିଛି । ମୟୂରଭଞ୍ଜର ରାଜଟୀକା ... ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ମଧ୍ୟ ଜଣେ ଛଉନୃତ୍ୟ ବିଶାରଦ ଥିଲେ । ମୟୂରଭଞ୍ଜର ବିଶିଷ୍ଟ ଛଉନୃତ୍ୟ ବିଶାରଦମାନଙ୍କ ମଧ୍ୟରେ ... ଭଞ୍ଜ, ଯୋଗେନ୍ଦ୍ର କୁଅଁର, ରଘୁନାଥ ସିଂହବାବୁ, କନ୍ଦରା ବାବୁ, ... ବେହେରା, ଦୀନବନ୍ଧୁ ବେହେରା, ଭଗବାନ ଦାସ, ଶେଖ ମହମ୍ମଦ ... ଖାଁ, ଅନନ୍ତ ଚରଣ ସାଏ (କାଦୁ ବାବୁ), ମଦନ ମୋହନ ... ପ୍ରଭୃତିଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ । ଉପେନ୍ଦ୍ର ... ରାଜେନ୍ଦ୍ର ପଟ୍ଟନାୟକ, ସୁରେନ୍ଦ୍ର ପ୍ରତାପ ସିଂହଦେଓ ଓ କେଦାର ... ପଟ୍ଟନାୟକ ପ୍ରଭୃତି ଷଢ଼େଇକଳା ଛଉନୃତ୍ୟ ବିଶାରଦ ... ଖ୍ୟାତିଲାଭ କରିଅଛନ୍ତି ଓ ମୟୂରଭଞ୍ଜ ଛଉନୃତ୍ୟ ବିକାଶରେ ... ବିଶ୍ୱାଳଙ୍କ ଅବଦାନ କମ୍ ନୁହେଁ ।

ୟୁନିଟ୍-୨, ଭୁବନେଶ୍ୱର ଟାଇପ-୫, ୧/୧

# ସମାଜ ଓ ଶ୍ରମିକ



ଶ୍ରୀ କଲ୍ୟାଣ ରାୟ

ଜିନିଷକୁ ବଞ୍ଚାଇ ରଖିବାକୁ ଉତ୍ପାଦନ ଲୋଡ଼ା । ଉତ୍ପାଦନ ଆଜି ମନୁଷ୍ୟ ଏକାଏକା କରୁନାହିଁ । ଯନ୍ତ୍ର ଓ ମନୁଷ୍ୟ ମିଶି ଉତ୍ପାଦନ କରୁଛନ୍ତି । କଳ ଓ ମନୁଷ୍ୟ ଉତ୍ପାଦନ କରୁଥିଲେ ମଧ୍ୟ କଳ ଓ ମନୁଷ୍ୟ ମଧ୍ୟରେ ଯଥେଷ୍ଟ ପ୍ରଭେଦ ରହିଛି । ଏହା ହେଲେ ସୁଦ୍ଧା ପୁଣି କିଛିଦିନକୁ ପଡ଼ିବ ଯେ, ମନୁଷ୍ୟ କେତେବେଳେ କଳ ନୁହେଁ କି, କଳ କେତେବେଳେ ମନୁଷ୍ୟ ନୁହେଁ । ଅତ୍ୟଧିକ ବ୍ୟବହାର କଳକୁ ଅଳ୍ପଦିନରେ ଅକାମୀ କରେ । ଠିକ୍ କଳ ଭଳି ମନୁଷ୍ୟ ମଧ୍ୟ ଅତ୍ୟଧିକ ପରିଶ୍ରମ ଯୋଗୁଁ ଅକାଳରେ ବେକାମୀ ହୋଇଯାଏ । ମନୁଷ୍ୟ ଓ କଳ ଏହି ଉଭୟଙ୍କର କ୍ଷୟ ମଧ୍ୟରେ ପାର୍ଥକ୍ୟ ଅଛି । ଅକାମୀ ଯନ୍ତ୍ର ସ୍ଥାନରେ ଠିକ୍ ପର ମୁହୂର୍ତ୍ତରେ ଅନ୍ୟ ଏକ ଠିକ୍ କାମିକା ଯନ୍ତ୍ର ଲଗାଇ ହେବ କିନ୍ତୁ ଅକାମୀ ମନୁଷ୍ୟ କ୍ଷତିପୂରଣ କରିବା ବଡ଼ କାଠିକର ପାଠ ।

ଯନ୍ତ୍ରର ପ୍ରାଣ ନାହିଁ, ଅନୁଭୂତି ନାହିଁ କିନ୍ତୁ ମନୁଷ୍ୟର ପ୍ରାଣ ଅଛି, ଅନୁଭୂତି ଅଛି । ତେଣୁ, କଳର ଅପବ୍ୟବହାରରେ କେବଳ ଏଇ ଅତିମାତ୍ର କ୍ଷୟ ବ୍ୟତୀତ ଅଧିକ କିଛି ଗଣ୍ଡଗୋଳ ହୁଏ ନାହିଁ, ମାତ୍ର ଅନୁଭୂତି ପ୍ରବଣ ମନୁଷ୍ୟର କ୍ଷୟ ସମଗ୍ର ସମାଜରେ ଆଲୋଡ଼ନ ସୃଷ୍ଟି କରିଥାଏ । ଏହି କେତେକି ମାଲିକ ଶ୍ରମିକ ସମ୍ପର୍କରେ ଅଧିକ ପ୍ରଣିଧାନର ବିଷୟ । ଆଜି ଯଦି ଉତ୍ପାଦନ ବୃଦ୍ଧି କରିବା ସଙ୍ଗେସଙ୍ଗେ ମାନବ ସମାଜର ଦୃଷ୍ଟି ଓ ସୁସ୍ଥ ମନୋଭାବକୁ ଅବ୍ୟାହତ ରଖିବା ପାଇଁ ହୁଏ, ଜଗତରେ ପ୍ରତ୍ୟେକ ଉତ୍ପାଦନ କ୍ଷେତ୍ରରେ ଏହି ଅନୁଭୂତିଶୀଳ ମଣିଷ ପ୍ରତି ସର୍ବାଦୌ ଧ୍ୟାନ ଦେବା ଉଚିତ । ଯନ୍ତ୍ରକୁ ଯେଉଁଆଡ଼େ ଚଳାଇବ, ଯନ୍ତ୍ର ସେଇଆଡ଼େ ଗୁଳିବ । କିନ୍ତୁ ମନୁଷ୍ୟର ଦେହ ତା'ର ମନର ଅଧୀନ । ତେଣୁ ମନୁଷ୍ୟର ଦେହ ଉପରେ ଯଥେଚ୍ଛା ଉତ୍ପାତ କରି ବସିଲେ, ତା'ର ମନ ଅଧୀନ ଦେହ ହୁଏତ ଅଧିକ କରିବାକୁ ପ୍ରସ୍ତୁତ ହେବ ନାହିଁ । ଶିଳ୍ପ କ୍ଷେତ୍ରରେ ଏ କଥା କେହି କେବେହି ଭୁଲି ନଯାଏ । ଏ ସମସ୍ତ ବିଷୟ ମଧ୍ୟରେ ପରିବେଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଶ୍ରମିକ ତା'ର କର୍ମଭୂମିକୁ ଆସିବା ପୂର୍ବରୁ ଯେଉଁ ପରିବେଶ ମଧ୍ୟରେ ତାହାର ଦେହ ମନ ଗଢ଼ି ଉଠିଲା, ସେହି କଥା ଖୁବ୍ ସାବଧାନ ସହିତ ଚିନ୍ତା କରିବା ଦରକାର । କର୍ମ କ୍ଷେତ୍ରରେ ପହଞ୍ଚିବା ପୂର୍ବରୁ ଶ୍ରମିକର ମନ ଯଦି ଆଲୋଡ଼ିତ ଅବସ୍ଥାରେ ଥାଏ, ସେ ଆଦୌ ଉତ୍ପାଦନ କରିପାରିବ ନାହିଁ । ସେ ଅବସ୍ଥାରେ ତାକୁ କାର୍ଯ୍ୟରେ ନିଯୁକ୍ତ କରିବା ଦ୍ୱାରା ତାର ସ୍ୱାସ୍ଥ୍ୟ ଓ ଜୀବନ ଉପରେ ଆଘାତ ଆସିବ । ଏଣୁ କର୍ମ କ୍ଷେତ୍ରର ପରିବେଶରେ ତା'ର କାର୍ଯ୍ୟ କରିବାର ପ୍ରବୃତ୍ତି କେତେଦୂର ଚଞ୍ଚଳ ବା ଶିଥିଳ ହେଉଛି, ତାହା ମଧ୍ୟ ଲକ୍ଷ୍ୟ କରିବାର କଥା । ଦୈନିକ କାର୍ଯ୍ୟ ଶେଷରେ ଶ୍ରମିକ ବିଶ୍ରାମ ପାଉଛି ନା ତେଲ ଲୁଣ କାଠ ଚିନ୍ତାରେ ତା'ର କର୍ମ କ୍ଲାନ୍ତ ଦେହ ଓ ମନ ଦିନୁଦିନ ଅବଶରୁ ଅବଶତର ହୋଇଯାଉଛି, ତାହା ମଧ୍ୟ ଦେଖିବାର ବିଷୟ । ଶ୍ରମିକ ନିଜର ଭରଣ ପୋଷଣ ପାଇଁ ଯନ୍ତ୍ର ସାଙ୍ଗରେ ଯନ୍ତ୍ର ହୋଇଯାଉଛି ନାଁ ତାହାର ଦୃଷ୍ଟିପଥ ବିସ୍ତୃତ ହେଉଛି ? କାରଣ ଏହି ଦୃଷ୍ଟି ସମାଜର ଭବିଷ୍ୟତ ଉତ୍ପାଦନ, ଭବିଷ୍ୟତ ସମୃଦ୍ଧିର ସର୍ବାପେକ୍ଷା ଶକ୍ତିଶାଳୀ ଉପାଦାନ । ତେଣୁ ରାତି ପାହିଲାଠାରୁ ପୁଣି ଶେଯକୁ ଶୋଇବାକୁ ଯିବା ପର୍ଯ୍ୟନ୍ତ ପ୍ରତି ପଦେପଦେ କେଉଁ ପରିବେଶ, ଶ୍ରମିକମାନଙ୍କୁ କିପରି ପ୍ରଭାବିତ କରିଛି ଓ କରୁଛି, ଏହା ଲକ୍ଷ୍ୟ କରି ତା'ର ଉପଯୁକ୍ତ ପ୍ରତିକାର କରିବା ଆମମାନଙ୍କର ଏକାନ୍ତ କର୍ତ୍ତବ୍ୟ । ଏହିପରି ଭାବରେ ଶ୍ରମିକକୁ ଚିହ୍ନିବାକୁ ହେବ ଓ ଶ୍ରମିକର କଥା ଶୁଣିବାକୁ ହେବ ।





ପୁଣି ବଡ ସାବଧାନ ହେବାକୁ ହେବ—''ସବାର ଉପରେ ମାନୁଷ ସତ୍ୟ, ତା'ର ଉପର୍ ନେଇଁ'', ଦୁଇଟି କଥା ନୀତି ଓ ମାନବିକତାକୁ ପୁଣି ବୁଝିବାକୁ ହେବ । ନୀତି ଅର୍ଥ ରାଜନୀତି ହେଉ, ଧର୍ମନୀତି ହେଉ, ସେ ଏକ ପ୍ରକାର ଆଦର୍ଶବାଦ । କିନ୍ତୁ ଆଦର୍ଶ ଓ ବାସ୍ତବ ମଧ୍ୟରେ ସାମଞ୍ଜସ୍ୟ ନ ରହି ଯଦି ସଙ୍ଘାତ ଆସେ, ତେବେ ସେ ଆଦର୍ଶବାଦ ଆପେ ଆପେ ଅପସରି ଯାଏ । ଶ୍ରମିକ ତା'ର ଦେହକୁ ଜାଣେ । ମନକୁ ଜାଣେ । ଅଭାବ ଅନୁଯୋଗ ଜାଣେ । ଯେ କୌଣସି ଆଦର୍ଶବାଦଠାରୁ ତା'ର ଦେହ, ତା'ର ମନ, ତା'ର ଅଭାବ, ତା'ର ଅନୁଯୋଗ, ତା'ର ପରିବାରର ହର୍ଷ ବିଷାଦ, ତା'ର ନିଜର ଆତ୍ମ ସମ୍ମାନ ଓ ଉଚ୍ଚାକାଂକ୍ଷା ସବୁଠାରୁ ତା'ର ବେଶି ଆପଣାର—ଏ କଥା ଆଜିର ପରିସ୍ଥିତି ଓ ପରିପ୍ରେକ୍ଷୀରେ ଯେପରି କୌଣସି ଆଦର୍ଶବାଦୀ ଭୁଲି ନଯାଏ ।

ଆଜି ପରିବାରର ହସ ଓ କାନ୍ଦ, ଆଜିର ଏଇ ଧନ ଦେବତାର ଯୁଗରେ ବେଶି ଧନ ଦ୍ୱାରାହିଁ ନିୟନ୍ତ୍ରିତ ହୁଏ । ଆଜିକାଲିକାର ସୁଖ ସ୍ୱାଚ୍ଛନ୍ଦ୍ୟର ମାପକାଠି ହେଉଛି ଧନ । ସମାଜରେ ଆପେକ୍ଷିକ ଦୃଷ୍ଟିକୋଣ, ମନର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଅଧିକ ପ୍ରଭାବିତ କରୁଛି । ତେଣୁ ଉତ୍ପାଦନର ଅପରିହାର୍ଯ୍ୟ ଅଂଶ ଶ୍ରମିକକୁ ସକଳ ବିକ୍ଷୋଭର ଦୂରରେ ଶାନ୍ତ ଓ ସନ୍ତୁଷ୍ଟଭାବେ ରଖିବାକୁ ହେବ ଏବଂ ତା'ର ମନରେ ଯେପରି କୌଣସି ପ୍ରକାର ହୀନତା ସ୍ଥାନ ନପାଏ, ସେଥିପ୍ରତି ମଧ୍ୟ ଯତ୍ନବାନ ହେବାକୁ ପଡ଼ିବ । ଏହି ସବୁ ସମସ୍ୟାଗୁଡ଼ିକର ସମାଧାନ ହେଉଛି ଆୟ ବୈଷମ୍ୟର ସମୀକରଣ ଯେତେଦୂର କରାଯାଏ । ଶ୍ରମିକର ଆୟ ଉପରକୁ ଉଠାଇ ନେବାକୁ ହେବ, ଯେପରି ଯୋଗ୍ୟ ଲୋକର ମନରେ କୌଣସି ସମୟରେ ଧାରଣା ନଆସେ ଯେ, ସେ ତା'ର ଉପଯୁକ୍ତ ପ୍ରାପ୍ୟରୁ ବଞ୍ଚିତ । ଶ୍ରମିକ ମନରେ ଏପରି ଭାବନା ସ୍ଥାନ ପାଇଲେ ଉତ୍ପାଦନ ସେ ଶିଥିଳ ହୋଇଯିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଯେ ଯୋ ହେଲା, ତା'ର ଯୋଗ୍ୟତାକୁ ଅସ୍ୱୀକାର କରିବାହିଁ ଶିଳ୍ପ କ୍ଷେତ୍ର ଅସନ୍ତୋଷ ବଢ଼ାଇବା ।


ଏ କ୍ଷେତ୍ରରେ ପୁଞ୍ଜି କଥା ଭୁଲିଯିବାକୁ ହେବ ନାହିଁ । ବର୍ତ୍ତ ସମୟରେ ପୁଞ୍ଜି ଯାହା ହାତରେ ଥାଉନା କାହିଁକି, ତାହା ଯେ ଅଣି ଶ୍ରମି କାମ ଯୋଗାଏ । ଭରଣପୋଷଣରେ ସାହାଯ୍ୟ କରେ, ଏହା ନିଶ୍ଚି କଥା । ତଥାପି ଶ୍ରମିକର ଶ୍ରମ ନେଇ ପୁଞ୍ଜି ବିଶାଳ ବରଗଛ ପରି ନି କାୟା ବିସ୍ତାର କରି ଗ୍ରଳିଲା ବେଳେ ଶ୍ରମିକମାନଙ୍କୁ ଯେ ଆଶ୍ରୟ ଓ ଛ ଦେଇଥାଏ, ଏ କଥାକୁ ଅସ୍ୱୀକାର କରିହେବ ନାହିଁ । କିନ୍ତୁ ପୁ ସାର୍ବଭୌମ ମେଗାରାୟ ଶାସନକୁ ମଥାପାତି ସହ୍ୟ କରାଯାଇ ନପାରେ ଏଇ ପର୍ଯ୍ୟାୟ ଓ ପରିସ୍ଥିତିରେ ପୁଞ୍ଜିକୁ ମୂଳରୁ ମାରିଦେବା ଅପେ କେବଳ ଆପୋଷ ବୁଝାମଣାରେ ଆପଣାର କରିପାରିଲେ ପୁ କଲ୍ୟାଣ ଓ ଶ୍ରମିକ ସମାଜ ସମେତ ଜଗତର କଲ୍ୟାଣ ହୋଇ ପାରିବ

ମାଲିକ ଓ ଶ୍ରମିକ ଶିଳ୍ପର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଓ ଅ ଅଂଶ । ଉଭୟ ଧରାଧରି—କ୍ଷୀର ନିରର ସମ୍ପର୍କ ଭଳି । ପ୍ରତ୍ୟେ ପ୍ରତ୍ୟେକର ଉନ୍ନତି ଗ୍ରହିଲେ, ପରସ୍ପର ପରସ୍ପର ପ୍ରତି ସମ୍ମାନ ପ୍ରଦ କରିବା ଏକାନ୍ତ ବିଧେୟ ଓ ବାଞ୍ଛନୀୟ । ସମାଜର ସାମୂହିକ ହିତ ଦୃ ଦେଶର ଉତ୍ପାଦନ ବୃଦ୍ଧିକରଣାର୍ଥେ ଉଭୟଙ୍କ ସକ୍ରିୟ ସଚ୍ଚି ସହଯୋଗରେ ଜନକଲ୍ୟାଣ ସର୍ବତୋଭାବେ ସାଧିତ ହେବ

ଶାସନ ସଚିବ
ଶ୍ରମ ଓ ନିୟୋଜନ ବିଭାଗ
ଭୁବନେଶ୍ୱର

" 'ଉତ୍କଳ ପ୍ରସଙ୍ଗ' ପତ୍ରିକାଟିରେ ହଜିଯାଉଥିବା ଜିନିଷ ଖୋଜିଲେ ମିଳେ । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ସାମାଜିକ ତଥା ଅର୍ଥନୈତିକ ଅବସ୍ଥା ଆମେ ଏଥିରେ ଦେଖିବାକୁ ପାଉ । ଅଧିକନ୍ତୁ, ଶିଳ୍ପ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନାର ଅଗ୍ରଗତି ଏଥିରେ ଚିତ୍ରିତ ହୋଇ ଅଛି । ସେହି ଦୃଷ୍ଟିରୁ ଛାତ୍ର, ଗବେଷକ ତଥା ଅଧ୍ୟାପକଙ୍କ ପାଇଁ ଏହା ଏକ ମୂଲ୍ୟବାନ ସମ୍ପଦ । ଆଜିର ସୂଚନାମୂଳକ ଉତ୍କଳ ପ୍ରସଙ୍ଗ ଆସନ୍ତା କାଲିର ଐତିହାସିକ ଦଲିଲ । "

ଡକ୍ଟର ପ୍ରସନ୍ନ କୁମାର ମିଶ୍ର
ଇତିହାସ ବିଭାଗ, ବାଣୀବିହାର



# ଦାର୍ଶନିକ ଗୁରୁ ଡକ୍ଟର ରାଧାକ୍ରିଷ୍ଣନ

ଶ୍ରୀ ନୃସିଂହ ପ୍ରସାଦ ଦେବ

ଆମର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୫ ତାରିଖ ଦିନଟି ସାରା ଦେଶରେ ଗୁରୁ ଦିବସ ରୂପେ ପାଳିତ ହୋଇ ଆସୁଛି । ଡକ୍ଟର ରାଧାକ୍ରିଷ୍ଣନ୍ ବହୁମୁଖୀ ପ୍ରତିଭା ଓ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ଯେ କେବଳ ଜଣେ ବିଦ୍ୱାନ, ଶିକ୍ଷକ ଓ ଦାର୍ଶନିକ ଥିଲେ, ତା'ନୁହେଁ ସେ ଥିଲେ ବିଶ୍ୱର ଶ୍ରେଷ୍ଠ ଦାର୍ଶନିକମାନଙ୍କ ମଧ୍ୟରେ ଅନ୍ୟତମ, ଜଣେ ମହାନ୍ ପଣ୍ଡିତ, ବାଗ୍ମୀ ବକ୍ତା, ପ୍ରସିଦ୍ଧ ରାଷ୍ଟ୍ରନାୟକ, ଖ୍ୟାତନାମା ଶିକ୍ଷାବିତ୍, ସଫଳ କୂଟନୀତିଜ୍ଞ, ପ୍ରଭାବଶାଳୀ ପ୍ରଶାସକ ଓ ଖ୍ୟାତନାମା ଲେଖକ । ଜଣେ ମାନବବାଦୀ ତଥା ବୈଦିକବାଦୀରୂପେ ସେ ସର୍ବ ଗୁଣର ଅଧିକାରୀ ହୋଇ ପାରିଥିଲେ । ସେ ଆମ ଦେଶର ସାମ୍ବିଧାନିକ ମୁଖ୍ୟ ଥିଲେ ସତ, କିନ୍ତୁ ସେ ଭାରତର ଆଧ୍ୟାତ୍ମିକ ପରମ୍ପରା, ସଂସ୍କୃତି, ଇତିହାସ ଓ ଦର୍ଶନକୁ ବିଶ୍ୱ ସମ୍ମୁଖରେ ଅତି ଆଦର୍ଶପୂର୍ଣ୍ଣ ଭାବେ ଉପସ୍ଥାପିତ କରିଥିଲେ । ପ୍ରକୃତ ପକ୍ଷେ, ସେ ମାନବ ଜାତି ପ୍ରତି ଭାରତୀୟ ଦର୍ଶନ ଓ ସାର୍ବଜନୀନ ଭାତୃଭାବ ଶକ୍ତିର ପ୍ରବୀଣଶାଳୀ ବ୍ୟାଖ୍ୟାକାର ଥିଲେ । ଏହି ମହାନ୍ ଦାର୍ଶନିକଗୁରୁଙ୍କର ଜନ୍ମ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖ ଦିନ ତାମିଲନାଡୁର ତିରୁତାନିଠାରେ ହୋଇଥିଲା । ଚଳିତ ୧୯୮୮ ସେପ୍ଟେମ୍ବର ୫ ତାରିଖରେ ତାଙ୍କର ଜନ୍ମ ଶତବାର୍ଷିକୀ ।

ଶିକ୍ଷକତା ପ୍ରତି ରାଧାକ୍ରିଷ୍ଣନ୍‌ଙ୍କର ଅପରିସୀମ ଆଗ୍ରହ ଥିଲା । ଏପରିକି, ଭାରତ ସ୍ୱାଧୀନତାଲାଭ କରିବା ପର୍ଯ୍ୟନ୍ତ ସେ ଦେଶ ବିଦେଶରେ ଜଣେ ଖ୍ୟାତନାମା ଶିକ୍ଷକ ହିସାବରେ ପରିଚିତ ଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଡିଗ୍ରୀ ଲାଭ କରିବା ପରେ ସେ ମାଡ୍ରାସର ସୈଦାପେଟ୍ ପ୍ରଶିକ୍ଷଣ ମହାବିଦ୍ୟାଳୟରୁ ଶିକ୍ଷକତା ପାଇଁ ଯୋଗ୍ୟତା ଲାଭ କରି ପ୍ରେସିଡେନ୍ସିଠାରେ ମାଡ୍ରାସ ଶିକ୍ଷା ସେବାରେ ଯୋଗ ଦେଇଥିଲେ । ମାତ୍ର ଦୁଇବର୍ଷ ମଧ୍ୟରେ ୧୯୦୯ ମସିହାରେ ମାଡ୍ରାସର ପ୍ରେସିଡେନ୍ସି କଲେଜରେ ଦର୍ଶନ ବିଭାଗରେ ସହକାରୀ ପ୍ରଫେସର ପଦବୀରେ ନିଯୁକ୍ତ ହେଲେ । ସେଠାରେ ୧୯୧୭ ମସିହା ପର୍ଯ୍ୟନ୍ତ ଶିକ୍ଷକତା କରି ସେ ଖୁବ୍ ସୁନାମ ଅର୍ଜନ କରିଥିଲେ । ୧୯୧୮ ମସିହାରେ ନୂତନ କରି ଗଢି ଉଠିଥିବା ମହୀଶୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗରେ ସେ ପ୍ରଫେସର ପଦବୀରେ ନିଯୁକ୍ତ ହେଲେ । ଜଣେ ଶିକ୍ଷକ ହିସାବରେ ତାଙ୍କର ସୁଖ୍ୟାତି ଏପରି ବ୍ୟାପି ଯାଇଥିଲା ଯେ, ୧୯୨୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ରୂପେ ଯୋଗ ଦେବା ପାଇଁ ତାଙ୍କୁ ନିମନ୍ତ୍ରଣ କରାଗଲା । ସେ କଲିକତା ବିଶ୍ୱବିଦ୍ୟାଳୟରେ ୧୯୨୧ ରୁ ୧୯୩୧ ମସିହା ପର୍ଯ୍ୟନ୍ତ ପ୍ରଫେସର ପଦବୀରେ ରହିଥିଲେ ।

ଡକ୍ଟର ରାଧାକ୍ରିଷ୍ଣନ୍ ଯେପରି ଅତ୍ୟନ୍ତ ଛାତ୍ରବତ୍ସଳ ଥିଲେ, ଛାତ୍ରମାନେ ମଧ୍ୟ ସେହିପରି ତାଙ୍କୁ ଗଭୀର ଭକ୍ତିରେ ବାନ୍ଧି ରଖିଥିଲେ । ମହୀଶୂର ବିଶ୍ୱବିଦ୍ୟାଳୟର ଛାତ୍ରମାନେ ତାଙ୍କର କଲିକତା ବିଶ୍ୱବିଦ୍ୟାଳୟକୁ ଯିବା ଖବର ଶୁଣି କାନ୍ଦି ପକାଇ ଥିଲେ । ମହୀଶୂର ବିଶ୍ୱବିଦ୍ୟାଳୟରୁ ବିଦାୟ ନେଇ ଗଲାବେଳେ ତାଙ୍କର ଜିନିଷପତ୍ର ଛାତ୍ରମାନେ ନିଜେ ମୁଣ୍ଡରେ ବୋହି ଗାଡ଼ି ପାଖରେ ପହଞ୍ଚାଇ ଦେଇ ଥିଲେ । ତାଙ୍କ ପ୍ରତି ଛାତ୍ରମାନଙ୍କର କିଭଳି ଗଭୀର ଭକ୍ତି ଏଥିରୁ ସହଜରେ ଉପଲବ୍ଧି କରିହୁଏ ।

୧୯୩୧ ରୁ ୧୯୩୬ ମସିହା ପର୍ଯ୍ୟନ୍ତ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଏବଂ ୧୯୩୯ ରୁ ୧୯୪୮ ପର୍ଯ୍ୟନ୍ତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ ଡକ୍ଟର୍ ରାଧାକ୍ରିଷ୍ଣନ୍ ଜଣେ ଦକ୍ଷ ପ୍ରଶାସକ ତଥା ଶିକ୍ଷାବିତ୍ ରୂପେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ । ସେ ହେଉଛନ୍ତି ପ୍ରଥମ ଭାରତୀୟ ଯେ କି ୧୯୩୨ ରୁ ୧୯୫୨ ମସିହା ପର୍ଯ୍ୟନ୍ତ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଚେୟାର ଅଳଙ୍କୃତ କରିଥିଲେ ।

ଡକ୍ଟର ରାଧାକ୍ରିଷ୍ଣନ୍ ପ୍ରଗାଢ ଅଧ୍ୟବସାୟ ବଳରେ ନିଜ ଗୋଡରେ ନିଜେ ଠିଆ ହୋଇ ପାରିଥିଲେ । ନିଜର ଅସୀମ ଦକ୍ଷତା ଯୋଗୁ ସେ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱୀକୃତି ଲାଭ କରିଥିଲେ । ସେ ଅନେକ ସାଂସ୍କୃତିକ ତଥା ଶିକ୍ଷା ସମ୍ପର୍କୀୟ ପଦପଦବୀ ମଣ୍ଡନ କରିଥିଲେ । ଡକ୍ଟର ରାଧାକ୍ରିଷ୍ଣନ୍ ୧୯୪୬–୫୦ ମଧ୍ୟରେ ବହୁବାର ୟୁନେସ୍କୋକୁ

ଭାରତୀୟ ପ୍ରତିନିଧି ଦଳର ନେତା ରୂପେ ଯାଇଥିଲେ । ୧୯୪୮ ମସିହାରେ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ପ୍ରଥମ ବିଶ୍ୱବିଦ୍ୟାଳୟ ଶିକ୍ଷା କମିଶନର ଅଧ୍ୟକ୍ଷ ହୋଇଥିଲେ । ୧୯୪୮ ମସିହାରେ ୟୁନେସ୍କୋର କାର୍ଯ୍ୟକାରୀ ବୋର୍ଡର ଅଧ୍ୟକ୍ଷ, ୧୯୫୨ରେ ୟୁନେସ୍କୋର ସଭାପତି, ୧୯୫୯ ରେ ପି. ଇ. ଏନ୍.ର ପ୍ରତିନିଧିତ୍ୱ, ୧୯୬୨ରେ ଆନ୍ତର୍ଜାତିକ ପି. ଇ. ଏନ୍.ର ଉପ-ସଭାପତି ଓ ବ୍ରିଟିଶ୍ ଏକାଡେମୀର ଅନରାରୀ ଫେଲୋ, ୧୯୬୨ରେ ଆମେରିକାର ହାର୍ଭାଡ ବିଶ୍ୱବିଦ୍ୟାଳୟରେ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ ମଧ୍ୟ ସେ କରିଥିଲେ । ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କ ପ୍ରଦତ୍ତ ବକ୍ତୃତାଗୁଡ଼ିକ ମଧ୍ୟରେ ଅପ୍‌ଟୋନ୍ ଲେକ୍‌ଚରର୍, ମାଞ୍ଚେଷ୍ଟର କଲେଜ, ଅକ୍ସଫୋର୍ଡ; ଦୁନନାୟକ ଧର୍ମ ଉପରେ ହାରଓ୍ୱେଲ୍ ଲେକ୍‌ଚର, ଚିକାଗୋ ବିଶ୍ୱବିଦ୍ୟାଳୟ; ୧୯୨୯ରେ ଲଣ୍ଡନ ଓ ମାଞ୍ଚେଷ୍ଟରର ବିଶ୍ୱବିଦ୍ୟାଳୟ କଲେଜର ହିବର୍ଟ ଲେକ୍‌ଚରର୍ ଅନ୍ୟତମ ।

ଡକ୍ଟର ରାଧାକ୍ରିଷ୍ଣନ୍ ଦେଶର ଜଣେ ପ୍ରସିଦ୍ଧ ଲେଖକ ରୂପେ ବିବେଚିତ । ସେ ତାଙ୍କର ଜୀବନକାଳ ମଧ୍ୟରେ ୧୫୦ ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି । ଏହି ପୁସ୍ତକଗୁଡ଼ିକ ଦାର୍ଶନିକ, ବ୍ରହ୍ମଜ୍ଞାନ, ନୀତିଜ୍ଞାନ, ଶିକ୍ଷା, ସାମାଜିକ ଓ ସାଂସ୍କୃତିକ ବିଷୟବସ୍ତୁ ଉପରେ ଆଧାରିତ । ତାଙ୍କର ଅନେକ ଲେଖା ଲୋକପ୍ରିୟ ପତ୍ର ପତ୍ରିକାଗୁଡ଼ିକରେ ପ୍ରକାଶିତ । ଭାରତୀୟ ଦର୍ଶନ ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ଦର୍ଶନ ଶାସ୍ତ୍ରର ବ୍ୟାଖ୍ୟାକାର ଓ ତତ୍ତ୍ୱଜ୍ଞାନୀ ରୂପେ ସେ ଅଦ୍ୱିତୀୟ ପ୍ରତିଭାର ଅଧିକାରୀ ଥିଲେ । ଯେ କୌଣସି ଜଟିଳ ବିଷୟରେ ପ୍ରସଙ୍ଗ ନରଖି ସେ ଅତି ପ୍ରାଞ୍ଜଳ ଭାବରେ ଭାଷଣ ଦେଇପାରୁଥିଲେ । ତାଙ୍କର ସ୍ମରଣ ଶକ୍ତି ଓ ବାଗ୍ମିତା ଅସାଧାରଣ ଥିଲା । ୧୯୦୮ ମସିହାରେ ତାଙ୍କୁ ୨୦ ବର୍ଷ ବୟସ ହୋଇଥିବା ବେଳେ ସେ ତାଙ୍କର ପ୍ରଥମ ପୁସ୍ତକ

"The ethics of vedanta and its Material Presupposition"

ରଚନା କର ଦର୍ଶନ ଶାସ୍ତ୍ରର ଜଣେ ପ୍ରସିଦ୍ଧ ଲେଖକ ରୂପେ ଖ୍ୟାତି ଅର୍ଜନ କରିଥିଲେ । ଅନ୍ୟାନ୍ୟ ବିଷୟ ଉପରେ ଆଧାରିତ ତାଙ୍କର ପୁସ୍ତକଗୁଡ଼ିକ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ସଦୃଶ । ତାଙ୍କ ରଚିତ ବିଖ୍ୟାତ ଗ୍ରନ୍ଥଗୁଡ଼ିକ ମଧ୍ୟରେ

**The Philosophy of Rabindranath Tagore, Reign of Religion in contemporary philosophy, Indian Philosophy, The Hindu View of life, The idealist view of life Eastern Religions and Western Thought Future of Civilization** ଅନ୍ୟତମ ।

ରାଧାକ୍ରିଷ୍ଣନ୍‌ଙ୍କ ସାମାଜିକ ଦର୍ଶନ ଆଧ୍ୟାତ୍ମବାଦ, ସାର୍ବଜନୀନବାଦ ଓ ମାନବବାଦ ଉପରେ ପର୍ଯ୍ୟବେସିତ । ତାଙ୍କ ବିଚାରରେ ସମଗ୍ର ବିଶ୍ୱ ଏକ ପରମ ଆଧ୍ୟାତ୍ମିକ ଚେତନା ଦ୍ୱାରା ଆଚ୍ଛାଦିତ । ସଂସାରର ସବୁ ମଣିଷ ସମାନ । ସମସ୍ତେ ସ୍ୱାର୍ଥପରତାଠାରୁ ଦୂରେଇ ରହିବା ଉଚିତ । ତାଙ୍କର ମାନବବାଦୀ ଦର୍ଶନ ମନୁଷ୍ୟ ସମାଜର କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ । ଆଧ୍ୟାତ୍ମବାଦ ମଧ୍ୟରେ ମାନବବାଦକୁ ପ୍ରତିଷ୍ଠା କରିବା ଥିଲା ତାଙ୍କର ଲକ୍ଷ୍ୟ । ହିନ୍ଦୁ ଧର୍ମର ଆଦର୍ଶକୁ ସେ ଅତି ମହାନ୍ ରୂପରେ ବ୍ୟାଖ୍ୟା କରିଛନ୍ତି । ସେ ଭାଗବତ ଗୀତା, ଉପନିଷଦ ଓ ବ୍ରହ୍ମ ସୂତ୍ରକୁ ଅତି ଚମତ୍କାର ଭାବରେ ଇଂରାଜୀ ଭାଷାରେ ଅନୁବାଦ କରିବା ସଙ୍ଗେସଙ୍ଗେ ବେଦାନ୍ତରେ ଶଙ୍କରଙ୍କ ଦର୍ଶନକୁ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରିଥିଲେ ।

୧୯୪୫ ମସିହାରେ ଡକ୍ଟର ରାଧାକ୍ରିଷ୍ଣନ୍ ପ୍ରଥମ କରି ଜନସେବା କ୍ଷେତ୍ରରେ ପ୍ରବେଶ କରି ସାମ୍ବୁ କମିଟିର ସଦସ୍ୟ ହୋଇଥିଲେ । ସେତେବେଳେ ଭାରତରେ ଏକ ରାଜନୈତିକ ଶୂନ୍ୟତା ଉପୁଜିଥିଲା । ସେ ବିଧାନ ପରିଷଦର ସଦସ୍ୟ ହୋଇ ଅନେକ ପ୍ରେରଣା ପୂର୍ଣ୍ଣ ଭାଷଣ ଦେଇଥିଲେ । ଜଣେ ଦଳୀୟ ରାଜନୀତିଜ୍ଞ ରୂପେ ସେ ରାଜନୀତିରେ ପ୍ରବେଶ କରି ନଥିଲେ ବରଂ ସେ ଥିଲେ ଜଣେ ଜାତୀୟ ରାଷ୍ଟ୍ରନାୟକ । ୧୯୪୯ରୁ ୧୯୫୨ ମସିହା ପର୍ଯ୍ୟନ୍ତ ସେ ରୁଷିଆରେ ଭାରତର ରାଷ୍ଟ୍ରଦୂତ ରୂପେ ଅତ୍ୟନ୍ତ ସଫଳତାର ସହ ନିଜର ଦାୟିତ୍ୱ ସଂପାଦନ କରିଥିଲେ । ସେତେବେଳେ କେତେକ ଆଶଙ୍କା ପ୍ରକାଶ କରିଥିଲେ ଯେ ଜଣେ ଶିକ୍ଷକ କୂଟନୈତିକ ପଦବୀରେ କାର୍ଯ୍ୟ ତୁଲାଇ ପାରିବେ କି ନାହିଁ । ସେ ହେଉଛନ୍ତି ପ୍ରଥମ ଭାରତୀୟ ଯେ କି ସେତେବେଳେ ମହାମାନ୍ୟ ଷ୍ଟାଲିନ୍‌ଙ୍କୁ ସାକ୍ଷାତ କରିଥିଲେ । ରାଧାକ୍ରିଷ୍ଣନ୍‌ଙ୍କ ସହ ପ୍ରଥମ ସାକ୍ଷାତ୍ ପରେ ଷ୍ଟାଲିନ୍ ମତ ଦେଇଥିଲେ ଯେ, "ସେ ଜଣେ ସଂକୀର୍ଣ୍ଣମନା ଦେଶପ୍ରେମୀ ନୁହଁନ୍ତି । ନିର୍ଯ୍ୟାତିତ ମାନବଜାତି ଲାଗି ତାଙ୍କର ହୃଦୟ ସହାନୁଭୂତିରେ ବିଗଳିତ ।" ଯଦି ଆଜି ଭାରତ ଓ ରୁଷିଆ ପରସ୍ପର ପ୍ରତି ଏତେ ଆପଣାର ହୋଇପାରିଛନ୍ତି, ସେଥିପାଇଁ ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କ ଦାନ କିଛି କମ୍ ନୁହେଁ ।

ପ୍ରକୃତରେ ଡକ୍ଟର ରାଧାକ୍ରିଷ୍ଣନ୍ ଥିଲେ ଜଣେ ଅଜାତଶତ୍ରୁ । ଜାତି, ଧର୍ମ, ବର୍ଣ୍ଣ ଓ ସଂପ୍ରଦାୟ ନିର୍ବିଶେଷରେ ସମସ୍ତେ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରୁଥିଲେ । ସମସ୍ତଙ୍କ ସହ ମିଳିମିଶି ଚଳିବା ତାଙ୍କର ଗୋଟିଏ ମହାନ୍ ଗୁଣ ଥିଲା । ସେ କଦାପି କାହାକୁ ହତାଶ ବାଙ୍ଗା ଭିଆ ବାଧିଲା ଭଳି କହୁ ନଥିଲେ । ଏପରିକି କେବେ କାହା ଉପରେ କ୍ରୋଧ ପ୍ରକାଶ କରୁ ନଥିଲେ । ସେ ଜୀବନରେ ବଡ଼ ହୋଇ ସୁଦ୍ଧା ମାନବିକତା ଗୁଣକୁ ତାଙ୍କ ମଧ୍ୟରେ ଖୁବ୍ ଉଚ୍ଚ ସ୍ଥାନ ଦେଇଥିଲେ ।

ଡକ୍ଟର ରାଧାକ୍ରିଷ୍ଣନ୍ ରାଷ୍ଟ୍ରପତି ଆସନରେ ଅଧିଷ୍ଠିତ ହୋଇଥିଲେ ସତ, କିନ୍ତୁ ସେ କ୍ଷମତାଲୋଭୀ ନଥିଲେ । ରାଷ୍ଟ୍ରପତି ହେବା ପରେ ପ୍ରଥମେ ସେ ଘୋଷଣା କଲେ ଯେ ସେ ରାଷ୍ଟ୍ରପତି ହିସାବରେ ୧୦ ହଜାର ଟଙ୍କା ବେତନ ନନେଇ ମାତ୍ର ୨ ହଜାର ଟଙ୍କା ବେତନ ନେବେ । ଯେକୌଣସି ଲୋକ ପ୍ରତି ସପ୍ତାହରେ ଦୁଇ ଦିନ ପୂର୍ବରୁ କୌଣସି କାର୍ଯ୍ୟକ୍ରମ ସ୍ଥିର ନକରି ସୁଦ୍ଧା ତାଙ୍କ ସହ ସାକ୍ଷାତ କରିପାରିବେ । ଡକ୍ଟର ରାଧାକ୍ରିଷ୍ଣନ୍ ଧଳା ରଙ୍ଗର ଜନାରେ ଖାଣ୍ଟି ଭାରତୀୟ ପୋଷାକ ପରିଧାନ କରୁଥିଲେ । ସରଳ ଜୀବନ ଯାପନ ଓ ଉଚ୍ଚ ଚିନ୍ତାଧାରାକୁ ସେ ଜୀବନର ଆଦର୍ଶ ରୂପେ ଗ୍ରହଣ କରିଥିଲେ । ସାମ୍ବିଧାନିକ ପ୍ରତିବନ୍ଧକକୁ ଏଡ଼ାଇ ଦେଇ ସେ ସଦାସର୍ବଦା ସରକାର ତଥା ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେବାକୁ ନିଜର ପରମ କର୍ତ୍ତବ୍ୟ ବୋଲି ମଣୁଥିଲେ ଏବଂ ଏହି କାର୍ଯ୍ୟ ଅତ୍ୟନ୍ତ ସଫଳତାର ସହ ତୁଲାଇଥିଲେ । ଅଧିକାଂଶ କ୍ଷେତ୍ରରେ ସେ ବ୍ୟକ୍ତିଗତ ଭାବେ ପରାମର୍ଶ ଦେଉଥିଲେ କିନ୍ତୁ ପରିସ୍ଥିତି ବାଧ୍ୟ କଲେ ଖୋଲାଖୋଲି ମତାମତ ଦେବାକୁ କୁଣ୍ଠାବୋଧ କରୁ ନଥିଲେ ।

ଦୀର୍ଘକାଳ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରେ ରହି ଡକ୍ଟର ରାଧାକ୍ରିଷ୍ଣନ୍ ୧୯୭୫ ଅପ୍ରେଲ ୧୭ ତାରିଖ ଦିନ ୮୬ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ । କୁହାଯାଏ, ମହାତ୍ମା ଗାନ୍ଧୀ ଏ ଦେଶରେ ଏକ ନବ ଜାଗରଣ ଆଣିଥିଲେ, ରବୀନ୍ଦ୍ର ନାଥ ଠାକୁର ଭାରତୀୟ ସଂସ୍କୃତିକୁ ଉଜ୍ଜୀବିତ କରିଥିଲେ ଏବଂ ଦାର୍ଶନିକ ଗୁରୁ ଡକ୍ଟର ରାଧାକ୍ରିଷ୍ଣନ୍ ଭାରତୀୟ ଚିନ୍ତାଧାରାର ସଫଳ ପରିପ୍ରକାଶ ଘଟାଇଥିଲେ ।

ଅସାଧାରଣ ମାନବୀୟ ଗୁଣାବଳୀ ପାଇଁ ଡକ୍ଟର ରାଧାକ୍ରିଷ୍ଣନ୍ ଚିରକାଳ ସ୍ମରଣୀୟ ହୋଇ ରହିଥିବେ । ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେ ତାଙ୍କ ହୃଦୟରେ ଆବେଗ ଭରି ରହିଥିଲା । ସେଥିପାଇଁ ଅନେକ ବନିତା ତଥା ଧନୀ ଓ ଗରିବଙ୍କ ନିକଟରେ ସେ ଖୁବ୍ ଆପଣାର ହୋଇପାରିଥିଲେ । କେବଳ ଭାରତ ନୁହେଁ ସାରା ବିଶ୍ୱର ଜନସାଧାରଣ ତାଙ୍କୁ ମନେ ରଖିଥିବେ ଜଣେ ମହାନ୍ ଦାର୍ଶନିକ ରୂପେ– ଯେଉଁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତାଧାରାର ସମନ୍ୱୟ ଘଟାଇଥିଲେ; ଜଣେ ଶିକ୍ଷକ ରୂପେ– ଯେଉଁ ଅଗଣିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜ୍ଞାନାଲୋକ ପ୍ରଜ୍ୱଳିତ କରିଥିଲେ ଏବଂ ଜଣେ ରାଷ୍ଟ୍ରନାୟକ ଓ କୂଟନୀତିଜ୍ଞ ରୂପେ– ଯେଉଁ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ, ଜଣେ ଶିକ୍ଷକ ଯେ କୌଣସି ଭୂମିକା ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରିବ । ● ● ●

# ଓଡ଼ିଶାରେ ସ୍ୱାସ୍ଥ୍ୟସେବା



ଶ୍ରୀ ଆଶୁତୋଷ ପ୍ରସାଦ ପଟ୍ଟନାୟକ

ଚଳିତ ଦଶନ୍ଧି ପୂରିବା ପାଇଁ ଆଉରି ଦୁଇ ବର୍ଷରୁ ଅଧିକ ସମୟ ବାକି ଅଛି । ତଥାପି ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଲକ୍ଷ୍ୟ କଲେ ଜଣାଯାଏ, ବିଗତ ଆଠବର୍ଷ ଭିତରେ ଏ କ୍ଷେତ୍ରରେ ଅନେକ ଅଗ୍ରଗତି ହୋଇ ପରିଛି । ଏକଥା ସତ୍ୟ ଯେ, ଷଷ୍ଠ ଯୋଜନା ଓ ସପ୍ତମ ଯୋଜନାର ପ୍ରଥମ ତିନିବର୍ଷ ଭିତରେ ରାଜ୍ୟରେ ଯେଉଁସବୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଅଛି ସେ ସମସ୍ତ ପଛରେ ଜାତୀୟ ସ୍ୱାସ୍ଥ୍ୟ ନୀତି ବିଦ୍ୟମାନ । କିନ୍ତୁ ଏଗୁଡ଼ିକର ସଫଳ ରୂପାୟନରେ ରାଜ୍ୟ ନେତୃତ୍ୱର ଭୂମିକା ଓ ପ୍ରଶାସନିକ ଦକ୍ଷତାକୁ ଅସ୍ୱୀକାର କରିହେବ ନାହିଁ । ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ କ୍ଷେତ୍ରରେ ଏହି ସମୟ ସୀମା ଭିତରେ ହୋଇଥିବା ଅଗ୍ରଗତିକୁ ଅଳ୍ପ କେତେକ କଥାରେ ପ୍ରକାଶ କରିବା ଅସମ୍ଭବ ହୋଇଥିଲେ ହେଁ, ଏହି ପ୍ରବନ୍ଧରେ ସେ ବିଷୟରେ କିଞ୍ଚିତ୍ ଆଭାସ ଦେବା ପାଇଁ ଚେଷ୍ଟା କରାଯାଇଛି ।

## ପ୍ରାଥମିକ ସ୍ୱାସ୍ଥ୍ୟ ସେବା

ଓଡ଼ିଶା ଏକ ଗ୍ରାମ ବହୁଳ ରାଜ୍ୟ । ଏହାର ପ୍ରାୟ ଶତକଡ଼ା ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ଗାଁ ଗହଳରେ ରହୁଥିବା ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବ୍ଲକ ସ୍ତରରେ ତିନିଶହ ଚଉଦଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଥିଲା । ଏହି ଦଶନ୍ଧିରେ ଅଣ ଆଦିବାସୀ ଅଞ୍ଚଳରେ ପ୍ରତି ୩୦ ହଜାର ଲୋକଙ୍କ ପାଇଁ ଗୋଟିଏ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରତି ୨୦ ହଜାର ଲୋକଙ୍କ ପାଇଁ ଗୋଟିଏ କରି ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଉଛି । ଏହିଭଳି ସର୍ବମୋଟ ପାଞ୍ଚଶହଟି ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯିବାର ଯୋଜନା ରହିଛି । ୧୯୮୭-୮୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏଭଳି ୨୫୩ଟି କେନ୍ଦ୍ର ପ୍ରତିଷ୍ଠା କରାଗଲାଣି ।

ଗ୍ରାମାଞ୍ଚଳର ଅଧିବାସୀମାନଙ୍କୁ ଉନ୍ନତ ଧରଣର ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାପାଇଁ ୯୨ଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିହ୍ନଟ କରାଯାଇ ତନ୍ମଧ୍ୟରୁ ୬୬ଟି କେନ୍ଦ୍ରକୁ ଉନ୍ନତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରାଗଲାଣି । ଅନ୍ୟ ଡାକ୍ତରଙ୍କ ସମେତ ଜଣେ ସ୍ତ୍ରୀ ରୋଗ-ବିଶେଷଜ୍ଞ ଓ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି । ଏହାଫଳରେ ଗ୍ରାମବାସୀମାନେ ଚିକିତ୍ସା ପାଇଁ ଦୂର ଦୂରାନ୍ତକୁ ନଯାଇ ଏହି କେନ୍ଦ୍ରମାନଙ୍କ ଦ୍ୱାରା ଉପକୃତ ହୋଇପାରୁଛନ୍ତି ।

## ମା' ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା

ମା' ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ରାଜ୍ୟର ଦୁର୍ଗମ ଅଞ୍ଚଳରେ ପ୍ରତି ତିନି ହଜାର ଓ ସମତଳ ଅଞ୍ଚଳରେ ପ୍ରତି ୫ ହଜାର ଜନ ସଂଖ୍ୟା ପାଇଁ ଗୋଟିଏ କରି ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହି ଉପକେନ୍ଦ୍ରରେ ଜଣେ ତାଲିମ ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି । ଗର୍ଭବତୀ, ପ୍ରସୂତୀ ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବା ଏମାନଙ୍କର କର୍ତ୍ତବ୍ୟ । ଦଶନ୍ଧିର ଆରମ୍ଭ ବେଳକୁ ରାଜ୍ୟରେ ମାତ୍ର ୨୦୩୮ଟି ଉପକେନ୍ଦ୍ର ରହିଥିବା ସ୍ଥଳେ ଷଷ୍ଠ ଯୋଜନା ଶେଷ ସୁଦ୍ଧା ଏହାର ସଂଖ୍ୟା ୪୧୨୭କୁ ବୃଦ୍ଧି କରାଯାଇଥିଲା । ୧୯୮୭-୮୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ଆଉ ୬୯୯ଟି ଉପକେନ୍ଦ୍ର ସ୍ଥାପନ କରାଯାଇଛି । ରାଜ୍ୟରେ ଚଳିତ ପଞ୍ଚବାର୍ଷିକ ଯୋଜନାର ଶେଷ ବେଳକୁ ସର୍ବମୋଟ ୬୦୭୦ଟି ଉପକେନ୍ଦ୍ର କାର୍ଯ୍ୟ କରିବ ।

ସଂକ୍ରାମକ ରୋଗ କବଳରୁ ଶିଶୁମାନଙ୍କୁ ରକ୍ଷା କରିବା ପାଇଁ ସଂପ୍ରସାରିତ ଟୀକାଦାନ ଯୋଜନା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୯୮୫ ନଭେମ୍ବର ମାସଠାରୁ ରାଜ୍ୟରେ ଏହି ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମ ଯୋଜନା କାର୍ଯ୍ୟକାରୀ ହେଲା । ଏହି ଯୋଜନା ପର୍ଯ୍ୟାୟକ୍ରମେ ପ୍ରତି ଜିଲ୍ଲାକୁ ସଂପ୍ରସାରିତ ହୋଇଛି ଓ ୧୯୯୦ ମସିହା ସୁଦ୍ଧା ରାଜ୍ୟର ଅନ୍ୟ ୬ଟି ଜିଲ୍ଲାକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବ । ରାଜ୍ୟରେ ଡ଼ି.ପି.ଟି, ଟୀକା ଗ୍ରହଣ କରିଥିବା ଶିଶୁମାନଙ୍କ ସଂଖ୍ୟା ୧୯୮୬-୮୭ରେ ୪୮୧୨୩୯ ଥିବା ସ୍ଥଳେ ୧୯୮୭-୮୮ରେ ଏହା ୬୧୦୯୫୧କୁ ବୃଦ୍ଧି ପାଇଛି । ସେହିଭଳି ପୋଲିଓ ଟୀକା ଗ୍ରହଣ କରିଥିବା ଶିଶୁ ସଂଖ୍ୟା ଯଥାକ୍ରମେ ଶତକଡା ପୋଲିଓ ଟୀକା ଗ୍ରହଣ କରିଥିବା ଶିଶୁଙ୍କ ସଂଖ୍ୟା ୪୮ ଭାଗ ଓ ୩୧ ଭାଗ, ବି.ସି.ଜି ଟୀକା ଗ୍ରହଣ କରିଥିବା ଶିଶୁଙ୍କ ସଂଖ୍ୟା ବିଗତ ବର୍ଷ ତୁଳନାରେ ମିଳିମିଳା ଟୀକା ଗ୍ରହଣ କରିଥିବା ଶିଶୁଙ୍କ ସଂଖ୍ୟା ବିଗତ ବର୍ଷ ତୁଳନାରେ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି । ଏହି ଯୋଜନା ମାଧ୍ୟମରେ ଏକବର୍ଷ ବୟସ ମଧ୍ୟରେ ଶିଶୁମାନଙ୍କ ମଧ୍ୟରୁ ଶତକଡା ୮୫ ଭାଗ ଶିଶୁଙ୍କୁ ଡ଼ି.ପି.ଟି, ପୋଲିଓ, ବି.ସି.ଜି ଓ ମିଳିମିଳା ଟୀକା ଦେବାର ବ୍ୟବସ୍ଥା କରାଯାଇଛି । ଜନ୍ମପରେ ଶିଶୁକୁ ଓ ତାର ମା'କୁ ଧନୁଷ୍ଟଙ୍କାର ରୋଗରୁ ରକ୍ଷା କରିବା ପାଇଁ ଶତକଡ଼ା ୧୦୦ ଭାଗ ଅର୍ଥାତ୍ ସମସ୍ତ ଗର୍ଭବତୀ

ମହିଳାମାନଙ୍କୁ ଗର୍ଭରୁ ୪–୯ ମାସ ମଧ୍ୟରେ ଦୁଇ ମାତ୍ରା ଧନୁଷ୍ଟଙ୍କାର ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା ଏହି ଯୋଜନାର ଅନ୍ତର୍ଭୁକ୍ତ । ୧୯୮୬-୮୭ ରେ ୪୪୦୧୮୪ ଜଣ ଗର୍ଭବତୀ ମହିଳା ଏହି ଟୀକା ଗ୍ରହଣ କରିଥିବା ସ୍ଥଳେ ୧୯୮୭-୮୮ରେ ଏହା ୫୪୩୪୭୮କୁ ବୃଦ୍ଧି ପାଇଛି । ୧୯୮୭-୮୮ ଶେଷ ସୁଦ୍ଧା ସାତୋଟି ଜିଲ୍ଲାରେ ଏହି ଯୋଜନାର ସଫଳ ରୂପାୟନ ଫଳରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶାର କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସିତ ହୋଇଛି । ଏହା ବ୍ୟତୀତ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ବିଦ୍ୟାଳୟରେ ଅଧ୍ୟୟନରତ ବାଳକ ବାଳିକାମାନଙ୍କୁ ଡି.ଟି ଟୀକାଦାନ କ୍ଷେତ୍ରରେ ମଧ୍ୟ ୮୭-୮୮ରେ ପୂର୍ବବର୍ଷ ତୁଳନାରେ ଶତକଡା ୩୯ ଭାଗ ଅଗ୍ରଗତି ସମ୍ଭବ ହୋଇଛି । ସେହିପରି ଟାଇଫଏଡ୍ ଟୀକା ଦାନ କ୍ଷେତ୍ରରେ ୪୧ ଭାଗ, ଧନୁଷ୍ଟଙ୍କାର ପ୍ରତିଷେଧକ ଟୀକା ଦାନ କ୍ଷେତ୍ରରେ (୧୦ବର୍ଷ ବୟସମାନଙ୍କ ପାଇଁ) ୪୩ ଭାଗ ଓ ୧୬ ବର୍ଷ ବୟସ ପାଇଁ ୩୨ ଭାଗ ଅଧିକ ସାଫଲ୍ୟ ଲାଭ କରାଯାଇଛି ।

### କୁଷ୍ଠ ନିରାକରଣ କାର୍ଯ୍ୟକ୍ରମର ସାଫଲ୍ୟ

କୁଷ୍ଠ ରୋଗ ଆମ ରାଜ୍ୟର ଏକ ପୁରାତନ ବ୍ୟାଧି । ଏହି ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏହି ସମୟ ସୀମା ମଧ୍ୟରେ ଆଶାନୁରୂପ ସାଫଲ୍ୟ ହାସଲ କରିବା ସମ୍ଭବ ହୋଇ ପାରିଛି । ଏହି ଦଶନ୍ଧିରେ ପ୍ରଥମେ ଗଞ୍ଜାମ ଜିଲ୍ଲା ଓ ପରେ ପୁରୀ ଓ କଟକ ଭଳି ଜନବହୁଳ ଜିଲ୍ଲାରେ କୁଷ୍ଠ ରୋଗର ଚିକିତ୍ସା ପାଇଁ ବହୁବିଧ ଉପସ୍ତର ଚିକିତ୍ସା ପଦ୍ଧତି ପ୍ରବର୍ତ୍ତନ କରାଯାଇଛି । ଏହାଫଳରେ ରୋଗୀ ନିଶ୍ଚିତ ରୂପେ ରୋଗମୁକ୍ତ ହେବେ । କିନ୍ତୁ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ, ଏହି ପଦ୍ଧତିରେ ଚିକିତ୍ସାଧୀନ ସମସ୍ତ ସଂକ୍ରାମକ ରୋଗୀ ସଂକ୍ରମଣରୁ ମୁକ୍ତ ହେବା ଫଳରେ ନୂତନ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଛି । ଅତୀତରେ ସାରା ବିଶ୍ୱରୁ ବସନ୍ତ ରୋଗ ଲୋପ ହେଲାଭଳି ଖୁବ୍ ଅଳ୍ପ ଦିନ ମଧ୍ୟରେ ଆମେମାନେ କୁଷ୍ଠ ରୋଗ ମୁକ୍ତ ସମାଜରେ ବସବାସ କରିପାରିବା । ବହୁବିଧ ଉପସ୍ତର ଚିକିତ୍ସା ପଦ୍ଧତିକୁ ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ ଜିଲ୍ଲାକୁ ସଂପ୍ରସାରିତ କରିବା ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି । ୧୯୮୭ ସେପ୍ଟେମ୍ବର ସୁଦ୍ଧା ଚିହ୍ନଟ କରାଯାଇଥିବା ୨,୦୬,୯୦୮ ଜଣ କୁଷ୍ଠ ରୋଗୀଙ୍କ ମଧ୍ୟରୁ ୧,୨୯,୭୮୭ ଜଣ କୁଷ୍ଠ ରୋଗୀଙ୍କୁ ଚିକିତ୍ସା ପରେ ରୋଗ ମୁକ୍ତ ହେବା ଯୋଗୁଁ ଛାଡ଼ି ଦିଆଯାଇଛି । ଏହି ରୋଗର ଚିକିତ୍ସା ପାଇଁ ରାଜ୍ୟରେ ୪୮ଟି କୁଷ୍ଠ ନିରାକରଣ କେନ୍ଦ୍ର, ୨ଟି ଉନ୍ନତ ସହରାଞ୍ଚଳ କୁଷ୍ଠ ନିରାକରଣ କେନ୍ଦ୍ର, ଗୋଟିଏ ପରିବର୍ଦ୍ଧିତ କୁଷ୍ଠ ନିୟନ୍ତ୍ରିତ କେନ୍ଦ୍ର, ୧୬ଟି ସହରାଞ୍ଚଳ କୁଷ୍ଠ କେନ୍ଦ୍ର, ୨୭୭ଟି ଏସ୍. ଇ. ଟି. କେନ୍ଦ୍ର ଓ ୫୦ଟି ଗ୍ରାମ୍ୟ କୁଷ୍ଠ କ୍ଲିନିକ୍ ମାଧ୍ୟମରେ ରାଜ୍ୟର ଦୁଇ କୋଟିରୁ ଅଧିକ ଲୋକ ବସବାସ କରୁଥିବା ଅଞ୍ଚଳରେ କୁଷ୍ଠ ରୋଗ ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯାଇଛି । ଏହାଛଡ଼ା ୧୧ଟି ଅସ୍ଥାୟୀ ହସ୍ପିଟାଲ ୱାର୍ଡ ଖୋଲାଯାଇ ଜଟିଳ ରୋଗୀମାନଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇଛି । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ ହସ୍ପିଟାଲ୍ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ହସ୍ପିଟାଲ୍‌ରେ ଏହି ରୋଗୀମାନଙ୍କ ପାଇଁ ଅଙ୍ଗ ବିକାର ଦୂରୀକରଣ ଉଦ୍ଦେଶ୍ୟରେ ଶଲ୍ୟ ଚିକିତ୍ସାର ବ୍ୟବସ୍ଥା ରହିଛି । ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଓଡ଼ିଶା ଶାଖା ଦ୍ୱାରା ରାଜ୍ୟରେ ୯ଟି ଲେପ୍ରୋସି ହୋମ୍ ପରିଚାଳିତ ହେଉଛି । ୧୯୮୭-୮୮ ଆର୍ଥିକ ବର୍ଷରେ ଏ କ୍ଷେତ୍ରରେ ଥିବା ଧାର୍ଯ୍ୟ ଲକ୍ଷ୍ୟ ସଂପୂର୍ଣ୍ଣ ଭାବରେ ହାସଲ ହୋଇଥିବା ଏକ ଉଲ୍ଲେଖନୀୟ ଘଟଣା ।

### ମ୍ୟାଲେରିଆ ନିବାରଣ କାର୍ଯ୍ୟକ୍ରମ

ଜାତୀୟ ମ୍ୟାଲେରିଆ ନିବାରଣ ଯୋଜନା ଆମ ରାଜ୍ୟରେ ୧୯୫୮ ମସିହାରେ ଆରମ୍ଭ ହୋଇଥିଲା ଓ ଏହି ଯୋଜନାର ସଫଳ ରୂପାୟନ ଫଳରେ ମ୍ୟାଲେରିଆର ପ୍ରାଦୁର୍ଭାବ ରାଜ୍ୟରେ ବହୁ ପରିମାଣରେ ହ୍ରାସ ପାଇଲା । କିନ୍ତୁ ପୁନର୍ବାର ଏହି ରୋଗ ତାର ପ୍ରାଦୁର୍ଭାବ ବିସ୍ତାର କରିବାରୁ ୧୯୭୭ ମସିହାରୁ ଏହି ଯୋଜନାର ପୁନର୍ବିନ୍ୟାସ କରାଯାଇ ମ୍ୟାଲେରିଆ ଏକ ସ୍ୱତନ୍ତ୍ର ଯୋଜନା ହୋଇ ନରହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଅଙ୍ଗ ରୂପେ ପରିଗଣିତ ହେଲା । ରାଜ୍ୟରେ ଯେଉଁ ଅଞ୍ଚଳରେ ମ୍ୟାଲେରିଆର ପ୍ରାଦୁର୍ଭାବ ଅଧିକ, ସେ ଅଞ୍ଚଳରେ ପରିଲକ୍ଷ୍ୟ ସହ ବର୍ଷକୁ ଦୁଇଥର ଡ଼ି. ଡ଼ି. ଟି. ସିଞ୍ଚନ କରାଯାଇଥାଏ । ସନ୍ଦିଗ୍ଧ ରୋଗୀଠାରୁ ରକ୍ତ ସଂଗ୍ରହ (ପରୀକ୍ଷା ପାଇଁ) କରାଯାଇ ଆନୁମାନିକ ଚିକିତ୍ସା ଦିଆଯାଏ । ମ୍ୟାଲେରିଆ ଓ ରକ୍ତରେ ମ୍ୟାଲେରିଆ ଜୀବାଣୁର ସନ୍ଧାନ ମିଳିଲେ ମ୍ୟାଲେରିଆ ରୋଗର ମୂଳୋତ୍ପାଟନ ପାଇଁ ଆବଶ୍ୟକୀୟ ଔଷଧ ଦିଆଯାଏ । ଏହା ଫଳରେ ରାଜ୍ୟରେ ମ୍ୟାଲେରିଆ ଜନିତ ମୃତ୍ୟୁକୁ ହ୍ରାସ କରାଯାଇ ପାରିଛି ।

### ଯକ୍ଷ୍ମା ନିରୋଧ କାର୍ଯ୍ୟକ୍ରମର ଅଗ୍ରଗତି

ଆମ ରାଜ୍ୟରେ ଯକ୍ଷ୍ମା ରୋଗର ନିୟନ୍ତ୍ରଣ ପାଇଁ ବାରଟି ଜିଲ୍ଲା ଯକ୍ଷ୍ମା କେନ୍ଦ୍ର, ଗୋଟିଏ ଯକ୍ଷ୍ମା ନିରୋଧ ପ୍ରଦର୍ଶନ ଓ ତାଲିମ କେନ୍ଦ୍ର ରହିଛି । ଏହି କେନ୍ଦ୍ର ଗୁଡ଼ିକରେ ଏକ୍ସରେ–ଯନ୍ତ୍ରପାତି ଓ କଫ ପରୀକ୍ଷା ଉପକରଣମାନ ରହିଅଛି । ଏହା ବ୍ୟତୀତ କଟକ, ଭଦ୍ରଖ ଓ ରାଜଗାଙ୍ଗପୁରଠାରେ ତିନୋଟି ଯକ୍ଷ୍ମା ଚିକିତ୍ସା କେନ୍ଦ୍ର ରହିଛି । ନୂତନ ରୋଗୀଙ୍କ ଚିହ୍ନଟ, କଫ ପରୀକ୍ଷା ଓ ରୋଗୀମାନଙ୍କୁ ଧାରାବାହିକ ଚିକିତ୍ସା ଯୋଗାଇ ଦେବା ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମର ଅଂଶବିଶେଷ । ରାଜ୍ୟରେ ୧୯୮୫-୮୬ ଆର୍ଥିକ ବର୍ଷରେ ୨୪,୮୯୭ ନୂତନ ରୋଗୀଙ୍କୁ ଓ ୮୬-୮୭ରେ ୨୬,୨୫୮ ଓ ୮୭-୮୮ରେ ୨୯,୭୬୬ ନୂତନ ରୋଗୀଙ୍କୁ ଚିହ୍ନଟ କରାଯାଉଛି । ଗ୍ରାମାଞ୍ଚଳରେ ଯକ୍ଷ୍ମା ରୋଗର ଚିକିତ୍ସା ପାଇଁ ୬୫୨ଟି ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଚିହ୍ନଟ କରାଯାଇ ତା ମାଧ୍ୟମରେ ଔଷଧ ଯୋଗାଇ ଦିଆଯାଉଛି ଯକ୍ଷ୍ମା ପ୍ରତିଷେଧକ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ବି. ସି. ଜି. ଟୀକା ଦାନ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି ଓ ଏହାକୁ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ମଧ୍ୟ କରାଯାଇଛି । ୮୬ ଜଣ ବି. ସି. ଜି. ଟେକ୍‌ନିସିଆନ୍‌ଙ୍କ ସହ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଏହି ଟୀକାଦାନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ରାଜ୍ୟର ସାତୋଟି ଜିଲ୍ଲାରେ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମ ଚାଲୁଥିଲେ ମଧ୍ୟ ଅନ୍ୟ ୬ଟି ଜିଲ୍ଲାରେ ବି. ସି. ଜି. ଟୀକାଦାନ କାର୍ଯ୍ୟ ମଧ୍ୟ ଚାଲୁଛି । ୧୯୯୦ ମସିହା ସୁଦ୍ଧା ଶତକଡ଼ା ୮୫–୯୦ ଭାଗ ଶିଶୁଙ୍କୁ ବି. ସି. ଜି. ଟୀକା ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ପୁରୀ ଜିଲ୍ଲାର ରୁଦ୍ରପୁର, ପୁରୀ ସହର ଓ କଳାହାଣ୍ଡି ଜିଲ୍ଲାର ଉପେନ୍ଦ୍ରନାରାୟଣପୁରଠାରେ ତିନୋଟି ଯକ୍ଷ୍ମା ଚିକିତ୍ସାଳୟ ରହିଛି । ଏହାର ଶଯ୍ୟା ସଂଖ୍ୟାକୁ ମିଶାଇ ରାଜ୍ୟରେ ଯକ୍ଷ୍ମା ରୋଗୀଙ୍କ ପାଇଁ ସର୍ବମୋଟ ୯୧୧ଟି ଶଯ୍ୟା ରହିଛି । ମାଡ୍ରାଜରେ ଯକ୍ଷ୍ମା ଗବେଷଣା କେନ୍ଦ୍ରର ଅନୁସୃତ ଚିକିତ୍ସା ପଦ୍ଧତି ଅନୁକରଣରେ ଯକ୍ଷ୍ମା ରୋଗର ସଂକ୍ଷିପ୍ତ ଚିକିତ୍ସା ୧୯୮୩ ମସିହାରେ ପୁରୀ ଜିଲ୍ଲାରେ ପରୀକ୍ଷାମୂଳକଭାବେ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ କଟକ, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାକୁ ଏହା ସଂପ୍ରସାରିତ ହେବାର ଯୋଜନା ରହିଛି । ଏହାଛଡ଼ା କଟକ, ପୁରୀ, ସୁନ୍ଦରଗଡ, ମୟୂରଭଞ୍ଜ, ଢେଙ୍କାନାଳ, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରି ଜନସାଧାରଣଙ୍କ ଯକ୍ଷ୍ମା ସମ୍ବନ୍ଧରେ ସ୍ୱାସ୍ଥ୍ୟ ସଚେତନ କରାଇବାର ଯୋଜନା ମଧ୍ୟ ହାତକୁ ନିଆଯାଇଛି । ଆଶା କରାଯାଏ, ଜନ ସହଯୋଗ ମିଳିଲେ ଯକ୍ଷ୍ମା ରୋଗର ପ୍ରାଦୁର୍ଭାବ ରାଜ୍ୟରେ ଅଚିରେ ଲୋପ ପାଇବ ।

### ଆଞ୍ଚଳିକ ଉନ୍ନୟନ କାର୍ଯ୍ୟକ୍ରମ

ବ୍ରିଟିଶ୍ ସରକାରଙ୍କର ଦରିଆପାରି ଉନ୍ନୟନ ସହାୟକ ସଂସ୍ଥା, ଭାରତ ସରକାର ତଥା ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୧୯୮୦-୮୧ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରାଜ୍ୟର ପାଞ୍ଚୋଟି ଜିଲ୍ଲା ଯଥା–କଟକ, ପୁରୀ, ଫୁଲବାଣୀ, ଗଞ୍ଜାମ ଓ କଳାହାଣ୍ଡିରେ ୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହୋଇଛି । ଗ୍ରାମ ସ୍ୱାସ୍ଥ୍ୟ ସହାୟକ ଓ ତାଲିମପ୍ରାପ୍ତ ଗ୍ରାମ୍ୟ ଧାଈ ବାବଦରେ ହୋଇଥିବା ଖର୍ଚ୍ଚ ଛଡ଼ା ଉପରୋକ୍ତ ଅର୍ଥ ବ୍ୟୟ କରାଯାଇଛି । ଏହି ଯୋଜନାର ମୁଖ୍ୟ ...

କୋଠାବାଡ଼ି ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛି । ୧,୪୦୦ଟି ବଡ଼ ଧରଣରେ ନିର୍ମାଣ କାର୍ଯ୍ୟ ଓ ୩୬୫ଟି କ୍ଷୁଦ୍ର ଧରଣର ନିର୍ମାଣ କାର୍ଯ୍ୟ ଏହାର ଅନ୍ତର୍ଭୁକ୍ତ । ବୃହତ୍ ନିର୍ମାଣ କାର୍ଯ୍ୟମାନଙ୍କ ମଧ୍ୟରେ ଅସ୍ତ୍ରୋପଚାର ପ୍ରକୋଷ୍ଠ ସହ ୧୦ ଶଯ୍ୟା ବିଶିଷ୍ଟ ୱାର୍ଡ ନିର୍ମାଣ, କେତୋଟି ବିଶିଷ୍ଟ ସ୍ୱାସ୍ଥ୍ୟାନୁଷ୍ଠାନରେ ବାର ଜଣ କର୍ମଚାରୀଙ୍କ ପାଇଁ କ୍ୱାଟର୍ସ (ଗୋଷ୍ଠୀଗୃହ) ନିର୍ମାଣ ଏ. ଏନ୍. ଏମ୍. ଟ୍ରେନିଂ ସେଣ୍ଟର୍, ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ କ୍ଷେତ୍ର ତାଲିମ ନିମିତ୍ତ ପି. ଏଚ୍. ସି., ଆନେକ୍ସି, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କ ପାଇଁ ବାସଗୃହ, ଉପକେନ୍ଦ୍ରର ଗୃହ, ଆଞ୍ଚଳିକ ୱାର୍କସପ୍, ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଜଗତ୍‌ସିଂହପୁରରେ ଅତିରିକ୍ତ କୋଠାବାଡ଼ି ନିର୍ମାଣ ଓ ସେହିପରି ବ୍ରହ୍ମପୁରରେ ନର୍ସିଂ କଲେଜ୍ ଓ ଭୁବନେଶ୍ୱରରେ ସୂଚନା ଶିକ୍ଷା ଓ ସଂସ୍କାର କେନ୍ଦ୍ରର ନିର୍ମାଣ ଅନ୍ତର୍ଭୁକ୍ତ । କ୍ଷୁଦ୍ର ଧରଣର ନିର୍ମାଣ କାର୍ଯ୍ୟଗୁଡ଼ିକ ମଧ୍ୟରେ ଉପକେନ୍ଦ୍ରଗୁଡ଼ିକର ଉନ୍ନତି, ସେଗୁଡ଼ିକର ମରାମତି, ଜଳଯୋଗାଣ ପାଇଁ ନଳକୂପ ବସାଣ ଉଲ୍ଲେଖଯୋଗ୍ୟ । ଏହାଛଡ଼ା ବିଭିନ୍ନ ତାଲିମ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କୁ ଯନ୍ତ୍ରପାତି ଓ ଔଷଧ ଯୋଗାଣ ଓ ବିଭିନ୍ନ ଧରଣର ଯାନ (ଜିପ୍, ଅଡ଼ିଓଭିଜୁଆଲ ଭ୍ୟାନ୍, ମିନିଟ୍ରକ୍ ଓ ବସ୍) ଯୋଗାଣ ଆଦି କାର୍ଯ୍ୟକ୍ରମ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ତାହା ପୂର୍ଣ୍ଣ ରୂପେ ହାସଲ ହୋଇ ପାରିଛି ।

ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଫଳରେ ସ୍ୱାସ୍ଥ୍ୟସେବା ତଥା ପରିବାର କଲ୍ୟାଣ ଓ ମା ଓ ଶିଶୁଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଯେଉଁ ଉନ୍ନତି ସାଧିତ ହୋଇ ପାରିଛି ତା'ର ସଂପ୍ରସାରଣ ପାଇଁ ଓ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଣର ଉନ୍ନତି ପାଇଁ ଏହି ଆଞ୍ଚଳିକ ଉନ୍ନୟନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଆଉ ପାଞ୍ଚୋଟି ଜିଲ୍ଲାକୁ (ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର ଓ ଢେଙ୍କାନାଳ) ଏହାକୁ ସଂପ୍ରସାରିତ କରିବାର ପରିକଳ୍ପନା କରାଯାଉଛି । ଏହା କାର୍ଯ୍ୟକାରୀ ହେଲେ ଲୋକେ ସ୍ୱାସ୍ଥ୍ୟ ସଚେତନ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ସ୍ୱାସ୍ଥ୍ୟ ତଥା ସାମାଜିକ ଅବସ୍ଥାର ଉନ୍ନତି ସମ୍ଭବ ହୋଇ ପାରିବ ।

**ପରିବାର କଲ୍ୟାଣ**

ଏହି ଦଶନ୍ଧିରେ ଅଳ୍ପ ବୟସର ଦମ୍ପତିମାନେ ଛୋଟ ପରିବାର ଗଠନ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିବା ଏକ ସୁଖର କଥା । ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ୧୯୮୬-୮୭ ସୁଦ୍ଧା ୨୫,୧୭,୧୯୩ ଦମ୍ପତି ଅସ୍ତ୍ରୋପଚାର ପଦ୍ଧତି ଗ୍ରହଣ କରିଥିବା ସ୍ଥଳେ, କେବଳ ୧୯୮୦-୮୧ ଠାରୁ ୧୯୮୭-୮୮ ସମୟ ସୀମା ମଧ୍ୟରେ ୧୧,୨୭,୪୩୮ ଦମ୍ପତି ଏହି ପଦ୍ଧତି ଗ୍ରହଣ କରିଛନ୍ତି ।

ଦୁଇଟି ସନ୍ତାନ ମଧ୍ୟରେ ବ୍ୟବଧାନ ରକ୍ଷା କରିବାପାଇଁ ଅଧିକରୁ ଅଧିକ ଦମ୍ପତି ଅନ୍ତର୍ଗର୍ଭାଶୟ ପଦ୍ଧତି ପ୍ରତି ଆକୃଷ୍ଟ ହେଉଛନ୍ତି । ୧୯୮୬-୮୭ରେ ୧,୦୫,୬୩୫ ଜଣ ଓ ୮୭-୮୮ରେ ୧୧,୨୮,୩୮୧ ଜଣ ସ୍ତ୍ରୀ ଏହି ପଦ୍ଧତି ଗ୍ରହଣ କରିଛନ୍ତି । ଗର୍ଭ ନିରୋଧକ ସାମଗ୍ରୀ ବ୍ୟବହାର କ୍ଷେତ୍ରରେ ୧୯୮୭-୮୮ରେ ପୂର୍ବ ବର୍ଷ ତୁଳନାରେ ଶତକଡ଼ା ୧୫ ଭାଗ ବୃଦ୍ଧି ପରିଲକ୍ଷିତ ହୋଇଛି । ବଟିକା ସେବନ କ୍ଷେତ୍ରରେ ମଧ୍ୟ ଶତକଡ଼ା ୧୮ ଭାଗ ବୃଦ୍ଧି ପରିଲକ୍ଷିତ ହୋଇଛି । ୧୯୮୩ ମସିହାରେ ରାଜ୍ୟର ବିଧାନସଭା ତଥା ଲୋକସଭା ସଦସ୍ୟମାନଙ୍କୁ ଜନସଂଖ୍ୟା ବୃଦ୍ଧି ବିଷୟରେ ଅବଗତ କରାଇବା ପାଇଁ ରାଜଧାନୀ ଠାରେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ଜନସଂଖ୍ୟା ବୃଦ୍ଧିର ଆଶୁ ନିୟନ୍ତ୍ରଣ ପାଇଁ ଦୃଢ଼ମତ ପ୍ରକାଶ ପାଇଥିଲା । ରାଜ୍ୟ ସରକାର ସବୁଜ ପତ୍ରିକା ମାଧ୍ୟମରେ ଏକ ବା ଦୁଇ ସନ୍ତାନ ଥିବା ଦମ୍ପତିମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏହା ଯୋଗୁଁ ପରିବାରକୁ ସୀମିତ କରିବା ପାଇଁ ଅସ୍ତ୍ରୋପଚାର ପଦ୍ଧତି ଗ୍ରହଣ କରିଥିବା ଏକ ବା ଦୁଇ ସନ୍ତାନ ବିଶିଷ୍ଟ ଦମ୍ପତିଙ୍କ ସଂଖ୍ୟା ୧୯୮୩-୮୪ରେ ଶତକଡ଼ା ୧୬.୫ ଥିବା ସ୍ଥଳେ ୧୯୮୬-୮୭ରେ ତାହା ଶତକଡ଼ା ୨୨.୯କୁ ବୃଦ୍ଧି ପାଇଛି । ୧୯୮୭ ମସିହା ଜୁଲାଇ ୨୦ ତାରିଖ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ବ୍ରିଟିଶ୍ ସହାୟତାରେ ନିର୍ମିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନା ଶିକ୍ଷା ଓ ସଂସ୍କାର କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ଏହି କେନ୍ଦ୍ର ଜନ ଶିକ୍ଷା ଓ ଜନ ସହଯୋଗ କ୍ଷେତ୍ରରେ ରହିଥିବା ଆବଶ୍ୟକତାର ପରିପୂରଣ କ୍ଷେତ୍ରରେ ନିଶ୍ଚିତରୂପେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

**ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା**

ଏହି ସମୟ ସୀମା ମଧ୍ୟରେ ଜରୁରୀ ଅବସ୍ଥାରେ ଥିବା ରୋଗୀମାନଙ୍କର ଜୀବନ ରକ୍ଷା ନିମନ୍ତେ ରକ୍ତ ଯୋଗାଇବା ପାଇଁ ୧୫ଟି ରକ୍ତ ଭଣ୍ଡାର ପ୍ରତିଷ୍ଠା ଏକ ଉଲ୍ଲେଖନୀୟ ଘଟଣା । ସମ୍ବଳର ଅଭାବ ସତ୍ତ୍ୱେ ପୁରୁଣା ଆମ୍ବୁଲାନ୍‌ସ ଗାଡ଼ି ସ୍ଥାନରେ ଚଉଦଟି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ନୂଆ ଆମ୍ବୁଲାନ୍‌ସ ଗାଡ଼ି ଯୋଗାଇ ଦିଆ ଯାଇଛି ।

**ଅନ୍ଧତ୍ୱ ଦୂରୀକରଣ**

ଷଷ୍ଠ ଯୋଜନା କାଳରେ ଅନ୍ଧତ୍ୱ ଦୂରୀକରଣ ପାଇଁ ପଚାଶୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତେରୋଟି ଜିଲ୍ଲା ସ୍ତରୀୟ ହସ୍‌ପିଟାଲ୍ ଓ ଦୁଇଟି ମେଡ଼ିକାଲ୍ କଲେଜର ଚକ୍ଷୁ ବିଭାଗକୁ କର୍ମଚାରୀ ଓ ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲା ଓ ତିନୋଟି ମେଡ଼ିକାଲ୍ କଲେଜର ଚକ୍ଷୁ ବିଭାଗରେ ତିନୋଟି ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯାଇଥିଲା । ସପ୍ତମ ଯୋଜନାର ପ୍ରଥମ ତିନିବର୍ଷରେ ଆଉ ଅଠେଇଶିଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏହି ଯୋଜନାର ପରିସରଭୁକ୍ତ କରି ସର୍ବ ମୋଟ ୧୦୩ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି କାର୍ଯ୍ୟ ଚାଲିଛି । ଏହି ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟରେ ଦୁଇଟି ଚକ୍ଷୁ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଅଛି ଓ ଜିଲ୍ଲା ସ୍ତରରେ ସାତୋଟି ଭ୍ରାମ୍ୟମାଣ ଚିକିତ୍ସାକେନ୍ଦ୍ର ପ୍ରତିଷ୍ଠିତ ହୋଇଛି । ଆଶା କରାଯାଏ, ଜାତୀୟ ଲକ୍ଷ୍ୟ ଅନୁଯାୟୀ ରାଜ୍ୟରେ ପ୍ରତିରୋଧ କରାଯାଇ ପାରୁଥିବା ଅନ୍ଧତ୍ୱର ପରିମାଣକୁ ଦୁଇ ହଜାର ଖ୍ରୀଷ୍ଟାବ୍ଦ ସୁଦ୍ଧା ଶତକଡ଼ା ୧.୪ ରୁ ୦.୩ କୁ କମାଇ ଦିଆ ଯାଇ ପାରିବ ।

**ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସେବା**

ଏହି ଦଶନ୍ଧିରେ କଳାହାଣ୍ଡିର ବିଶ୍ୱନାଥପୁର ଓ ଗଞ୍ଜାମର ଖଲ୍ଲିକୋଟ ବ୍ଲକରେ କେନ୍ଦ୍ର ସହାୟତାରେ ଆଗୁଆ ଯୋଜନାଭାବେ (ପାଇଲେଟ୍ ପ୍ରୋଜେକ୍ଟ) ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିଲା । ପରବର୍ତ୍ତୀ ସମୟରେ କଟକ ଜିଲ୍ଲାର ସୁକିନ୍ଦା, ଆଠଗଡ଼, ବାଲିକୁଦା ଓ ରାଜ କନିକା ବ୍ଲକକୁ ଏହାକୁ ସଂପ୍ରସାରିତ କରାଯାଇଛି । ଏତଦ୍‌ବ୍ୟତୀତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ରାଜ୍ୟ ସ୍ତରରେ ଜଣେ ମହିଳା ସ୍କୁଲ ମେଡ଼ିକାଲ ଅଫିସର ଏବଂ ଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଜିଲ୍ଲା ସ୍ତରରେ ଜଣେ ସ୍କୁଲ ମେଡ଼ିକାଲ ଅଫିସର୍ ଅଛନ୍ତି । ଯେଉଁ ଜିଲ୍ଲାରେ ଏହି ଅଧିକାରୀ ନାହାନ୍ତି ସହକାରୀ ଜିଲ୍ଲା ଚିକିତ୍ସକ (ଜନସ୍ୱାସ୍ଥ୍ୟ) ଏହି ଦାୟିତ୍ୱ ତୁଲାଉଛନ୍ତି । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ମେଡ଼ିକାଲ ଅଫିସର ବ୍ଲକ ସ୍ତରରେ ଏହି ଦାୟିତ୍ୱ ତୁଲାଉଛନ୍ତି । ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଛାତ୍ର ଠାରେ କୌଣସି ସଂକ୍ରାମକ ବ୍ୟାଧି ବା ଶାରୀରିକ ଦୁର୍ବଳତାର ଲକ୍ଷଣ ଦୃଷ୍ଟିକୁ ଆସିଲେ ତା'ର ଚିକିତ୍ସା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥାଏ ।

**ପରିପୁଷ୍ଟି ସଂକ୍ରାନ୍ତୀୟ ସ୍ୱାସ୍ଥ୍ୟ ସେବା**

ଷଷ୍ଠ ଯୋଜନା କାଳରେ ରାଜ୍ୟର ୪୪ଟି ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଥିଲା । ୧୯୮୬-୮୭ ସୁଦ୍ଧା ଆଉ ଷାଠିଏଟି ବ୍ଲକକୁ ଏହି ଯୋଜନା ସଂପ୍ରସାରିତ କରାଯାଇଛି । ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ସର୍ବମୋଟ ୧୦୫ଟି ବ୍ଲକରେ କାର୍ଯ୍ୟକାରୀ ହେଉଛି । ଗର୍ଭବତୀ, ପ୍ରସୂତୀ ତଥା ୬ବର୍ଷରୁ କମ୍ ଶିଶୁମାନଙ୍କୁ ପରିପୂରକ ଖାଦ୍ୟ ଯୋଗାଇଦେବା ସଙ୍ଗେସଙ୍ଗେ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଓ ସେମାନଙ୍କର ସ୍ୱାସ୍ଥ୍ୟ ଅଭିବୃଦ୍ଧିର ଧାରାବାହିକ ବିବରଣୀ ରଖିବା ତଥା ସଂକ୍ରାମକ ରୋଗ ନହେବା ପାଇଁ ପ୍ରତିଷେଧକ ଟୀକା ଦେବା ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଗ୍ରାମ ଗୋଷ୍ଠୀ ଓ ଗ୍ରାମ ପୁର୍ନଗଠନ ତଥା ସ୍ୱାସ୍ଥ୍ୟ

ବିଭାଗର ମିଳିତ ଦାୟିତ୍ୱରେ ଏହା କାର୍ଯ୍ୟକାରୀ ହେଉଅଛି । ଏହାଛଡା କେନ୍ଦ୍ର ସରକାର, କେୟାର ସଂସ୍ଥା ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଭୋଜନ କେନ୍ଦ୍ରରେ ଖାଦ୍ୟ ଯେପରି ଜୀବାଣୁ ଦ୍ୱାରା ସଂକ୍ରମିତ ନହୁଏ ତାହା ପ୍ରତି ସ୍ୱାସ୍ଥ୍ୟ କର୍ମଚାରୀମାନେ ସଜାଗ ରହନ୍ତି ଓ ସ୍ୱାସ୍ଥ୍ୟ ଶିକ୍ଷା ଜରିଆରେ ଲୋକମାନଙ୍କୁ ସଚେତନ କରାଇଥାନ୍ତି । ସ୍ୱାସ୍ଥ୍ୟ ବିଭାଗର ପରିପୁଷ୍ଟି ସଂସ୍ଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ପରିପୁଷ୍ଟି ସମ୍ବନ୍ଧୀୟ ସର୍ଭେ କରି ପରିପୁଷ୍ଟି ଶିକ୍ଷା ତଥା ପ୍ରଦର୍ଶନ ମାଧ୍ୟମରେ ଜନସାଧାରଣଙ୍କୁ ସେମାନଙ୍କ ଅଞ୍ଚଳରେ ମିଳୁଥିବା ଖାଦ୍ୟ ପଦାର୍ଥର ବିଜ୍ଞାନ ସମ୍ମତ ସଂରକ୍ଷଣ, ରନ୍ଧନ, ପରିବେଷଣ ସଂପର୍କରେ ଶିକ୍ଷା ଦେଇଥାନ୍ତି ।

**ତାଲିମ୍ ବ୍ୟବସ୍ଥା**

ଡାକ୍ତରୀ ତାଲିମ୍ କାର୍ଯ୍ୟକ୍ରମ ଅନୁଯାୟୀ ଏମ୍.ବି.ବି.ଏସ୍. ପାଠ୍ୟକ୍ରମ ପାଇଁ ତିନୋଟି ମେଡ଼ିକାଲ କଲେଜରେ ପ୍ରତିବର୍ଷ ୩୧୫ ଜଣ ଶିକ୍ଷାର୍ଥୀଙ୍କୁ ଗ୍ରହଣ କରାଯାଉଛି । କୋଡ଼ିଏଟି ବିଭିନ୍ନ ବିଭାଗରେ ରାଜ୍ୟରେ ଏହି ତିନୋଟି ମେଡ଼ିକାଲ୍ କଲେଜରେ ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମର ବ୍ୟବସ୍ଥା କରାଯାଇ ପାରିଛି । ବୁର୍ଲା ମେଡ଼ିକାଲ୍ କଲେଜରେ ଷଷ୍ଠ ଯୋଜନା କାଳରେ ନେଫ୍ରୋଲଜି, ୟୁରୋଲଜି, କାର୍ଡ଼ିଓଲଜି ଓ ସପ୍ତମ ଯୋଜନା କାଳରେ ଚର୍ମ ଉପଦଂଶ ଓ ଏଫ୍.ଏମ୍.ଟି ବିଭାଗ ଖୋଲା ଯାଇଅଛି । ରାଜ୍ୟର ସମସ୍ତ ମେଡ଼ିକାଲ କଲେଜରେ ସପ୍ତମ ଯୋଜନା କାଳରେ ମାଇକ୍ରୋବାୟୋଲଜି ପାଠ୍ୟକ୍ରମ ପ୍ରବର୍ତ୍ତନର ପ୍ରସ୍ତାବ ରହିଛି । ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ୍ କଲେଜର କର୍କଟ ରୋଗ ବିଭାଗକୁ ଏକ ଆଞ୍ଚଳିକ ଗବେଷଣା ଓ ଚିକିତ୍ସା କେନ୍ଦ୍ର ଭାବେ ଉନ୍ନତ କରାଯାଇଅଛି । ଏହି ସମୟସୀମା ମଧ୍ୟରେ କଟକରେ ଗୋଟିଏ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଖୋଲା ଯାଇଛି । ଏଥିରେ ବର୍ଷକୁ କୋଡ଼ିଏ ଜଣ ଶିକ୍ଷାର୍ଥୀଙ୍କୁ ନିଆଯାଉଅଛି । ବ୍ରହ୍ମପୁରଠାରେ ଥିବା ନର୍ସିଂ କଲେଜରେ ବି.ଏସ୍.ସି ନର୍ସିଂ, ପୋଷ୍ଟବେସିକ୍ ନର୍ସିଂ ଓ ପବ୍ଲିକ୍ ହେଲ୍ଥ ନର୍ସିଂ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି । ଏଠାରେ ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ବର୍ଷକୁ ଦଶଜଣ କରି ଛାତ୍ରୀ ଗ୍ରହଣ କରାଯାଇ ଥାଆନ୍ତି । ଡାକ୍ତରମାନଙ୍କୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ଅର୍ଦ୍ଧ ଡାକ୍ତର ବା ପାରାମେଡ଼ିକାଲ କର୍ମଚାରୀଙ୍କର ଆବଶ୍ୟକତା ଥାଏ, ତାର ପରିପୂରଣ ପାଇଁ ଦୁଇଶହ ବୟାନବେ ଜଣ ଫର୍ମାସିଷ୍ଟ, ପାଞ୍ଚଶହ ଏଗାର ଜଣ ଲାବ୍ରୋଟରୀ ଟେକ୍‌ନିସିଆନ୍, ଅଠାଅଶିଜଣ ରେଡ଼ିଓ ଗ୍ରାଫର୍, ସତେଇଶଜଣ ଡେଣ୍ଟାଲ ଆସିଷ୍ଟାଣ୍ଟଙ୍କୁ ତାଲିମ ଦିଆଯାଉଛି । ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କର ତାଲିମ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଇବା ପାଇଁ ଛଅଟି ଅଧିକା ତାଲିମ କେନ୍ଦ୍ର ସ୍ଥାପନ କରାଯାଇଅଛି ଓ ଆଶା କରାଯାଏ ୧୯୯୦ ମସିହା ସୁଦ୍ଧା ପ୍ରତ୍ୟେକ ଉପକେନ୍ଦ୍ରକୁ ଜଣେ କରି ମହିଳା ସ୍ୱାସ୍ଥ୍ୟ କର୍ମୀ ଯୋଗାଇ ଦିଆଯାଇ ପାରିବ । ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀମାନଙ୍କର ତାଲିମ ମଧ୍ୟ ଆରମ୍ଭ ହୋଇ ଯାଇଅଛି ।

ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ମେଣ୍ଟାଇବା ପାଇଁ ଏଗାରଟି ଅନ୍ୟାନ୍ୟ ହାସ୍‌ପାତାଲ୍‌ରେ ନୂତନ ଏକ୍ସ-ରେ ମେସିନ୍ ଯୋଗାଇ ଦିଆଯାଉଛି । ଏହାଛଡା ଖଣ୍ଡପଡ଼ା, ପାଲ୍‌ଲହଡ଼ା ଓ ଆଠଗଡ଼ ସବ୍‌ଡ଼ିଭିଜନାଲ୍ ହସ୍‌ପିଟାଲକୁ ମଧ୍ୟ ନୂତନ ଏକ୍ସ-ରେ ମେସିନ୍ ଦିଆଯାଇଛି । ସୋରୋ ଓ ଅନୁଗୁଳ ସବ୍‌ଡ଼ିଭିଜନାଲ୍ ହସ୍‌ପିଟାଲ ପୁରୀ ଓ ସମ୍ବଲପୁର ଜିଲ୍ଲା ହସପିଟାଲରେ ଥିବା ପୁରୁଣା ଏକ୍ସ-ରେ ମେସିନ୍ ବଦଳରେ ନୂଆ ଏକ୍ସ-ରେ ମେସିନ୍ ଯୋଗାଇ ଦିଆଯାଇଛି । କୋରାପୁଟ, ବାରିପଦା, କେନ୍ଦୁଝର, ଫୁଲବାଣୀ ଓ ପୁରୀ ସଦର ମହକୁମା ହସ୍‌ପିଟାଲ୍‌ରେ ହୃଦରୋଗ ନିର୍ଣ୍ଣୟ ତଥା ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଅଛି ।

ମୋଟ ଉପରେ କହିବାକୁ ଗଲେ ରାଜ୍ୟବାସୀଙ୍କର ସ୍ୱାସ୍ଥ୍ୟ ସେବା ଜନିତ ଆବଶ୍ୟକତାର ପରିପୂରଣ ପାଇଁ ସରକାର ନିରବଚ୍ଛିନ୍ନ ଉଦ୍ୟମ କରି ଆସିଛନ୍ତି । ଆଶା କରାଯାଏ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ରାଜ୍ୟରେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବାର ସୁବିଧା ସୁଯୋଗ ମିଳି ପାରିବ ।

ଉପନିର୍ଦ୍ଦେଶକ
(ଗଣଶିକ୍ଷା) ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ



# ଓଡ଼ିଆ ସଂସ୍କୃତିର ବିକାଶ ଓ ସୁରକ୍ଷା

ଶ୍ରୀ ଇନ୍ଦୁଭୂଷଣ କର

ଉତ୍କଳୀୟ ସଂସ୍କୃତିର ସୁରକ୍ଷା ବିଷୟରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଓଡ଼ିଆ ସଂସ୍କୃତିର ସ୍ୱରୂପ ଓ ବୈଶିଷ୍ଟ୍ୟର ଏକ ସିଂହାବଲୋକନ କଲେ ଆଲୋଚନା ସରସ ଓ ହୃଦୟଗ୍ରାହୀ ହୋଇ ପାରିବ । ଆମ ସାମାଜିକ ଜୀବନଧାରାରେ ଯାହା କିଛି ମୂଲ୍ୟବାନ୍, ସୁନ୍ଦର, ଶାଶ୍ୱତ ଓ ସୃଷ୍ଟିଶୀଳ ତାହାର ଅନ୍ୟନାମ ସଂସ୍କୃତି । ସଂସ୍କୃତି ହେଉଛି ଏକ ଜାତିର ଜୀବନଧାରା—ଏକ ଶକ୍ତି ଯାହା ଗୋଟିଏ ସମାଜକୁ ଦିଗ୍‌ଦର୍ଶନ ଦିଏ ଓ ବାଟ କଢ଼ାଇ ଆଗକୁ ନେଇଯାଏ । ସଂସ୍କୃତିହିଁ ବ୍ୟକ୍ତିର ମୂଲ୍ୟବୋଧକୁ ଅନେକ ପରିମାଣରେ ନିୟନ୍ତ୍ରିତ କରେ । ପରମ୍ପରା ଓ ଐତିହ୍ୟ ସାଂସ୍କୃତିକ ସ୍ୱାତନ୍ତ୍ର୍ୟର ବାହାକ । ସାହିତ୍ୟ, କଳା, ନୃତ୍ୟ ସଙ୍ଗୀତ ସର୍ବୋପରି ସାମାଜିକ ରୀତିନୀତି ଓ ଜୀବନଧାରାର ନିର୍ଯ୍ୟାସରେ ଗଢ଼ାହୁଏ ସଂସ୍କୃତି । ସଂସ୍କୃତି କହିଲେ ପ୍ରାଚୀନ ମନ୍ଦିର ଇତିହାସ, ସାହିତ୍ୟ ତାମ୍ରପତ୍ରକୁ କେବଳ ବୁଝାଏ ନାହିଁ, ତାହା ଏକ ଶାଶ୍ୱତ ଦୃଷ୍ଟିଭଙ୍ଗୀ, ଯାହାର ଆଦର୍ଶରେ ମଣିଷର ପ୍ରଗତି ସମ୍ଭବପର ହୋଇପାରେ । ଉତ୍କଳ ପ୍ରଦେଶ ଗଠନର ପଚାଶ ବର୍ଷ ପରେ ମଧ୍ୟ ଆଜି ଆମର ସାମାଜିକ ଅର୍ଥନୈତିକ ମୂଲ୍ୟବୋଧ ଉଗ୍ର ସାଂପ୍ରଦାୟିକତା, ଜାତିପ୍ରଥା ଓ ସାମାଜିକ କୁସଂସ୍କାର ଦ୍ୱାରା ପ୍ରତି ମୁହୂର୍ତ୍ତରେ ପ୍ରତିହତ ଓ ବିଖଣ୍ଡିତ ହେଉଅଛି । ତେଣୁ, ସାଂସ୍କୃତିକ ମୂଲ୍ୟବୋଧର ଅଭିବୃଦ୍ଧି ପାଇଁ ଆଜି ପ୍ରତ୍ୟେକ ଓଡ଼ିଆ ଅଧିବାସୀଙ୍କର ଅନୁଚିନ୍ତା ହେବା ଆବଶ୍ୟକ । ଭାରତ ସ୍ୱାଧୀନ ହେବାର ତ୍ରିଶ ବର୍ଷ ପରେ ମଧ୍ୟ ଦେଶର ବିଚ୍ଛିନ୍ନତାବାଦ, ସାଂପ୍ରଦାୟିକ ହିଂସା ଅର୍ଥନୈତିକ ବୈଷମ୍ୟ ଏତେ ଅଧିକ ପରିମାଣରେ ବୃଦ୍ଧି ପାଇଛି ଯେ ଯାହା ଫଳରେ ପ୍ରତ୍ୟେକ ପ୍ରଦେଶ ଓ ଦେଶର ସଂସ୍କୃତି ଓ ସଂହତି ପ୍ରତି ଏକ ବିପଦ ଆସିଯାଇଛି । ତେଣୁ ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ପ୍ରଦେଶର ଅଧିବାସୀ ଜାତୀୟ ଐକ୍ୟ ଓ ସଂହତିକୁ ଆଖି ଆଗରେ ରଖି ଆମର ପ୍ରାଦେଶିକ ସଂସ୍କୃତି ଓ ସଂହତିକୁ ବିକାଶ ପାଇଁ ତତ୍ପର ହେବାକୁ ପଡ଼ିବ । ପ୍ରତ୍ୟେକ ବ୍ୟକ୍ତି ଯଦି ସଂସ୍କୃତି ସଂପନ୍ନ ଓ ସୁନାଗରିକ ହୋଇ ନିଜକୁ ଗଢ଼ି ତୋଳନ୍ତି ତାହେଲେ ବହୁ ବିବିଧତା ମଧ୍ୟରେ ଦେଶର ଐକ୍ୟ ଓ ସଂସ୍କୃତି ଅକ୍ଷୁର୍ଣ୍ଣ ରହିପାରିବ ।

ଓଡ଼ିଶା ପ୍ରଦେଶର ଇତିହାସ ଅଧ୍ୟୟନରୁ ଆମେ ଜାଣୁ ଏହାର ସଂସ୍କୃତି ଅତି ପ୍ରାଚୀନ । ଯେଉଁ ଅଞ୍ଚଳଗୁଡ଼ିକ ଉତ୍ତର ଉତ୍କଳ, କୋଶଳ କଳିଙ୍ଗ ଭୂଖଣ୍ଡ ହିସାବରେ ପରିଚିତ ଥିଲା, ତାହା ଦ୍ୱାଦଶ ଶତାବ୍ଦୀରେ ଏକ ଗରିମାମୟ ସାମ୍ରାଜ୍ୟରେ ପରିଣତ ହୋଇଥିଲା, ଯାହାର ଭୌଗଳିକ ସୀମା ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ ହୋଇଥିଲା । ଏହି ଉତ୍କଳ ଦେଶର ବୈଶିଷ୍ଟ୍ୟ ହେଉଛି ଏହାର କଳା ଅତିବ ଉତ୍କୃଷ୍ଟ । ଏକଦା ଏହି ଉତ୍କଳ ଦେଶରେ ପରମ ପରାକ୍ରମଶାଳୀ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ ।

ଉତ୍କଳୀୟ ସଂସ୍କୃତିର ବୈଶିଷ୍ଟ୍ୟ ହେଉଛି ଜଗନ୍ନାଥ ଧର୍ମର ତ୍ୟାଗ, ମୈତ୍ରୀ ବିଶ୍ୱ ଭାତୃତ୍ୱ ଓ ସହନଶୀଳତାର ଚିନ୍ତାଧାରା । ଭାରତୀୟ ସଂସ୍କୃତିକୁ ପଦ୍ମଫୁଲ ସହ ତୁଳନା କରାଗଲେ ଉତ୍କଳୀୟ ସଂସ୍କୃତି ସେହି ପଦ୍ମଫୁଲର ଏକ କେଶର । ତେଣୁ ଉତ୍କଳମଣି ଗୋପବନ୍ଧୁ କହିଥିଲେ—

''ଜଗତେ ସରସେ ଭାରତ କମଳ
ତାମଧ୍ୟେ କେଶର ପୁଣ୍ୟ ନୀଳାଚଳ''

ଏହି ନୀଳାଚଳ ଧାମରେ ବହୁ ଭାଷାଭାଷୀ, ବହୁ ଧର୍ମାବଲମ୍ବୀ ଆସି ଉତ୍କଳ ସଂସ୍କୃତିରେ ଉଦ୍‌ବୁଦ୍ଧ ହୋଇଅଛି । ଶଙ୍କରାଚାର୍ଯ୍ୟ, କବି ସାଲବେଗ, ଚୈତନ୍ୟ ଏହି ଶ୍ରୀକ୍ଷେତ୍ରରେ ଜ୍ଞାନ ଓ ଭକ୍ତିରସ ବିତରଣ କରି ସମୃଦ୍ଧିଶାଳୀ କରିଛନ୍ତି । ଉତ୍କଳ ସଂସ୍କୃତିର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ତାହାର ସମନ୍ୱୟଶକ୍ତି । ଦ୍ରାବିଡ ଓ ଆର୍ଯ୍ୟ ଶକ୍ତିର ସମନ୍ୱୟରେ ଏକ ସମନ୍ୱିତ ସଂସ୍କୃତିର ବିକାଶ (କମ୍ପୋଜାଇଟ୍ କଲଚର୍) ଏହି ପ୍ରଦେଶରେ ସମ୍ଭବ ହୋଇ ପାରିଛି ।

ବିଶିଷ୍ଟ ପ୍ରାଚ୍ୟବିତ୍ ଡକ୍ଟର ଜେ. ଭି. ବୋଲଟନ୍ ଓଡ଼ିଶାର ସାଂସ୍କୃତିକ ବୈଶିଷ୍ଟ୍ୟ ସମ୍ବନ୍ଧରେ ନିଜର ଏକ ଅଭିମତ ଦେବାକୁ ଯାଇ ଲେଖିଛନ୍ତି—''ଓଡ଼ିଶାରେ ଏପରି ଗୋଟେ କିଛି ମିଳୁଥିଲା ଯାହାକି ବଙ୍ଗଳାରେ ଦୁର୍ଲଭ ଥିଲା । ତା ହେଉଛି ସହିଷ୍ଣୁତା । ଯେଉଁ ଜାତୀୟତାବାଦ ବଙ୍ଗଳାରେ ଗତ ସପ୍ତାହରେ ଗଢ଼ି ଉଠିଲା, ତାହାର ମୂଳ ଉତ୍ସ ହେଲା ଅନେକାଂଶରେ ତୀବ୍ର ଅସହିଷ୍ଣୁତା, ତୀବ୍ର ସାଂପ୍ରଦାୟିକତା ଏବଂ ତୀବ୍ର ରକ୍ଷଣଶୀଳତା । ସେଥିପାଇଁ ବଙ୍ଗଳା ଫାଟିଫୁଟି ଖଣ୍ଡବିଖଣ୍ଡ ହୋଇ ଏତେ ଛୋଟ ହୋଇ ଯାଇଛି ଠିକ୍ ମୋ ଇଂଲାଣ୍ଡ ପରି । ଦୁର୍ଭାଗ୍ୟକ୍ରମେ ତା ହେଉଛି ଅତି ଗର୍ବର ଫଳ । କିନ୍ତୁ ଓଡ଼ିଶାରେ ସେପରି ଗର୍ବ, ସେପରି ସାଂପ୍ରଦାୟିକତା ନଥିଲା । ବଙ୍ଗାଳୀ, ମରାଠୀ, ଓଡ଼ିଆ, ଖ୍ରୀଷ୍ଟିୟାନ, ମୁସଲ୍‌ମାନ୍ ଜାତିଧର୍ମ ନିର୍ବିଶେଷରେ ସମସ୍ତେ ମିଳିମିଶି ଜାତୀୟ ଆନ୍ଦୋଳନରେ ଅଂଶ ଗ୍ରହଣ କରୁଥିଲେ । ଓଡ଼ିଆ ଜାତୀୟତାବାଦୀ ମଧ୍ୟରେ ପ୍ରଧାନ କଥା ଥିଲା ଯେ ସମସ୍ତେ ଓଡ଼ିଶାକୁ ସେମାନଙ୍କର

ମାତୃଭୂମି ବୋଲି ସ୍ୱୀକାର କରିନେଇଥିଲେ ଓ ସେମାନଙ୍କର ମାତୃଭାଷା ଓଡ଼ିଆ ବୋଲି ଭାବି-ନେଇଥିଲେ । ତେଣୁ ମୋର ମନେ ହେଉଛି ଯେପରିକି ଓଡ଼ିଶାରେ ଏପରି ଗୋଟିଏ ଶକ୍ତି ଥିଲା ଯାହା ବିଦେଶୀମାନଙ୍କ ହୃଦୟ କିଣି ପାରୁଥିଲା

ଓଡ଼ିଶାର କଳା ଭାସ୍କର୍ଯ୍ୟର କୌଶଳ ଓ ଦକ୍ଷତା ତାହାର କୋଣାର୍କ, ଜଗନ୍ନାଥ, ଲିଙ୍ଗରାଜ, ମୁକ୍ତେଶ୍ୱର, ରାଜାରାଣୀ ପ୍ରଭୃତି ମନ୍ଦିର ଗାତ୍ରରେ ପ୍ରସ୍ଫୁଟିତ ସେହି ସବୁ ମନ୍ଦିରର କାରୁକାର୍ଯ୍ୟ ଦେଖିଲେ ଓଡ଼ିଆ ସଂସ୍କୃତିର ସୌନ୍ଦର୍ଯ୍ୟବୋଧ ଯେ କେତେ ଉନ୍ନତ ଥିଲା ତାହା ସହଜରେ ଜଣାପଡେ । ସ୍ମିର୍ଲସ୍ ପେଭ୍ରି ତାଙ୍କ "                    " ପୁସ୍ତକରେ ଓଡ଼ିଶାର ଉନ୍ନତ କଳା ଭାସ୍କର୍ଯ୍ୟର ଭୂୟସୀ ପ୍ରଶଂସା କରିଛନ୍ତି । ଓଡ଼ିଶୀ ନୃତ୍ୟ ଆଜି ସାରା ପୃଥିବୀରେ ପ୍ରଶଂସିତ । ଓଡ଼ିଶାର ଛଉନୃତ୍ୟ, ଘୁମୁରାନୃତ୍ୟ ପ୍ରଭୃତି ଦର୍ଶକ ପର୍ଯ୍ୟଟକମାନଙ୍କୁ ମନ୍ତ୍ରମୁଗ୍ଧ କରିପକାଏ । ଓଡ଼ିଶାର ଲୋକନାଟ୍ୟ ମଧ୍ୟରେ 'ମୋଗଲ ତାମସା' ଆଜି ସାରା ଭାରତରେ ନାଟ୍ୟଜଗତରେ ଆଲୋଡ଼ନ ସୃଷ୍ଟି କରିପାରିଛି । ଓଡ଼ିଶାର ତାରକସୀ, ହାତବୁଣା ଶାଢ଼ୀ, ଓଡ଼ିଶାର ପଟ୍ଟ ଚିତ୍ର, ଓଡ଼ିଶାର ଝୁଣ୍ଟିଆ, ଓଡ଼ିଆ କାରିଗରର କଳାତ୍ମକ ଉତ୍କର୍ଷତା ପ୍ରତିପାଦନ କରେ । ଦିନ ଥିଲା ଓଡ଼ିଆ ନୌବାଣିଜ୍ୟ କ୍ଷେତ୍ରରେ ଉତ୍କର୍ଷ ସାଧନ କରି ସୁଦୂର ଜାଭା, ସୁମାତ୍ରା, ସିଂହଳ ପ୍ରଭୃତି ଦେଶରେ ବାଣିଜ୍ୟ ସ୍ଥାପନ କରି ପାରିଥିଲା । ପିପିଲି, ତାମ୍ରଲିପ୍ତ ,ବାଲେଶ୍ୱର ପ୍ରଭୃତି ବନ୍ଦରଗୁଡ଼ିକ ଓଡ଼ିଆ ନୌବାଣିଜ୍ୟର ପ୍ରଧାନ କେନ୍ଦ୍ରସ୍ଥଳୀ ହୋଇଥିଲା ।

ଓଡିଶାର ସାଂସ୍କୃତିକ ଜୀବନ ଆଲୋଚନା କଲେ ଆମେ ଜାଣିପାରିବା ଯେ ଓଡ଼ିଶାର ବାର ମାସରେ ତେର ପର୍ବ ମଧ୍ୟରେ ଏକ କର୍ମମୁଖର ସାମାଜିକ ରୀତିନୀତି ମଧ୍ୟରେ ଯେଉଁ ବିନମ୍ରତା ଓ ଆତିଥ୍ୟ ପରାୟଣତା ଦେଖିବାକୁ ମିଳେ, ତାହା ପ୍ରତିବେଶୀ ପ୍ରଦେଶମାନଙ୍କରେ ବିରଳ । ଓଡ଼ିଶା ପ୍ରଦେଶର      କୋଟି ଅଧିବାସୀ ମଧ୍ୟରୁ ଏକ କୋଟି ଆଦିବାସୀ । ସେହି ଓଡ଼ିଆ ଆଦିବାସୀ ମଧ୍ୟରେ ଜୀବନ ପ୍ରତି ମମତା, ପ୍ରକୃତି ପ୍ରେମ ଓ ନୃତ୍ୟ ସଙ୍ଗୀତ ପ୍ରତି ଅନୁରାଗ ଦେଖିବାକୁ ମିଳେ । ଦୁଃଖ ଓ ଦାରିଦ୍ର୍ୟ ମଧ୍ୟରେ ମଧ୍ୟ ସେମାନେ ସେମାନଙ୍କର ଲୋକସଙ୍ଗୀତ ଓ ଲୋକନୃତ୍ୟକୁ ଭୁଲି ନାହାନ୍ତି । ସେମାନଙ୍କର ଲୋକସଙ୍ଗୀତ ମଧ୍ୟରେ ପ୍ରେମ, ମୃତ୍ୟୁ ଜୀବନର ସାମଗ୍ରିକ ଅନୁଭୂତି ଅତି ସୁନ୍ଦର ଭାବରେ ପ୍ରକାଶିତ ।

ଏପରି ଏକ ଉନ୍ନତ ସାଂସ୍କୃତିକ ପରମ୍ପରା ଆଜି ସଙ୍କଟ ମଧ୍ୟରେ ଗତି କରୁଛି । ସ୍ୱାଧୀନତା ପରେ ଆମ ଓଡ଼ିଆ ସଂସ୍କୃତିର ପରିବର୍ତ୍ତିତ ରୂପ କଥା ଆଲୋଚନା କଲେ ଏହି ସଙ୍କଟର ସ୍ୱରୂପକୁ ଉପଲବ୍ଧି କରିପାରିବା । ଏହି ସଙ୍କଟକୁ ଠିକ୍ ଭାବରେ ଉପଲବ୍ଧି କରିପାରିଲେ ଓଡ଼ିଆ ସଂସ୍କୃତିର ଅବକ୍ଷୟର ଧାରାକୁ ପ୍ରତିହତ କରି ହେବ ଏବଂ ଓଡ଼ିଆ ସଂସ୍କୃତିର ବିକାଶ ଓ ସୁରକ୍ଷା ପାଇଁ ଗଠନମୂଳକ ପଦକ୍ଷେପ ନିଆଯାଇପାରିବ ।

ବିଶିଷ୍ଟ ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସଂସ୍କୃତି ସମ୍ବନ୍ଧରେ ଓଡ଼ିଆ ସଂସ୍କୃତିର ସାଂସ୍କୃତିକ ଅବକ୍ଷୟର ଏକ ନିଖୁଣ ଚିତ୍ର ଦେଇଛନ୍ତି । ତାଙ୍କ ମତରେ "ଏ ଓଡ଼ିଶା ସାଂସ୍କୃତିକ ବିକାଶ ମୁଖ୍ୟତଃ ପ୍ରଶଂସାମୁଖୀ ହୋଇଛି । ଆଜି କିଛି କରିବା କାଲି ତାହାର ଫଳ ସ୍ୱରୂପ ଖବରକାଗଜରେ ନାମ ଦେଖିବା ବା ସଭା ସମିତିରେ ପ୍ରଶସ୍ତି ଶୁଣିବା ଆମମାନଙ୍କର ଜୀବନର ପରମ କାମ୍ୟ ହୋଇଉଠୁଛି" । ତାଙ୍କ ମତରେ ସ୍ୱାଧୀନତା ପ୍ରାପ୍ତିଠାରୁ ସର୍ବଧର୍ମ ସମନ୍ୱୟର ପରମ୍ପରା ଭାଙ୍ଗି ପଡୁଛି ଓ ତତ୍‌ସଙ୍ଗେ ସଙ୍ଗେ ଓଡ଼ିଆ ସଂସ୍କୃତିର ଏକ ସୁଦୃଢ଼ ସ୍ତମ୍ଭ ଦୋହଲି ଯାଇଛି । ଏହା ପରିବର୍ତ୍ତେ ଭଗବାନଙ୍କର ଅବତାର ସଂଖ୍ୟା ବଢିଚାଲିଛି । ସେହିପରି ଓଡ଼ିଆ ପର୍ବପର୍ବାଣୀର ଆଡ଼ମ୍ବର ବହୁପରିମାଣରେ ବୃଦ୍ଧି ପାଇଛି । ବ୍ୟୟବହୁଳ ଭୋଜି, ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ପ୍ରଭୃତି ପର୍ବପର୍ବାଣୀର ପ୍ରଧାନ ଅଂଗ ହୋଇଛି । ଏସବୁ ଆଡ଼ମ୍ବର ମଧ୍ୟରେ ଧର୍ମଭାବ ହ୍ରାସ ପାଉଛି ।ଅନ୍ୟ ପ୍ରଦେଶ ସହ ତୁଳନା କଲେ ଓଡ଼ିଶାର ଶିକ୍ଷା, ଓଡ଼ିଶାର ଗମନାଗମନ ପଥର ବିକାଶ, ଓଡ଼ିଶାର ଗଣମାଧ୍ୟମର ବିସ୍ତାର ବହୁ ପଛରେ ପଡ଼ିଛି । ଓଡ଼ିଶାର ପରମ୍ପରା ଐତିହ୍ୟ ଓ ଓଡ଼ିଆ ସାହିତ୍ୟ ସଂସ୍କୃତିର ବୈଶିଷ୍ଟ୍ୟ ପରିବର୍ତ୍ତେ ଭାରତର ଖବର କାଗଜରେ କେବଳ ଆମେ ଓଡ଼ିଆର ଦୁଃଖ ଦାରିଦ୍ର୍ୟ, ଅନାହାର ଶ୍ରମିକର କରୁଣ ଚିତ୍ରର ବର୍ଣ୍ଣନା ହିଁ ଦେଖିବାକୁ ପାଉଛୁ । ଆମ ସାହିତ୍ୟ ସଂସ୍କୃତିର ମହତ୍ତ୍ୱଗୁଡ଼ିକୁ ଅନ୍ୟ ପ୍ରଦେଶରେ ପରିଚିତ କରାଇବା ଆମର ପ୍ରଚେଷ୍ଟା ଅତି କ୍ଷୀଣରୁ କ୍ଷୀଣତର ହୋଇ ଆସୁଛି । ତେଣୁ ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ମୋ ମତରେ ନିମ୍ନଲିଖିତ ଗଠନ ମୂଳକ ପଦକ୍ଷେପମାନ ଗ୍ରହଣ କରାଯିବା ଉଚିତ । ଏଦିଗରେ ଓଡ଼ିଶାର ପୁରପଲ୍ଲୀରେ ଏକ ଜନଜାଗରଣ ସୃଷ୍ଟି କରାଯିବା ଉଚିତ ।

(୧) ଓଡ଼ିଶାର ଦରିଦ୍ର ଆଦିବାସୀ ଜୀବନ ପ୍ରଣାଳୀ ମଧ୍ୟରେ ଯେଉଁ ଲୋକନୃତ୍ୟର ଉନ୍ନତ କଳା ରହିଛି– ତାହା ଓଡ଼ିଆ ସଂସ୍କୃତିର ଏକ ବିଶିଷ୍ଟ ଅଙ୍ଗ । ଏହି ଆଦିବାସୀ ସଂସ୍କୃତିର ଅମୂଲ୍ୟ ସମ୍ପଦ ଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ପାଇଁ ବଳିଷ୍ଠ କର୍ମପନ୍ଥା ଗ୍ରହଣ କରିବା ଉଚିତ । ରାଜ୍ୟ ସଂଗ୍ରହାଳୟ ଓ ଆଦିବାସୀ ଗବେଷଣା କେନ୍ଦ୍ର ଏ ଦିଗରେ ମୁଖ୍ୟ ଦାୟିତ୍ୱ ନେଇ ପାରିବ ।

(୨) ଓଡ଼ିଆ ଭାଷାଭାଷୀ ଅଧ୍ୟୁଷିତ ଓଡ଼ିଶାର ବିଭିନ୍ନାଞ୍ଚଳରେ ଓଡ଼ିଆ ପୁରାତନ ସଂସ୍କୃତିର ବହୁ ସ୍ମୃତି ଫଳକ ଯଥା– ବହୁ ତାମ୍ର ପତ୍ର, ତାଳ, ଶିଳାଲେଖ ଅଭିଲେଖ ଅବହେଳିତ ହୋଇ ନଷ୍ଟ ଓ ବିନିଷ୍ଟ ହୋଇ ଯାଉଛି । ଏଗୁଡ଼ିକ ଓଡ଼ିଆ ସଂସ୍କୃତିର ଅମୂଲ୍ୟ ସଂପଦ । ଏଗୁଡ଼ିକର ପୁନରୁଦ୍ଧାର, ସୁସଂପାଦନା ଓ ସଂରକ୍ଷଣ ଏକାନ୍ତ ଆବଶ୍ୟକ । ଏଦିଗରେ ଓଡ଼ିଶାର ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ମିଳିତ ଉଦ୍ୟମ କରିବା ଉଚିତ । ଓଡ଼ିଶାର ପୁରପଲ୍ଲୀରେ ଧ୍ୱଂସୋନ୍ମୁଖୀ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ହେବା ଉଚିତ । ସତୁରୀ ଭାଗ ଲୋକ ଏବେବି ନିରକ୍ଷର । ନିରକ୍ଷରତା ଦ୍ୱାରା କୁସଂସ୍କାର ପ୍ରତିକ୍ରିୟାଶୀଳତା ବୃଦ୍ଧି କରିଥାଏ । ଏଣୁ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାରୁ ଯେପରି ନିରକ୍ଷରତା ସମ୍ପୂର୍ଣ୍ଣ ରୂପେ ଦୂର ହୋଇ ପାରିବ, ସେଥିପାଇଁ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ।

(୩) ଓଡ଼ିଆ ସାହିତ୍ୟକୁ ଦୁର୍ବୋଧ୍ୟତା, ଉଦ୍‌ଭଟତା ଓ ସାମନ୍ତବାଦର ନିଗଡ଼ ମଧ୍ୟରୁ ମୁକ୍ତ କରି ଆମ ସାହିତ୍ୟକୁ ଗଣମୁଖୀ ଓ ପ୍ରଗତିଶୀଳ କରିବାକୁ ହେବ ଏବଂ ପାଠାଗାର ଆନ୍ଦୋଳନ ମାଧ୍ୟମରେ ଓଡ଼ିଶାର ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା କରି ଓଡ଼ିଆ ପାଠକର ସଂଖ୍ୟାକୁ ବଢାଇବାକୁ ପଡ଼ିବ । ତାହା ନହେଲେ ସାହିତ୍ୟ କେବଳ କଟକ, ଭୁବନେଶ୍ୱର, ବାଲେଶ୍ୱର ଓ ସମ୍ବଲପୁର ପ୍ରଭୃତି କେତୋଟି ସହର ମଧ୍ୟରେ ସୀମାବଦ୍ଧ ରହିବ ।

(୪) ଗୋଟିଏ ଜାତିର ଐତିହ୍ୟ, ସଂସ୍କୃତି ଅଭିବୃଦ୍ଧି ତାହାର ଭାଷା ସମ୍ପଦର ଅଭିବୃଦ୍ଧି ଉପରେ ନିର୍ଭର କରେ । ଆଜି ସୁଦ୍ଧା ଓଡ଼ିଆ ଭାଷାର ଏକ ଶବ୍ଦକୋଷ ପ୍ରକାଶିତ ହୋଇପାରି ନାହିଁ । ଶାରଳା ଯୁଗରୁ ବ୍ୟବହୃତ ହୋଇ ଆସୁଥିବା ଅନେକ ନିର୍ଦ୍ଦିଷ୍ଟ ଦେଶଜ ଶବ୍ଦ, ଢଗ ଢମାଳି ଆମର ଶିକ୍ଷିତ ଭାଇ ଭଉଣୀମାନେ ଭୁଲି ଗଲେଣି । ସେହି ପାସୋରି ଯାଉଥିବା ଶବ୍ଦଗୁଡ଼ିକୁ ପୁନରୁଦ୍ଧାର କରି ଓଡ଼ିଆ ଭାଷାର ଏକ ବୃହତ ଭାଷାକୋଷ ପ୍ରସ୍ତୁତ କରିବା ନିତ୍ୟାନ୍ତ ଆବଶ୍ୟକ ।

(୫) ଦୁଃଖର କଥା ଓଡ଼ିଶା ପ୍ରଦେଶର ବାହାରେ ଓଡ଼ିଆ ଅଧିବାସୀମାନଙ୍କର ସାଂସ୍କୃତିକ ବିକାଶ ପାଇଁ ପ୍ରତିବେଶୀ ବିହାର, ଆନ୍ଧ୍ର ପ୍ରଦେଶରେ ରହୁଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଥିବା ସ୍କୁଲ କଲେଜମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ ଏବେବି ହୋଇନି । ଏଥିପାଇଁ ଗଠନମୂଳକ ଏକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ । ସିଂହଭୂମି, ଖରସୁଆଁ, ସରାଇକେଲା ପ୍ରଭୃତି ଅଞ୍ଚଳରେ ଥିବା ସ୍କୁଲମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ ଓ ପ୍ରବର୍ତ୍ତନ ପାଇଁ ଉଦ୍ୟମ ହେବା ଉଚିତ୍ ।

(୬) ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ସ୍ୱାଭିମାନ ଓ ସୁସ୍ଥ ସାଂସ୍କୃତିକ ଚେତନା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଉତ୍କଳ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହେବା ଉଚିତ୍ । ଓଡ଼ିଆମାନଙ୍କ ମଧ୍ୟରେ ଏ ଭାବଗତ ସଂହତିର ଅଭିବୃଦ୍ଧି ପାଇଁ ଓଡ଼ିଶୀ ନୃତ୍ୟ ଗୀତର ସମାରୋହ ଓ

ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରତି ବର୍ଷ ଏକାଧିକବାର ଓଡ଼ିଶାର ଭିନ୍ନ ସ୍ଥାନରେ ଉଦ୍‌ଯାପିତ ହେବା ଉଚିତ୍ ।

(୭) ଓଡ଼ିଶା ଓଡ଼ିଆମାନଙ୍କ ମଧ୍ୟରେ ଭାବଗତ ସଂହତିର ପ୍ରଧାନ ଅନ୍ତରାୟ ହେଉଛି ଗମନାଗମନ ପଥର ଘୋର ଅଭାବ । ପ୍ରତିବେଶୀ ପ୍ରଦେଶଗୁଡ଼ିକରେ ରେଳପଥର ପ୍ରସାର ଦ୍ରୁତ ଗତିରେ ହୋଇ ଚାଲିଥିବା ବେଳେ ଓଡ଼ିଶା ଗମନାଗମନ ପଥର ସ୍ଥାଣୁତ୍ୱ, ଅନଗ୍ରସରତା ଆମର ସାମୂହିକ ପ୍ରଗତିର ଅନ୍ତରାୟ ହୋଇ ଉଠୁଛି । ଏ ଦିଗରେ ଏକ ବିଧିବଦ୍ଧ କାର୍ଯ୍ୟପନ୍ଥା ଗ୍ରହଣ କରିବା ଉଚିତ । ସର୍ବୋପରି ଓଡ଼ିଆମାନଙ୍କ ମଧ୍ୟରେ ବିରାଜିତ କୁସଂସ୍କାର, ହୀନମନ୍ୟତା, ଉଦାସୀନତା ଦୂର କରି ଓଡ଼ିଆ ଜାତୀୟ ଜୀବନରେ ଏକ ଆତ୍ମବିଶ୍ୱାସ, ଏକ ଉଚ୍ଚାଭିଳାଷ ସୃଷ୍ଟି କରିବାକୁ ହେବ, ଯାହାଫଳରେ ଓଡ଼ିଆର ପ୍ରଗତି ତ୍ୱରାନ୍ୱିତ ହୋଇ ପାରିବ । ଗୋଟିଏ ଜାତିର ଉତ୍‌ଥାନ ଓ ସାମଗ୍ରିକ ପ୍ରତିଷ୍ଠା ଦିଗରେ ଏକ ବୃହତ୍ତର ଦୃଷ୍ଟିଭଙ୍ଗୀ ଓ ଆତ୍ମ ଜିଗୀଷା ଏକାନ୍ତ ଆବଶ୍ୟକ । ମନ ମଧ୍ୟରୁ ଆଞ୍ଚଳିକ ମନୋଭାବ ଦୂର କରିବା ପାଇଁ ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଚେଷ୍ଟା କରିବା ଉଚିତ୍ । ଯାହା ଦିନେ ଡ. ମାୟାଧର ମାନସିଂହ କହିଥିଲେ ଯେ ନୈରାଶ୍ୟ ସୁଲଭ ଭାଗ୍ୟବାଦୀ ମନୋଭାବ ଗୋଟିଏ ଜାତିର ଅଭ୍ୟୁତ୍‌ଥାନ କରାଇ ପାରେ ନାହିଁ । ସେ ଦୃଢ଼ କଣ୍ଠରେ କହିଥିଲେ 'ଏ ଜାତିର ଅଭ୍ୟୁତ୍‌ଥାନ ଧର୍ମମାନେ ଚାହାନ୍ତି, ସେମାନଙ୍କର ମନେ ରଖିବାକୁ ହେବ ବ୍ରତ, ଉପବାସ, ନାମକୀର୍ତ୍ତନ, ସୂତାକଟା, ଭାଗବତ ପାଠରେ କୌଣସି ଦିନ ହିଁ ଉଠିନି, ଏ ଜାତି ଉଠିବା ଅସମ୍ଭବ । ବହୁ ଶତବର୍ଷ ହେଲା ଏ ପନ୍ଥା ପରୀକ୍ଷା ହେଲା ଏବଂ ଫଳ ଦେଖାଯାଉଛି ଅତ୍ୟନ୍ତ ଭୟାବହ । ଏଣୁ ଏକ ନୂତନ ଧର୍ମର ପ୍ରସ୍ତୁତି ଆବଶ୍ୟକ । ଏହି ଧର୍ମ ମନୁଷ୍ୟର ଜୀବ ଜୀବିତ୍ୱ ତାର ପ୍ରାଣିମାନଙ୍କୁ ଉଦ୍‌ବୁଦ୍ଧ କରି ଦ୍ୱିଧାହୀନ ଭାବରେ ସ୍ୱେଦ ଓ ରକ୍ତ ଦେବାକୁ ପ୍ରେରଣା ଦେଇ ହୃଦୟରେ ଆତ୍ମବିଶ୍ୱାସ ଓ ମନରେ ଉଚ୍ଚାଭିଳାଷ ଆଣିଦେବ । ଏହି ଧର୍ମରେ ହିଁ ଏ ଜାତିର ମୁକ୍ତି ଓ ଉତ୍‌ଥାନ ହେବ । ମୋର ଇଚ୍ଛା, ଉତ୍କଳର ପ୍ରତ୍ୟେକ ତରୁଣ ଏହି ଜୀବ ଧର୍ମରେ ଦୀକ୍ଷିତ ହୋଇ ଖାରବେଳ, କପିଳେନ୍ଦ୍ର, ପୁରୁଷୋତ୍ତମ, ନରସିଂହଙ୍କ ଗୌରବକୁ ଏ ଭୂମିରେ ପୁଣି ସତ୍ୟ କରନ୍ତୁ । ଓଡ଼ିଆ ମନ ମଧ୍ୟରୁ ହୀନମନ୍ୟତା ଦୂର କରି ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଏକ ନବ ଜାତୀୟ ଚେତନା ସୃଷ୍ଟି କରିବାକୁ ହେବ ଏବଂ ମୋର ବିନମ୍ର ନିବେଦନ ଓଡ଼ିଶା ପ୍ରଦେଶର ପ୍ରତ୍ୟେକ ଜିଲ୍ଲାରେ ଏବଂ ବିଚ୍ଛିନ୍ନାଞ୍ଚଳମାନଙ୍କରେ 'ସାରଳା ଭବନ' ନାମରେ ଏକ ସାଂସ୍କୃତିକ କେନ୍ଦ୍ରମାନ ଗଢ଼ି ଉଠୁ ଯେଉଁଠାରେ ଓଡ଼ିଆ ଭାଷା ସଂସ୍କୃତି ଚର୍ଚ୍ଚା ସଙ୍ଗେ ଓଡ଼ିଆ ପ୍ରେମିମାନଙ୍କ ମଧ୍ୟରେ ଏକ ଭାବଗତ ସଂହତି ସୃଷ୍ଟିର ମିଳନ କେନ୍ଦ୍ର ରୂପେ ପ୍ରତିଷ୍ଠିତ ହୋଇ ପାରିବ । ଏଦିଗରେ ଓଡ଼ିଶାର ସମଗ୍ର ବୁଦ୍ଧିଜୀବୀ ସମାଜ ଓ ବେସରକାରୀ ସାହିତ୍ୟ ଅନୁଷ୍ଠାନର ସମ୍ମିଳିତ ଚେଷ୍ଟା ହେବା ଉଚିତ । ଉତ୍କଳ ସମ୍ମିଳନୀ, ଉତ୍କଳ ସାହିତ୍ୟ ସମାଜ, ଗଞ୍ଜାମ କଳା ପରିଷଦ, ଫକୀରମୋହନ ସାହିତ୍ୟ ପରିଷଦ ଓ କୋଶଳ ସାହିତ୍ୟ ପରିଷଦ ପ୍ରଭୃତି ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଓଡ଼ିଶାର ସାଂସ୍କୃତିକ ବିକାଶ ଓ ସୁରକ୍ଷା ଦିଗରେ ଏକ ଓଡ଼ିଆ ଜାତୀୟ ଟ୍ରଷ୍ଟ ଗଠନ କରିବା ଉଚିତ୍ ଯାହାର ମୂଳ ଉଦ୍ଦେଶ୍ୟ ହେବ ଜାତୀୟ ସଂସ୍କୃତିର ପୁନର୍ଜାଗରଣ—ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ବିକାଶ ଓ ସୁରକ୍ଷା ।

ସର୍ବଶେଷରେ ଉତ୍କଳ ଗୌରବ ମଧୁସୂଦନଙ୍କ ଚେତାବନୀ କଥା ମନେ ରଖିବାକୁ ପଡ଼ିବ ।

''ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ ।
ଟାଣେ କିରେ ଘୋଡ଼ା ଦାନାର ବୋଝଟା
ଘୋଡ଼ା ମୁହେଁ ବନ୍ଧା ଥିଲେ ।''

ସଂପାଦକ—ଉମେକ୍
ପ୍ଲଟ୍ ନଂ-୪୩୨୩/ସି
ଲୁଇସ୍ ରୋଡ୍, ଭୁବନେଶ୍ୱର-୨



Phone ; 52828
GRAM : INFRA

PBX : 55464
TELEX : 0675—305

# IDCO

## ORISSA INDUSTRIAL INFRASTRUCTURE DEVELOPMENT CORPORATION (IDCO), BHUBANESWAR

### OFFERS

*A Dynamic Industrial Policy (1986) with Attractive Offers for LAND & BUILT UP SHEDS at*

| | | |
|---|---|---|
| STRATEGIC INDUSTRIAL CENTRES | : | ROURKELA, JAGATPUR, BHUBANESWAR AND BARIPADA. |
| N. I. Ds. | : | BALASORE, BALANGIR AND PHULBANI. |
| NALCO IMPACT ZONES | : | SUNABEDA, ANGUL AND TALCHER. |

**FUNCTIONAL INDUSTRIAL ESTATES AT SELECTED GROWTH CENTRES OF**

| | | | |
|---|---|---|---|
| (1) | JHARSUGUDA | for | CERAMIC COMPLEX |
| (2) | BALASORE & BHUBANESWAR. | for | POLYMER COMPLEX |
| (3) | GANJAM | for | CHEMICAL COMPLEX |
| (4) | BHUBANESWAR | for | ELECTRONICS COMPLEX |
| (5) | PARADEEP | for | FOOD PROCESSING COMPLEX |

*FOR FURTHER DETAILS PLEASE CONTACT :*

**MANAGING DIRECTOR**
ORISSA INDUSTRIAL INFRASTRUCTURE DEVELOPMENT CORPORATION (IDCO)
*IDCO TOWERS*
*JANPATH, BHUBANESWAR*
PIN : 751007

# ବତକ ପାଳନ



ଡ଼ଃ ବଭୂତ ଭୂଷଣ ରଥ

ଆମେ ଯେଉଁ ଖାଦ୍ୟ ଖାଉ ସେଥିରେ ମୁଖ୍ୟତଃ ଜଳ, ଶ୍ୱେତସାର ବା କାର୍ବୋହାଇଡ୍ରେଟ୍, ପୁଷ୍ଟିସାର ବା ପ୍ରୋଟିନ୍, ସ୍ନେହସାର ବା ଫ୍ୟାଟ୍, ଅଳ୍ପ ପରିମାଣରେ ଧାତବ ଲବଣ ବା ମିନରାଲ ଓ ବିଭିନ୍ନ ପ୍ରକାରର ଜୀବସାର ବା ଭିଟାମିନ୍ ଥାଏ । ଶ୍ୱେତସାର ଓ ସ୍ନେହସାରରୁ ଆମକୁ କାମ କରିବା ପାଇଁ ଶକ୍ତି ମିଳେ । ପୁଷ୍ଟିସାର ବା ପ୍ରୋଟିନ ଦ୍ୱାରା ଶରୀରର ବୃଦ୍ଧି, କ୍ଷୟକ୍ଷତି ପୂରଣ, ରୋଗ ନିରୋଧିକା ଶକ୍ତି ଉତ୍ପାଦନ, ପାଚକରସ ପରି ଯାବତୀୟ ରସ କ୍ଷରଣ ଆଦି ସମସ୍ତ ଶାରୀରିକ ପ୍ରକ୍ରିୟା ହୁଏ । ତେଣୁ ଖାଦ୍ୟରେ ପ୍ରୋଟିନର ପରିମାଣ ଓ ଗୁଣର ଅଭାବ ହିଁ ସାଧାରଣତଃ ଖାଦ୍ୟାଭାବ ବୋଲି ଧରାଯାଏ ।

ପ୍ରୋଟିନ ବା ପୁଷ୍ଟିସାର ଆମେ ସାଧାରଣତଃ ଦୁଇ ପ୍ରକାର ଖାଦ୍ୟରୁ ପାଉ । ମୁଗ, ହରଡ଼, ବୁଟ ଆଦି ଯାବତୀୟ ଡ଼ାଲି, ଚିନା ବାଦାମ ଆଦି ତୈଳବୀଜରେ ଥିବା ପୁଷ୍ଟିସାରକୁ ଉଦ୍ଭିଜ୍ଜ ପୁଷ୍ଟିସାର କୁହାଯାଏ । ମାଛ, ମାଂସ, ଅଣ୍ଡା, ଦୁଧ, ଛେନା ଆଦି ଖାଦ୍ୟରେ ଥିବା ପୁଷ୍ଟିସାରକୁ ପ୍ରାଣୀଜ ପୁଷ୍ଟିସାର କୁହାଯାଏ । ଶରୀରରେ ଉତ୍ତମରୂପେ ବ୍ୟବହୃତ ହୋଇ ପାରୁ ଥିବାରୁ ପ୍ରାଣୀଜ ପୁଷ୍ଟିସାର ଉଦ୍ଭିଜ୍ଜ ପୁଷ୍ଟିସାରଠାରୁ ଉତ୍କୃଷ୍ଟ । ତା ମଧ୍ୟରେ ଅଣ୍ଡାରେ ଥିବା ପୁଷ୍ଟିସାରର ଗୁଣ ସବୁଠାରୁ ଉପରେ ।

ଆମ ଦେଶରେ ଜଣେ ଦୈନିକ ୯୦ ଗ୍ରାମ ପ୍ରୋଟିନ୍ ଖାଇବା କଥା ଏବଂ ଏଥିରୁ ୩୦ ଗ୍ରାମ ପ୍ରାଣୀଜ ପୁଷ୍ଟିସାର ହୋଇଥିବା ଆବଶ୍ୟକ । ଜଣେ ଆମେରିକା ବାସୀ ଦିନକୁ ପ୍ରାୟ ୯୦ ଗ୍ରାମ ପ୍ରୋଟିନ୍ ଓ ପ୍ରାୟ ୬୫ ଗ୍ରାମ ପ୍ରାଣୀଜ ପ୍ରୋଟିନ୍ ଖାଏ । ଏହା ସେ ଦୈନିକ ପ୍ରାୟ ୮୦୦ ଗ୍ରାମ ଦୁଧ, ୨୦୦ ଗ୍ରାମ ମାଂସ ଓ ପ୍ରାୟ ଦେଢ଼ଟି ଅଣ୍ଡାରୁ ପାଏ । ମାତ୍ର ଜଣେ ଭାରତୀୟ ଦିନକୁ ପ୍ରାୟ ୧୩୦ ଗ୍ରାମ ଦୁଧ, ଦେଢ଼ ଗ୍ରାମ ମାଂସ ଓ ବର୍ଷକୁ ମାତ୍ର ୧୦ଟି ଅଣ୍ଡା ପାଏ । ଏହା ଫଳରେ ଆମେ ଦୈନିକ ମାତ୍ର ୫୦ ଗ୍ରାମ ଯାଏ ପ୍ରୋଟିନ୍ ଓ ମାତ୍ର ୬ ଗ୍ରାମ ପ୍ରାଣୀଜ ପ୍ରୋଟିନ୍ ପାଉଁ । ଆମେ ଦୈନିକ ଯେଉଁ ୫୦ ଗ୍ରାମ ପ୍ରୋଟିନ୍ ପାଉ ତାହା ସାଧାରଣତଃ ଭାତ, ରୁଟି ଓ ଡ଼ାଲିରୁ ପାଉ ଓ ତାହା ଶରୀରରେ ଭଲ ଭାବେ ବ୍ୟବହୃତ ହୋଇପାରୁ ନଥିବାରୁ ତାହା ନିକୃଷ୍ଟ ଧରଣର ପ୍ରୋଟିନ୍ । ଆମ ଖାଦ୍ୟରେ ପ୍ରୋଟିନ୍‌ର ଅଭାବ ବିଶେଷ କରି ପ୍ରାଣୀଜ ପ୍ରୋଟିନ୍‌ର ଘୋର ଅଭାବ ଯୋଗୁଁ ଆମେ ପାଶ୍ଚାତ୍ୟ ଲୋକଙ୍କ ତୁଳନାରେ ହୃଷ୍ଟପୁଷ୍ଟ ନୋହୁଁ, ଦୁର୍ବଳ, କାମ କରିବା ଶକ୍ତି କମ୍ ଓ ଆମେ ଅଳ୍ପକରେ ରୋଗଗ୍ରସ୍ତ ହୋଇ ପଡୁଛୁ । ଆମର ମା'ମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ କ୍ଷୀର ଦେଇ ପାରୁନାହାନ୍ତି । ମା' ଓ ଗାଈ ଦୁଧର ଅଭାବ ଯୋଗୁଁ ଆମର ୫ ବର୍ଷରୁ କମ୍ ପିଲାଙ୍କ ମଧ୍ୟରେ ଶତକଡ଼ା ପ୍ରାୟ ୪୦ ପିଲା ପୁଷ୍ଟିସାର ଅଭାବ ଜନିତ ରୋଗଗ୍ରସ୍ତ । ପୁଷ୍ଟିସାରର ଅଭାବରୁ ଶତକଡ଼ା ୪୦ ବୟସ୍କ ଲୋକେ ମଧ୍ୟ ଅଳ୍ପକରେ ବିଭିନ୍ନ ରୋଗ କବଳରେ ପଡୁଛନ୍ତି ।

ଆମ ଖାଦ୍ୟରେ ପୁଷ୍ଟିସାରର ଅଭାବ ମେଣ୍ଟାଇବା ପାଇଁ ଡ଼ାଲି ଓ ତୈଳବୀଜ ଉତ୍ପାଦନ ବୃଦ୍ଧି କରାଯାଉଛି । ତୈଳବୀଜ ଉତ୍ପାଦନ ବୃଦ୍ଧି ପ୍ରଧାନମନ୍ତ୍ରୀଙ୍କର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ଏହା ଅଏଲସିଡ୍ ମିସନ ନାମରେ ଖ୍ୟାତ । ସେହିପରି ଅଳ୍ପ ପରିମାଣରେ ହେଲେ ମଧ୍ୟ ମାଛ, ମାଂସ, ଦୁଧ ଓ ଅଣ୍ଡାର ଉତ୍ପାଦନ ବୃଦ୍ଧିପାଇଁ କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଉଛି । ଆମର ଆମିଷାଶୀ ଲୋକଙ୍କ ପାଇଁ ଦୈନିକ ଯଦି ଗୋଟିଏ ଲେଖାଏଁ ଅଣ୍ଡା ଯୋଗାଇବାକୁ ପଡ଼ିବ, ତେବେ ଆମକୁ ବାର୍ଷିକ ୧୫ ହଜାର କୋଟି ଅଣ୍ଡା ଉତ୍ପାଦନ କରିବା ଆବଶ୍ୟକ । ମାତ୍ର ୧୯୮୪ ସୁଦ୍ଧା ଆମର ୧୬ କୋଟି କୁକୁଡ଼ାଙ୍କଠାରୁ ଆମେ ବାର୍ଷିକ

ପ୍ରାୟ ୧୪ଶହ କୋଟି ଅଣ୍ଡା ପାଉଛୁ । ଅର୍ଥାତ୍ ଆମର ବାର୍ଷିକ ଅଣ୍ଡା ଉତ୍ପାଦନ ପ୍ରାୟ ୧୦ ଗୁଣ ବଢ଼ିଲେ ଆମେ ଦୈନିକ ଗୋଟିଏ କରି ଅଣ୍ଡା ଖାଇବାକୁ ପାଇବା ।

ଆମ ଦେଶରେ ଅଣ୍ଡା, କୁକୁଡ଼ା ଓ ଛେଳିମେଣ୍ଢା ମାଂସ ପ୍ରତି ଲୋକଙ୍କର ଚାହିଦା ବଢ଼ି ବଢ଼ି ଚାଲିଛି । ଏକ ସୁସ୍ଥ ସମାଜ ଗଢ଼ିବା ପାଇଁ ଏହା ଶୁଭ ଲକ୍ଷଣ । ଆଜିକାଲି ଭୋଜିଭାତ ବା ଭଲ ଖାଇବାରେ ମାଂସ ଅପେକ୍ଷା କୁକୁଡ଼ା ମାଂସକୁ ସମସ୍ତେ ଅଗ୍ରାଧିକାର ଦେଉଛନ୍ତି । ସକାଳ ଜଳଖିଆରେ ସମସ୍ତେ ଅଣ୍ଡା ପସନ୍ଦ କରୁଛନ୍ତି । ସହରମାନଙ୍କରେ ରାସ୍ତାକଡ଼ରେ ଅଣ୍ଡା ସିଝା ବିକ୍ରି ହେଲଣି । ଲୋକଙ୍କର ଏହି ଚାହିଦା ମେଣ୍ଟାଇବା ପାଇଁ ଚାଷୀମାନେ ବେଶୀ ଅଣ୍ଡା ଦେଇ ପାରୁଥିବା କୁକୁଡ଼ା ଓ ଅଳ୍ପ ସମୟରେ ଅଳ୍ପ ଦାନା ଖାଇ ଚଞ୍ଚଳ ବଢ଼ିପାରୁଥିବା ମାଂସଳ କୁକୁଡ଼ା ପାଳନ କଲେଣି । କୁକୁଡ଼ା ପାଳନ ପାଠୁଆ ଓ ସହରୀ ବାବୁମାନଙ୍କ ହାତରେ ଥିବାରୁ ଏହାର ଶୀଘ୍ର ଅଗ୍ରଗତି ହୋଇ ଚାଲିଛି । ତଥାପି ଅଣ୍ଡା ଓ ମାଂସର ଚାହିଦା ପୂରଣ ପାଇଁ ଅଣ୍ଡା ଓ ମାଂସ ପାଇଁ ବତକ ପାଳନ ଓ ଅଣ୍ଡା ପାଇଁ କୋଯେଲ ପାଳନ ଆଜିକାଲି ଯଥେଷ୍ଟ ଲୋକ ପ୍ରିୟ ହେଲଣି । ବତକ ଅଣ୍ଡା କୁକୁଡ଼ା ଅଣ୍ଡାଠାରୁ ବଡ଼ ମାତ୍ର ଶସ୍ତା ପଡୁଥିବାରୁ ବହୁଲୋକେ ବତକ ଅଣ୍ଡାହିଁ ପସନ୍ଦ କରୁଛନ୍ତି । ମାତ୍ର ଗୁଣ ଦୃଷ୍ଟିରୁ ବତକ, କୁକୁଡ଼ା, ହଂସ, ଫାର୍ମ ବା ଦେଶୀ କୁକୁଡ଼ା, ତାଜା ଅଥବା ଗନ୍ଧାଲଗା ଅଣ୍ଡା ସବୁ ସମାନ । ଯାହା ଶସ୍ତା ତାହା କିଣିବା ଦରକାର ।

ଆମ ଦେଶରେ ପ୍ରାୟ ଏକ କୋଟି ବତକ ବାର୍ଷିକ ପ୍ରାୟ ୪୦ କୋଟି ଅଣ୍ଡା ଦିଅନ୍ତି । ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟମାନଙ୍କରେ ସେମାନେ ବେଶୀ ସଂଖ୍ୟାରେ ଦେଖାଯାଆନ୍ତି । ପଶ୍ଚିମ ବଙ୍ଗରେ ପ୍ରାୟ ୫୩ ଲକ୍ଷ, ଆସାମରେ ପ୍ରାୟ ୨୫ ଲକ୍ଷ, ତାମିଲିନାଡୁରେ ୬ଲକ୍ଷ, ଆନ୍ଧ୍ରପ୍ରଦେଶରେ ୪ ଲକ୍ଷ, କେରଳ ଓ ବିହାରରେ ପ୍ରାୟ ୩ ଲକ୍ଷ ଲେଖାଏ ଓ ଆମ ଓଡ଼ିଶାରେ ପ୍ରାୟ ୨ ଲକ୍ଷ ବତକ ଅଛନ୍ତି । ଏ ବତକ ପାଳନ ଏବେ ମଧ୍ୟ ଦରିଦ୍ର, ତଥା ହରିଜନମାନଙ୍କ ହାତରେ ଅଛି । ଶିକ୍ଷା, ପରିଚାଳନା ପାଇଁ ଅର୍ଥ, ଉତ୍ତମ ଓ ଅଧିକ ଉତ୍ପାଦନକ୍ଷମ ଜାତିଆ ବତକଙ୍କ ଅଭାବରୁ ବତକପାଳନ କ୍ଷେତ୍ରରେ ଆଶାନୁରୂପ ଅଗ୍ରଗତି ହୋଇ ପାରି ନାହିଁ । ସେଥିପାଇଁ ଆଜି କାଲି ବତକ ପାଳନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ।

ବତକ ଓ କୁକୁଡ଼ା ପାଳନ ମଧ୍ୟରେ ସାମାନ୍ୟ ଫରକ ଅଛି । ଗରିବ ଲୋକଙ୍କ ପକ୍ଷରେ କୁକୁଡ଼ା ଆପେକ୍ଷା ବତକ ପାଳନ ସହଜ ଓ ବେଶୀ ଲାଭ ଜନକ । ନଈ ନାଳ, ପୋଖରୀ ହ୍ରଦ ବା ପାଣି ଜମି ରହୁଥିବା ଅଞ୍ଚଳ ବତକ ପାଳନ ପାଇଁ ଉତ୍କୃଷ୍ଟ । ଭାରତର ସମୁଦ୍ର ଉପକୂଳବର୍ତ୍ତୀ ପ୍ରାୟ ୪ହଜାର କିଲୋମିଟର ଅଞ୍ଚଳ ବତକ ପାଳନ ପାଇଁ ଖୁବ୍ ଉପଯୋଗୀ । ବତକଙ୍କ ପାଇଁ କୁକୁଡ଼ାଘର ପରି ସ୍ୱତନ୍ତ୍ର ଖର୍ଚ୍ଚସାପେକ୍ଷ ଘର ତିଆରି କରିବା ଆବଶ୍ୟକ ନାହିଁ । ବତକମାନେ ଦିନଯାକ ପାଣିରେ ଚରିବୁଲନ୍ତି । ପାଣିରୁ ଛୋଟ ଗେଣ୍ଡା ପୋକଯୋକ, ଛୋଟ ମାଛ, ଆଦି ଖାଉଥିବାରୁ ତାଙ୍କ ପାଇଁ ଦାନା ଖର୍ଚ୍ଚ ନାହିଁ କହିଲେ ଚଳେ । ବତକ ୫ମାସ ବୟସ ହେଲା ବେଳକୁ ଅଣ୍ଡାଦେବା ଆରମ୍ଭ କରେ ଓ ଦୁଇରୁ ଅଧିକ ବର୍ଷ ଅଣ୍ଡାଦିଏ । କୁକୁଡ଼ା ଅଣ୍ଡା ତୁଳନାରେ ବତକ ଅଣ୍ଡା ବଡ଼ ଓ ଏହାର ଖୋଳପା ମୋଟା ଓ ଶକ୍ତ । ତେଣୁ ପ୍ୟାକ୍ କରି ନବା ଅଣିବା କରିବାରେ ଏହା ବାଟରେ ନଭାଙ୍ଗିଲା ଫଳରେ ଏଥିରେ କୁକୁଡ଼ା ଅଣ୍ଡା ଭଳି ଅପେକ୍ଷା କ୍ଷତି କମ୍ । ବତକମାନେ ପାଣି ଓ ପୋଖରୀରୁ ଗେଣ୍ଡା ଖାଉଥିବାରୁ ଏହାଯୋଗୁଁ ସେଥିରେ ଗୋରୁମାନଙ୍କର କୃମିରୋଗ ନିୟନ୍ତ୍ରିତ ହୁଏ । ସେହିପରି ମଶା ମାଛି ଓ ତାଙ୍କ ଡିମ୍ବମାନ ଖାଉଥିବାରୁ ମାଲେରିଆ, ବାତଜ୍ୱର, ହଇଜା ଆଦି ରୋଗ ହ୍ରାସ କରିବାରେ ବତକ ସାହାଯ୍ୟ କରେ । ସେଥିପାଇଁ ପାଣି ସ୍ଥିର ରହୁଥିବା ବା ଜମୁଥିବା ଅଞ୍ଚଳରେ ବତକ ପାଳନ କରିବା ନିହାତି ଜରୁରୀ ।

ବତକ ପାଳନ କରି ଉପଯୁକ୍ତ ଲାଭ ପାଇବା ପାଇଁ ଅଧିକ ଅଣ୍ଡା ଦେଇପାରୁଥିବା ଜାତିଆ ବତକ, ଘରଦ୍ୱାରଉପକରଣ, ଦାନାପାଣି ବ୍ୟବସ୍ଥା , ରୋଗ ନିରାକରଣ ଓ ଚିକିତ୍ସା ପ୍ରତି ଧ୍ୟାନ ଦିଆଯିବା ଉଚିତ ।

## ଜାତଆ ବତ କ


କୁକୁଡ଼ାଙ୍କ ପରି ଆଜିକାଲି ଅଧିକ ଅଣ୍ଡା ଓ ଅଧିକ ମାଂସ ଉତ୍ପାଦନ କରୁଥିବା ସ୍ୱତନ୍ତ୍ର ବତକ ତଥା ଉଭୟ ଅଣ୍ଡା ଓ ମାଂସ ପାଇଁ ସ୍ୱତନ୍ତ୍ର ବତକ ମିଳୁଛନ୍ତି । ଆମ ଦେଶୀ ବତକମାନେ ବର୍ଷକୁ ମାତ୍ର ୬୦ —୮୦ଟି ଅଣ୍ଡା ଦିଅନ୍ତି । ମାତ୍ର ଖାକି କାମ୍ପେଲ ଜାତୀୟ ବତକ ବର୍ଷକୁ ୨୬୦—୨୮୦ ଅଣ୍ଡା ଦେଉଛନ୍ତି । ଆମ ଓଡ଼ିଶାର କଟକ ଖପୁରିଆଠାରେ ଗୋଟିଏ ସରକାରୀ ବତକ ପାଳନ ଫାର୍ମ ଅଛି । ଏଠାରେ ବରଦ ଦେଲେ ଆବଶ୍ୟକ ସଂଖ୍ୟକ ବତକ ଛୁଆ ମିଳନ୍ତି । ଦିନିକିଆ ଖାକି କାମ୍ପେଲ ମାଇବତକ ଛୁଆର ଦାମ ଟ୩.୫୦ ଓ ମାଈ ଅଣ୍ଡିରା ମିଶାମିଶି ଛୁଆଙ୍କ ମୂଲ୍ୟ ଗୋଟି ପ୍ରତି ଟ୨.୦୦ । ମାଂସ ପାଇଁ ବତକ ଛୁଆ ବର୍ତ୍ତମାନ ଆମ ରାଜ୍ୟରେ ମିଳୁ ନାହାନ୍ତି । ହରିୟାଣା କୃଷି ବିଶ୍ୱବିଦ୍ୟାଳୟ, ହିସାରଠାରେ ଥିବା ବତକ ଗବେଷଣା କେନ୍ଦ୍ରର ୧୫ ବର୍ଷର ଗବେଷଣାରୁ ଜଣା ଯାଇଛି ଯେ ହ୍ୱାଇଟ୍ ପେକିନ ଜାତୀୟ ମାଂସଳ ବତକ ମାତ୍ର ୭ ସପ୍ତାହ ବା ୫୦ ଦିନ ବୟସରେ ପ୍ରାୟ ୫ କେଜି ଦାନା ଖାଇ ପ୍ରାୟ ୨ କେଜି ଓଜନ ହେଉଛି ଓ ସବୁ ଖର୍ଚ୍ଚଯାଇ ବ୍ରୟଲର କୁକୁଡ଼ା ଅପେକ୍ଷା ଅଧିକ ଲାଭ ଦାୟକ ହେଉଛି । ଏ ଜାତୀୟ ବତକ କ୍ରମଶଃ ଲୋକ ପ୍ରିୟ ହୋଉଛି ।

## ବତକ ଘର ଓ ଉପକରଣ

ଅଳ୍ପ ସଂଖ୍ୟାରେ ବତକ ରଖିଲେ ତାଙ୍କ ପାଇଁ ସ୍ୱତନ୍ତ୍ର ଘର ତିଆରି କରିବାର ଆବଶ୍ୟକତା ନାହିଁ । ରାତିରେ ରହିବା ପାଇଁ ଅଟେଇପରି ଏକ ଘର ଦରକାର । ସକାଳେ ତାଙ୍କୁ ଚରିବୁଲିବାକୁ ଛାଡ଼ି ଦିଆ ଯାଏ । ସନ୍ଧ୍ୟା ବେଳକୁ ସେମାନେ ଫେରି ଆସନ୍ତି ଓ ରାତିରେ ସେ ଘରେ ଅଣ୍ଡା ଦିଅନ୍ତି । ମାତ୍ର ବେଶୀ ସଂଖ୍ୟାରେ ବତକ ରଖିଲେ ତାଙ୍କ ପାଇଁ କୁକୁଡ଼ା ଘର ପରି ସ୍ୱତନ୍ତ୍ର ଘର ତିଆରି କରିବା ଦରକାର ।

ଦିନିକିଆ ଛୁଆ ବତକଙ୍କୁ ମାସେ ଖଣ୍ଡେ ବ୍ରୁଡ଼ର ଘରେ ଉଷ୍ମ ଉତ୍ତାପ ଯୋଗାଯାଏ । ଏଥିପାଇଁ ଛୁଆପିଛା ଏକ ବର୍ଗ ଫୁଟ ଜାଗା ଦରକାର । ଇଲେକ୍ଟ୍ରିକ ବଲ୍ବ ଦ୍ୱାରା ଉତ୍ତାପ ଯୋଗାଯାଏ । ବ୍ରୁଡ଼ର ଘରେ ପ୍ରତି ୭ଟି ଛୁଆପାଇଁ ଏକ ଇଞ୍ଚ ଜାଗାର ପାଣି ଯାଗା ଓ ୨ ଇଞ୍ଚ ମାପର ଦାନାଯାଗା ଦରକାର । ଅଳ୍ପ ସଂଖ୍ୟାରେ ଛୁଆରଖିଲେ ଛୁଆ ମାସକର ହେଲାବେଳକୁ ତାକୁ ବଡ଼ମାନଙ୍କସହ ଚରିବାକୁ ଛାଡ଼ି ଦିଆଯାଏ । ମାତ୍ର ଫାର୍ମ କରିଥିଲେ ମାସକ ବେଳକୁ ତାକୁ ବ୍ରୁଡ଼ର ଘରୁ ଆଣି ବଡ଼ଘରେ ରଖାଯାଏ ଓ ସ୍ୱତନ୍ତ୍ର ଭାବରେ ତିଆରି ଦାନା ଖୁଆଯାଏ । ଅଣ୍ଡା ଦେବା ପାଇଁ ରହୁଥିବା ବତକଙ୍କ ଘର ସ୍ୱତନ୍ତ୍ର ଭାବରେ ତିଆରି ହୋଇଥାଏ । ଏହି ବତକଘରର ଦୁଇଟି ଅଂଶଥାଏ । ଗୋଟିଏ ଛାତ ଅଂଶ ଓ ଅନ୍ୟଟି ଉପର ଖୋଲା ଅଂଶ । ଛାତ ଥିବା ଅଂଶଟି ଖରା ବର୍ଷା, ରାତିରେ ରହିବା ଓ ଅଣ୍ଡା ଦେବା ପାଇଁ । ଖୋଲା ଅଂଶଟି ଦିନରେ ବୁଲିବା ପାଇଁ । ଏହାର ଶେଷ ଭାଗରେ ପାଣିକୁଣ୍ଡ ଥାଏ । ଆବଶ୍ୟକମତେ ବତକମାନେ ଏଥିରେ ପହଁରନ୍ତି ।

ମାସକରୁ ୪ ମାସର ବତକଛୁଆଙ୍କ ପାଇଁ ଛୁଆପ୍ରତି ଛାତଅଂଶ ୨ ବର୍ଗଫୁଟ ଓ ଖୋଲା ଅଂଶ ୭ ବର୍ଗଫୁଟ ଦରକାର । ୪ ମାସରୁ ଊର୍ଦ୍ଧ୍ୱ ଅଣ୍ଡା ଦିଆ ପ୍ରତ୍ୟେକ ବତକ ପାଇଁ ଛାତ ଅଂଶ ୩ ବର୍ଗଫୁଟ ଓ ଖୋଲା ଅଂଶ ୧୦ ବର୍ଗଫୁଟ ହେବା ଉଚିତ । ଛାତ ଅଂଶରେ କରତଗୁଣ୍ଡ, କଟା ନଡା ଆଦି ପଡ଼ି ଡିପ୍ ଲିଟର ହୋଇଥାଏ । ଏଥିରେ ଦାନା ଓ ପାଣିଯାଗା ଓ ଅଣ୍ଡା ଦେବା ଢ଼ାବଲଥାଏ । ୨୫ଟି ଅଣ୍ଡା ଦେଲା ବତକକୁ ଅଲଗା ଅଲଗା ଘରେ ରଖାଯାଏ । ଅର୍ଥାତ୍ ୬ ଫୁଟରେ ୧୨ ଫୁଟ ଛାତ ଅଂଶ ଓ ୬ ଫୁଟରେ ୪୫ ଫୁଟ ଖୋଲା ଅଞ୍ଚଳରେ ୨୫ଟି ବତକ ଆରାମରେ ରହିପାରିବେ । ସେଉ ୬ଫୁଟ ଲମ୍ବା ଓ ୪ଫୁଟ ଚଉଡାର ଏକ ପାଣିକୁଣ୍ଡ ବତକର ପହଁରିବାପାଇଁ ମଧ୍ୟ ଯଥେଷ୍ଟ ।




୨୫ଟି ବତକଙ୍କ ପାଇଁ ଘର

## ବତକଙ୍କ ପାଇଁ ଦାନା

ଦିନିକିଆ ଛୁଆରୁ ୪ ମାସ ବୟସ ପର୍ଯ୍ୟନ୍ତ ବତକଙ୍କୁ ଦାନା ଖୋଇଲେ ସେମାନେ ଶୀଘ୍ର ବଢ଼ନ୍ତି ଓ ୪ ବା ୫ ମାସ ବେଳକୁ ଅଣ୍ଡା ଦେବା ଆରମ୍ଭ କରନ୍ତି । ତା ପରେ ଅଳ୍ପ ବତକଥିଲେ ତାକୁ ଚରିବୁଲିବାକୁ ଛାଡି ଦିଆଯାଇପାରେ । ମାତ୍ର ବେଶୀ ବତକ ରଖିଲେ ଫାର୍ମ କରିଥିଲେ ତାକୁ ସବୁବେଳେ ଘରେରଖି ଦାନା ଦିଆଯାଏ । ଅଣ୍ଡା ଦେଉଥିଲା ବତକ ସବୁବେଳେ ଘରେ ରହି ଦାନାଖାଇଲେ ମାସକୁ ପ୍ରାୟ ସାଢ଼େ ୪ କେଜି ଦାନା ଖାଆନ୍ତି । ମାତ୍ର ଦିନଯାକ ଚରିବୁଲି ଆସିଲେ ସଂଧ୍ୟାବେଳକୁ ମୁଠାଏ ଦାନା ଦେଲେ ମାସକୁ ପ୍ରାୟ ଦେଢ଼ କେଜି ଦାନା ଖର୍ଚ୍ଚ ହୁଏ । ବତକଙ୍କୁ କୁକୁଡ଼ାଙ୍କପରି ଶୁଖିଲା ଦାନା ଖାଇବାକୁ ନଦେଇ ଚୁତାପଶା ପରି ଓଦାକରି ଦିଆଯାଏ ।

ମକାଗୁଣ୍ଡ, କୁଟ, ବିରି ଆଦି ଡ଼ାଲିଚୁନା, ଗହମ ଗୁଣ୍ଡ, କାଣ୍ଡିଆକୁଣ୍ଡା, ଘେକଡ, ନଡ଼ିଆ, ବାଦାମ ବା ଡିଲ ପିଡ଼ିଆ, ଶୁଖୁଆ ଗୁଣ୍ଡ, ଚୂନପଥର, ହାଡ଼ଗୁଣ୍ଡ, ଧାତବ ଲବଣ ଚୂନା ଆଦି ଖାଦ୍ୟସାମଗ୍ରୀ ମିଶାଇ ବତକଦାନା ତଆରି କରାଯାଏ । ଏସବୁ ବଭିନ୍ନ ବୟସର ବତକଙ୍କ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ମିଶାଇବା ନିହାତି ଜରୁରୀ । ଦିନିକିଆରୁ ମାସକ ପର୍ଯ୍ୟନ୍ତ ବଢ଼ର ଦାନା, ମାସକରୁ ୪ ମାସ ପର୍ଯ୍ୟନ୍ତ ବଡ଼ ଛୁଆଙ୍କ ପାଇଁ ଗ୍ରୋୟର ଓ ତା ପରେ ଅଣ୍ଡା ଦେଉଥିଲା କୁକୁଡ଼ା ଦାନାକୁ ଲେୟର' ଦାନା' ବୋଲି କୁହାଯାଏ । ଏହି ୩ ପ୍ରକାର କୁକୁଡ଼ାଙ୍କ ବୟସକୁ ଗ୍ରହି ନିର୍ଦ୍ଦିଷ୍ଟ ପରିମାଣର ଦାନା ନ ମିଶାଇଲେ ଦାନା ସନ୍ତୁଳିତ ହୋଇପାରେ ନାହିଁ ଓ ଫଳରେ ଉପକାର ନ କରି ବରଂ ଖର୍ଚ୍ଚ ଅଧିକହୁଏ ଓ ଉତ୍ପାଦନ କମ୍ ହୁଏ । ଆଜିକାଲି ବିଭିନ୍ନ କଂପାନୀମାନେ କୁକୁଡ଼ା ଓ ବତକଙ୍କ ପାଇଁ ସୁଷମ ଦାନାମାନ ବଜାରରେ ବିକ୍ରୟ କରୁଛନ୍ତି । ବରଂ ତାଙ୍କଠାରୁ ଦାନା କିଣି ବତକଙ୍କୁ ଖୋଇବା ଉଚିତ । କାରଣ ଏତେ ପ୍ରକାରର ଦାନା ସାମଗ୍ରୀ ନିର୍ଦ୍ଦିଷ୍ଟ ପରିମାଣରେ ମିଶାଇ ସନ୍ତୁଳିତ ଦାନା ତିଆରି କରିବା ସମସ୍ତଙ୍କପକ୍ଷେ ସମ୍ଭବ ନୁହେଁ । ବଭିନ୍ନ ବୟସର ବତକଙ୍କ ପାଇଁ ଏକ ସନ୍ତୁଳିତ ଦାନାର ମିଶ୍ରଣ ନିମ୍ନରେ ଦିଆଗଲା ।

| ସାମଗ୍ରୀ | ୪ମାସ ପର୍ଯ୍ୟନ୍ତ | ୪ମାସରୁ ଊର୍ଦ୍ଧ୍ୱ |
|---|---|---|
| | (ପ୍ରତି ୧୦୦ କେଜି ରେ) | |
| ମକାଗୁଣ୍ଡ | ୫୦ | ୩୦ |
| କାଣ୍ଡିଆକୁଣ୍ଡା | ୫ | ୨୦ |
| ଘେକଡ଼ | ୫ | ୧୪ |
| କୁଟ, ବିରିଆଦି ଡ଼ାଲିଚୁନା | ୨୫ | .. |
| ଗହମ ଚୁନା | .. | ୧୦ |
| ନଡ଼ିଆ ବା ଡିଳ ପିଡ଼ିଆ | .. | ୧୦ |
| ଶୁଖୁଆ ଗୁଣ୍ଡ | ୧୩ | ୧୦ |

| | | |
|---|---|---|
| ଚୂନପଥର ଗୁଣ୍ଡ | ୧ | ୫ |
| ହାଡ଼ ଗୁଣ୍ଡ | ୧ | .. |
| ଧାତବ ଲବଣ ଚୂନା | .. | ୧ |
| | ୧୦୦ | ୧୦୦ |

ମୋଟାମୋଟି ଭାବେ ଓଡ଼ିଶାରେ ଅଣ୍ଡାଦିଆ ବତକଙ୍କ ପାଇଁ ମକା, ବାଜରା ବା ଗହମଚୂନା ୫୫ ଭାଗ, ଚୂଡ଼ାକୁଣ୍ଡା ବା ସେକଡ଼ ୨୦ ଭାଗ, ଡିଳ ବା ନଡ଼ିଆ ପିଡ଼ିଆ ୧୫ ଭାଗ ଓ ଶୁଖୁଆ ଗୁଣ୍ଡ ୧୦ ଭାଗ ମିଶାଇ ଦାନା ତିଆରି କଲେ ଯଥେଷ୍ଟ ହେବ । ସବୁପ୍ରକାର ଦାନାରେ ନ୍ୟୁଭିମିନ୍, ନେଫ୍‌ଟିନ, ଏରୋମିନ୍ ଅରୋଫାକ୍, ମାଙ୍ଗାନିଜ ସଲଫେଟ୍ ଆଦି ଔଷଧ ଖୁବ୍ କମ ପରିମାଣରେ ମିଶାଯାଏ । ଉପରୋକ୍ତ ଦାନା କୁଇଣ୍ଟାଲ ପ୍ରତି ପ୍ରାୟ ୨୦୦ ଟଙ୍କା ପଡ଼ିବ ।

ଫାର୍ମକରି ଘରେ ରଖି ଦାନା ଖୋଇଲେ ମାସକୁ ବତକପିଛା ପ୍ରାୟ ସାଢ଼େ ୪ କେଜି ଦାନା ଖର୍ଚ୍ଚ ହେବ । ଦାନା ଖର୍ଚ୍ଚ ମାସକୁ ପ୍ରାୟ ୧୦ ଟଙ୍କା ହେବ । ଏପରି ବତକ ମାସକୁ ପ୍ରାୟ ୨୦ଟି ଅଣ୍ଡା ଦେବେ । ଏହାର ଦାମ ପ୍ରାୟ ୧୫ ଟଙ୍କା ଅର୍ଥାତ୍ ବତକପିଛା ମାସକୁ ୫ ଟଙ୍କା ନିଟ୍‌ଲାଭ । ସେହିପରି ବତକକୁ ବାହାରକୁ ବୁଲିବାକୁ ଛାଡ଼ିଦେଲେ ମାସକୁ ଖୁବ୍ ହେଲେ ଦୁଇକେଜି ଦାନା ଖର୍ଚ୍ଚ ହେବ ଯାହାର ଦାମ ମାତ୍ର ୪ ଟଙ୍କା ବତକଠାରୁ ହାରାହାରି ୧୫ଟି ଅଣ୍ଡା ମିଳିଲେ ମାସକୁ ପ୍ରାୟ ୧୧–୧୨ ଟଙ୍କା ମିଳେ । ଏ କ୍ଷେତ୍ରରେ ମାସିକ ନିଟ୍ ଲାଭ ପ୍ରାୟ ୮ ଟଙ୍କା ।

## ରୋଗ ନିରାକରଣ

କୁକୁଡ଼ାଙ୍କ ପରି ବତକମାନଙ୍କୁ ସେତେ ରୋଗ ନଥାଏ । ସକାଳୁ ଘରୁ ବାହାରକୁ ଛାଡ଼ିଲେ ସେମାନେ ସାଧାରଣତଃ ଫଡ୍ ଫଡ୍ ହୋଇ ପଳାଇ ଯାଆନ୍ତି । କେହି ପଛରେ ପଡ଼ିଯାଉଥିଲେ ଦୁର୍ବଳ ଜଣା ପଡୁଥିଲେ ନିକଟବର୍ତ୍ତୀ ପଶୁ ଡାକ୍ତରଙ୍କୁ ପଚାରିବା ଦରକାର । ଛୋଟ ବତକଙ୍କର ଏକ ବଡ଼ରୋଗ ଆଫଲାଟକ୍‌ସିକୋସିସ୍ । ଏହା ଏକ ବିଷାକ୍ତ ଜନିତ ରୋଗ ଓ ଏହା ବାଦାମ ପିଡ଼ିଆରେ ବେଶୀ ଥାଏ । ତେଣୁ ଛୋଟ ବା ବଡ଼ ବତକଙ୍କ ଦାନାରେ ଚିନାବାଦାମ ପିଡ଼ିଆ ନ ମିଶାଇବାହିଁ ସବୁଠାରୁ ଭଲ । ନଡ଼ିଆ, ଚେରି, ଅଳସୀ ଆଦି ପିଡ଼ିଆ ମିଶାଇବା ଉଚିତ ଓ ସେଥିରେ ଯେପରି ଫିମ୍ପିନମାରିବ ତାହା ମଧ୍ୟ ଦେଖିବା ଦରକାର ।

## ଅଣ୍ଡା ଓ ଛୁଆ ବିକ୍ରୀ ବ୍ୟବସ୍ଥା

ନିଜେ ଛୁଆ ନଫୁଟାଇ ସବୁବେଳେ ସରକାରୀ ସଂସ୍ଥାରୁ କିଣିକି ଆ ଛୁଆ ଆଣି ପାଳବା ଉଚିତ । ସେହିପରି ଘରୋଇ ବ୍ୟବସାୟୀମାନଙ୍କୁ ଅଣ୍ଡା ବା ବତକ ନ ଦେଇ ସମବାୟ ସମିତି ଜରିଆରେ ବତକ ବା ଅଣ୍ଡା ବିକ୍ରୟ କରିବା ଉଚିତ ।

ଉନ୍ନତ ବତକପାଳନ ପନ୍ଥା ଅବଲମ୍ବନ କଲେ ସାମାନ୍ୟ ଖର୍ଚ୍ଚରେ ବହୁଲାଭ ମିଳିବ ଏବଂ ବଳକ ଦାରିଦ୍ର୍ୟ ମୋଚନରେ ଯଥେଷ୍ଟ ସାହାଯ୍ୟ କରିବ ।

କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

NATIONAL CONFERENCE
ON ENCYCLOPAEDIA MAKING
JULY 26th-28th 88
BHUBANESWAR





# ସାର୍ଥକ ସ୍ୱପ୍ନ

## ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ

ମୟୂରଭଞ୍ଜ ଜିଲ୍ଲାର ବାରିପଦା ବ୍ଲକ୍ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମ ନିବାସୀ ଶ୍ରୀ ଭାଦୁଟି ବେହେରା ଜଣେ ଜଣାଶୁଣା ପାନ ଦୋକାନୀ । ସେ ଅତି ଗରିବ । ଦାରିଦ୍ର୍ୟ ସୀମାରେଖା ତଳେ ସର୍ବଦା କର୍ମବ୍ୟସ୍ତ । ବାର୍ଷିକ ଆୟ ମାତ୍ର ଦୁଇ ହଜାରରୁ ଚବିଶ ଶହ ପର୍ଯ୍ୟନ୍ତ । ନିଜ ଉପରେ ଲଦି ହୋଇଥିବା ପିଲା ପରିବାର ତାଙ୍କୁ ଏକ ବୋଝ ପରି ମନେ ହୁଏ । ପିଲାମାନଙ୍କୁ ଆବଶ୍ୟକୀୟ ଗଣ୍ଡାଏ ଖାଇବାକୁ ଦେବା ମଧ୍ୟ ତାଙ୍କ ପକ୍ଷରେ ବହୁ କଷ୍ଟକର । ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ମଧ୍ୟ ସେ ଅକ୍ଷମ ଥିଲେ ।

୧୯୮୬-୮୭ ବର୍ଷଟି ଥିଲା ତାଙ୍କ ଆର୍ଥିକ ପରିସ୍ଥିତିର ଏକ ମାଇଲ ଖୁଣ୍ଟ ସଦୃଶ । ବାରିପଦା କାନାଡା ବ୍ୟାଙ୍କ ତରଫରୁ ସେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାର ଅନ୍ତର୍ଭୁକ୍ତ ହେବାରୁ ତାଙ୍କୁ କିଛି ଆର୍ଥିକ ସାହାଯ୍ୟ ମିଳିଲା । ସେ ପ୍ରମାଣ କରିଦେଲେ ଯେ ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । ମନରେ ଆଗ୍ରହ ଓ ଦୃଢ଼ତା ଥିଲେ ସବୁ ସମସ୍ୟାର ସମାଧାନ ହୋଇପାରେ । ୧୯୮୬-୮୭ ରେ କାନାଡ଼ା ବ୍ୟାଙ୍କ ତରଫରୁ ଗୋଟିଏ ସ୍ୱ ଜଳଖିଆ ଦୋକାନ କରିବା ପାଇଁ ଛତିଶ ସହ ଟଙ୍କା ଋଣ ମିଳିଲା । ସବ୍‌ସିଡ଼ି ଆକାରରେ ବାରଶହ ଟଙ୍କା ସେଥିରୁ ଛାଡ ମିଳିଲା ।

ବର୍ତ୍ତମାନ ତାଙ୍କର ପରିସ୍ଥିତି ଆସ୍ତେଆସ୍ତେ ଭଲ ଆଡକୁ ଗତି କରୁଥିବାର ଦେଖିବାକୁ ମିଳୁଛି । ତାଙ୍କର ସ୍ୱ ଜଳଖିଆ ଦୋକାନରୁ ବେଶ୍ ଦୁଇ ପଇସା ଲାଭ ହେଲା । ଏହାଦ୍ୱାରା ତାଙ୍କର ବାର୍ଷିକ ଆୟ ଆଠ ହଜାର ଟଙ୍କାରେ ପହଞ୍ଚିଲାଣି । ଇତ୍ୟବସରରେ ଶ୍ରୀ ବେହେରା ନିଜ ପାଇଁ ଗୋଟିଏ ସାଇକଲ୍, ଗୋଟିଏ ଟେବୁଲ ପଙ୍ଖା ଏବଂ ଗୋଟିଏ ରେଡ଼ିଓ ସହିତ ଦୋକାନ ପାଇଁ ଆବଶ୍ୟକୀୟ ଆସବାବପତ୍ର କିଣି ସାରିଛନ୍ତି । ତାଙ୍କ ଜୀବନ ଧାରଣର ମାନ ଏବେ ଆଖି ଦୃଶିଆ ହେଲାଣି । ଦୁଇ ପୁଅ ସ୍କୁଲ ଯାଉଛନ୍ତି । ସେ ତାଙ୍କ ପିଲାମାନଙ୍କୁ ଆବଶ୍ୟକୀୟ ଖାଦ୍ୟ ଓ ବସ୍ତ୍ର, ବହିପତ୍ର ଇତ୍ୟାଦି ଠିକ୍‌ଭାବେ ଯୋଗାଇ ପାରୁଛନ୍ତି । ନିଜର ରୁଚି ମୁତାବକ ରହିବା ଘରଟିର ପୁନଃ ନିର୍ମାଣ କରାଇ ପାରିଛନ୍ତି । ବର୍ତ୍ତମାନ ସେହି ସ୍ୱ' ଦୋକାନଟିକୁ ବଦଳାଇ ଗୋଟିଏ ଛୋଟିଆ ହୋଟେଲ୍ ଓ ରେଷ୍ଟୁରାଣ୍ଟ କରିବାକୁ ମନେ ମନେ ସ୍ଥିର କରିଛନ୍ତି । ବାରିପଦା କମରସିଆଲ୍ ବ୍ୟାଙ୍କ ତଥା ଡ଼ି.ଆର୍.ଡ଼ି.ଏ. ମଧ୍ୟ ତାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଯଦି ଶ୍ରୀ ବେହେରା ସବୁବେଳେ ଦୃଢ଼ ମନୋବଳ ରଖି ଆଗ୍ରହ ସହକାରେ ନିଜର କର୍ତ୍ତବ୍ୟ କରିବେ ତେବେ ନିଶ୍ଚିତ ଭାବେ ଜୀବନରେ ଉନ୍ନତିର ଚରମ ସୀମାରେ ପହଞ୍ଚି ପାରିବେ ।

## ଦୁଃଖ ପରେ ସୁଖ....

କଳାହାଣ୍ଡି ଜିଲ୍ଲା ଜଇପାଟଣା ବ୍ଲକ୍ ଅନ୍ତର୍ଗତ ଜଇପାଟଣା ଗ୍ରାମ ନିବାସୀ ଶ୍ରୀ ବଳରାମ ରାଉତଙ୍କ ପୁତ୍ର ଶ୍ରୀ ଉଦୟନାଥ ରାଉତ । ଜାତିରେ ସବର୍ଣ୍ଣ । କୁଳ ବ୍ୟବସାୟ କୃଷି । ସେଥିରୁ ଯାହା କିଛି ଆୟ କରନ୍ତି ସେତିକିରେ ତାଙ୍କ ପରିବାର ପ୍ରତିପୋଷଣ ହେବା ସମ୍ଭବ ନୁହେଁ । ଛଅ ପ୍ରାଣୀ କୁଟୁମ୍ବଙ୍କ ଭରଣ ପୋଷଣର ସମ୍ପୂର୍ଣ୍ଣ ଭାର ଉଦୟନାଥଙ୍କ ଉପରେ । ନିଜର ନିତାନ୍ତ ଅନୁର୍ବର କୃଷି ଜମିରୁ ବାର୍ଷିକ ଆୟ ହୁଏ ତାଙ୍କର ମାତ୍ର ୩,୦୦୦ଟଙ୍କା । ତେବେ ଏଇ ସ୍ୱଳ୍ପ ଆୟରେ ଚଳିବାକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ସେ ଜଣେ ଉଦ୍ୟମୀ ତଥା ଦୂରଦୃଷ୍ଟି ସମ୍ପନ୍ନ ଲୋକ ହୋଇଥିବାରୁ କିପରି ଭାବରେ ଏହି ପରିସ୍ଥିତିରୁ ମୁକୁଳିବେ ସେଥିପାଇଁ ସର୍ବଦା ମନ ମଧ୍ୟରେ ଉପାୟ ଖୋଜୁଥାନ୍ତି ।

ସବୁଦିନ ସମାନ ଯାଏନା । ସୁଖ ପରେ ଦୁଃଖ ଏବଂ ଦୁଃଖ ପରେ ସୁଖ ଏ ସଂସାରର ଚିରନ୍ତନ ରୀତି । ସେଇ ସମୟରେ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କ ପାଇଁ ଉନ୍ନୟନ ଯୋଜନା ଜରିଆରେ ୧୪.୧.୧୯୮୮ରେ ତାଙ୍କୁ ସମୁଦାୟ ତେର ହଜାର ଟଙ୍କା ଋଣ ଆକାରରେ ମିଳିଲା । ସେଥିରୁ ୧,୬୨୫ ଟଙ୍କା ତାଙ୍କୁ ସବ୍‌ସିଡ଼ି ଆକାରରେ ଛାଡ ମିଳିଲା । ସେଥିରୁ ନିଜ ଜମିରେ ଗୋଟିଏ ସେଚକୂପ ଖନନ କଲେ ।

ଗତ ରବି ଋତୁରେ ପରିବା ଚାଷ କରି ସେ ତିନିମାସ ମଧ୍ୟରେ ତିନି ହଜାର ଟଙ୍କା ଆୟ କରି ପାରିଛନ୍ତି । ବର୍ତ୍ତମାନ ସେ ନିଜର ସମସ୍ତ ଜମିରେ ଉନ୍ନତ ମାନର ବିବିଧ ପ୍ରକାର ପରିବା ଚାଷ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି । ଏହିପରି ଉଦ୍ୟମୀ ତଥା ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ କଳାହାଣ୍ଡି ଜିଲ୍ଲାର ପରିସ୍ଥିତି ଯେ ଅଚିରେ ସୁଧୁରିଯିବ ଏଥିରେ ସନ୍ଦେହ ନାହିଁ ।

## ଦାରିଦ୍ର୍ୟ ସୀମାରେଖାର ଊର୍ଦ୍ଧ୍ୱରେ

ଆନ୍ଧ୍ରପ୍ରଦେଶରୁ ପ୍ରାୟ କୋଡ଼ିଏ ବର୍ଷ ତଳେ ଅଟାବିରାକୁ ଆସିଥିଲେ ସୂର୍ଯ୍ୟ ଦାସ । ସେ ଅଟାବିରାରେ କୃଷି ଶ୍ରମିକ ରୂପେ ଜୀବିକାର୍ଜନ କରୁଥିଲେ । ପରବର୍ତ୍ତୀ କାଳରେ ଛୋଟ ସ୍ୱ' ଦୋକାନଟିଏ ଦେଲେ । ସେଥିରେ ବା ସୁକୁରାଣ ମେଣ୍ଟେ କେତେକେ । ପରିବାରରେ ଛଅ ପ୍ରାଣୀ । ସ୍ତ୍ରୀ ଆଉ ପାଞ୍ଚଟି ପିଲା । ବାର୍ଷିକ ଆୟ ମାତ୍ର ୩,୦୦୦ ଟଙ୍କା ।

୧୯୮୫-୮୬ରେ ସୂର୍ଯ୍ୟ ଦାସ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନାରେ ହୋଟେଲ ବ୍ୟବସାୟ ନିମନ୍ତେ ଋଣ ପାଇଲେ । ଭାରତୀୟ ଷ୍ଟେଟ ବ୍ୟାଙ୍କ, ଅତାବିରା ଶାଖା ତାଙ୍କ ଋଣ ଆବେଦନ ମଞ୍ଜୁର କରି ୭୩୩ ଟଙ୍କା ସବ୍‌ସିଡ଼ି ସମେତ ୨,୨୦୦ ଟଙ୍କା ଦେଲେ ।

ସୂର୍ଯ୍ୟ ଦାସ ସେଇ ଟଙ୍କାରେ ଛୋଟ ଗୁଁ ଦୋକାନଟିକୁ ଉନ୍ନତ କଲେ ଏବଂ ହୋଟେଲଟିଏ ଖୋଲିଲେ । ହୋଟେଲ୍‌ଟି ସୁବିଧାଜନକ ଜାଗାରେ ଥିବାରୁ ଅଧିକରୁ ଅଧିକ ଗରାଖ ଆସିବାକୁ ଲାଗିଲେ । ହୋଟେଲ୍ ବ୍ୟବସାୟରେ ସ୍ତ୍ରୀ ଓ ପିଲାମାନେ ତାଙ୍କୁ ସାହାଯ୍ୟ କଲେ । ଆଜି ତାଙ୍କର ଦୈନିକ ବିକ୍ରି ୧୦୦ ଟଙ୍କା । ସେଥିରୁ ପ୍ରାୟ ୩୦ ଟଙ୍କା ଲାଭ । ତାଙ୍କ ବାର୍ଷିକ ଆୟ ୧୦,୮୦୦ ଟଙ୍କାକୁ ବୃଦ୍ଧି ପାଇଛି । ସୂର୍ଯ୍ୟ ଦାସ ଦାରିଦ୍ର୍ୟ ସୀମାରେଖା ଉନ୍ମୋଚନ କରିବାକୁ ସମର୍ଥ ହୋଇଛନ୍ତି ।

## ଉନ୍ନତ ତନ୍ତ : ଉନ୍ନତ ଜୀବନ

କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ୍‌ର ବନ୍ଦିଆମାଳ ଗାଁରେ ସତ୍ୟାନନ୍ଦ ମେହେରଙ୍କ ଘର । ବାପାଙ୍କ ନାଁ ରାଜା ମେହେର । ସେ ନିଜର ପୁରୁଣାକାଳିଆ ତନ୍ତ ଖଣ୍ଡକରେ ଲୁଗା ବୁଣି ଜୀବିକା ଅର୍ଜନ କରୁଥିଲେ । ସେଥିରେ ତାଙ୍କ ବେକରେ ପାଞ୍ଚ ପ୍ରାଣୀ କୁଟୁମ୍ବ ବନ୍ଧା । ତନ୍ତ ଖଣ୍ଡକରୁ କେତେ ବା ଏମିତି ଆୟ । ପରିବାର ଚଳେଇବା ତାଙ୍କ ପକ୍ଷରେ ବଡ କଷ୍ଟକର ହୋଇ ପଡ଼ିଲା । କ'ଣ କରିବେ କିଛି ବାଟ ଦିଶୁ ନଥାଏ । ଭାଗ୍ୟକୁ ୧୯୮୩-୮୪ ମସିହାରେ ଜୁନାଗଡ ବ୍ଲକ୍ ତରଫରୁ ସମନ୍ୱିତ ଗ୍ରାମ ଉନ୍ନୟନ ପରିକଳ୍ପନାରେ ସତ୍ୟାନନ୍ଦଙ୍କୁ ସାମିଲ କରାଗଲା । ଉନ୍ନତ ଧରଣର ଆଧୁନିକ ତନ୍ତ ଚଳାଇବା ପାଇଁ ତାଙ୍କୁ ତାଲିମ ଦିଆଗଲା । ଏହାପରେ ସମନ୍ୱିତ ଗ୍ରାମ ଉନ୍ନୟନ ପରିକଳ୍ପନା ଅନୁଯାୟୀ ୧୯୮୩ ଜୁନ୍ ୬ ତାରିଖରେ ସତ୍ୟାନନ୍ଦଙ୍କୁ ଉନ୍ନତ ତନ୍ତ ପାଇଁ ୧,୫୦୦ ଟଙ୍କା ଆର୍ଥିକ ସାହାଯ୍ୟ ଦିଆଗଲା । ଏହି ଟଙ୍କାରୁ ସେ ସବ୍‌ସିଡ୍ ଆକାରରେ ୫୦୦ ଟଙ୍କା ଛାଡ ପାଇଲେ । ଋଣ ପାଇବା ପୂର୍ବରୁ ପୁରୁଣା ତନ୍ତ ଖଣ୍ଡକରେ ଲୁଗା ବୁଣି ସେ ବର୍ଷକୁ ପ୍ରାୟ ୨ ହଜାର ଟଙ୍କା ରୋଜଗାର କରୁଥିଲେ । କିନ୍ତୁ ଏବେ ଆଧୁନିକ ତନ୍ତ ଖଣ୍ଡକରୁ ସେ ବର୍ଷକୁ ୫ ହଜାର ୪ ଶହ ଟଙ୍କା ରୋଜଗାର କରିପାରୁଛନ୍ତି । ଏଥିରୁ ସେ ବ୍ୟାଙ୍କ ଋଣ ପରିଶୋଧ କଲେଣି । ପୁଅମାନଙ୍କୁ ପାଠ ପଢାଇ ପାରିଛନ୍ତି ଏବଂ ନିଜର ସ୍ୱଳଘର ଖଣ୍ଡିକ ମରାମତି କରିପାରିଛନ୍ତି । କେବଳ ସେତିକି ନୁହେଁ, ପରିବାର ଚଳାଇ ସାଇକେଲ ଖଣ୍ଡେ ଏବଂ ରେଡ଼ିଓଟିଏ ମଧ୍ୟ କିଣି ପାରିଛନ୍ତି । ସେ ଆଗ ଅପେକ୍ଷା ବହୁତ ଭଲରେ ଅଛନ୍ତି ବୋଲି ନିଜେ କହନ୍ତି ।

## ସାଇକେଲ ମରାମତିରେ ଦାରିଦ୍ର୍ୟର ଇତି

ବିଁଶିପଡା ଗାଁରେ ଅନିରୁଦ୍ଧ ମେହେରଙ୍କର ଘର । ସାଇକେଲ ମରାମତି କାମ କରିବାକୁ ତାଙ୍କ ମନରେ ଭାରି ଆଗ୍ରହ ଥାଏ । ତେଣୁ, ଖୁବ୍ କମ୍ ବୟସରୁ ସେ ସାଇକେଲ ମରାମତି କାମ ଶିଖିଥିଲେ । ସେ ନିଜେ ସାଇକେଲ ମରାମତି ଦୋକାନ ଖଣ୍ଡେ କରିବା ପାଇଁ ଇଚ୍ଛା କରୁଥାନ୍ତି । କିନ୍ତୁ ସେ ଜଣେ ଗରିବ ଲୋକ । ଏତେ ପଇସା କୁଆଡୁ ପାଇବେ ସାଇକେଲ ମରାମତି ଯନ୍ତ୍ରପାତି କିଣିବା ପାଇଁ । ଏମିତି ମନ କଥା ମନରେ ମାରି ସେ ରହିଥାନ୍ତି । ଯାହାହେଉ, ସରକାରଙ୍କ ଗାଁ ଗହଳିର ଗରିବ ଲୋକଙ୍କ ଆର୍ଥିକ ସୁବିଧା କାର୍ଯ୍ୟକ୍ରମ ଓ ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ସେ ନୂଆ ବାଟ ପାଇଗଲେ । ଗତ ୧୯୮୩-୮୪ ବର୍ଷରେ ସାଇକେଲ ମରାମତି ଦୋକାନ କରିବା ପାଇଁ ତାଙ୍କୁ ୩ ହଜାର ଟଙ୍କା ଋଣ ଦିଆଗଲା । ଏଥିରେ ପୁଣି ସେ ସବ୍‌ସିଡ୍ ଆକାରରେ ଛାଡ ପାଇଲେ ୨ ହଜାର ୨ ଶହ ୫୦ ଟଙ୍କା । ଏହି ଟଙ୍କାରେ ସାଇକେଲ ମରାମତି ଯନ୍ତ୍ରପାତି କିଣି ଦୋକାନ ଖଣ୍ଡେ କରିବାରୁ ପ୍ରଥମେ ମାସକୁ ୧୫୦ ରୁ ୨୦୦ ଟଙ୍କା ରୋଜଗାର କଲେ । ଆସ୍ତେ ଆସ୍ତେ ଦୋକାନରୁ ତାଙ୍କର ଆୟ ଦିନକୁ ଦିନ ବଢିବାକୁ ଲାଗିଲା । ଅଭାବ ଘରେ ପୁଅ ରୋଜଗାରରୁ ଦି ପଇସା ପାଇବାରୁ ବାପ ମାଆଙ୍କୁ ମଧ୍ୟ ଭାରି ଖୁସି ଲାଗିଲା । ଇତି ମଧ୍ୟରେ ସେ ଋଣ ଶୁଝି ଦେଇ ଥିବାରୁ ତାଙ୍କୁ ୧୯୮୬-୮୭ ବର୍ଷରେ ୫ ହଜାର ଟଙ୍କା ଦ୍ୱିତୀୟ ଥର ପାଇଁ ଋଣ ଦିଆଗଲା । ସେ ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମରେ ଏହି ଋଣ ପାଇଲେ ଭଡାରେ ସାଇକେଲ ଯୋଗାଇବା ଦୋକାନ ଆରମ୍ଭ କରିବାକୁ । ସେ ସାଇକେଲ ମରାମତି ବାବଦରୁ ଦୈନିକ ୨୦-୨୫ ଟଙ୍କା ରୋଜଗାର କରିପାରୁଛନ୍ତି ଏବଂ ବିଭିନ୍ନ ଲୋକଙ୍କୁ ଭଡ଼ାରେ ସାଇକେଲ ଯୋଗାଇ ତିନୋଟି ସାଇକେଲରୁ ଦୈନିକ ୬ ଟଙ୍କା ପାଉଛନ୍ତି । ଭଡ଼ାରେ ସାଇକେଲ ଯୋଗାଇବା ପାଇଁ ଆଉ କେତେଖଣ୍ଡ ସାଇକେଲ କିଣିବାକୁ ସେ ଚିନ୍ତା କରିଛନ୍ତି । ଅଧିକ ରୋଜଗାର ହେବାରୁ ତାଙ୍କର ଘରର ଅବସ୍ଥା ମଧ୍ୟ ବଦଳି ଯାଇଛି । ସେ ଆଜି ବହୁତ ଖୁସି ଯେ ନିଜର ରୋଜଗାର ପଇସାରେ ତାଙ୍କର ପରିବାର ଭଲରେ ଚଳୁଛନ୍ତି । ଆଜି ତାଙ୍କର ବୁଢା ବାପ ମାଆଙ୍କ ମନରୁ ଦୁଃଖ ପାଶୋର ହୋଇ ଯାଇଛି ।

## ଆଜିର ଆତ୍ମନିର୍ଭରଶୀଳ ତରୁଣ

ପି. କାମରାଜ ୨୨ ବର୍ଷର ତରୁଣ । ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍‌ର ଛମାଖଣ୍ଡି ଗ୍ରାମରେ ତା'ର ଘର । ପରିବାରରେ ବାପା, ମାଁଙ୍କ ବ୍ୟତିତ ଦୁଇ ସାନ ଭଉଣୀ ଓ ଟିକି ଟିକି ଦୁଇ ଭାଇ । କାମରାଜର ପାଠପଢ଼ା ଚତୁର୍ଥ ଶ୍ରେଣୀ ଯାଏଁ । ଘରର ବଡ ପୁଅ ହୋଇଥିବାରୁ ପରିବାର ପ୍ରତିପାଳନ ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ତା' ଉପରେ ନ୍ୟସ୍ତ । ବାପା ପୁରୀର ଜଣେ ରିକ୍ସା ଚାଳକ । ସେ ନିଜ ଖର୍ଚ୍ଚ ବାର୍ଚ୍ଚ ତୁଲାଇ ଗାଁରେ ଥିବା ପିଲାପିଲିଙ୍କୁ କେତେବା ସାହାଯ୍ୟ କରିପାରିବେ ?

ଦି'ବର୍ଷ ଆଗରୁ କାମରାଜ ପ୍ରଚଣ୍ଡ ଦୁଃସମୟର ସମ୍ମୁଖୀନ ହୋଇଥିଲା । ଜମିଜମା ନଥିବାରୁ ସେ ଓ ତା'ର ମାଆ ଏଣୁତେଣୁ କାମ କରି ପେଟ ପୋଷୁଥିଲେ । ସେ ଦିନକୁ ଟଙ୍କାଏ ମଜୁରିରେ ଦୁଇବର୍ଷ ଧରି ଗୋଟିଏ ସାଇକେଲ୍ ଦୋକାନରେ ରିପିୟାରିଂ ଶିଖୁଥିଲା । ତା'ପରେ ଦିନକୁ ସୁରିଟଙ୍କା ମଜୁରିରେ ଆଉ ଛଅମାସ କାମ କଲା । କର୍ମଦକ୍ଷତା ଲାଭ କରିଥିବାରୁ ତା'ମନରେ ସାହସ ହେଲା । ନିଜେ ଦୋକାନଟିଏ ଖୋଲିବ । ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ସହାୟତାରେ ସାଇକେଲ୍ ରିପିୟାରିଂ ଦୋକାନ ଖୋଲିବା ପାଇଁ ତାକୁ ୨,୩୫୦ ଟଙ୍କା ଋଣ ମିଳିଲା । ୨୩.୬.୧୯୮୭ରେ ଋଣ ପାଇ ମୂଳଧନ ବାବଦକୁ ସେ ୨୭୦ ଟଙ୍କା ପରିଶୋଧ କରିଛି । ତାକୁ ଅର୍ଥ ପ୍ରଦାନ କରିଥିବା ଆନ୍ଧ୍ର ବ୍ୟାଙ୍କର ଛତ୍ରପୁର ଶାଖାକୁ ସୁଧ ବାବଦରେ ୫୨ ଟଙ୍କା ପରିଶୋଧ କରିଛି । ଚିଟ୍ ଫଣ୍ଡରୁ ଟଙ୍କା ଆଣି ସେ ୬,୨୦୦ ଟଙ୍କାରେ ଗୋଟିଏ ଧାନଘର କରିଛି । ରିପିୟାରିଂରୁ ତା'ର ଦୈନିକ ଆୟ ୧୦ ରୁ ୧୫ ଟଙ୍କା । କେବେ କେବେମଧ୍ୟ ଅଧିକ । ପୁଣି ତାକୁ କାମରେ ସାହାଯ୍ୟ କରିବା ପାଇଁ ପିଲାଟିଏ ଅଛି ।

ଆତ୍ମନିର୍ଭରଶୀଳତାର ଏ କ'ଣ ଉଣା ଦୃଷ୍ଟାନ୍ତ ?



# ସମ୍ବାଦ ପରିକ୍ରମା

## ଜାତୀୟ ଟେକ୍‌ନୋଲଜି ମିଶନ୍‌ର ସଫଳ ରୂପାୟନ ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବ

**ମୁଖ୍ୟମନ୍ତ୍ରୀ**

ସଚିବାଳୟଠାରେ ଜାତୀୟ ଟେକ୍‌ନୋଲଜି ମିଶନ୍‌ର ରାଜ୍ୟସ୍ତରୀୟ ପରାମର୍ଶଦାତା କାଉନ୍‌ସିଲ୍‌ର ପ୍ରଥମ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଲେ ଯେ କେନ୍ଦ୍ରୀୟ ମିଶନର ପରିପୂରକ ରୂପେ ରାଜ୍ୟବାସୀଙ୍କର ଆବଶ୍ୟକତା ସଂପର୍କରେ ଅନୁଧ୍ୟାନ କରି ଏକ ସ୍ୱତନ୍ତ୍ର ମିଶନ୍ ଓଡ଼ିଶା ପାଇଁ ଗଠନ କରାଯାଇଛି । ଏହିସବୁ ମିଶନ୍‌ର ସଫଳ ରୂପାୟନ ଦ୍ୱାରା ରାଜ୍ୟର ପ୍ରଗତି ତ୍ୱରାନ୍ୱିତ ହେବା ସଙ୍ଗେ ସଙ୍ଗେ ପଲ୍ଲୀ ଅଞ୍ଚଳର ଲୋକମାନଙ୍କର ନିମ୍ନତମ ଆବଶ୍ୟକତା ପୂରଣ କରିବା ସମ୍ଭବପର ହେବ । ଏହାକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ସଙ୍ଗେ ସଙ୍ଗେ ସ୍ୱେଚ୍ଛାସେବୀ ସଂଗଠନ ଓ ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମ ସହ ସଂପୂର୍ଣ୍ଣରୂପେ ସଂଶ୍ଳିଷ୍ଟ କରିବା ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଜାତୀୟ ମିଶନ୍‌ର ସଦସ୍ୟ ତଥା ''ଆଓ୍ୱାର''ର ଅଧ୍ୟକ୍ଷ ଶ୍ରୀ ପି. କେ. ଏସ୍. ମାଧବନ୍ ଦର୍ଶାଇଥିଲେ ଯେ ଟେକ୍‌ନୋଲଜି ମିଶନ୍ କାର୍ଯ୍ୟକ୍ରମକୁ କାର୍ଯ୍ୟକାରିତା ଦିଗରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଅଗ୍ରଗଣ୍ୟ । ଏଥିପାଇଁ ମୁଖ୍ୟମନ୍ତ୍ରୀ ତଥା ସଂପୃକ୍ତ ପଦାଧିକାରୀମାନଙ୍କର ଭୂୟସୀ ପ୍ରଶଂସା କରି ମିଶନ୍‌ର ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ଆଲୋଚନା ପରେ ମିଶନଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସ୍ଥାପନ କରିବା, ଏହାର କାର୍ଯ୍ୟକ୍ରମ ସରଳ ଓଡ଼ିଆ ଭାଷାରେ ଅନୁବାଦ କରି ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାକୁ କେବଳ ଏକ ସରକାରୀ କାର୍ଯ୍ୟ ରୂପେ ସୀମିତ ନରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସକ୍ରିୟ ସହଯୋଗରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ମିଶନ୍‌ର ବିଭିନ୍ନ ବିଭାଗ ସଂପର୍କରେ ସମୀକ୍ଷା କରି ଶ୍ରୀ ପଟ୍ଟନାୟକ ୧୯୯୦ ମସିହା ମାର୍ଚ୍ଚ ମାସ ସୁଦ୍ଧା ଜଳକ୍ଲିଷ୍ଟ ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଇ ଦେବା, ନଳକୂପ ପାଣିର ଲୌହାଂଶ ଏବଂ ଲବଣାଂଶ ଦୂରକରିବା, ଯେଉଁ ଅଞ୍ଚଳରେ ନଳକୂପ ସଫଳ ନ ହେଉଛି, ସେଠାରେ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରିବା ଓ ଜନସ୍ୱାସ୍ଥ୍ୟ ଇଂଜିନିୟରିଂ ବିଭାଗ, ଉଠା ଜଳସେଚନ ସଂଗଠନ ତଥା ମୃତ୍ତିକା ସଂରକ୍ଷଣ ସଂସ୍ଥା ମଧ୍ୟରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଉପଯୁକ୍ତ ସମନ୍ୱୟ ସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ । ନଳକୂପଗୁଡ଼ିକର ମରାମତି ଓ ସଂରକ୍ଷଣ ସଂପର୍କରେ ପଲ୍ଲୀ ଅଞ୍ଚଳର ଲୋକମାନଙ୍କୁ ପ୍ରଶିକ୍ଷଣ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ବିଭିନ୍ନ ରୋଗର ପ୍ରତିଷେଧକ ଟିକା ଦେବା କ୍ଷେତ୍ରରେ ଓଡ଼ିଶାର ସାଫଲ୍ୟ ଏହି କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ସାଫଲ୍ୟ ଅପେକ୍ଷା ଯଥେଷ୍ଟ ଭଲ ହୋଇଥିଲେ ମଧ୍ୟ ଏହାକୁ ଅଧିକ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ୧୯୮୫ ମସିହାଠାରୁ ୭ଟି ଜିଲ୍ଲାରେ ପ୍ରଚଳନ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ଅତିଶୀଘ୍ର ଅନ୍ୟ ୬ଟି ଜିଲ୍ଲାକୁ ସଂପ୍ରସାରିତ କରାଯିବ । ପ୍ରୌଢ଼ଶିକ୍ଷା କ୍ଷେତ୍ରରେ ସପ୍ତମ ଯୋଜନା କାଳ ମଧ୍ୟରେ ୧୫ ବର୍ଷରୁ ୩୫ ବର୍ଷ ବୟସ ୧୬ ଲକ୍ଷ ୯୦ ହଜାର ବ୍ୟକ୍ତିଙ୍କୁ ଏବଂ ଅବଶିଷ୍ଟ ନିରକ୍ଷର ଲୋକଙ୍କୁ ଅଷ୍ଟମ ଯୋଜନା ମଧ୍ୟରେ ସାକ୍ଷର କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ କଟକ ଓ କଳାହାଣ୍ଡି ଜିଲ୍ଲାରେ ଏହି ମିଶନ୍ ପକ୍ଷରୁ ଏ ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଉଛି । ସାକ୍ଷରତା କାର୍ଯ୍ୟକ୍ରମ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ବିଶେଷ ପ୍ରୋତ୍ସାହନ ଦେବା ପାଇଁ ସ୍ଥିର କରାଯାଇଛି ।

ତୈଳବୀଜ ଉତ୍ପାଦନ ବୃଦ୍ଧି କରିବା ପାଇଁ ମୃତ୍ତିକା ପରୀକ୍ଷା, ଉନ୍ନତ ବିହନ ଯୋଗାଣ, ଅଧିକ ସାର ପ୍ରୟୋଗ ଏବଂ କୃଷି ସଂପ୍ରସାରଣ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବାର ଆବଶ୍ୟକତା ବିଷୟ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ । ଉତ୍ପାଦନ ତଥା ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି କରି ଧାର୍ଯ୍ୟ ଲକ୍ଷ୍ୟ ଅତିକ୍ରମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ଟେଲି-ଯୋଗାଯୋଗ ବ୍ୟବସ୍ଥା ସଂପର୍କରେ ସମୀକ୍ଷା କରି ବିଭିନ୍ନ ଜିଲ୍ଲା ସହ ରାଜଧାନୀକୁ ଏସ୍. ଟି. ଡି. ସଂଯୋଗ ସ୍ଥାପନ କରିବା;, ପଲ୍ଲୀ ଅଞ୍ଚଳକୁ ଟେଲିଫୋନ ବ୍ୟବସ୍ଥା ସଂପ୍ରସାରଣ କରିବା ଏବଂ କଟକ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ପ୍ରଭୃତି ସହରରେ ଟେଲିଫୋନ୍ ସଂଖ୍ୟା ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଟେଲି ଯୋଗାଯୋଗ ଜେନେରାଲ ମ୍ୟାନେଜର, ଏସ୍. ଟି. ଡି: ସଂଯୋଗ ନ ଥିବା ୫ଟି ଜିଲ୍ଲା ମଧ୍ୟରୁ ୨ଟି ଜିଲ୍ଲାରେ ଏହି କାର୍ଯ୍ୟ ଚଳିତ ବର୍ଷ ସୁଦ୍ଧା ଏବଂ ଅନ୍ୟ ୩ଟିରେ ଅଷ୍ଟମ ଯୋଜନା ସୁଦ୍ଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମାଞ୍ଚଳରେ ଟେଲିଫୋନ ସଂଯୋଗ ଏବଂ ଭି. ଏଚ୍. ଏଫ୍. ମାଧ୍ୟମରେ ଯୋଗାଯୋଗ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଏବଂ ଆଗାମୀ ବର୍ଷ ସୁଦ୍ଧା ରାଜ୍ୟର ମୁଖ୍ୟ ସହରଗୁଡ଼ିକରେ ଟେଲିଫୋନ୍‌ର ଆବଶ୍ୟକତା ପୂରଣ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ବିଷୟ ମଧ୍ୟ ସେ ପ୍ରକାଶ କରିଥିଲେ ।

## ଶ୍ରୀକ୍ଷେତ୍ର ପରିବେଶର ଉନ୍ନତି ଏବଂ ଶ୍ରୀମନ୍ଦିରର ଅର୍ଥନୈତିକ ଅଭିବୃଦ୍ଧି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ୧ ଲକ୍ଷ ୧୮ ହଜାର ଏକର ଜମି ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରାଯାଇ ସାରିଛି । ଶ୍ରୀମନ୍ଦିରର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ଗ୍ରହଣ କରିବା ସମୟରେ ଭୂ-ସଂପତ୍ତି ସଂପର୍କୀୟ ସଂପୂର୍ଣ୍ଣ ତଥ୍ୟ ମିଳି ନଥିଲା । ବିଭିନ୍ନ ତହସିଲରୁ ଏହି ତଥ୍ୟ ସଂଗ୍ରହ କରିବା ପାଇଁ ଗତ କିଛିଦିନ ତଳେ ମୁଖ୍ୟ ଶାସନ ସଚିବ, ରାଜସ୍ୱ ପର୍ଷଦ ସଭ୍ୟଙ୍କ ଅଧ୍ୟକ୍ଷତାରେ ଏକ ସବ୍ କମିଟି ଗଠନ କରିଥିଲେ । ଅମୃତ ମଣୋହି ବ୍ୟତୀତ ଶ୍ରୀମନ୍ଦିରର ଅନ୍ୟ ଜମି ସଂପର୍କରେ ଏକ ମକଦ୍ଦମା ବର୍ତ୍ତମାନ ସୁପ୍ରିମ୍ କୋର୍ଟର ବିଚାରାଧୀନ ଅଛି । ଅନ୍ୟ ରାଜ୍ୟରେ ଶ୍ରୀଜଗନ୍ନାଥଙ୍କର ମଧ୍ୟ ବହୁ ଜମି ରହିଛି । ଏହା ସଂପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ସଂପୃକ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ଅନୁରୋଧ କରିଛନ୍ତି । ଏହି ଭୂ-ସଂପତ୍ତିର ଉପଯୁକ୍ତ ବିନିଯୋଗ ହୋଇପାରିଲେ, ମନ୍ଦିରର ଆୟ ଯଥେଷ୍ଟ ବୃଦ୍ଧି ପାଇପାରିବ ବୋଲି ଆଶା କରାଯାଉଛି । ଏହାବ୍ୟତୀତ ଶ୍ରୀମନ୍ଦିରର ଅର୍ଥନୈତିକ ଅଭିବୃଦ୍ଧି ସଂପର୍କରେ ଉପଯୁକ୍ତ ଅନୁଧ୍ୟାନ କରି ପନ୍ଥା ନିର୍ଦ୍ଧାରଣ ନିମନ୍ତେ ଅର୍ଥ ବିଭାଗ ଶାସନ ସଚିବଙ୍କର ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ବିଧି ବିଭାଗର ଶାସନ ସଚିବ, ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ପୁରୀ ଜିଲ୍ଲାପାଳ ଏହି କମିଟିର ସଭ୍ୟ ରହିଛନ୍ତି ।

ଏକ ଉଚ୍ଚସ୍ତରୀୟ ଆଲୋଚନା ସଭାରେ ଶ୍ରୀମନ୍ଦିରର ଅର୍ଥନୈତିକ ସ୍ଥିତି, ମହାପ୍ରସାଦର ମାନ ଏବଂ ମନ୍ଦିରର ନୀତି ବ୍ୟବସ୍ଥାର ଉନ୍ନତି ଓ ଶ୍ରୀକ୍ଷେତ୍ରର ପରିବେଶ ସଂପର୍କରେ ସମୀକ୍ଷା କରାଯାଇଥିଲା । ଗତ ରଥଯାତ୍ରା ସମୟରେ ଅବ୍ୟବସ୍ଥା ସଂପର୍କରେ ହୋଇଥିବା ଅଭିଯୋଗଗୁଡ଼ିକର ତଦନ୍ତ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାୟିତ୍ୱ ଦିଆଯାଇଥିବା ବିଷୟ ମୁଖ୍ୟ ସଚିବ ପ୍ରକାଶ କରିଥିଲେ । ଶ୍ରୀମନ୍ଦିରର ଲକ୍ଷ ଲକ୍ଷ ଭକ୍ତଙ୍କର ଏକ ପ୍ରଧାନ ଆକର୍ଷଣ ସ୍ଥଳ ହୋଇଥିବା ଦୃଷ୍ଟିରୁ ଠାକୁରଙ୍କ ନୀତିରେ ଅନିୟମିତା ଏବଂ ମହାପ୍ରସାଦ ମାନର ହ୍ରାସ ହେଲେ ସରକାର ନୀରବ ଦ୍ରଷ୍ଟା ହୋଇ ରହିବେ ନାହିଁ ବୋଲି ମୁଖ୍ୟ ସଚିବ କହିଥିଲେ ।

ଶ୍ରୀମନ୍ଦିର ପରିସର ମଧ୍ୟରେ ଥିବା ସୂର୍ଯ୍ୟ ମନ୍ଦିରର ମରାମତି କାର୍ଯ୍ୟ ଆଗାମୀ ସେପ୍ଟେମ୍ବର ମାସ ସୁଦ୍ଧା ଶେଷ କରାଯିବ । ମନ୍ଦିରରୁ ଚୂନ ବାହାର କରିବା ଏବଂ ଏହାର ରକ୍ଷଣାବେକ୍ଷଣ ସଂପର୍କରେ ଅନୁଧ୍ୟାନ କରି ପରାମର୍ଶ ଦେବା ପାଇଁ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗର ନିର୍ଦ୍ଦେଶକ ଆସନ୍ତା ମାସର ମଧ୍ୟଭାଗରେ ପୁରୀ ଆସୁଛନ୍ତି ।

ମନ୍ଦିର ଏବଂ ଏହାର ପରିସର ମଧ୍ୟରେ ବିଦ୍ୟୁତ୍ ଆଲୋକ ସଜ୍ଜା ସଂପର୍କରେ ବୈଷୟିକ ପରାମର୍ଶ ଦେବା ତଥା ଏଥିପାଇଁ ବିନା ମୂଲ୍ୟରେ ସରଞ୍ଜାମ ଯୋଗାଇ ଦେବା ପାଇଁ ମୁଖ୍ୟ ସଚିବ ବଜାଜ୍ ଇଲେକ୍‌ଟ୍ରିକାଲ୍‌ସ୍, ଫିଲିପ୍‌ସ୍ ଇଣ୍ଡିଆ ଏବଂ କ୍ରମ୍ପଟନ୍ କଂପାନିକୁ ଅନୁରୋଧ କରିଥିଲେ । ବଜାଜ୍ ଇଲେକ୍‌ଟ୍ରିକାଲ୍‌ସ୍‌ର ଇଞ୍ଜିନିୟରମାନେ ଆଗାମୀ ୧୬ ଓ ୧୭ ତାରିଖରେ ଏହି ଉଦ୍ଦେଶ୍ୟରେ ଓଡ଼ିଶା ଗସ୍ତରେ ଆସି ଶ୍ରୀମନ୍ଦିର ଓ ତାହାର ପରିସର ପରିଦର୍ଶନ କରିବେ ବୋଲି ଜଣାଯାଇଛି ।

ଶ୍ରୀମନ୍ଦିରର ପରିସର, ବିଶେଷତଃ ଆନନ୍ଦ ବଜାର ଅଞ୍ଚଳକୁ ସଂପୂର୍ଣ୍ଣରୂପେ ପରିଷ୍କାର, ପରିଚ୍ଛନ୍ନ ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଖୋଲାସ୍ଥାନରେ ମହାପ୍ରସାଦ ବିକ୍ରୀ ନିଷିଦ୍ଧ କରିବା ଉଚିତ ବୋଲି ସାଧାରଣଭାବେ ମତ ପ୍ରକାଶ ପାଇଥିଲା । ବାହାରେ ମହାପ୍ରସାଦ ଭବନ ପାଇଁ ଅନୁମତି ନଦେଇ ସେଥିପାଇଁ ନିର୍ମିତ ହୋଇଥିବା ହଲ୍‌ର ସଂପ୍ରସାରଣ ଓ ମରାମତି କରି ତାହାର ସଦୁପଯୋଗ କରାଯିବା ବିଷୟ ସ୍ଥିର କରାଗଲା ।

ବଡ଼ଦାଣ୍ଡର ଉପଯୁକ୍ତ ରକ୍ଷଣାବେକ୍ଷଣ, ନାଳ ନର୍ଦ୍ଦମା ବ୍ୟବସ୍ଥାର ଉନ୍ନତି, ଦୁଇ ଗାଉଗୋଷ୍ଠଙ୍କର ସ୍ଥାନାନ୍ତର, ଜବରଦଖଲ ଉଚ୍ଛେଦ, ଲକ୍ଷ୍ମୀ ବଜାରକୁ ଉତ୍ତର ପାର୍ଶ୍ୱ ମଠ ପରିସରକୁ ଉଠାଇନେବା, ପଶ୍ଚିମ, ଉତ୍ତର ଏବଂ ଦକ୍ଷିଣ ଦ୍ୱାର ନିକଟରେ ଯାତ୍ରୀମାନଙ୍କର ବ୍ୟବହାର ପାଇଁ ଶୌଚାଳୟ ନିର୍ମାଣ ପ୍ରଭୃତି ପ୍ରସ୍ତାବ ମଧ୍ୟ ବିଚାର କରାଯାଇଥିଲା । ଆଗାମୀ ଅକ୍‌ଟୋବର ମାସ ସୁଦ୍ଧା ବିଭିନ୍ନ ପବିତ୍ର ସରୋବର ନିକଟରେ ପ୍ରଭାତ

ନଳକୂପ ଖନନ କରି ଏହି ପୁଷ୍କରିଣୀ ଗୁଡ଼ିକର ଜଳକୁ ବିଶୋଧନ କରାଯିବ ବୋଲି ସ୍ଥିର କରାଗଲା ।

ଏହି ଆଲୋଚନା ସମୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ କେ. ଶ୍ରୀନିବାସନ୍, ରାଜସ୍ୱ ପର୍ଷଦ ସଭ୍ୟ ଶ୍ରୀ ରମାକାନ୍ତ ମିଶ୍ର, ଅର୍ଥ, ସ୍ୱରାଷ୍ଟ୍ର, ନିର୍ମାଣ, ବିଧି, ରାଜସ୍ୱ ବିଭାଗର ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ପୁରୀ ଜିଲାପାଳ ଏବଂ ଏସ୍. ପି. ଏବଂ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ ।

କରିଛନ୍ତି । ଏଥିପାଇଁ ଅଧିକ ସାର ଓ ବିହନ ଯୋଗାଣ, ରିହାତି ହାରରେ ସମବାୟ ଋଣ ପ୍ରଦାନ ଏବଂ ବ୍ୟାପକ ଜଳସେଚନ ବ୍ୟବସ୍ଥା କରାଯାଇଛି । ବିଶେଷ କରି ଆଦିବାସୀ–ହରିଜନ ଚାଷୀମାନେ ଯେପରି ଅଗଭୀର ନଳକୂପ ଖନନ କରିପାରିବେ, ସେ ବାବଦରେ ସେମାନଙ୍କୁ ୩୬ କୋଟି ଟଙ୍କା ସାହାଯ୍ୟ ଦିଆଯିବ । ଚଳିତ ବର୍ଷ ଅନୁକୂଳ ପାଗ ହୋଇଥିବା ଦୃଷ୍ଟିରୁ ଖାଦ୍ୟ ଶସ୍ୟ ଉତ୍ପାଦନର ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ହୋଇପାରିବ, ବୋଲି ଶ୍ରୀ ବେହେରା ଆଶା ପ୍ରକାଶ କରିଥିଲେ ।

## ଚୁନିଦାଠାରେ ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର

ଭଦ୍ରଖ ଠାରୁ ୧୨ କି: ମି: ଦୂର ଚୁନିଦା ଗ୍ରାମରେ ନିର୍ମିତ ଇନ୍ଦିରା ପ୍ରିୟଦର୍ଶନୀ ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏକଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ବାଲେଶ୍ୱର ଜିଲ୍ଲାର ୨୬ଟି କେନ୍ଦ୍ର ମଧ୍ୟରୁ ଅନ୍ୟତମ । ଏହାର ନୂତନ ଗୃହ ନିର୍ମାଣ ବାବଦକୁ ସରକାର ଏକଲକ୍ଷ ଟଙ୍କା ଓ ସ୍ଥାନୀୟ ଲୋକମାନେ ଶ୍ରମ ଆକାରରେ ତାଙ୍କର ଅଂଶ ବାବଦକୁ ୬୦ ହଜାର ଟଙ୍କା ଦେଇଛନ୍ତି ।

ଏହି ଉପଲକ୍ଷେ ରାଜସ୍ୱ, ଅର୍ଥ ଓ ଆଇନ୍ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ସମାବେଶରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର କେତେକ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତନ୍ମଧ୍ୟରେ ପ୍ରତ୍ୟେକ ଜଳକଷ୍ଟ ଗ୍ରାମରେ ଅନ୍ୟୂନ ଗୋଟିଏ ଲେଖାଏଁ ନଳକୂପ ଖନନ, ବିଦ୍ୟାଳୟ ଗୁଡ଼ିକରେ ପକ୍କାଘର ନିର୍ମାଣ, ପଞ୍ଚାୟତ ଓ ବ୍ଲକ ସଦର ମହକୁମାକୁ ସଂଯୋଗ କରିବାକୁ ସବୁଦିନିଆ ରାସ୍ତା ନିର୍ମାଣ ଏବଂ କୃଷି ପାଇଁ ଅଧିକ ଜଳ ଯୋଗାଣ ବ୍ୟବସ୍ଥା କରିବା ଇତ୍ୟାଦି ଅନ୍ତର୍ଭୁକ୍ତ । ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ରାଜସ୍ୱ ମନ୍ତ୍ରୀ ତାଙ୍କ ଅଭିଭାଷଣରେ ବାଲେଶ୍ୱର ଜିଲା, ବିଶେଷତଃ ଭଦ୍ରକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ଜଳସେଚନ, କୃଷି ତଥା ଶିଳ୍ପ କ୍ଷେତ୍ରରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ସୂଚନା ଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ସଦିଚ୍ଛା ଯୋଗୁଁ ଏହି ଅଞ୍ଚଳର ପ୍ରଭୂତ ଉନ୍ନତି ସାଧନ ହୋଇ ପାରିଛି । ଭବିଷ୍ୟତରେ ମଧ୍ୟ ଏହାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଅଧିକ ଧ୍ୟାନ ଦେବେ ବୋଲି ଶ୍ରୀ ପଟ୍ଟନାୟକ ଅନୁରୋଧ କରିଥିଲେ ।

ପୂର୍ବରୁ କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସ ବିହାରୀ ବେହେରା କହିଲେ ଯେ ଗତବର୍ଷ ମରୁଡ଼ି ଯୋଗୁଁ ଶସ୍ୟହାନୀ ହୋଇଥିବା ଦୃଷ୍ଟିରୁ ତାକୁ ଭରଣା କରିବା ଲାଗି ଚଳିତ ବର୍ଷ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ

## ସାମାଜିକ ସୁରକ୍ଷା ବୀମା ଯୋଜନାରେ

ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ସଂପୃକ୍ତ ଦରିଦ୍ର ପରିବାରଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ ସଂକ୍ରାନ୍ତରେ ୧୯୮୫ରୁ ଆରମ୍ଭ କରାଯାଇଥିବା ସାମାଜିକ ସୁରକ୍ଷା ବୀମା ଯୋଜନାରେ ଗତ ଜୁନ୍ ମାସ ଶେଷ ସୁଦ୍ଧା ୮୦୬ଟି ଦୁଃସ୍ଥ ପରିବାର ଉପକୃତ ହୋଇଛନ୍ତି ବୋଲି ରାଜ୍ୟସ୍ତରୀୟ ପରାମର୍ଶଦାତା କମିଟି ବୈଠକରେ ପ୍ରକାଶ ପାଇଛି ।

ସଚିବାଳୟରେ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଶାସନ ସଚିବ ଶ୍ରୀ ନିହାର ରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ବୀମା ଯୋଜନାର ଅଗ୍ରଗତି ବିଷୟରେ ଆଲୋଚନା ହୋଇଥିଲା । ଉଚ୍ଚପଦସ୍ଥ ଅଫିସରମାନଙ୍କ ସହିତ ଜାତୀୟ ବୀମା କମ୍ପାନୀର ଡିଭିଜନାଲ ମ୍ୟାନେଜରମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଓଡ଼ିଶାରେ ବର୍ତ୍ତମାନ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ ଓ ଗଞ୍ଜାମ ୭ଟି ଜିଲାକୁ ସାମାଜିକ ସୁରକ୍ଷା ବୀମା ଯୋଜନା ପରିସରଭୁକ୍ତ କରାଯାଇଛି । ଜୀବନ ବୀମା କଂପାନୀଙ୍କ ନିକଟରେ ମିଳିଥିବା ମୋଟ୍ ୧୦୧୨ଟି ଦାବୀ ଦରଖାସ୍ତ ମଧ୍ୟରୁ ୮୦୬ଟି ଦରଖାସ୍ତ ବିଚାର ହୋଇ ସଂପୃକ୍ତ ପ୍ରତ୍ୟେକ ଦରିଦ୍ର ପରିବାରକୁ ୩ ହଜାର ଟଙ୍କା ହାରରେ ମୋଟ୍ ୨୪ ଲକ୍ଷ ୧୮ ହଜାର ଟଙ୍କା ସାହାଯ୍ୟ ଦିଆଯାଇଛି । ଅବଶିଷ୍ଟ ଦରଖାସ୍ତଗୁଡ଼ିକ ତୁରନ୍ତ ଫଇସଲା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ଗ୍ରାମାଞ୍ଚଳରେ ୭୨୦୦ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ କରୁଥିବା ଦରିଦ୍ର ପରିବାରର ୧୮ ରୁ ୬୦ ବର୍ଷ ବୟସ ଅର୍ଜନଶୀଳ ବ୍ୟକ୍ତିଙ୍କର ଅଗ୍ନି, ବୈଦ୍ୟୁତିକ, ସର୍ପାଘାତ, ବନ୍ୟଜନ୍ତୁ ଆକ୍ରମଣ, ପାଣିରେ ବୁଡ଼ିଯିବା, ଘର କାନ୍ଥ ଭୁଶୁଡ଼ି ପଡ଼ିବା, ଗଛରୁ ଖସି ପଡ଼ିବା ପ୍ରଭୃତି ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ, ସଂପୃକ୍ତ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ ପାଇଁ ସାମାଜିକ ସୁରକ୍ଷା ବୀମା ଯୋଜନା ପ୍ରଚଳନ କରାଯାଇଛି । ବ୍ଲକ୍ ଉନ୍ନୟନ ଅଫିସରମାନଙ୍କୁ ଦାବୀ ଦରଖାସ୍ତଗୁଡ଼ିକର ତଦନ୍ତ ଓ ଫଇସଲା କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି ।

ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ସାମାଜିକ ସୁରକ୍ଷା ବୀମା ଯୋଜନାରୁ କୋରାପୁଟ ଜିଲ୍ଲାରେ ୩୩୮ଟି, ଗଞ୍ଜାମ ଜିଲାରେ

୧୦୫ଟି, କେନ୍ଦୁଝର ଜିଲାରେ ୨୦ଟି, କଳାହାଣ୍ଡି ଜିଲାରେ ୮୧ଟି, ଢେଙ୍କାନାଳ ଜିଲାରେ ୮୦ଟି, ମୟୂରଭଞ୍ଜ ଜିଲାରେ ୬୬ଟି ଓ ବଲାଙ୍ଗୀର ଜିଲାରେ ୪୬ଟି ପରିବାର ଅର୍ଥ ସାହାଯ୍ୟ ପାଇ ଉପକୃତ ହୋଇଛନ୍ତି ।

## ଯୋଜନାର ବିକେନ୍ଦ୍ରୀକରଣ ନିମନ୍ତେ ପଦକ୍ଷେପ

ଯୋଜନା ପ୍ରକ୍ରିୟାର ବିକେନ୍ଦ୍ରୀକରଣ କରି ଏହାକୁ ଅଧିକ ବାସ୍ତବାଭିମୁଖୀ ଓ ଫଳପ୍ରଦ କରିବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ତଦନୁଯାୟୀ ରାଜ୍ୟ ଓ ଜିଲା ଯୋଜନା ସଂସ୍ଥାଗୁଡ଼ିକୁ ପୁନର୍ଗଠନ କରାଯାଇଛି । ପୁନର୍ଗଠିତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତି ଜିଲାରେ ଜିଲାସ୍ତରୀୟ ଯୋଜନା ବୋର୍ଡ ସ୍ଥାପିତ ହୋଇଛି ଏବଂ ଏଥିରେ ଜଣେ ମନ୍ତ୍ରୀ ଅଧ୍ୟକ୍ଷ ରହିଛନ୍ତି । ଜିଲା ଯୋଜନା ପ୍ରଣୟନ ଓ ତାହାର ସମୀକ୍ଷା କରିବା ଦିଗରେ ଏହି ବୋର୍ଡ ଏକ ସର୍ବୋଚ୍ଚ ଯୋଜନା ସଂଗଠନକାରୀ ସଂସ୍ଥା' (ଆପେକ୍ସ ପ୍ଲାନିଂ ବଡ଼ି) ଭାବରେ କାର୍ଯ୍ୟ କରୁଛି ।

ବୋର୍ଡ କାର୍ଯ୍ୟରେ ସହାୟତା କରିବା ଲାଗି ପ୍ରତ୍ୟେକ ଜିଲା ଯୋଜନା ବୋର୍ଡ ଅଧୀନରେ ଗୋଟିଏ ଲେଖାଏଁ ଜିଲା ଯୋଜନା କମିଟି ସ୍ଥାପନ କରାଯାଇଛି । ସଂପୃକ୍ତ ଜିଲାପାଳ ଏହି କମିଟିର ଅଧ୍ୟକ୍ଷ ଏବଂ ସଂପୃକ୍ତ ଉନ୍ନୟନ ସେକ୍ଟରମାନଙ୍କର ଜିଲା ମୁଖ୍ୟମାନେ ଉକ୍ତ କମିଟିର ସଭ୍ୟ ରହିଛନ୍ତି । ସ୍ଥାନୀୟ ଆବଶ୍ୟକତା ଓ ସମ୍ବଳକୁ ଭିତ୍ତିକରି ଏକ ସମନ୍ୱିତ ଜିଲା ଯୋଜନା ପ୍ରସ୍ତୁତ କରିବା ଏବଂ ଜିଲାରେ ବିଭିନ୍ନ ଯୋଜନା କାର୍ଯ୍ୟକ୍ରମଗୁଡ଼ିକର ତଦାରଖ କରିବା ଏହି କମିଟିର ପ୍ରଧାନ ଦାୟିତ୍ୱ । ଜିଲା ଯୋଜନା କମିଟିକୁ ଓ ଜିଲା ଯୋଜନା ବୋର୍ଡକୁ ବୈଷୟିକ ସହଯୋଗ କରିବା ପାଇଁ ସବୁ ଗୁରୁତ୍ୱପୂର୍ଣ୍ଣ ସେକ୍ଟର ନିମନ୍ତେ 'ବିଷୟବସ୍ତୁ ଭିତ୍ତିକ କାର୍ଯ୍ୟକାରୀଦଳ' ମାନ ଗଠନ କରାଯାଇଛି ।

ପ୍ରତିଜିଲା ଯୋଜନା କମିଟିଙ୍କ ଅଧୀନରେ ଏକ 'ଜିଲା ଯୋଜନା ପ୍ରକୋଷ୍ଠ' କାର୍ଯ୍ୟକରୁଛି । ଏହାର ପର୍ଯ୍ୟବେକ୍ଷଣ ଓ ସମନ୍ୱୟ ଦାୟିତ୍ୱ ଜିଲା ଯୋଜନା ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି । ତଥ୍ୟ ସଂଗ୍ରହକରି ଯୋଜନା ଖସଡ଼ା ପ୍ରସ୍ତୁତି କାର୍ଯ୍ୟରେ ଏହି ପ୍ରକୋଷ୍ଠ ଜିଲା ଯୋଜନା କମିଟିକୁ ସାହାଯ୍ୟ କରିଥାଏ ।

ଇତିମଧ୍ୟରେ ଅଧିକାଂଶ ଜିଲାର ଯୋଜନା ପ୍ରସ୍ତୁତ ହୋଇ ଜିଲା ଯୋଜନା ବୋର୍ଡର ଅନୁମୋଦନ ଲାଭ କରିସାରିଲାଣି । ଜିଲାବାସୀଙ୍କ ଚାହିଦା, ଜନସଂଖ୍ୟା ଓ ଅର୍ଥନୈତିକ ଅନଗ୍ରସରତାକୁ ବିଚାରକୁ ନେଇ ଜିଲାଗୁଡ଼ିକ ମଧ୍ୟରେ 'ଅନାବଦ୍ଧପାଣ୍ଠି' (ଅନ୍‌ଟାଏଡ଼ ଫଣ୍ଡ) ବଣ୍ଟନ କରାଯାଇଛି ।

ପୁନର୍ଗଠିତ ଜିଲା ଯୋଜନା ବୋର୍ଡରେ ମନ୍ତ୍ରୀ ପରିଷଦର ଜଣେ ସଭ୍ୟ ଅଧ୍ୟକ୍ଷ ରହିବା 'ସଂଗେସଂଗେ ଜିଲାର ଜଣେ ଏମ୍ ପି. ଏହାର ଉପାଧ୍ୟକ୍ଷ ଓ ସଂପୃକ୍ତ ଡିଭିଜନାଲ୍ କମିଶନର ସହାୟକ ଉପାଧ୍ୟକ୍ଷ ରୂପେ କାର୍ଯ୍ୟ କରୁଛନ୍ତି । ସେହିପରି କେତେକ ମନୋନୀତ ବିଧାନସଭା ସଦସ୍ୟ, ପଂଚାୟତ ସମିତି ଚେୟାରମ୍ୟାନ, ସ୍ଥାନୀୟ ବିଶେଷଜ୍ଞ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୌରସଂସ୍ଥାର ପ୍ରତିନିଧି ଏହାର ସଭ୍ୟ ଅଛନ୍ତି । ସଂପୃକ୍ତ ଜିଲାପାଳ ବୋର୍ଡର ସଭ୍ୟ-ସଂପାଦକ ଭାବରେ କାର୍ଯ୍ୟ କରୁଛନ୍ତି ।

## ଜଙ୍ଗଲ ସୁରକ୍ଷା ପାଇଁ 'ବନବନ୍ଧୁ' ପୁରସ୍କାର

ନିଜ ଉଦ୍ୟମରେ ଜଂଗଲ ସୁରକ୍ଷା କରୁଥିବା ଗ୍ରାମବାସୀ, ବ୍ୟକ୍ତି 'ବିଶେଷ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ବନବନ୍ଧୁ' ପୁରସ୍କାର ଦେବାପାଇଁ ସରକାର ନିଷ୍ପତ୍ତି କରିଛନ୍ତି । ରାଜ୍ୟ ସଚିବାଳୟଠାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦମନ୍ଦୁଧର ଉଲକାଂକ ଅଧ୍ୟକ୍ଷତାରେ ଜଂଗଲ ଓ ପରିବେଶ ବିଭାଗର ଅଣ-ଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଉଲକା ସଦସ୍ୟମାନଂକୁ ସ୍ୱାଗତ ଜଣାଇ ବିଭାଗୀୟ କାର୍ଯ୍ୟକଳାପ ତଥା ବୃକ୍ଷରୋପଣ, ସାମାଜିକ ବନୀକରଣ, କେଂଦୁପତ୍ର କାରବାର, ବନ୍ୟଜନ୍ତୁ ସଂରକ୍ଷଣ, ଉପକୂଳବର୍ତ୍ତୀ ଜଂଗଲର ସୁରକ୍ଷା, ପରିବେଶର ବିକାଶ ପାଇଁ ଶିଳ୍ପାନୁଷ୍ଠାନ ଓ ପୌର ପରିଷଦ ଉପରେ ଜାରୀ କରାଯାଉଥିବା କଟକଣା ଇତ୍ୟାଦି ସଂପର୍କରେ ସବିଶେଷ ସୂଚନା ଦେଇ ସେମାନଂକର ସୁପରାମର୍ଶ ଓ ସହଯୋଗ କାମନା କରିଥିଲେ । ଜଂଗଲ ସଂପଦର ସମୃଦ୍ଧି ଓ ସୁରକ୍ଷା ପାଇଁ ଜଂଗଲ ବିଭାଗ ତରଫରୁ ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନିଆଯାଇଛି, ସେଥିପାଇଁ ଜନ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ଉଲକା ମତବ୍ୟକ୍ତ କରିଥିଲେ ।

ସଂରକ୍ଷିତ ଜଂଗଲ ଓ ଗ୍ରାମ୍ୟ ଜଂଗଲର ରକ୍ଷଣାବେକ୍ଷଣ ଦାୟିତ୍ୱ ନିକଟବର୍ତ୍ତୀ ଗ୍ରାମବାସୀମାନଂକୁ ହସ୍ତାନ୍ତର କରିବା ପାଇଁ ସରକାର ସ୍ଥିର କରିଛନ୍ତି । ତଦ୍ୱାରା ସଂପୃକ୍ତ ଗ୍ରାମବାସୀମାନେ ଜଂଗଲ ସୁରକ୍ଷା କରିବା ସହିତ ନିଜ ନିଜର ଜାଳେଣି ଓ ଅନ୍ୟାନ୍ୟ କାଠର ଚାହିଦା ସୁବିଧାରେ ସଂଗ୍ରହ କରିପାରିବେ । କାଠଚୋରି ରୋକିବା ପାଇଁ ଭ୍ରାମ୍ୟମାଣ ଦଳ ଜଂଗଲ ସୁରକ୍ଷା ବାହିନୀ ଓ ପୁଲିସ୍ ଫୌଜ ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯାଇଛି ବୋଲି ମନ୍ତ୍ରୀ ସୂଚାଇଥିଲେ । ଯେଉଁ ଗ୍ରାମବାସୀ, ବ୍ୟକ୍ତି ବିଶେଷ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ କାଠଚୋରି ଧରାଇବା ଦିଗରେ ଜଂଗଲ କର୍ମଚାରୀଙ୍କ ସହିତ ସକ୍ରିୟ ସହଯୋଗ କରିବେ, ସେମାନଂକୁ 'ବନମିତ୍ର' ପ୍ରୋତ୍ସାହନ ଦେବା ପାଇଁ ସରକାର ବିଚାର କରୁଥିବା ବିଷୟ ଶ୍ରୀ ଉଲକା ପ୍ରକାଶ କରିଥିଲେ ।

ପରିବେଶ ବିଭାଗ ତରଫରୁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସରେ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଉଥିଲେ ମଧ୍ୟ ନିଜ ଉଦ୍ୟମରେ ଜଂଗଲ ସୁରକ୍ଷା କରୁଥିବା ଗ୍ରାମବାସୀ ବ୍ୟକ୍ତି ବିଶେଷ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଂକୁ 'ବନବନ୍ଧୁ' ପୁରସ୍କାର ଦେବାପାଇଁ ସରକାର ନିଷ୍ପତ୍ତି କରିଛନ୍ତି । ପ୍ରଥମ,

ଦ୍ୱିତୀୟ ଓ ତୃତୀୟ ତିନୋଟି ପୁରସ୍କାର ଯଥାକ୍ରମେ ୫ହଜାର ଟଙ୍କା, ୩ହଜାର ଟଙ୍କା ଓ ୨ହଜାର ଟଙ୍କା ସହିତ କଂଭରଶେଟର ସର୍ଟିଫିକେଟ ସ୍ତରରେ ଦିଆଯିବାର ବ୍ୟବସ୍ଥା ହୋଇଛିବୋଲି ମନ୍ତ୍ରୀ କହିଥିଲେ ।

ଦେଶର ଅନ୍ୟତମ ଆକର୍ଷଣୀୟ ପ୍ରାଣୀ ଉଦ୍ୟାନ୍ ନଂଦନ କାନନର ବିକାଶ ସଂପର୍କରେ ସୂଚନା ଦେଇ ଶ୍ରୀ ଭଲକା କହିଲେ ଯେ ପର୍ଯ୍ୟଟକମାନଂକୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବା ପାଇଁ ଏଠାରେ ରଜ୍ଜୁପଥ ନିର୍ମାଣ କରାଯାଉଛି ଏବଂ କୃତ୍ରିମ ଝରଣା, ସୁଲଭ ଶୌଚାଳୟ ଇତ୍ୟାଦିର ବ୍ୟବସ୍ଥା ମଧ୍ୟ କରାଯାଉଛି । ଏହିପ୍ରାଣୀ ଉଦ୍ୟାନରେ ରହିଥିବା ବିଭିନ୍ନ ପଶୁ ଓ ପକ୍ଷୀଙ୍କ ସଂଖ୍ୟା ୧୩୧୦ ମଧ୍ୟରେ ୨୨ଟି ଧଳାବାଘ ଅନ୍ତର୍ଭୁକ୍ତ । ପୃଥିବୀର ଅନ୍ୟ ଯେ କୌଣସି ପ୍ରାଣୀ ଉଦ୍ୟାନରେ ଓ ଜଂଗଲରେ ଥିବା ଧଳାବାଘଂକ ସଂଖ୍ୟା ତୁଳନାରେ ଏହା ସର୍ବୋଚ୍ଚ । ଏଥିପାଇଁ ଏକ ସଫାରୀ ନିର୍ମାଣ କରିବା ସରକାରଂକ ବିଚାରାଧୀନ ଥିବା ବିଷୟ ଶ୍ରୀ ଭଲକା ଜଣାଇଥିଲେ । ୧୦-୮-୮୮ତାରିଖରେ ପ୍ରଥମ ଥର ପାଇଁ ଗୋଟିଏ ଧଳା ବାଘୁଣୀ ଓଡ଼ିଶା ସରକାରଂକ ତରଫରୁ ରାଜସ୍ଥାନ ସରକାରଂକ ଜୟପୁରସ୍ଥ ପ୍ରାଣୀ ଉଦ୍ୟାନକୁ ପଠାଯାଇଥିବା ବିଷୟ ଶ୍ରୀ ଭଲକା ପ୍ରକାଶ କରିଥିଲେ । ଏହା ବଦଳରେ ରାଜସ୍ଥାନ ସରକାର ଦୁଇଟି ଓଟ, ଦୁଇଟି ଏମୁପକ୍ଷୀ, ଦୁଇଟି ମରୁ ଅଂଚଳର ଗୋଧି, ୬ଟି ସିଂକାରୀ ଜାତୀୟ ହରିଣ ଓ ୬ଟି ଫ୍ଲେମିଙ୍ଗୋ ପକ୍ଷୀ ଯୋଗାଇ ଦେବେ । ଫଳରେ ନଂଦନ କାନନ ପ୍ରାଣୀ ଉଦ୍ୟାନରେ ଏହି ବିରଳ ପଶୁପକ୍ଷୀମାନଂକୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇବେ ।

କେନ୍ଦୁପତ୍ର ସଂପର୍କରେ ସୂଚନା ଦେଇ ଶ୍ରୀ ଭଲକା କହିଲେଯେ କେନ୍ଦୁପତ୍ର ଜାତୀୟକରଣ ସମୟରେ ୩ ପଇସାରେ ୧୨୦ଟି କେନ୍ଦୁପତ୍ର କିଣାଯାଉଥିବା ସ୍ଥଳେ ଚଳିତ ବର୍ଷ ୩ ପଇସାରେ ମାତ୍ର ୧୬ ଟି ବିଡ଼ି ଉପଯୋଗୀ ପତ୍ର କିଣାଯାଉଛି । ଫଳରେ ଗାଁ ଗହଳରେ ଗରିବ ଶ୍ରେଣୀର ଲୋକେ ଆର୍ଥିକ ଦୃଷ୍ଟିରୁ ନିଶ୍ଚିତ ଉପକୃତ ହେଉଛନ୍ତି । ଗତ ଆର୍ଥିକ ବର୍ଷରେ ଏ ଦିଗରେ ସରକାର ୨୨ କୋଟି ୯୮ ଲକ୍ଷ ଟଙ୍କା ଆୟ କରି ସେଥିମଧ୍ୟରୁ ୩ କୋଟି ୩୦ ଲକ୍ଷ ୪୧ ହଜାର ଟଙ୍କା ବିଭିନ୍ନ ଗ୍ରାମ ପଞ୍ଚାୟତ ସମିତିକୁ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଅନୁଦାନ ଦେଉଥିବା ବିଷୟ ଶ୍ରୀ ଭଲକା ଦର୍ଶାଇଥିଲେ ।

ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୬୧,୫୯୬ ହେକ୍ଟର ଜମିରେ ବୃକ୍ଷ ରୋପଣ ୬୧,୬୫୦ ହେକ୍ଟର ପରିମିତ ଭଙ୍ଗୁରା ଜଙ୍ଗଲର ପୁନରୁଦ୍ଧାର, ୧୦୭୨ କି: ମି: ଅଞ୍ଚଳରେ ପଥପାର୍ଶ୍ୱ ବୃକ୍ଷ ରୋପଣ କରାଯିବା ସଙ୍ଗେସଙ୍ଗେ ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କୁ ବନୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ୧୫୫ ଲକ୍ଷ ଚାରା ବଣ୍ଟନ କରିବା କାର୍ଯ୍ୟକ୍ରମ ରହିଛି ।

ଆଲୋଚନାରେ ଅଂଶ ଗ୍ରହଣ କରି ବିଧାୟକ ସର୍ବଶ୍ରୀ ପ୍ରଫୁଲ୍ଲ ମିଶ୍ର, ବସନ୍ତ କୁମାର ସିଂହ ଦଣ୍ଡପାଟ, ଭାଗିରଥୀ ଗମାଙ୍ଗୋ, ଜୟଦେବ ଜେନା କେନ୍ଦୁପତ୍ର ଅନୁଦାନର ସୁଷମ ବଣ୍ଟନ, ପୋଡୁଚାଷ ନିରାକରଣ, ପ୍ରଦୂଷଣ ନିରାକରଣ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରି ବିଭିନ୍ନ ପରାମର୍ଶ ଦେଇଥିଲେ । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପ୍ରଭୂତ ଅର୍ଥ ବିନିଯୋଗ ହେଉଥିବାରୁ ଏହାର ବିଧିବଦ୍ଧ ଓ ତୁରନ୍ତ ମୂଲ୍ୟାୟନ ଏକାନ୍ତ ଆବଶ୍ୟକ ବୋଲି ବିଧାୟକ ଶ୍ରୀ ଜୟଦେବ ଜେନା କହିଥିଲେ ।

ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ବିଭାଗ ସଚିବ ଶ୍ରୀ ପ୍ରଦୀପ କୁମାର ମହାନ୍ତି, ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗ ଶାସନ ସଚିବ ଶ୍ରୀ ରାମଚନ୍ଦ୍ର ସାମଲ, ଜଙ୍ଗଲ ବିଭାଗ ଯୁଗ୍ମ ଶାସନ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର, ପ୍ରଧାନ ମୁଖ୍ୟ ବନ ସଂରକ୍ଷଣ ଶ୍ରୀ ସୁବାସ ଚନ୍ଦ୍ର ପାଢ଼ୀଙ୍କ ସମେତ ଜଙ୍ଗଲ ଓ ପରିବେଶ ବିଭାଗ ଓ ସଂପୃକ୍ତ ନିଗମଗୁଡ଼ିକର ପଦସ୍ଥ ଅଫିସରମାନେ ଯୋଗ ଦେଇଥିଲେ ।

—

## ସବୁଦିନିଆ ରାସ୍ତା ନିର୍ମାଣ

ରାଜ୍ୟର ୧୫୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି ପୂର୍ତ୍ତ ଓ ଗୃହ ନିର୍ମାଣ ରାଷ୍ଟ୍ରମନ୍ତ୍ରୀ ମହମ୍ମଦ୍ ମୁଜାଫର ହୋସେନ୍ ଖାଁ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସହ ପଞ୍ଚାୟତ ସମିତି, ପଞ୍ଚାୟତ ସମିତି ସହ ସବ୍‌ଡିଭିଜନ୍ ଓ ସବ୍‌ଡିଭିଜନ୍ ସହ ଜିଲ୍ଲାର ସଦର ମହକୁମାଗୁଡ଼ିକୁ ମଧ୍ୟ ସବୁଦିନିଆ ରାସ୍ତା ସଂଯୋଗ କରାଯିବ । ଓଡ଼ିଶା ସରକାରଙ୍କ ଉପରୋକ୍ତ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ଶ୍ରୀ ଖାଁ ବିଭାଗୀୟ ଇଞ୍ଜିନିୟରମାନଙ୍କୁ ପରାମର୍ଶ ଦେଇଛନ୍ତି ।

ରାଜ୍ୟ ସଚିବାଳୟଠାରେ ସଂପ୍ରତି ପୂର୍ତ୍ତ ବିଭାଗର ରାସ୍ତା ଓ କୋଠାବାଡ଼ି ନିର୍ମାଣ ଅଗ୍ରଗତି ସଂପର୍କରେ ସମୀକ୍ଷା କରି ପୂର୍ତ୍ତମନ୍ତ୍ରୀ ଏହା ପ୍ରକାଶ କରିଥିଲେ । ଜିଲ୍ଲା ମାଷ୍ଟର ପ୍ଲାନ୍ ଅନୁଯାୟୀ ୨,୬୪୯ଟି ୧,୫୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୯୧୬ଟି ଗ୍ରାମକୁ ସବୁଦିନିଆ ରାସ୍ତା ସହ ସଂଯୋଗ କରାଯାଇଛି ବୋଲି ଏହି ସମୀକ୍ଷାରୁ ପ୍ରକାଶ । ଗ୍ରାମ୍ୟ ଭୂମିହୀନ ଶ୍ରମିକ କର୍ମ ନିଯୁକ୍ତି ନିର୍ଭରତା କାର୍ଯ୍ୟକ୍ରମ (ଆର. ଏଲ୍. ଇ. ଜି. ପି.) ଏବଂ ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥା ଜରିଆରେ ଉକ୍ତ ରାସ୍ତାଗୁଡ଼ିକ ନିର୍ମାଣ କରାଯାଇଛି । ବଳକା ୧୦୩୦ ଗ୍ରାମ ମଧ୍ୟରୁ ୬୭୦ଟି ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ କରିବା ପାଇଁ ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ଏଥିପାଇଁ ୨୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ରାଜ୍ୟରେ ଥିବା ମୋଟ୍ ୫୭ଟି ରାଜସ୍ୱ ସବ୍‌ଡିଭିଜନ ମଧ୍ୟରୁ ୫ଟି ସବ୍‌ଡିଭିଜନ୍ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ସବ୍‌ଡିଭିଜନ୍ ସଦର ମହକୁମା ସହ ଜିଲ୍ଲା ସଦର ମହକୁମାକୁ ସବୁଦିନିଆ ରାସ୍ତା ସଂଯୋଗ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲାର କାମାକ୍ଷା ନଗର ଓ ପାଲଲହଡ଼ା, କୋରାପୁଟ ଜିଲ୍ଲାର ଗୁଣୁପୁର, ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଓ ବଲାଙ୍ଗୀର ଜିଲ୍ଲାର ବୀରମହାରାଜପୁର ୫ଟି ସବ୍‌ଡିଭିଜନ୍ ସଦର ମହକୁମା ସହ ସଂପୃକ୍ତ ଜିଲ୍ଲା ସଦର ମହକୁମାକୁ ସବୁଦିନିଆ ରାସ୍ତା ନିର୍ମାଣ କରିବା ପାଇଁ

କାର୍ଯ୍ୟ ଆଗେଇ ଚାଲିଛି । ୯୫୨.୩୦ ଲକ୍ଷ ଟଙ୍କା ପରିବର୍ତ୍ତିତ ବ୍ୟୟ ଅଟକଳରେ ଢେଙ୍କାନାଳର କାମାକ୍ଷାନଗର ରାସ୍ତାର ବ୍ରାହ୍ମଣୀ ନଦୀ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ନିର୍ମାଣାଧୀନ ସେତୁର କାର୍ଯ୍ୟ ପାଇଁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୧୪୦ ଲକ୍ଷ ଟଙ୍କା ଓ କେନ୍ଦ୍ର ସରକାର ୧୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସପ୍ତମ ଯୋଜନା ମଧ୍ୟରେ ଏହି ସେତୁ ନିର୍ମାଣ ସଂପୂର୍ଣ୍ଣ ହେବା ଆଶା କରାଯାଉଛି । ସେହିପରି ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥା ଜରିଆରେ ନିର୍ମାଣାଧୀନ ବ୍ରାହ୍ମଣୀ–ରାମିଆଳ ସେତୁ ଆସନ୍ତା ୧୯୯୦ ମସିହା ଜୁନ୍ ମାସ ସୁଦ୍ଧା ସଂପୂର୍ଣ୍ଣ ହେବା ଆଶା କରାଯାଉଛି । ଉପରୋକ୍ତ ଦୁଇଟି ସେତୁ ନିର୍ମାଣ ସଂପୂର୍ଣ୍ଣ ହେଲେ କାମାକ୍ଷା-ନଗର ସହ ଜିଲ୍ଲା ସଦର ମହକୁମା ଢେଙ୍କାନାଳର ସ୍ଥାୟୀ ସଂଯୋଗ ହୋଇପାରିବ ।

କୋରାପୁଟ ଜିଲ୍ଲାର ବଂଶଧାରା ନଦୀ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ୨୧୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମାଣାଧୀନ ସେତୁର କାର୍ଯ୍ୟ ଆଗେଇ ଚାଲିଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୦୮ ଲକ୍ଷ ଟଙ୍କା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସପ୍ତମ ଯୋଜନା ଶେଷ ସୁଦ୍ଧା ଏହି ସେତୁ ନିର୍ମାଣ ସଂପୂର୍ଣ୍ଣ ହେବା ଆଶା କରାଯାଉଛି । ଏହା ଫଳରେ ଗୁଣୁପୁର ସହ ଜିଲ୍ଲା ସଦର ମହକୁମା କୋରାପୁଟକୁ ସ୍ଥାୟୀ ସଂଯୋଗ ସ୍ଥାପନ ହୋଇପାରିବ ।

ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥା ଜରିଆରେ ନିର୍ମାଣାଧୀନ ୨୩ ନମ୍ବର ଜାତୀୟ ରାଜପଥ ଏବଂ ତୁମକେଲା ଘାଟଠାରେ ବ୍ରାହ୍ମଣୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି । ଏହା ଆସନ୍ତା ୧୯୯୧ ମସିହା ମାର୍ଚ୍ଚ ମାସ ସୁଦ୍ଧା ସଂପୂର୍ଣ୍ଣ ହେବା ଆଶା କରାଯାଉଛି । ଏହା ଫଳରେ ବଣେଇ ସହ ସୁନ୍ଦରଗଡ଼ ଜିଲ୍ଲା ସଦର ମହକୁମା ସ୍ଥାୟୀ ରାସ୍ତା ଯୋଗାଯୋଗ ସ୍ଥାପନ ହୋଇପାରିବ ।

## କୃଷି ଓ କୃଷକଙ୍କ ଉନ୍ନତ ଲାଗି ସରକାର ସଙ୍କଳ୍ପବଦ୍ଧ

ଜଗତସିଂହପୁରଠାରେ ନଡ଼ିଆଚାଷୀମାନଂକୁ କେନ୍ଦ୍ରୀୟ ସବ୍‌ସିଡ଼ି ବିତରଣ ପାଇଁ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି-ଭାବରେ ଉଦ୍‌ବୋଧନ ଦେଇ କୃଷିମନ୍ତ୍ରୀ କହିଲେ ଯେ ଗତବର୍ଷର ମରୁଡ଼ିଜନିତ ପରିସ୍ଥିତିରେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିବା ଦୃଷ୍ଟିରୁ ଚଳିତ ବର୍ଷ ଖରିଫ୍ ଓ ରବି ଫସଲ ଉତ୍ପାଦନ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ସେଥିପାଇଁ କେବଳ ଖରିଫ୍ ଋତୁରେ ୧ ଲକ୍ଷ ୩ ହଜାର ମେଟ୍ରିକ୍ ଟନ୍ ବିଭିନ୍ନ ସାର ଯୋଗାଇ ଦେବାକୁ ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହା ହାସଲ କରିବାକୁ ସାର ବିକ୍ରୟ କେନ୍ଦ୍ରର ସଂଖ୍ୟା ୧୧ ହଜାର ୫୦୦କୁ ବୃଦ୍ଧି କରାଯାଉଛି । ଏହା ବ୍ୟତୀତ ଭ୍ରାମ୍ୟମାଣ ବିକ୍ରୟ କେନ୍ଦ୍ର ଜରିଆରେ ଚାଷୀଂକ ଗୃହ ନିକଟରେ ସାର ବିକ୍ରୟପାଇଁ ବ୍ୟବସ୍ଥା କରାଯାଇଛି । ଗତ ଜୁନ୍ ମାସ ସୁଦ୍ଧା ସମଗ୍ର ରାଜ୍ୟରେ ୧୯ ହଜାର ୬୭୫ ମେଟ୍ରିକ୍‌ଟନ୍ ସାର ଯୋଗାଇ ଦିଆଗଲାଣି ବୋଲି ସେ ପ୍ରକାଶ କରିଥିଲେ । ବଲାଂଗିର, କଳାହାଣ୍ଡି, କୋରାପୁଟ, ସମ୍ବଲପୁର ଓ ସୁଂଦରଗଡ଼ ଜିଲ୍ଲାଗୁଡ଼ିକରେ ପ୍ରଥମ ଥର ପାଇଁ ୨୦ ହଜାର ହେକ୍‌ଟର ଜମିରେ ସୋୟାବିନ୍ ଚାଷ କରାଯିବ । ସେହିପରି ସବୁଜିଲ୍ଲାରେ ୨ ଲକ୍ଷ ୧୫ ହଜାର ହେକ୍‌ଟର ଜମିରେ ଚିନାବାଦାମ ଓ ୧ ଲକ୍ଷ ୭୫ ହଜାର ହେକ୍‌ଟର ଜମିରେ ରାଶି ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସମବାୟ ସଂସ୍ଥାଗୁଡ଼ିକୁ ଅଧିକ ସକ୍ରିୟ କରାଯିବ ବୋଲି ସୂଚନା ଦେଇ ଶ୍ରୀ ବେହେରା କହିଲେ ଯେ ଚାଷୀମାନଂକୁ ଚଳିତବର୍ଷ ୫୦ କୋଟି ଟଂକା ଏବଂ ଆସନ୍ତାବର୍ଷ ୭୦ କୋଟି ଟଂକା ଋଣ ଦେବାର ବ୍ୟବସ୍ଥା ହେଉଛି । ଋଣଗ୍ରସ୍ତ ଚାଷୀମାନଂକୁ ଶତକଡ଼ା ୫ ଭାଗ ଋଣ କୋହଳ କରିବା, ଶତକଡ଼ା ୭୦ ଭାଗରୁ ଅଧିକ ଋଣ ପରିଶୋଧ କରିଥିବା ଚାଷୀଂକୁ ଶତକଡ଼ା ୧୦ ଟଂକା ସୁଧ ହାରରେ ଋଣ ଦେବା, ସର୍ବାଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ୧୪ଟି ବ୍ଲକ୍‌କୁ ୧୪ ଲକ୍ଷ ଟଂକା ପୁରସ୍କାର ଦେବା ଏବଂ ଶ୍ରେଷ୍ଠ ଚାଷୀ ଓ କୃଷି କର୍ମଚାରୀମାନଂକୁ ପୁରସ୍କାର ଦେବା ଇତ୍ୟାଦି ସରକାରଂକ କେତେକ ପ୍ରଗତିଶୀଳ କାର୍ଯ୍ୟକ୍ରମ ସଂପର୍କରେ କୃଷିମନ୍ତ୍ରୀ ସୂଚନା ଦେଇଥିଲେ । ସ୍ଥାନୀୟ ଆଂଚଳିକ ସମବାୟ ବାଣିଜ୍ୟ ସମିତିର ଉନ୍ନତି ଲାଗି ୨ ଲକ୍ଷ ଟଂକା ଏବଂ ଶୀତଳ-ଭଣ୍ଡାରକୁ ସକ୍ରିୟ କରିବା ବାବଦରେ ୨ ଲକ୍ଷ ୫୦ ହଜାର ଟଂକା ସାହାଯ୍ୟ ଦିଆଯିବବୋଲି ସେ କହିଥିଲେ ।

ଏମ୍. ପି. ଶ୍ରୀ ବାସୁଦେବ ମହାପାତ୍ରଂକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ର ନାରିକେଳ ଉନ୍ନୟନ ବୋର୍ଡର ଉପନିର୍ଦ୍ଦେଶକ ଶ୍ରୀ ଏଲ୍. ଶିବରାମରେଡ଼ି, ଫଳୋଦ୍ୟାନ ନିର୍ଦ୍ଦେଶକ ଶ୍ରୀ ଗୋପୀନାଥ ପରିଡ଼ା, ବିଧାୟକ ଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ, କୃଷି ଉପ ନିର୍ଦ୍ଦେଶକ ଶ୍ରୀ ବିମଳେନ୍ଦ୍ର ଶତପଥୀ ଓ ସ୍ଥାନୀୟ ଉଦ୍ୟାନବିତ୍ ଶ୍ରୀ ସୁରେଂଦ୍ର ନାଥ ମହାପାତ୍ରଂକ ସମେତ ୨ଜଣ ବିଶିଷ୍ଟ ନଡ଼ିଆଚାଷୀ ନଡ଼ିଆ ଚାଷର ଉପାଦେୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ପରିଡ଼ା କହିଲେ ଯେ ୫ ହଜାର ନଡ଼ିଆଗଛ ଲଗାଇଲେ ବାର୍ଷିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ ମିଳିପାରିବ । ନଡ଼ିଆ ବଗିଚା ଛାଇରେ 'କୋକୋ', ଗୋଲମରିଚ ଓ ଉନ୍ନତ ଧରଣର ଡାଲଚିନି ଚାଷ କରିବା ଦିଗରେ ସରକାର ସହାୟତା ପ୍ରଦାନ କରିବେ ବୋଲି ସେ ସୂଚନା ଦେଇଥିଲେ ।

ପରିଶେଷରେ କୃଷିମନ୍ତ୍ରୀ ୮୭ ଜଣ ନଡ଼ିଆ ଚାଷୀଂକୁ "ଡିମାଣ୍ଡଡ୍ରାଫ" ଆକାରରେ ପ୍ରାୟ ୩୭ ହଜାର ଟଂକା ସବ୍‌ସିଡ଼ି ବଣ୍ଟନ କରିଥିଲେ ।

## ସ୍ୱାସ୍ଥ୍ୟସେବା ଯୋଜନା ସଂପର୍କରେ ସଚେତନତା ସୃଷ୍ଟି

ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଥିଲେ ମଧ୍ୟ ଜନସାଧାରଣ ସେ ସଂପର୍କରେ ସଚେତନ ହୋଇପାରୁ ନଥିବାରୁ ତାହାର ସୁଫଳ ଲୋକମାନଙ୍କ ପାଖରେ ପହଞ୍ଚି ପାରୁ ନାହିଁ । ଏ ଦୃଷ୍ଟିରୁ ରାଜ୍ୟର ବିଭିନ୍ନ ସ୍ଥାନରେ

ଶିବିରମାନ ଆୟୋଜନ କରାଯାଇ ଲୋକମାନଙ୍କୁ ସଚେତନ କରାଇବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ସଂପ୍ରତି କେନ୍ଦୁଝର ଜିଲ୍ଲାର ମାଟକମ୍ବେଡା ସରକାରୀ ହାଇସ୍କୁଲଠାରେ ଭାରତୀୟ ଖାଦ୍ୟ ବିଭାଗର ନ୍ୟୁଟ୍ରିସନ୍ ଡିଭିଜନ୍ ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଇଣ୍ଟିଗ୍ରେଟେଡ୍ ନ୍ୟୁଟ୍ରିସନ୍ ଏଜୁକେସନ୍ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଏହା କହିଛନ୍ତି । ଓଡ଼ିଶାର ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ସେ କହିଲେ ଯେ ପ୍ରତି ୨୦ ହଜାର ଲୋକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବାକୁ କେନ୍ଦ୍ର ସରକାରଙ୍କ ଯୋଜନା ଥିବା ବେଳେ ଓଡ଼ିଶାରେ ୧୮ରୁ ୧୯ ହଜାର ପର୍ଯ୍ୟନ୍ତ ଏବଂ ସ୍ଥଳ ବିଶେଷରେ ୧୦ରୁ ୧୧ ହଜାର ଲୋକଙ୍କ ପାଇଁ ଗୋଟିଏ ଲେଖାଏଁ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଦୁଇହଜାର ମସିହା ସୁଦ୍ଧା ପ୍ରତ୍ୟେକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦେବାପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ତାହା ସଫଳ କରିବା ପାଇଁ ବାସ୍ତବ ପଦକ୍ଷେପ ନିଆଯାଉଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଶିଶୁ ମୃତ୍ୟୁହାର କମାଇବା ପାଇଁ ନିଷ୍ଠାପର ଉଦ୍ୟମ କରାଯାଉଛି ।

## ହରିଜନ ପରିବାରଙ୍କୁ ନଡ଼ିଆ ଚାରା ଯୋଗାଣ

ଜଗତସିଂହପୁର ସବ୍‌ଡିଭିଜନ ଉଦ୍ୟାନ ବିଭାଗର ଉଦ୍ୟମରେ ଜଗତସିଂହପୁର, ବାଲିକୁଦା, ବିରିଡ଼ି, ନାଉଗାଁ, ତିର୍ତ୍ତୋଲ, କୁଜଙ୍ଗ ଓ ଏରସମା ବ୍ଲକ୍‌ର ୨୫୯୦ ଟି ହରିଜନ ପରିବାରଙ୍କୁ ତାଙ୍କର ବାରିପଟ ଜମିରେ ନଡ଼ିଆ ଚାଷ କରିବାକୁ ଗତ ଆର୍ଥିକ ବର୍ଷ ମଧ୍ୟରେ ସମୁଦାୟ ୧୨,୫୦୦ ନଡ଼ିଆ ଚାରା ଯୋଗାଇ ଦିଆଯାଇଛି । ପ୍ରତ୍ୟେକ ପରିବାର ନିଜ ଜମିରେ ୫ ଟି ଲେଖାଏଁ ଚାରା ରୋପଣ କରିବା ଏବଂ ଖତସାର ଓ କୀଟନାଶକ ଔଷଧ ପ୍ରୟୋଗ କରିବା ବାବଦରେ ହରିଜନ—ଆଦିବାସୀ ଅର୍ଥ ଲଗାଣ ନିଗମ ତରଫରୁ ସଂପୃକ୍ତ ହିତାଧିକାରୀଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଇଛି । ସଂପୃକ୍ତ ପଞ୍ଚାୟତ ସମିତି ସବୁ ଏହି ସାହାଯ୍ୟ-ପାଇଁ ହିତାଧିକାରୀଙ୍କ ନାମ ସୁପାରିଶ କରିଥିଲେ ।

ଏହି ହରିଜନ ହିତାଧିକାରୀମାନଙ୍କ ମଧ୍ୟରେ "ଇନ୍ଦିରା ବିବାସ" ବସ୍ତି ଅଞ୍ଚଳରେ ଗୃହ ପାଇଥିବା ଜଗତସିଂହପୁର, ବାଲିକୁଦା, ତିର୍ତ୍ତୋଲ ଓ ଏରସମା ବ୍ଲକ୍‌ର ସମୁଦାୟ ୯୦ ଟି ପରିବାର ଅନ୍ତର୍ଭୁକ୍ତ ।

—

## ଇନ୍ଦିରା ଆବାସ ଯୋଜନା

ରାଜ୍ୟରେ ୧୯୮୬–୮୭ ମସିହାରୁ କାର୍ଯ୍ୟକାରୀ କରାଯାଉଥିବା ଇନ୍ଦିରା ଆବାସ ଯୋଜନାରେ ଗତ ମାର୍ଚ୍ଚ ମାସ ସୁଦ୍ଧା ୧୧,୫୭୬ଟି ବାସହୀନ ପରିବାରଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି । ବ୍ଲକ୍‌ମାନଙ୍କରେ ଆଦିବାସୀ ଓ ହରିଜନ ଶ୍ରେଣୀ ଏବଂ ଗୋତିମୁକ୍ତ ଶ୍ରମିକ ଏହାଦ୍ୱାରା ଉପକୃତ ହେଉଛନ୍ତି । ଏହି ବାସଗୃହଗୁଡ଼ିକର ନିର୍ମାଣ ସହିତ ଆନୁଷଙ୍ଗିକ ଉନ୍ନତିକର କାର୍ଯ୍ୟ, ରାସ୍ତା ଓ ଗୋଷ୍ଠୀ ବିନୋଦନ କେନ୍ଦ୍ର ପ୍ରଭୃତି ସୁବିଧା ସୁଯୋଗ ଯୋଗାଇବାରେ ମୋଟ ୧୪ କୋଟି ୩୨ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟ କରାଯାଇଛି

ଏହି ଯୋଜନାରେ ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟର ୧୩ ଟି ଜିଲ୍ଲା ମଧ୍ୟରୁ ସର୍ବାଧିକ କୋରାପୁଟ ଜିଲ୍ଲାରେ ୧୨୪୦ ଟି ଓ ସମ୍ବଲପୁର ଜିଲ୍ଲାରେ ୧୨୧୩ଟି ବାସଗୃହ ନିର୍ମିତ ହୋଇଛି । ଅନ୍ୟ ଜିଲ୍ଲାମାନଙ୍କରେ, ଯଥା—କଳାହାଣ୍ଡି ଜିଲ୍ଲାରେ ୧୦୯୫ଟି, କେନ୍ଦୁଝରରେ ୧୦୬୩ଟି, ଗଞ୍ଜାମରେ ୯୧୦ଟି, ବାଲେଶ୍ୱରରେ ୮୯୨ ଟି, ବଲାଙ୍ଗୀରରେ ୭୮୨ଟି, ଫୁଲବାଣୀରେ ୭୮୬ଟି, ସୁନ୍ଦରଗଡ଼ରେ ୭୭୮ଟି, କଟକରେ ୭୭୩ଟି, ଢେଙ୍କାନାଳରେ ୭୬୭ଟି, ପୁରୀରେ ୬୫୦ଟି, ଓ ମୟୂରଭଞ୍ଜ ଜିଲ୍ଲାରେ ୬୨୨ଟି ବାସଗୃହ ନିର୍ମାଣ କରାଯାଇ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଛି ।

ପ୍ରତି ବ୍ଲକ୍‌ରେ ଗୋଟିଏ ସ୍ଥାନରେ ସର୍ବନିମ୍ନ ୨୦ ଜଣ ଓ ସର୍ବାଧିକ ୪୦ ଜଣ ବାସହୀନ ବ୍ୟକ୍ତିଙ୍କ ପାଇଁ ଏହି ଯୋଜନାରେ ବାସଗୃହ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ଏହି ନୂତନ କଲୋନୀ ପାଇଁ ପାନୀୟ ଜଳ, ପାଖରେ ବିଦ୍ୟୁତ୍ ସୁବିଧା ଥିଲେ ବିଜୁଳି ଆଲୋକ, ପ୍ରତ୍ୟେକ ଘର ପାଇଁ ବରପାଲି ପାଇଖାନା ଓ ପିଲା-ମାନଙ୍କ ପାଇଁ ବିଦ୍ୟାଳୟ ବ୍ୟବସ୍ଥାମାନ କରାଯାଉଛି ।

ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ୬୯୦୦ ଟି ବାସଗୃହ ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ।

## ଖରିଫ ଚାଷପାଇଁ ଉଠା ଜଳସେଚନ ବ୍ୟବସ୍ଥା

ଚଳିତ ବର୍ଷର ଖରିଫ ଚାଷପାଇଁ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ଜରିଆରେ ରାଜ୍ୟର ମୋଟ ୧ ଲକ୍ଷ ୬ ହଜାର ୨୧ ହେକ୍ଟର ଜମିରେ ଜଳ ସେଚନ କରାଯିବ । ଗତ ଜିଲ୍ଲାପାଳ ସମ୍ମିଳନୀରେ ଏ ସଂପର୍କରେ ସବିଶେଷ ଆଲୋଚନା ହେବା ପରେ ରାଜ୍ୟ ଉଠା ଜଳସେଚନ ନିଗମ ପକ୍ଷରୁ ଚଳିତ ବର୍ଷର ଖରିଫ ଚାଷ ପାଇଁ ଉଠା ଜଳସେଚନ କାର୍ଯ୍ୟକ୍ରମ ଅନୁମୋଦିତ ହୋଇଛି । ବିଦ୍ୟୁତ୍‌କରଣ ହୋଇଥିବା ୧୦,୨୪୭ଟି ଉଠା ସେଚ ପଏଣ୍ଟ ମଧ୍ୟରୁ ୯୦୪୩ଟି ପଏଣ୍ଟ ଜରିଆରେ ଉପରୋକ୍ତ ଜମିକୁ ଜଳ ଯୋଗାଇ ଦିଆଯିବ ।

ବାଲେଶ୍ୱର ଜିଲ୍ଲାରେ ୨୩,୬୧୦ ହେକ୍ଟର, ବଲାଙ୍ଗୀରରେ ୩,୦୩୬ ହେକ୍ଟର, କଟକରେ ୩୦,୧୭୭ ହେକ୍ଟର, ଢେଙ୍କାନାଳରେ ୫,୮୩୮ ହେକ୍ଟର, ଗଞ୍ଜାମରେ ୭,୧୨୭ ହେକ୍ଟର, କଳାହାଣ୍ଡିରେ ୨,୮୮୫ ହେକ୍ଟର, କେନ୍ଦୁଝରରେ ହେକ୍ଟର, କୋରାପୁଟରେ ୮,୬୩୦ ହେକ୍ଟର, ୪,୩୪୪ ହେକ୍ଟର, ଫୁଲବାଣୀରେ ୧,୩୩୬ ମୟୂରଭଞ୍ଜରେ ୫,୮୪୬ ହେକ୍ଟର, ସୁନ୍ଦରଗଡ଼ରେ ହେକ୍ଟର, ସମ୍ବଲପୁରରେ ୫,୩୪୪ ହେକ୍ଟର,

୪,୧୫୦ ହେକ୍ଟର ଜମିରେ ଖରିଫ ଚାଷପାଇଁ ଜଳ ଯୋଗାଇ ଦିଆଯିବ ।

ବିଭିନ୍ନ ଜିଲ୍ଲାରେ ରହିଥିବା ୨୨ଟି ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଓ ସଂପୃକ୍ତ କର୍ମଚାରୀମାନଙ୍କୁ ଅନୁମୋଦିତ କାର୍ଯ୍ୟକ୍ରମ ଅନୁଯାୟୀ ଚାଷୀଙ୍କୁ ଜଳ ଯୋଗାଇ ଦେବା ଦିଗରେ ତତ୍ପର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ରାଜ୍ୟରେ ବିକଳାଙ୍ଗଙ୍କ କଲ୍ୟାଣ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଆଉ ଅଧିକ ୧୦ ହଜାର ଅକ୍ଷମ ଓ ବିକଳାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟ ଦେବା ପାଇଁ ନିଷ୍ପତ୍ତି କରିଛନ୍ତି । ଏହି ଯୋଜନା ରାଜ୍ୟରେ ୧୯୮୪ ମସିହା ଅକ୍ଟୋବର ମାସରୁ କାର୍ଯ୍ୟକାରୀ ହେଉଛି । ୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ୧୦ ହଜାର ସଂପୂର୍ଣ୍ଣ ଅନ୍ଧ ଓ ଶାରୀରିକ ଅକ୍ଷମ ତଥା ନିଃସ୍ୱ ବ୍ୟକ୍ତିଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଇଛି ।

ଷଷ୍ଠ ଯୋଜନା କାଳରେ ଅକ୍ଷମମାନଙ୍କ ଶିକ୍ଷାବୃତ୍ତି ବାବଦରେ ସରକାର ୧୨ ଲକ୍ଷ ୮୭ ହଜାର ଟଙ୍କା ବ୍ୟୟ କରିଛନ୍ତି । ସପ୍ତମ ଯୋଜନାର ଆରମ୍ଭରୁ ଅଦ୍ୟାବଧି ଏ ବାବଦରେ ୧୮ ଲକ୍ଷ ୮ ହଜାର ଟଙ୍କା ବ୍ୟୟ କରାଯାଇ ୫ ହଜାର ଅକ୍ଷମ ବ୍ୟକ୍ତିଙ୍କୁ ଉପକୃତ କରାଯାଇଛି ବୋଲି ଜଣାପଡ଼ିଛି ।

ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ୧୯୮୫-୮୬ ମସିହାରୁ ଅକ୍ଷମମାନଙ୍କୁ ସହାୟକ ଯନ୍ତ୍ର ଓ ସାମଗ୍ରୀମାନ ଦେଉଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟମାନଙ୍କରେ ଫିଟ-ମେଣ୍ଟ କେନ୍ଦ୍ରମାନ ଖୋଲଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଉପଭୋକ୍ତାମାନଙ୍କୁ ତିନିଚକିଆ ଗାଡ଼ି, ଶ୍ରବଣ ସହାୟକ ଯନ୍ତ୍ର ଓ ବିଭିନ୍ନ ପ୍ରକାରର ସହାୟକ ସାମଗ୍ରୀ ଯୋଗାଇ ଦିଆଯାଉଛି ।

ବିକଳାଙ୍ଗ କଲ୍ୟାଣ କାର୍ଯ୍ୟକ୍ରମ ଅନୁଯାୟୀ ଯେଉଁ ରୋଗମୁକ୍ତ କୁଷ୍ଠରୋଗୀମାନଙ୍କୁ ସେମାନଙ୍କର ନିଜ ପରିବାର ଗ୍ରହଣ କରୁନାହାନ୍ତି, ରାଜ୍ୟ ସରକାର ସେମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ସପ୍ତମ ଯୋଜନା ଆରମ୍ଭରୁ ଅଦ୍ୟାବଧି ୯୫୦ ଜଣ ରୋଗମୁକ୍ତ କୁଷ୍ଠରୋଗୀଙ୍କୁ ୩୧ ଲକ୍ଷ ୫୭ ହଜାର ଟଙ୍କାର ସାହାଯ୍ୟ ଦିଆଯାଇଛି । ଷଷ୍ଠ ଯୋଜନା କାଳରେ ୭୨୮ ଜଣ ରୋଗମୁକ୍ତ କୁଷ୍ଠ ରୋଗୀଙ୍କର ତତ୍ତ୍ୱାବଧାନ ପାଇଁ ୧୩ ଲକ୍ଷ ୫୮ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା ବୋଲି ଜଣାପଡ଼ିଛି ।

## ଭୂମିହୀନ କୃଷି ଶ୍ରମିକ ବୀମା ଯୋଜନା

ଭାରତ ସରକାର ଭୂମିହୀନ କୃଷି ଶ୍ରମିକମାନଙ୍କ ନିମନ୍ତେ ବର୍ଗବୀମା ଯୋଜନା ୧୯୮୭ ମସିହା ଅଗଷ୍ଟ ମାସରୁ ପ୍ରବର୍ତ୍ତନ କରିଛନ୍ତି । ଏହି ଯୋଜନାରେ ଭୂମିହୀନ ଶ୍ରମିକଙ୍କ ପରିବାରରୁ ୧୮ ରୁ ୬୦ ବର୍ଷ ବୟସ ହୋଇଥିବା ଜଣେ ବ୍ୟକ୍ତି ବୀମାଭୁକ୍ତ ହୋଇପାରିବେ । ବୀମାଭୁକ୍ତ ବ୍ୟକ୍ତିମାନଙ୍କ ପାଇଁ ଭାରତ ସରକାର ବାର୍ଷିକ ୧୦ ଟଙ୍କା ହିସାବରେ ୩ ବର୍ଷ ନିମନ୍ତେ କିସ୍ତି ବା ପ୍ରିମିୟମ ଭାରତୀୟ ଜୀବନବୀମା ନିଗମଙ୍କ ପାଖରେ ଦାଖଲ କରିବେ । ହିତାଧିକାରୀମାନଙ୍କୁ ଏଥିପାଇଁ କୌଣସି ପ୍ରିମିୟମ ଦେବାକୁ ପଡ଼ିବ ନାହିଁ । ବୀମାଭୁକ୍ତ ସଭ୍ୟମାନଙ୍କର ଯଦି ମୃତ୍ୟୁ ଘଟେ, ସେ ଉକ୍ତି କ୍ଷେତ୍ରରେ ଭାରତୀୟ ଜୀବନବୀମା ନିଗମ ତାଙ୍କ ପରିବାରର ମନୋନିତ ବ୍ୟକ୍ତିଙ୍କୁ ବୀମା ବାବଦ ଟ୧,୦୦୦ (ହଜାର) ଟଙ୍କା ସାହାଯ୍ୟ ପ୍ରଦାନ କରିବେ ।

ଏହି ବୀମା ଯୋଜନା ପ୍ରଥମ ପର୍ଯ୍ୟାୟରେ ଫୁଲବାଣୀ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ପ୍ରବର୍ତ୍ତିତ ହୋଇଛି ଏବଂ ଚଳିତ ଅଗଷ୍ଟ ମାସ ୧୫ ତାରିଖରୁ ରାଜ୍ୟର ଅନ୍ୟ ୧୦ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ । ବ୍ଲକ ଉନ୍ନୟନ ଅଫିସରମାନେ ଭୂମିହୀନ କୃଷି ଶ୍ରମିକଙ୍କୁ ବୀମାଭୁକ୍ତ କରାଇବା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନେବାପାଇଁ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଭୂମିହୀନଙ୍କ ମଧ୍ୟରେ ସିଲିଂ ଉଦ୍‌ବୃତ୍ତ ଜମି ବଣ୍ଟନ

୧୯୮୮ ମସିହା ଜାନୁଆରୀ ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ ୫୪ ହଜାର ୩୧୧ଟି ସିଲିଂ ମୋକଦମା ରୁଜୁ କରାଯାଇଥିଲା । ତନ୍ମଧ୍ୟରୁ ପ୍ରାଥମିକ ତଦନ୍ତ ପରେ ୪୬ ହଜାର [illegible] ମୋକଦମା ରଦ୍ଦ କରାଯାଇଥିଲା ଏବଂ ୭ ହଜାର ୬୪୦ଟି ମକଦ୍ଦମା ଫଇସଲ କରାଯାଇଛି । ଉକ୍ତ ସମୟ ମଧ୍ୟରେ ୧ଲକ୍ଷ ୫୭ ହଜାର ୧୨୯ ଏକର ସିଲିଂ ଉଦ୍‌ବୃତ୍ତ ଜମି ସରକାରଙ୍କ ଦଖଲକୁ ନିଆଯାଇଥିଲା । ଦଖଲ ନିଆଯାଇଥିବା ଜମି ମଧ୍ୟରୁ ୧୯୮୮ ଫେବୃଆରୀ ସୁଦ୍ଧା ୧ଲକ୍ଷ ୪୫ ହଜାର ୬୫୯ ଏକର ସିଲିଂ ଉଦ୍‌ବୃତ୍ତ ଜମି ୧ଲକ୍ଷ ୨୨ ହଜାର ୪୭୧ ଜଣ ଭୂମିହୀନ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ଉପକୃତ ଲୋକଙ୍କ ମଧ୍ୟରେ ୪୨ ହଜାର ୩୦୭ଟି ହରିଜନ ଓ ୪୫ ହଜାର ୩୬୭ଟି ଆଦିବାସୀ ପରିବାର ଅନ୍ତର୍ଭୁକ୍ତ । ସେମାନଙ୍କୁ ଯଥାକ୍ରମେ ୪୬ ହଜାର ୬୮୬ ଏବଂ ୬୦ ହଜାର ୬୪୨ ଏକର ଜମି ଦିଆଯାଇଛି । ଗତ ଆର୍ଥିକ ବର୍ଷପାଇଁ ୧୬୭୦ ଏକର ବଳକା ଜମି ବଣ୍ଟନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଫେବୃୟାରୀ ମାସ ଶେଷ ସୁଦ୍ଧା ୧୩୮୯ ଏକର ସିଲିଂ ବହିର୍ଭୂତ ଜମି ବଣ୍ଟନ କରାଯାଇଛି ।

ସିଲିଂ ବହିର୍ଭୂତ ଜମି ଗ୍ରହୀତାମାନଙ୍କୁ 'ସନନ୍ଦ' [illegible] କରା[illegible] ସିଲିଂ କେଶ୍ ରେକର୍ଡରେ ଆଦେଶ ଲିପିବଦ୍ଧ [illegible] ତାରିଖରୁ ୪୫ ଦିନ ମଧ୍ୟରେ ଉଦ୍‌ବୃତ୍ତ ଜମି ପାଇଥିବା ବ୍ୟକ୍ତିଙ୍କୁ [illegible] ଜମିର ଦଖଲ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

୧୯୮୮ ମସିହା ଜାନୁଆରୀ ମାସ ଶେଷ ସୁଦ୍ଧା ବଣ୍ଟନ କରାଯାଇଥିବା ୧ଲକ୍ଷ ୪୫ ହଜାର ୩୪୧ ଏକର ଜମି ମଧ୍ୟରୁ ୧ଲକ୍ଷ ୩୬ ହଜାର ୭୯୮ ଏକର ଜମି ଚିହ୍ନଟ (ଡ଼ିମାରକେସନ୍) କରି ଦଖଲ ପ୍ରଦାନ କରାଯାଇଛି ।

ଜଳସେଚନ କରାଯାଇଥିବା ଅଞ୍ଚଳରେ ଜମିର ଶ୍ରେଣୀ ବିଭାଗ (କ୍ଲାସିଫିକେସନ୍) ବଦଳି ଯାଇଥିବା ଦୃଷ୍ଟିରୁ ସେହି ଅଞ୍ଚଳରେ ଜମିର ସୀମା ନିର୍ଦ୍ଧାରଣର ପୁନଃ ସମୀକ୍ଷା କରିବା ପାଇଁ ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇ. ଆର୍. ଡ଼ି. ଯୋଜନାରେ ଆର୍ଥିକ ସହାୟତା

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ଗତ ଜୁଲାଇ ମାସ ଶେଷସୁଦ୍ଧା ରାଜ୍ୟରେ ମୋଟ ୪୦ ହଜାର ୧୫୦ ପରିବାରଙ୍କୁ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ଆବଶ୍ୟକୀୟ ସମ୍ବଳ ଓ ଅର୍ଥଋଣ ଯୋଗାଇ ଦିଆ-ଯାଇଛି । ଏଥିମଧ୍ୟରୁ ୪୫୪୪ ପରିବାରଙ୍କୁ ସେମାନଙ୍କର ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ନେଇ ଦ୍ୱିତୀୟଥର ପାଇଁ ଋଣ ସହାୟତା ପ୍ରଦାନ କରାଯାଇଛି । ମୋଟ ହିତାଧିକାରୀ-ମାନଙ୍କ ମଧ୍ୟରେ ୯୨୨୨ ଜଣ ହରିଜନ, ୧୦୧୮୯ ଜଣ ଆଦିବାସୀ ଓ ୮୨୩୦ ଜଣ ଦୁଃସ୍ଥ ମହିଳା ଅଛନ୍ତି ।

ଗତ ଜୁଲାଇ ମାସରେ ଏହି ଆଇ. ଆର. ଡ଼ି କାର୍ଯ୍ୟକ୍ରମରେ ୨୨୮୦ ହରିଜନ ୨୬୬୬ ଆଦିବାସୀ ଓ ୧୪୫୯ ଦୁଃସ୍ଥ ମହିଳା ହିତାଧିକାରୀଙ୍କ ସମେତ ମୋଟ ୧୦୪୮୨ ପରିବାରଙ୍କୁ ସମ୍ବଳ ଓ ଋଣ ସହାୟତା ପ୍ରଦାନ କରାଯାଇଥିଲା । ତନ୍ମଧ୍ୟରୁ ୯୧୬ ପରିବାର ଦ୍ୱିତୀୟଥର ପାଇଁ ଋଣ ସହାୟତା ପାଇଥିଲେ ।

ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଚଳିତ ଆର୍ଥିକ ବର୍ଷ ଗତମାସ ଶେଷ ସୁଦ୍ଧା ସରକାରଙ୍କ ପକ୍ଷରୁ ୬ କୋଟି ୮୦ ଲକ୍ଷ ୩୫ ହଜାର ଟଙ୍କା ବ୍ୟୟ କରା ଯାଇଛି ଏବଂ ଜାତୀୟ କରଣ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କମାନଙ୍କ ଦ୍ୱାରା ୮ କୋଟି ୧୪ ଲକ୍ଷ ୯୩ ହଜାର ଟଙ୍କା ଋଣ ଆକାରରେ ବିନିଯୋଗ କରାଯାଇଅଛି ।

—

## ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଭିଟାମିନ୍ ବଟିକା

ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଜନ୍ମ ନିୟନ୍ତ୍ରଣ, ସନ୍ତାନ ଜନ୍ମ ବ୍ୟବଧାନ ପ୍ରଭୃତି କାର୍ଯ୍ୟକ୍ରମ ସହିତ ଗର୍ଭବତୀ ମହିଳାମାନଙ୍କର ଓ ଜନ୍ମିତ ଶିଶୁଙ୍କର ଉଭମ ସ୍ୱାସ୍ଥ୍ୟ ପାଇଁ ଯତ୍ନ ନିଆଯାଇଥାଏ । ଉଭୟଙ୍କୁ ବିଭିନ୍ନ ରୋଗର ଆକ୍ରମଣରୁ ରକ୍ଷା କରିବା ପାଇଁ ପ୍ରତିଷେଧକ ଟିକା ମାଗଣାରେ ଦିଆଯାଇଥାଏ ।

ଏହାଛଡ଼ା ପୁଷ୍ଟିସାର ଖାଦ୍ୟ ଅଭାବଜନିତ ବ୍ୟାଧିରୁ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଭିଟାମିନ୍ ଔଷଧ ମଧ୍ୟ ଦିଆଯାଇଥାଏ । ଗତ ଜୁନ୍ ମାସରେ ୪୬,୩୦୫ଜଣ ଗର୍ଭବତୀ ମହିଳା ଏବଂ ୫୨,୬୫୯ଜଣ ଶିଶୁଙ୍କୁ ଭିଟାମିନ୍ ବଟିକା ଦିଆଯାଇଛି ।

## ଜାଭିଏରସ୍ ଅନୁଷ୍ଠାନର ମନୋନୟନରେ ଓଡ଼ିଶାର ଯୁବକମାନଙ୍କୁ ଅଗ୍ରାଧିକାର

ଓଡ଼ିଶାର ମେଧାବୀ ଯୁବକମାନଙ୍କୁ ବିଜିନେସ୍ ମ୍ୟାନେଜ-ମେଣ୍ଟ ସମ୍ପର୍କରେ ଅଧ୍ୟୟନର ସୁଯୋଗ ଦେଇ ସେମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ଜାଭିଏରସ୍ ଇନଷ୍ଟିଚ୍ୟୁଟ ଅଫ ମେନେଜମେଣ୍ଟର ଏକ ଶାଖା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ବ୍ୟକ୍ତିଗତ ଉଦ୍ୟମ ତଥା ରାଜ୍ୟ ସରକାରଙ୍କର ସକ୍ରିୟ ସହଯୋଗରେ ଭୁବନେଶ୍ୱରଠାରେ ପ୍ରତିଷ୍ଠିତ ହୋଇଛି । ଏହା ଏକ ସର୍ବଭାରତୀୟ ଅନୁଷ୍ଠାନର ଶାଖା ହେଲେ ମଧ୍ୟ ରାଜ୍ୟର ଛାତ୍ରମାନଙ୍କୁ ଏଥିରେ ଅଧ୍ୟୟନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । କିନ୍ତୁ ଏହି ଅନୁଷ୍ଠାନରେ ଛାତ୍ର ମନୋନୟନ ସମୟରେ ଓଡ଼ିଶାର ଯୁବକମାନଙ୍କୁ ଅବହେଳା ପ୍ରଦର୍ଶନ କରାଯାଇଥିବା ସମ୍ପର୍କରେ ଅତୀତରେ ଅଭିଯୋଗ ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ଗତ କିଛିଦିନ ହେଲା ଅନୁଷ୍ଠାନର ନିର୍ଦ୍ଦେଶକ ଫାଦେର ଆର. ଡ଼ି. ସୌଜା ତଥା ପରିଚାଳନା ବୋର୍ଡର ସଦସ୍ୟମାନଙ୍କ ସହ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ଆଲୋଚନା କରି ରାଜ୍ୟର ଜନସାଧାରଣଙ୍କର ମନୋଭାବ ସମ୍ପର୍କରେ ସୂଚନା ଦେବା ସଙ୍ଗେସଙ୍ଗେ ଯୋଗ୍ୟତା ଭିତ୍ତିରେ ରାଜ୍ୟର ଯୁବକମାନଙ୍କୁ ମନୋନୟନ କ୍ଷେତ୍ରରେ ଅଗ୍ରାଧିକାର ଦେବାକୁ ଅନୁରୋଧ କରିଆସିଥିଲେ । ଜାଲ ବାସିନ୍ଦା ସାର୍ଟିଫିକେଟ ଦେଇ କେହି ଯେପରି ଏହି ସୁବିଧା ହାସଲ ନ କରନ୍ତି, ସେ ଉଦ୍ଦେଶ୍ୟରେ ମନୋନୟନ ପରେ ଓ ଅନୁଷ୍ଠାନରେ ନାମ ଲେଖାଇବା ପୂର୍ବରୁ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ମାଧ୍ୟମରେ ଏହି ସାର୍ଟିଫିକେଟଗୁଡ଼ିକ ସମ୍ପର୍କରେ ଉପଯୁକ୍ତ ଯାଞ୍ଚ କରିବାପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ସ୍ଥାନ ସଂଖ୍ୟା ବୃଦ୍ଧି ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ ।

ରାଜ୍ୟ ସରକାରଙ୍କର ଏହି ପ୍ରଚେଷ୍ଟା ଫଳରେ ଚଳିତ ବର୍ଷ ଅନୁଷ୍ଠାନର ସମୁଦାୟ ସ୍ଥାନ ସଂଖ୍ୟା ଶତକଡ଼ା ୭୪ ଭାଗ ସ୍ଥାନରେ ଓଡ଼ିଶାର ଛାତ୍ରମାନେ ନାମ ଲେଖାଇବାର ସୁଯୋଗ ପାଇ ପାରିଛନ୍ତି । ସମୁଦାୟ ୧୨୫ଟି ସ୍ଥାନ ମଧ୍ୟରୁ ୯୯ ସ୍ଥାନ ଓଡ଼ିଶାର ଯୁବକମାନଙ୍କୁ ଦିଆଯାଇଛି । ଏହି ସହଯୋଗ ପାଇଁ ଫାଦେର ଡ଼ି. ସୌଜାଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସଙ୍ଗେସଙ୍ଗେ ଓଡ଼ିଶାର ଛାତ୍ରମାନଙ୍କର ଏହି କୃତିତ୍ୱ ପାଇଁ ଶ୍ରୀ ପଣ୍ଡା ଆନନ୍ଦ ପ୍ରକାଶ କରିଛନ୍ତି ।

*With best compliments from :-*

# ORIND

The Complete Refractory Makers with the know-how on the latest Refractory technology from the world's leading manufacturers in

## U.S.A., JAPAN & AUSTRIA

## ORISSA INDUSTRIES LIMITED

UDITNAGAR

ROURKELA-769012

Works :

LATHIKATA
( Near Rourkela )

BARANG
( Near Cuttack )

# ଓଡ଼ିଶାରେ ସୋୟାବିନ୍ ଚାଷ

ଡକ୍ଟର ଦାମୋଦର ଲେଙ୍କା

ସୋୟାବିନ (Soja max) ଫସଲ ଆଜିକାଲି ବିଭିନ୍ନ ଦେଶର କୃଷି, ଶିଳ୍ପ ଓ ବାଣିଜ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ଏହି ଉଦ୍‌ଭିଦଟି ପ୍ରଥମେ ଫସଲରୂପେ କେଉଁ ଦେଶରେ ଓ କେବେ ଚାଷ କରାଗଲା ସଠିକ ଭାବେ କହି ହେବନାହିଁ । ଏହା ମୂଳ ଉଦ୍ଭବ ସ୍ଥଳୀ ପୂର୍ବ ଏସିଆ ବିଶେଷତଃ ଚୀନ ଦେଶର ଉତ୍ତରୀୟ ଓ କେନ୍ଦ୍ର ଅଞ୍ଚଳ ବୋଲି ଧରାଯାଏ । ଏହିଠାରୁ ଏହି ଫସଲଟି କୋରିଆ ଦେଇ ପ୍ରାୟ ଖ୍ରୀ: ପୂ. ୨୦୦ ବେଳକୁ ଜାପାନକୁ ଯାଇଥିଲା । ସୋୟାବିନ୍ ଚାଷ ଖବର ପାଶ୍ଚାତ୍ୟ ଜଗତରେ ପ୍ରାୟ ଖ୍ରୀ.ପୂ. ୧୭୧୨ ସୁଦ୍ଧା ପ୍ରଚରିତ ହୋଇଥିଲା । ସନ ୧୮୯୮ ମସିହା ସୁଦ୍ଧା ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରାୟ ୮ଟି ଜାତି (variety) ର ସୋୟାବିନ ଚାଷ ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରାୟ ୨ ନିୟୁତ ହେକ୍‌ଟର ଜମିରେ ସୋୟାବିନ୍ ଚାଷ କରାଯାଏ । ପୃଥିବୀରେ ଚାଷ କରାଯାଉଥିବା ସୋୟାବିନ୍‌ର ଶତକଡ଼ା ୫୭ ଭାଗରୁ ଅଧିକ କେବଳ ଯୁକ୍ତରାଷ୍ଟ୍ର ଆମେରିକାରେ ଚାଷ କରାଯାଏ ।

ସୋୟାବିନ୍‌ରେ ପ୍ରୋଟିନ୍ (ପୁଷ୍ଟିସାର) ଓ ତୈଳ ପରିମାଣ (ସ୍ନେହସାର) ବେଶୀ ରହୁଥିବାରୁ ଏହା ଭାରତୀୟ କୃଷିରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରି ବସିଲଣି । ସୋୟାବିନ୍‌ରେ ମଧ୍ୟ ଯଥେଷ୍ଟ ପରିମାଣରେ ଭିଟାମିନ A ଓ B ଥାଏ । ରାସାୟନିକ ବିଶ୍ଳେଷଣରୁ ଜଣା ପଡ଼େ ଯେ ସୋୟା ବିନ୍ ମଞ୍ଜିର ପ୍ରାୟ ଶତକଡ଼ା ୪୩ ଭାଗ ପ୍ରୋଟିନ୍, ୨୧ ଭାଗ ତୈଳ, ୨୧ ଭାଗ ଶ୍ୱେତସାର (କାରବୋହାଇଡ୍ରେଟ), ୪.୬ ଭାଗ ଧାତବ ପଦାର୍ଥ, ୦.୬୯ ଭାଗ ଫସଫୋରସ, ୦.୨୯ ଭାଗ କାଲ୍‌ସିଅମ, ୦.୦୧୧ ଭାଗ ଲୌହ । ଖାଦ୍ୟ ଶିଳ୍ପ ଓ ବାଣିଜ୍ୟରେ ଏହାର ଗୁରୁତ୍ୱ ହେତୁ ଭାରତ ସରକାର ଦେଶରେ ଏହି ଫସଲର ଚାଷ ଓ ବିରି ଲାଗି ପ୍ରଯତ୍ନ କରୁଛନ୍ତି । ଓଡ଼ିଶାରେ ଲୋକମାନଙ୍କର ପ୍ରୋଟିନ୍ ଓ ତୈଳ ଚାହିଦା ମେଣ୍ଟାଇବା ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାଳରୁ ବହୁଳ ପରିମାଣରେ ଏହି ଫସଲ ସମେତ ତୈଳବୀଜ ଚାଷର ଯୋଜନା କରାଯାଇଛି ।

ଓଡ଼ିଶାରେ ସୋୟାବିନ୍ ଚାଷ ନୂଆକରି ଗତ ୭-୮ ବର୍ଷ ଧରି ଆରମ୍ଭ କରାଯାଇଛି ବୋଲି ବର୍ଣ୍ଣନା କଲେ ଅତ୍ୟୁକ୍ତି ହେବନାହିଁ । ସୋୟାବିନ୍ ଚାଷର ବିଭିନ୍ନ ଦିଗ ବୈଜ୍ଞାନିକ ଦୃଷ୍ଟି କୋଣରୁ ସମାହିତ ହୋଇ ପାରିଲେ ଏହି ଫସଲ ଓଡ଼ିଶାର ଏକ ବିଶିଷ୍ଟ ଅର୍ଥକାରୀ ଫସଲ ରୂପେ ପରିଗଣିତ ହୋଇ ପାରିବ ।

## ସୋୟାବିନ ଚାଷ ଲାଗି ଦରକାରୀ ମୃତ୍ତିକା, ପାଗ ଓ ଜଳବାୟୁ ।

ସୋୟାବିନ୍ ଫସଲ ଯେ କୌଣସି ପ୍ରକାର ମୃତ୍ତିକାରେ ଚାଷ କରାଯାଇପାରେ । କିନ୍ତୁ ଅତ ବାଲିଆ ମାଟିରେ ମୃତ୍ତିକାର ଉର୍ବରତା କମ୍ ଥିବାରୁ ଚାଷ କରିବା ସହଜ ନୁହେଁ । କାଦୁଅ ଜମିରେ ମକା କିମ୍ବା କପା ଅପେକ୍ଷା ସୋୟାବିନ୍ ଭଲହୁଏ । କିନ୍ତୁ ଏହି ଫସଲ ଠିଆ ପାଣି ଓ ସଂତସଂତିଆ ପରିବେଶ ସହିପାରେ ନାହିଁ । ମୃତ୍ତିକା ଅମ୍ଳତାଙ୍କ (P. H.) ୬ରୁ ୬.୫ ସୋୟାବିନ୍ ଲାଗି ଅନୁକୂଳ । ଦୋରସା, ପଟୁ, ନିଗିଡ଼ା ଓ ଦେଲବାଲିଆ ଜମି ସୋୟାବିନ୍ ଲାଗି ଉପଯୁକ୍ତ । ଓଡ଼ିଶାର ଚାଷ ଜମିର ଶତକଡ଼ା ୪୦—୪୨ ଭାଗ ଡିପ ବା ଆଟ ଜମି । ଏହି ଜମି ସୋୟାବିନ୍ ଚାଷ ଲାଗି ଉପଯୁକ୍ତ । ଦୋ-ଫସଲି ଅଞ୍ଚଳରେ ରବି ଋତୁରେ ମଧ୍ୟମ କିସମ ଜମିରେ ମଧ୍ୟ ଏହି ଫସଲ ଚାଷ କରାଯାଇପାରେ । ଜଳସେଚନର ସୁବିଧା ଥିଲେ ଡିପ ଓ ମଧ୍ୟମ କିସମ ଜମିରେ ମଧ୍ୟ ସହଜରେ ରବି ଓ ଖରା ଋତୁରେ ଚିନାବାଦାମ ଓ ମୁଗ ଚାଷ ଓ ବିରି ଭଳି ଚାଷ କରାଯାଇ ପାରିବ ।

ଓଡ଼ିଶାର ମୃତ୍ତିକା ମୁଖ୍ୟତଃ ଲାଲ ଲାଟେରାଇଟ୍ । ଏହି ମୃତ୍ତିକାର ଅମ୍ଳତାଙ୍କ ପ୍ରାୟ ୫–୬ ଭିତରେ । ଏଣୁ ଏହି ମୃତ୍ତିକାରେ ସୋୟାବିନ୍ ଚାଷ କରାଯାଇପାରିବ । କେବଳ କମ ପି. ଏଚ. ମୃତ୍ତିକାରେ ଅମ୍ଳତା ହ୍ରାସ ଲାଗି ଯତ୍ନ ଆବଶ୍ୟକ । କାଲ୍‌ସିଅମ, ମାଗ୍ନେସିଅମ, ପୋଟାସିଅମ, ଫସଫରସ ଓ ଯବକ୍ଷାରଯାନ ଭଳି ମାଙ୍ଗାନିଜ, ସଲଫର, ବୋରୋନ, ଦସ୍ତା, ତମ୍ବା ଓ ମଲିବ୍‌ଡିନିୟମ ମଧ୍ୟ ଆବଶ୍ୟକ ।

ଅନ୍ୟାନ୍ୟ ମଞ୍ଜି ଭଳି ସୋୟାବିନ୍ ମଞ୍ଜି ଗଜା ହେବା ଲାଗି ଉପଯୁକ୍ତ ପରିମାଣ ମୃତ୍ତିକା–ଜଳୀୟ ଅଂଶ ଓ ତାପମାନ ଆବଶ୍ୟକ । ଓଡ଼ିଶାର ସବୁପ୍ରକାର ମୃତ୍ତିକା ଜଳୀୟ ଅଂଶ ସୁଲଭ୍ୟ ଜଳ ପରିସୀମାର ଶତକଡ଼ା ୫୦ ଥିଲେ, ଖରିଫ ଋତୁରେ ୪–୬ ଦିନ ଭିତରେ ଓ ଶୀତ ଦିନେ ୭-୮ ଦିନ ଭିତରେ ଗଜା ବାହାରେ । ଖରାଦିନେ ୪-୫ ଦିନ ମଧ୍ୟରେ ଗଜା ବାହାରେ । ହାରାହାରି ତାପମାନ ୩୦° ସେ. ରହିଲେ ସୋୟାବିନ୍ ଅଳ୍ପ ଦିନରେ ଗଜା ହୁଏ । ଏହା ୨୦° ସେ.ରୁ ହ୍ରାସ ପାଇଲେ ସେତିକି ପରିମାଣ ଗଜା ପାଇଁ ୨ଗୁଣ ସମୟ ଲାଗେ । ସୋୟାବିନ୍ ଗଜା ହେବା ପାଇଁ ସର୍ବୋତ୍ତମ (Optimum) ତାପମାନ ୨୪–୩୬ ସେ । ସର୍ବନିମ୍ନ ତାପମାନ ୨°୫–୪° ସେ. ଅଟେ ଓ ସର୍ବୋଚ୍ଚ ତାପମାନ ୪୨–୪୪° ସେ. ଅଟେ । ଓଡ଼ିଶାରେ ଯେ କୌଣସି ସମୟରେ ଚାଷ କଲେ ମଧ୍ୟ ସୋୟାବିନ୍ ଗଜା ହେବ । କାରଣ, ଜାନୁଆରି ମାସରେ ହାରାହାରି ସର୍ବନିମ୍ନ ତାପମାନ ୧୦° ସେ.ରୁ କମ ନୁହେଁ । କେବଳ ଉପଯୁକ୍ତ ପରିମାଣରେ ଜଳୀୟ ଅଂଶ ରହିବା ଦରକାର।। କେବଳ ଡିସେମ୍ବର ଶେଷ ସପ୍ତାହରୁ ଜାନୁଆରି ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ତାପମାନ କମ ରହୁଥିବାରୁ ଗଜା ହେବାଲାଗି ୫-୬ଦିନ ବିଳମ୍ବ ହୁଏ । ତାପମାନ ୨୦–୩୨ ସେ. ରହିଲେ ଗଜାହେବା ଲାଗି ୩–୫ଦିନ ଏବଂ ୧୫–୧୮ ସେ, ରହିଲେ ୭-୮ଦିନ ଲାଗେ । ତାପମାନ ମଧ୍ୟ ଗଛର ବୃଦ୍ଧି ଓ ବିକାଶ ନିୟନ୍ତ୍ରଣ କରେ । ଗଛ ବଢ଼ି ଡାଳ, ଶାଖା ମେଲାଇ ମାଟିକୁ ଆଚ୍ଛାଦିତ କରିବା ପାଇଁ ଆବଶ୍ୟକ ସମୟ ତାପମାନ, ଜଳୀୟ ଅଂଶ ଓ ବାୟୁମଣ୍ଡଳର ଆର୍ଦ୍ରତା ଉପରେ ନିର୍ଭର କରି ଭିନ୍ନ ହୋଇଥାଏ । କେଉଁ ସମୟରେ ବୁଣିଲେ ଗଛ କେତେ ଶୀଘ୍ର ବଢ଼େ ଏବଂ ଗଛର ବୃଦ୍ଧି ଓ ବିକାଶ ଉପରେ କି ପ୍ରଭାବ ପଡ଼େ–ଏଥିଲାଗି ସବିଶେଷ ଗବେଷଣା ହୋଇ ନାହିଁ । ପ୍ରାରମ୍ଭିକ ଗବେଷଣାରୁ ଜଣାପଡ଼େ ଯେ ଜୁଲାଇ ମାସରେ (ଆଷାଢ଼) ବୁଣାଯାଇଥିବା ଗଛ ବେଶୀ ଡେଙ୍ଗା ହୁଏ ଏବଂ ବେଶୀ ଡାଳ ପତ୍ର ଧରେ । କିନ୍ତୁ ଗଛ ପ୍ରତି ଅଳ୍ପ ଫଳ ହେଉଥିବାରୁ ଡିସେମ୍ବର ଓ ଜାନୁଆରି ମାସ (ମାର୍ଗ-ପୌଷ) ବୁଣା ଫସଲ ତୁଳନାରେ କମ ଅମଳ ଦିଏ । ଜାନୁଆରି ମାସ ବୁଣା ସୋୟାବିନ୍‌ର ଅମଳ ସବୁଠାରୁ ବେଶୀ ସୋୟାବିନ୍‌ର ପ୍ରୋଟିନ୍ ଓ ତୈଳ ଭାଗ ଉପରେ ବୁଣିବା ସମୟର କୌଣସି ପ୍ରଭାବ ନାହିଁ । ବୁଣା ସମୟ ଉପରେ ଫସଲର ମୋଟ ଜୀବନ କାଳ ନିର୍ଭର କରେ । ଏବେ ଅଳ୍ପ ଦିନରେ ପାଚୁଥିବା ଓ ଅଧିକ ଅମଳ ଦେଉଥିବା ସୋୟାବିନ୍ ଜାତି ବାହାରିଲାଣି, ମୁଖ୍ୟ ଅଙ୍ଗୀୟ ବୃଦ୍ଧି (Major vegetative growth period) ଏବଂ ଫଳ ପାକଳ ହେବା ସମୟରେ ସୋୟାବିନ୍ ବେଶୀ ବୃଷ୍ଟି ସହି ପାରେ ନାହିଁ । ଓଡ଼ିଶାରେ ଜୁଲାଇ ଓ ଅଗଷ୍ଟ ମାସରେ ବେଶୀ ବୃଷ୍ଟି ହୁଏ ଓ ତାପମାନ ଅଧିକ ରହିଥାଏ । ଅବାଷ୍ପ ଆର୍ଦ୍ରତା ଖୁବ୍ ବେଶୀଥାଏ । ଉଜ୍ଜ୍ୱଳ ଦିବାଲୋକ ପରିମାଣ ମଧ୍ୟ କମ । ଏହି ମାସରେ ବୁଣା ସୋୟାବିନ୍ ବେଶୀ ଡେଙ୍ଗା ହୁଏ । ବେଶୀ ପତ୍ର ଧରେ ଓ ଏଥିରୁ ବେଶୀ ଅମଳ ନ ମିଳିବା ସ୍ୱାଭାବିକ । ଏଣୁ ଜାନୁଆରି ମାସରେ ବୁଣାଗଲେ ଅଳ୍ପ ଦିନରେ ବେଶୀ ଅମଳ ମିଳିଥାଏ । ଓଡ଼ିଶାରେ ବହୁ ଫସଲ ପର୍ଯ୍ୟାୟରେ ଜଳସେଚିତ ଅଞ୍ଚଳରେ ସୋୟାବିନ୍ ଚାଷ ସହଜରେ ହୋଇ ପାରିବ । ଡିପ, ନିଗଡ଼ା ଜମିରେ ସୋୟାବିନ୍ ଜୁନ-ଜୁଲାଇ ମାସରେ ବୁଣାଯିବା ଉଚିତ । ବୃଷ୍ଟି, ବିକିରଣ, ତାପମାନ, ସୂର୍ଯ୍ୟାଲୋକ ଦୃଷ୍ଟିରୁ ଓଡ଼ିଶାରେ ବର୍ଷସାରା ସୋୟାବିନ୍ ଚାଷ ସମ୍ଭବ । ଡିସେମ୍ବର, ଜାନୁଆରି ଓ ଜୁଲାଇ ମାସରେ ଏ ଫସଲ ଲଗାଇ ପରୀକ୍ଷା କରା ଯାଇଥିଲା । ଏଥିରୁ ଜଣା ପଡ଼ିଛି ଯେ ଜାନୁୟାରି ମାସରେ ଲଗାଇଲେ ବେଶୀ ଅମଳ ମିଳେ ।

## ସାର ଓ ପାଣି

ଯବକ୍ଷାରଯାନ ପ୍ରୟୋଗ କଲେ ଗଛର ଅଙ୍ଗୀୟ ବୃଦ୍ଧି ଘଟେ । ମୁଗ, ବିରି ଓ କୋଳଥ ଭଳି ଡାଲି ଜାତୀୟ ଫସଲ ତୁଳନାରେ ସୋୟାବିନ୍‌ରେ ତୈଳ ଓ ପ୍ରୋଟିନ୍ ବେଶୀ ଥିବାରୁ ଯବକ୍ଷାରଯାନ ବେଶୀ ଦରକାର । ଓଡ଼ିଶାରେ ମୃତ୍ତିକାରେ ଯବକ୍ଷାରଜାନ ଓ ଜୈବିକ ପଦାର୍ଥ ଅତି କମ୍ ଥିବାରୁ ଏହିସାର ପ୍ରୟୋଗ ଆବଶ୍ୟକ ହୋଇଥାଏ । କିନ୍ତୁ ମୃତ୍ତିକା ଉର୍ବର ଥିଲେ ଯବକ୍ଷାରଯାନ ଆବଶ୍ୟକ ହୁଏ ନାହିଁ । ଏଣୁ କେଉଁ ମୃତ୍ତିକାରେ କେତେ ପରିମାଣରେ ଯବକ୍ଷାରଯାନ ଦେବା ଦରକାର ପରୀକ୍ଷା ଦ୍ୱାରା ସ୍ଥିର କରାଯିବା ଉଚିତ । ମୃତ୍ତିକା ଅମ୍ଳତାଙ୍କ (ପି. ଏଚ୍.) ୬–୬.୫ ରୁ କମ୍ ଥିଲେ ଯବକ୍ଷାରଯାନ ସଂଶ୍ଳେଷଣକାରୀ ବୀଜାଣୁ (ବାକ୍‌ଟେରିଆ) ଉପଯୁକ୍ତ ପରିମାଣ ଯବକ୍ଷାରଯାନ ସଂଶ୍ଳେଷଣ କରି ପାରନ୍ତି ନାହିଁ । ଯବକ୍ଷାରଯାନ ସଂଶ୍ଳେଷଣ ସୋୟାବିନ ଲାଗି ଉପଯୁକ୍ତ ପରିମାଣ ବାକ୍‌ଟେରିଆ ସୃଷ୍ଟିକାରୀ ( Rhizobium japonicum ) ପରିମାଣ ଉପରେ ନିର୍ଭରକରେ । ଓଡ଼ିଶାରେ ସୋୟାବିନ୍ ଚାଷ ନୂଆ ହୋଇ କରା ହେଉଥିବାରୁ ଏହି ଜାତିର ବାକ୍‌ଟେରିଆର ଅଭାବ ଦେଖାଯାଇଥାଏ । ଏଣୁ ଚେରରେ ଯଥେଷ୍ଟ ପରିମାଣର ଏବଂ ଆବୁଡ଼ି ( Nodule ) ସୃଷ୍ଟି ହୁଏନାହିଁ ଏଗୁଡ଼ିକ ଖୁବ୍ ବିଳମ୍ବରେ ସୃଷ୍ଟିହୁଏ । ଏଣୁ ବୁଣିବା ଆଗରୁ ଏହି ମଞ୍ଜି ସହିତ ବାକ୍‌ଟେରିଆମିଶା ମାଟି ମିଶାଇବା ଦରକାର ପଡ଼ିଥାଏ । ଅନ୍ୟାନ୍ୟ ଡାଲି ଜାତୀୟ ଫସଲଭଳି ସୋୟାବିନ୍ ମଧ୍ୟ ଫସଫେରସ୍ ଯଥେଷ୍ଟ ପରିମାଣରେ ଦରକାର କରେ । ଫସ୍‌ଫେଟ ପ୍ରୟୋଗ କଲେ ଯବକ୍ଷାରଯାନ ଓ ପୋଟାସ ତୁଳନାରେ ବେଶୀ ଅମଳ ମିଳିଥାଏ । ସୁପର ଫସଫେଟ ପ୍ରୟୋଗ ହେତୁ କାଲ୍‌ସିଅମ ଓ ଫସଫେରସ ପାଇଥାଏ । ଏହା ଯବକ୍ଷାରଯାନ ସଂଶ୍ଳେଷଣୀ ବାକ୍‌ଟେରିଆର ସଂଖ୍ୟା ବୃଦ୍ଧି କରେ । ପରୀକ୍ଷାରୁ ଜଣା ପଡ଼ିଛିଯେ ହେକ୍‌ଟର ପିଛା ୭୫ କି:ଗ୍ରା: ଫସ୍‌ପୋରିକ ଅମ୍ଳ ଆବଶ୍ୟକ । ଓଡ଼ିଶାର ମୃତ୍ତିକା ମୁଖ୍ୟତଃ ଲାଲ ଓ ଲାଟେରାଇଟ୍ ହୋଇଥିବାରୁ ପୋଟାସର ଅଭାବ ହୁଏ ନାହିଁ । କିନ୍ତୁ ଅମ୍ଳତା ବୃଦ୍ଧି ପାଇଲେ

ମଲିବ୍‌ଡିନିୟମ ଓ ବୋରୋନ ଅଭାବ ହେଉଥିବାରୁ ବାକ୍‌ଟେରିଆ ଦ୍ୱାରା ଯବକ୍ଷାରଯାନ ସଂଶ୍ଳେଷଣ ପରିମାଣ ବୃଦ୍ଧି କରିବାଲାଗି ବୋରନ ଓ ମଲିବ୍‌ଡିଙ୍ଗିନିୟମ ଯୋଗାଇବା ଆବଶ୍ୟକ । ମୃତ୍ତିକା ଗୁଣ ଅନୁସାରେ ବିଭିନ୍ନ ଅଣୁସାର ପରିମାଣ ସ୍ଥିର କରିବା ଗବେଷଣା ସାପେକ୍ଷ । ଓଡ଼ିଶାରେ ସୋୟାବିନ୍ ଫସଲ ପାଇଁ ହେକ୍‌ଟର ପ୍ରତି ୨୦ କି: ଗ୍ରା.: ଯବକ୍ଷାରଯାନ, ୪୦ କି: ଗ୍ରା: ଫସଫେଟ ଓ ୪୦ କି: ଗ୍ରା: ପୋଟାସ ଅନୁମୋଦନ କରାଯାଉଛି ।

ମୁଗ, ଓ ବିରି ଓ କୋଳଥ ଓଡ଼ିଶାର ମୁଖ୍ୟ ଡାଲି ଜାତୀୟ ଫସଲ । ଏ ଗୁଡ଼ିକ ଗ୍ରୀଷ୍ମ ମଣ୍ଡଳୀୟ ଫସଲ ଏବଂ ଏମାନଙ୍କ ଚେରରେ ଗାଣ୍ଠି ସୃଷ୍ଟିଲାଗି ଆବଶ୍ୟକ ବାକ୍‌ଟେରିଆ ଆମର ମୃତ୍ତିକାରେ ଯଥେଷ୍ଟ ଅଛନ୍ତି । ସେମାନେ ଅମ୍ଳମୃତ୍ତିକାରୁ ମଧ୍ୟ ଯଥେଷ୍ଟ କାଲ୍‌ସିଅ ସଂଗ୍ରହକରି ଫସଲ ପାଇଁ ଯଥେଷ୍ଟ ପରିମାଣ ଯବକ୍ଷାରଯାନ ସଂଗ୍ରହ କରିଥାନ୍ତି । ସୋୟାବିନ୍ ପାଇଁ ଆବଶ୍ୟକ ବାକ୍‌ଟେରିଆ ଏମାନଙ୍କଠାରୁ ସଂପୂର୍ଣ୍ଣ ପୃଥକ ( Rhizobium Japonicum ‡ । ଏହି ଜାତୀୟ ବାକ୍‌ଟେରିଆ ପାଇଁ ଯଥେଷ୍ଟ ପରିମାଣ କାଲସିଅମ ଆବଶ୍ୟକ । ସୋୟାବିନ୍‌ର ବହୁଳ ଚାଷ ହେତୁ ମୃତ୍ତିକାରେ ଏପ୍ରକାର ବାକ୍‌ଟେରିଆ ପରିମାଣ ବୃଦ୍ଧି ପାଇଲେ ମୁଗ, ବିରି ଓ କୋଳଥ ଲାଗି ଆବଶ୍ୟକ ବାକ୍‌ଟେରିଆ ପରିମାଣ ହ୍ରାସ ପାଇବ । ଏଣୁ କି ପ୍ରକାର ଅବସ୍ଥା ଭବିଷ୍ୟତରେ ସୃଷ୍ଟିହେବ, କହି ହେବ ନାହିଁ । ଏଥିଲାଗ ଯଥେଷ୍ଟ ଗବେଷଣା ଆବଶ୍ୟକ ।

## ଓଡ଼ିଶାପାଇଁ ଉପଯୁକ୍ତ ଫସଲ ଜାତ

ଅଙ୍କୁର, ଜେ. ଏସ୍ ୨, ଯେ-ଏସ୍ ୭୨-୪୪, ଟି–୪୯, ଓ ପିକେ ୭୩-୧୬୩ ଜାତି ଓଡ଼ିଶା ପାଇଁ ଉପଯୁକ୍ତ । ଏ ଗୁଡ଼ିକ ୧୦୦-୧୨୦ ଦିନରେ ପାଚନ୍ତି ଓ ହେକ୍‌ଟରପିଛା ୨୦-୩୦ କ୍ୱିଣ୍ଟାଲ ଅମଳ ଦିଅନ୍ତି । ଏକ ହେକ୍ଟର ଜମି ପାଇଁ ୭୫ କି:ଗ୍ରା: ମଞ୍ଜି ଆବଶ୍ୟକ ହୋଇଥାଏ

## ଜଳସେଚନ

ଫସଲର ପ୍ରଥମ ଅବସ୍ଥାରେ ମୃତ୍ତିକାରେ ଜଳୀୟ ଅଂଶ ବେଶୀ ରହିଲେ ଗଛ ପଚୁରି ପଡ଼ିଯାଏ ଓ ଅମଳ ହ୍ରାସ ପାଏ । ଫୁଲ ଧରିବା ସମୟରୁ ଫଳ ପାକଳ ହେବା ସମୟ ସଙ୍କଟକାଳ । ଏହି ସମୟରେ ଜଳାଭାବ ହେଲେ ଫୁଲ ଝଡ଼େ, ଫଳରେ ମଞ୍ଜି ଭଲ ବଢ଼େ ନାହିଁ ଓ ମଞ୍ଜି ଚାଂସକ ହୁଏ । ଏଣୁ ଶୀତ ଓ ଗ୍ରୀଷ୍ମ ଋତୁରେ ଚାଷ କରିବା ଲାଗି ଜଳସେଚନ ସୁବିଧା ଏକାନ୍ତ ଆବଶ୍ୟକ । ଜଳସେଚିତ ଫସଲର ଅମଳ ଅଣସେଚିତ ଫସଲ ର ଅମଳର ୨ ଗୁଣ ହୋଇଥାଏ । ଭୁବନେଶ୍ୱରରେ ସୋୟାବିନ୍ ଲାଗି ଫସଲର ଅଙ୍ଗୀୟ ବୃଦ୍ଧି ଅବସ୍ଥାରେ ଥରେ, ଫୁଲ ଧରିବା ବେଳେ ଥରେ ଓ ଛୁଇଁ ପାକଳ ହେବା ସମୟରେ ଦୁଇଥର ଜଳ ସେଚନ ଆବଶ୍ୟକ ହୋଇଥାଏ । ଏହି ଫସଲ ପାଇଁ ୨୫–୨୮ ସେ:ମ: ପାଣି ଆବଶ୍ୟକ ।

## ସୋୟାବିନ୍ ତେଲ

ଏହା ଗୋଟିଏ ଅର୍ଦ୍ଧ ଶୁଷ୍କକାରି ( Semi drying ) ତୈଳ । ଏହି ତୈଳ ଖାଇବାରେ ବ୍ୟବହୃତ ହୁଏ । ଅନେକ ଶିଳ୍ପ ଲାଗି ଏହାର ଆବଶ୍ୟକତା ଓ ପ୍ରୟୋଗ ମଧ୍ୟ ଯଥେଷ୍ଟ । ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରସ୍ତୁତ ମୋଟ ତୈଳ ଓ ଅନ୍ୟାନ୍ୟ ସ୍ନେହଜାତ ପଦାର୍ଥର ୩୫–ଭାଗ ସୋୟାବିନ୍‌ରୁ ମିଳିଥାଏ । ମଞ୍ଜିରୁ ତୈଳ ନିଷ୍କାସନ ପରିମାଣ ନିଷ୍କାସନ ପ୍ରଣାଳୀ ଉପରେ ନିର୍ଭର କରେ । ଦ୍ରାବକ ( Sowent ) ପ୍ରଣାଳୀରେ କେବଳ ଏ ୧–ଭାଗ ତେଲ ମଞ୍ଜିରେ ରହିଯାଏ । କିନ୍ତୁ ଅନ୍ୟାନ୍ୟ ପ୍ରଣାଳୀରେ ୪-୫ ଭାଗ ତେଲ ରହି ଯାଇପାରେ ଓଡ଼ିଶାରେ ସୋୟାବିନ୍ ମଞ୍ଜିରୁ ତେଲ ବାହାର କରି ବର୍ତ୍ତମାନ ବିକ୍ରି କରାଯାଉଛି ।

## ସୋୟାବିନ୍‌ରୁ ପ୍ରସ୍ତୁତ ଖାଦ୍ୟ ଓ ଅନ୍ୟାନ୍ୟ ପଦାର୍ଥ

ସୋୟାବିନ୍‌ରୁ ବହୁତ ପ୍ରକାର ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଇ ପାରେ । ସୋୟାବିନ୍‌ରୁ ଦୁଧ, ଦହି, ଛେନା:, ରସ ( Sauce ‡), ଜହ୍ନଣା, ଆଇସ୍‌କ୍ରିମ୍, ଲଡୁ ଓ ରସଗୋଲା ମଧ୍ୟ ତିଆରି କରାଯାଇପାରେ । ଏହାର ମଇଦାକୁ ଗହମ ମଇଦା ବା ଅଟା ସହିତ ମିଶାଇ ରୁଟି ସମୟରେ ଖାଦ୍ୟ ସମସ୍ୟା ଲାଘବ କରାଯାଇପାରେ । ନ୍ୟୁଟ୍ରି, ନୁଗେଟ୍, ଟେମ୍ପୋ, ମିସୋ, ସୋୟାମାଂସ, ଶିଶୁ ଖାଦ୍ୟ ଇତ୍ୟାଦି ମଧ୍ୟ ପ୍ରସ୍ତୁତ କରାଯାଏ । ଏସବୁ ବିଷୟରେ ଓଡ଼ିଶାରେ କୃଷକ ତାଲିମ କେନ୍ଦ୍ରମାନଙ୍କରେ ଶିକ୍ଷା ଦିଆଯାଉଛି ।ଏହା ଲୋକମାନଙ୍କ ମଧ୍ୟରେ ଆଦର ଲାଭ କଲେ ଖାଦ୍ୟ ପଦାର୍ଥ ସମସ୍ୟା ସମାଧାନରେ ସାହାଯ୍ୟ କରିବ । ଏଣୁ ଓଡ଼ିଶାର ଅନୁନ୍ନତ ଅଞ୍ଚଳ ତଥା ନିପାଣିଆ ଅଞ୍ଚଳରେ ଏହାର ଚାଷ ପ୍ରସାର ଓ ବିକାଶ ଆବଶ୍ୟକ । ଏଥିରୁ ମଧ୍ୟ ଆଣ୍ଟିବାଇଓଟିକ୍‌ସ୍ ପ୍ରସ୍ତୁତ କରାଯାଉଛି ।

ସୋୟାବିନ୍ ତେଲରୁ ମହମବତୀ, ଏନାମେଲ୍, ଗ୍ଲିସେରିନ୍, ପୋକମରା ଔଷଧ, ତେଲକନା ( Oil cloth ‡), ରଙ୍ଗ ଓ ବାରନିସ୍ ମଧ୍ୟ ତିଆରି କରାଯାଇପାରେ । ଏଣୁ ଏହି ଚାଷର ପ୍ରସାର ସାଙ୍ଗେ ସାଙ୍ଗେ ଏହାର ତୈଳ ଓ ମଞ୍ଜିର ଉପଯୁକ୍ତ ବିନିଯୋଗ ଲାଗି ଆନୁଷଙ୍ଗିକ କ୍ଷୁଦ୍ର ଶିଳ୍ପ ଗଢ଼ିଉଠିବା ଦରକାର । ନଚେତ୍ କୃଷକମାନଙ୍କର ଆଗ୍ରହ ସତ୍ତ୍ୱେ ଏହାର ଚାଷ ପ୍ରସାର ଲାଭ କରି ପାରିବ ନାହିଁ । ତହିଁରୁ ଲାଭଜନକ ଉପାୟରେ ତୈଳ ନିଷ୍କାସନ କରି ଓ ଆନୁଷଙ୍ଗିକ ଶିଳ୍ପ କରାଇ ଲାଭ କରାଯାଇପାରେ । କୃଷକମାନଙ୍କଠାରୁ ଉପଯୁକ୍ତ ଦରରେ ମଞ୍ଜି କିଣି ସେମାନଙ୍କୁ ଉପଯୁକ୍ତ ପରିମାଣ ଲାଭାଂଶ ଦେବା ଆବଶ୍ୟକ । ଏଥିଲାଗି ସାଧାରଣ ଶିକ୍ଷାର ଉନ୍ନତି, କୃଷକଙ୍କୁ ଅଧିକ ସାହାଯ୍ୟ ତଥା ଶିଳ୍ପୋନ୍ନତି ଲାଗି ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ଆବଶ୍ୟକ । ଧାନ ଓ ମୁଗ ଭଳି ଏହାର ପ୍ରାଧାନ୍ୟ ଉପଲବ୍ଧି ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯିବା ଆବଶ୍ୟକ ।


## ମୃତ୍ତିକା ସଂରକ୍ଷଣରେ ସୋୟାବିନ୍

ବିଭିନ୍ନ ଫାର୍ମ ଅବସ୍ଥାକୁ ଖାପ ଖୁଆଇ ସୋୟାବିନ୍ ଫସଲ ପର୍ଯ୍ୟାୟରେ ମିଶା ଯାଇପାରେ । ଫସଲର ବ୍ୟବହାର ଅନୁସାରେ ଏହା ମୃତ୍ତିକାର ଗୁଣ ବୃଦ୍ଧିକାରୀ ବା କ୍ଷତିକାରୀ ଫସଲ ରୂପେ ପରିଗଣିତ ହୁଏ । ପରୀକ୍ଷାରୁ ଜଣାପଡ଼ିଛି ଯେ ସୋୟାବିନ୍ ଫସଲ ଫୁଲ ବେଳେ ଚାଷ କରି ମାଟିରେ ମିଶାଇଦେଲେ ହେକ୍ଟର ପ୍ରତି ପ୍ରାୟ ୯୦ କି.ଗ୍ରା. ଯବକ୍ଷାର ଯାନ ଯୋଗାଇ ଦିଆଯାଇପାରେ । କିନ୍ତୁ ଛୁଇଁ ତୋଳି ଉପାଡ଼ି ନେଲେ ମୃତ୍ତିକାରୁ ହେକ୍ଟର ପିଛା ୬ କି.ଗ୍ରା ଯବକ୍ଷାରଯାନ ନଷ୍ଟ ହୁଏ । ସୋୟାବିନ୍ ଫସଲ ହେତୁ ମୃତ୍ତିକା ନରମ ଓ ଫସଫସିଆ ହୁଏ ଏବଂ ପରବର୍ତ୍ତୀ ଫସଲ ଚାଷ କରିବା ଲାଗି ସୁବିଧା ହୁଏ । ଗଛର ମୂଳ ଚେର ଝଡ଼ି ପଡୁଥିବା ପତ୍ର ହେତୁ ମାଟିକୁ ଅଧିକ ଜୈବିକସାର ମିଳେ । ଏହାର ଚେର ଅଧିକ ଗଭୀରକୁ ଯାଉଥିବାରୁ ଓ ଏହା ଡାଳ ପତ୍ର ମେଲି ଭୂମିକୁ ଆଚ୍ଛାଦନ କରି ରଖୁଥିବାରୁ ବୃଷ୍ଟି ଓ ପବନ ହେତୁ ମୃତ୍ତିକା ଶୀଘ୍ର କ୍ଷୟ ହୁଏ ନାହିଁ । ବୃଷ୍ଟିଜଳ ମୃତ୍ତିକା ଉପରେ ଧୀରେ ଧୀରେ ଶୋଷେ ଏବଂ ମୃତ୍ତିକା ଓ ଜଳ ଉଭୟ ସଂରକ୍ଷିତ ହୋଇପାରେ । ଓଡ଼ିଶାରେ ଜଳ ଓ ମୃତ୍ତିକା ସଂରକ୍ଷଣ ଲାଗି କୋଳଥ ଭଳି ସୋୟାବିନ୍‌ର ମଧ୍ୟ ଉପକାରିତା ବେଶୀ । ତେଣୁ ପାହାଡ଼ିଆ ଓ ଗଡ଼ାଣିଆ ଅଞ୍ଚଳରେ ଏହାର ବହୁଳ ପ୍ରସାର ଆବଶ୍ୟକ । ଏହା ମକା, ହରଡ଼, ସୂର୍ଯ୍ୟମୁଖୀ ସହିତ ମିଶ୍ରିତ ଫସଲ ରୂପେ ଓଡ଼ିଶାରେ ଆଟ ଓ ବିଆଳି ଜମିମାନଙ୍କରେ ଚାଷ କରାଯାଇ ପାରିବ ।

## ଓଡ଼ିଶାରେ ସୋୟାବିନ୍ ଚାଷର ପ୍ରସାର

ବର୍ତ୍ତମାନ ଓଡ଼ିଶାରେ ସୋୟାବିନ୍ ଚାଷ କେନ୍ଦ୍ରୀୟ ସହାୟତାରେ କାର୍ଯ୍ୟକାରୀ ହେଉଛି । ପରୀକ୍ଷା ସ୍ୱରୂପ ଗତବର୍ଷ କଳାହାଣ୍ଡି, କୋରାପୁଟ, ସୁନ୍ଦରଗଡ଼ ଓ ବଲାଙ୍ଗିର ଜିଲ୍ଲାରେ ପ୍ରାୟ ୨୦୦୦ ହେକ୍ଟର ଜମିରେ ଚାଷ କରଯାଇଥିଲା । ଏହି ଚାଷ ଏସବୁ ଜିଲ୍ଲାମାନଙ୍କରେ ବେଶ୍ ଲୋକପ୍ରିୟ ହୋଇ ପାରିଛି । ୧୯୮୮-୮୯ରେ ପ୍ରାୟ ୨୦,୦୦୦ ହେକ୍ଟର ଜମିରେ ଚାଷ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ଚାଷ ପ୍ରତି ଆଗ୍ରହ ଆଣିବାକୁ ଚାଷୀମାନଙ୍କୁ ଉଚିତ ଦରରେ ବିହନ ଯୋଗାଇ କ୍ଷେତ୍ର ପ୍ରଦର୍ଶନ ଓ ବିହନ ପୁଡ଼ିଆ ବଣ୍ଟନ ସୁବିଧା କରାଯାଉଛି ।

କୃଷି ମହାବିଦ୍ୟାଳୟ,
ଭୁବନେଶ୍ୱର ।



# ସୁନିଆଁ ଓ ବାମନ ଜନ୍ମ

କୁମାରୀ ଶୁଭଲକ୍ଷ୍ମୀ ମହାନ୍ତି

ସମଗ୍ର ବିଶ୍ୱରେ ଓଡ଼ିଶା ପୁରୁଷୋତ୍ତମ କ୍ଷେତ୍ର ନାମରେ ପରିଚିତ । ଓଡ଼ିଆମାନେ ସ୍ୱଭାବତଃ ସରଳ ବିଶ୍ୱାସୀ ଏବଂ ଯୁଗେଯୁଗେ ଧର୍ମର ଉପାସକ । ସେମାନଙ୍କ ଧାର୍ମିକ ପରମ୍ପରା ମଧ୍ୟ ବିଶ୍ୱବିଶ୍ରୁତ । ଆଦର୍ଶ, ସୁସ୍ଥ, ସରଳ ଜୀବନ ଯାପନ ପାଇଁ ଓଡ଼ିଶାବାସୀ ଅନ୍ୟାନ୍ୟ ପ୍ରାନ୍ତୀୟ ଅଧିବାସୀଙ୍କ ଭଳି ବିବିଧ ପର୍ବପର୍ବାଣୀ, ଓଷାବ୍ରତ, ଯାନିଯାତ୍ରା ଇତ୍ୟାଦି ତିଥି ବାର ଓ ନକ୍ଷତ୍ରର ଗୁରୁତ୍ୱ ଅନୁଯାୟୀ ପାଳନ କରିଥାନ୍ତି । ଭିନ୍ନଭିନ୍ନ ଋତୁରେ ପ୍ରଥା ପରମ୍ପରା ସଞ୍ଜାତ ବିବିଧ ପର୍ବ ପାଳିବା ପାଇଁ ସେମାନେ ଗଭୀର ଶ୍ରଦ୍ଧା ପୋଷଣ କରିଥାନ୍ତି । ବାର ବ୍ରତ, ପର୍ବପର୍ବାଣୀ ଏବଂ ଓଷା ଉପବାସ ପାଳନରୁ ଗୋଟିଏ ଜାତିର ଧର୍ମ, ସଂସ୍କୃତି, ଆସ୍ଥାର ବିସ୍ତାର ତଥା ଉନ୍ନତ ଜାତୀୟ ଜୀବନର ନିଛକ ପରିଚୟ ମିଳିଥାଏ । ପର୍ବପର୍ବାଣୀ, ଓଷାବ୍ରତ ପାଳନ ଆଜିର ନୁହେଁ ବା କେତୋଟି ଦଶନ୍ଧି ବା ଶତକର ନୁହେଁ । ଏହା ଯୁଗ ଯୁଗର । ଜାତୀୟ ଜୀବନରେ ସଂସ୍କୃତିର ଛାପ ମାନବର ଅସ୍ଥି ମଜ୍ଜାଗତ । ସଭ୍ୟତାର ଯେତେ ପରିବର୍ତ୍ତନ ହେଉନା କାହିଁକି ସଂସ୍କୃତିର ସ୍ୱକୀୟ ସଙ୍କେତ ବ୍ୟକ୍ତିର ଭାବ ସଭାରେ ହିଁ ଅନ୍ତର୍ନିହିତ । ଏହାକୁ ଇଚ୍ଛାକରି ବା ଚେଷ୍ଟା କରି କେହି କେବେ ଲୋପ କରିଦେଇ ପାରିବ ନାହିଁ ।

ପର୍ବ ବା ଓଷାବ୍ରତର ସ୍ୱତନ୍ତ୍ର ନୀତିନିୟମ ମଣିଷ ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ଏହି ପର୍ବପର୍ବାଣୀଗୁଡ଼ିକ କେବଳ ଯେ ଧର୍ମ ଦୃଷ୍ଟିରୁ ପାଳିତ ହୋଇଥାଏ ତାହା ନୁହେଁ, ବ୍ୟକ୍ତିର ଶରୀର, ମନ ଓ ବୁଦ୍ଧିକୁ ପବିତ୍ର ରଖେ । ପର୍ବପର୍ବାଣୀ ପାଳନ ମୂଳରେ ଏହି ମହତ ଉଦ୍ଦେଶ୍ୟ ଅନ୍ତର୍ନିହିତ । କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ; ସାମାଜିକ ମୂଲ୍ୟବୋଧ ଏବଂ ଆମୋଦ ପ୍ରମୋଦର ବ୍ୟବସ୍ଥା କରି ଗତାନୁଗତିକତାର ନୂତନ ଉତ୍ସାହ ଉଦ୍ଦୀପନା ଦିଗକୁ ନେଇ ଯିବାକୁ ସମାଜରେ ପର୍ବପର୍ବାଣୀ ପ୍ରଚଳିତ ହୋଇଛି । ଏହାର ଅର୍ଥ ନୁହେଁ ଯେ ଆମର ପର୍ବପର୍ବାଣୀ, ଯାନିଯାତ୍ରା, ଓଷାବ୍ରତ ମହାଭାରତୀୟ ସ୍ରୋତରୁ ଭିନ୍ନ । ସର୍ବ ଭାରତୀୟ ସ୍ତରରେ ପାଳିତ ହେଉଥିବା ବହୁ ପର୍ବ ଉତ୍କଳରେ ମଧ୍ୟ ପାଳନ କରାଯାଏ । ଏହା ବ୍ୟତୀତ ଅନ୍ୟ କେତୋଟି ପର୍ବ ରହିଛି ଯେଉଁଗୁଡ଼ିକ ଉତ୍କଳର ସ୍ୱକୀୟ । ଓଡ଼ିଆ ଜାତିର ନିଜସ୍ୱ ପର୍ବପର୍ବାଣୀ, ଯଥା : ରଜ, କୁମାରପୂର୍ଣ୍ଣିମା, ଖୁଦୁରୁକୁଣୀ, ସୁଦଶାବ୍ରତ, ଦୁତୀବାହନ, ନବାନ୍ନ, ପୁଷପୁନି ଇତ୍ୟାଦି ଆଞ୍ଚଳିକ ପର୍ବ ଏବଂ ଓଡ଼ିଆ ଜୀବନର ସ୍ୱାଭାବିକ ଉତ୍ସାହ ଉଦ୍ଦୀପନା ନେଇ ଅକ୍ଷୟତୃତୀୟା, ଅଶୋକାଷ୍ଟମୀ, ଶୀତଳଷଷ୍ଠୀ, ସୁନିଆଁ ଭଳି ପର୍ବ ସମାଜରେ ପ୍ରାକୃତିକ ପରିବର୍ତ୍ତନର ପ୍ରତିକ୍ରିୟା ବହନ କରି ପାଳିତ ହୋଇ ଆସୁଛି । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଭଗବାନ ବାମନ ଅବତାର ଗ୍ରହଣ କରିଥିବାରୁ "ବାମନ ଜନ୍ମ" ଏବଂ ରାଜାଙ୍କର ଅଙ୍କ ଗଣନାର ବର୍ଷର ପ୍ରଥମ ଦିନ "ସୁନିଆଁ" ଏ ଦୁଇଟି ପର୍ବ ପାଳନ କରାଯାଏ । ଉଭୟ ପର୍ବର ମହତ୍ୱ ଆମ ପାଇଁ ମହତ୍ୱପୂର୍ଣ୍ଣ ।

ସୁନିଆଁ ଆଧ୍ୟାତ୍ମିକ ଅନ୍ବେଷଣ ଓ ରାଜକୀୟ ସମୃଦ୍ଧିର ମିଳନ ବିନ୍ଦୁ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ଏହି ପର୍ବଟି ପାଳନ କରାଯାଇ ଥାଏ । ଏହି ଦ୍ୱାଦଶୀ ତିଥିରେ ଭଗବାନ ବିଷ୍ଣୁ ଦଶାବତାର ମଧ୍ୟରୁ ବାମନ ଅବତାର ରୂପରେ ଭୂମିଷ୍ଠ ହୋଇଥିଲେ । ତେଣୁ ଏହି ଦିନଟି ବାମନ ଜନ୍ମ ଭାବରେ ସର୍ବତ୍ର ପାଳିତ ହୋଇଥାଏ । ବାମନ ଥିଲେ ଏକ ଚାତୁର୍ଯ୍ୟ ମାଧ୍ୟମରେ ଶତ୍ରୁ ଦମନ କରିବାର ଏକ କୁଶଳୀ ଅବତାର । ଭଗବାନ ଏହି ବାମନ ଅବତାରରେ ବୁଦ୍ଧିର ବିଚକ୍ଷଣତା ପ୍ରଦର୍ଶନ ବଳରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନି ପୁରକୁ ନିଜ ପାଦ ତଳେ ଚପି ରଖି ପାରିଥିଲେ । କିମ୍ବଦନ୍ତୀ କହେ ବଳି ରାଜା ଥିଲେ କର୍ଣ୍ଣଙ୍କ ପରି ମହା ଦାନୀ । ପ୍ରତ୍ୟହ ପ୍ରାତଃ ସମୟରେ ସେ ବିଭିନ୍ନ ଦାନ ଦେଉଥିଲେ ଏବଂ ଏହି ସମୟରେ ରାଜ୍ୟବାସୀ ଯିଏ ଯାହା ମାଗୁଥିଲେ, ସେ ବିନା ଦ୍ୱିଧାରେ ତାହା ବିତରଣ କରି ନିଜକୁ ମହା ଭାଗ୍ୟବାନ ମଣୁଥିଲେ । ମହାଦାନୀ ଭାବରେ ତାଙ୍କର ଯଶ ଦିଗ ବିଦିଗ ବିସ୍ତୃରିତ ହେଲା । ଏଇ ଦାନୀପଣକୁ ପରୀକ୍ଷା କରିବା ପାଇଁ ସ୍ୱୟଂ ଭଗବାନ ଆଷାଢ ଶୁକ୍ଳ ଦ୍ୱାଦଶୀ ତିଥିରେ ନିଜେ ବାମନ ଅବତାର ନେଇ ଜନ୍ମ ଗ୍ରହଣ କରିଥିଲେ । ପ୍ରାତଃ ସମୟରେ ରାଜା ଦାନ ଦେଇ ସାରି ଉଆସକୁ ଫେରି ଯିବାବେଳେ ରାଜପ୍ରାସାଦର ଦ୍ୱାର ଦେଶରେ ବିଷ୍ଣୁ ବାମନ ଅବତାର ନେଇ ନିଜେ ସାମବେଦ ପାଠ କରୁଥିବା ଶୁଣିଲେ । ଏଭଳି କୌଣସି ବ୍ରାହ୍ମଣ ବେଦ ପାଠ କରିବା କେହି କେବେ ଦେଖି ନଥିଲେ କି ଶୁଣି ନଥିଲେ । ତେଣୁ ନିକଟକୁ ଯାଇ ବିପ୍ରଙ୍କର ଆସିବାର ଅଭିପ୍ରାୟ ପଚାରିଲେ । ବାମନ ରୂପୀ ବିପ୍ର ଦାନ ନେବା ପାଇଁ ଉପସ୍ଥିତ ହୋଇଛନ୍ତି ବୋଲି ରାଜାଙ୍କୁ ପ୍ରକାଶ କଲେ । ରାଜା ମହା ଆନନ୍ଦରେ ଦାନ ମାଗିବାକୁ କହିବାରୁ ବ୍ରାହ୍ମଣ ତିନି ପାଦ ଭୂମି ମାଗିଥିଲେ । ଦୁଇ ପାଦରେ ସ୍ୱର୍ଗ ଓ ମର୍ତ୍ତ୍ୟ ଦାନ ଦେବା ପରେ ତୃତୀୟ ପାଦ କାହିଁ ବୋଲି ପଚାରିବାରୁ ଭଗବାନ ନିଜ ନାଭିରୁ ଆଉ ଗୋଟିଏ ପାଦ ସଞ୍ଚାରିତ କରିଥିଲେ । ଉକ୍ତ ପାଦ ନିମନ୍ତେ ରାଜାଙ୍କ ପାଖରେ ଆଉ କିଛି ଦାନ ନଥିଲା । ତେଣୁ ରାଜାଙ୍କ ମୁଣ୍ଡ ଉପରେ ପାଦଟି ରଖି ତିନି ପାଦ

ପୂର୍ଣ୍ଣ କରିବା ପାଇଁ ବାମନଙ୍କୁ ବଳି ରାଜା ବିନୀତ ପ୍ରାର୍ଥନା କରିଥିଲେ । ତାହାହିଁ ହେଲା, ତୃତୀୟ ପାଦରେ ବଳି ରାଜା କ୍ରମେ ଅଧୋଗାମୀ ହୋଇ ପାତାଳପୁରରେ ଅଧିଷ୍ଠିତ ହୋଇଥିଲେ । ଭଗବାନ ମଧ୍ୟ ତିନି ପୁରକୁ ନିଜ ପାଦରେ ସ୍ପର୍ଶି ରକ୍ଷି ପାରିଥିଲେ । ଜୟଦେବଙ୍କ ଗୀତଗୋବିନ୍ଦ କାବ୍ୟରେ ବର୍ଣ୍ଣନା କରାଯାଇଛି–

ଛଳୟସି ବିକ୍ରମଣେ ବଳିମଦ୍ଭୁତ ବାମନ
ପଦନଖନୀରଜନିତ ଜନପାବନ ।
କେଶବ ଧୃତ ବାମନ ରୂପ
ଜୟ ଜଗଦୀଶ ହରେ ॥

ବଳି ଜଣେ ଅହଙ୍କାରୀ ରାଜା ଥିଲେ । ତାଙ୍କ ଅହଙ୍କାରକୁ ଅତି ଚତୁରତାର ସହିତ ଦମନ କରିବା ପାଇଁ ଭଗବାନ ନିଜେ ବାମନ ଅବତାର ନେଇ ଭୂମିଷ୍ଠ ହୋଇଥିଲେ । ଦାନ ତିନି ପ୍ରକାର; ସାତ୍ତ୍ୱିକ, ରାଜସିକ ଓ ତାମସିକ । ବଳି ଥିଲେ ଅସୁର ରାଜା । ଅସୁର ତାମସ ଶକ୍ତିର ପ୍ରତୀକ । ବଳିଙ୍କର ଦାନ ଥିଲା ତାମସିକ ଦାନ । ଭଗବାନ ବିଷ୍ଣୁ ସାତ୍ତ୍ୱିକର ମୂର୍ତ୍ତିମନ୍ତ ବିଗ୍ରହ । ତେଣୁ ସେ ବଳିଙ୍କୁ ପାତାଳକୁ ସ୍ପର୍ଶି ଦେଇଥିଲେ । କିନ୍ତୁ ସେଇ ମହା ଦାନୀପଣ ପାଇଁ ଯଦିଓ ରାଜା ବଳିଙ୍କୁ ଭଗବାନ ପାତାଳକୁ ସ୍ପର୍ଶି ଦେଇଥିଲେ ସେଠାରେ ପାତାଳର ରାଜା ହେଲେ ବଳି ଏବଂ ତାଂକ ଦ୍ୱାରପାଳ ହେଲେ ନିଜେ ଭଗବାନ ବିଷ୍ଣୁ । ଯେଉଁ ପାଦପଦ୍ମକୁ ଭଗବାନ ଶଙ୍କର ବ୍ରହ୍ମା ପାଇବାକୁ ସକ୍ଷମ ହୋଇ ନଥିଲେ, ବଳି ରାଜା ନିଜର ଦାନ ବଳରେ ତାହା ପ୍ରାପ୍ତ ହୋଇଥିଲେ । ସେଇ ପୌରାଣିକ ସ୍ମୃତିକୁ ଚିରଉଜ୍ଜୀବିତ କରିବା ପାଇଁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ପାଳିତ ହୁଏ । ମଧ୍ୟାହ୍ନ ଧୂପ ପରେ ସନ୍ଧ୍ୟା ସମୟରେ ଛୋଟ ପିଲାମାନେ ବଳି ବାମନ ହୋଇ ଏଇ ନାଟକ ପରିବେଷଣ କରନ୍ତି । କଥିତ ଅଛି, ବଳି ରାଜା ପ୍ରତି ଦୀପାବଳୀ ଅମାବାସ୍ୟା ଦିନ ମର୍ତ୍ତ୍ୟକୁ ବୁଲି ଆସନ୍ତି ଏବଂ ସେଇ ଉପଲକ୍ଷେ ମର୍ତ୍ତ୍ୟବାସୀ ଘରେ ଘରେ ଦୀପ ଜାଳି ସନ୍ଧ୍ୟାରେ ବଳି ରାଜାଙ୍କୁ ସ୍ୱାଗତ ଜଣାନ୍ତି । ବାମନ ଅବତାରରେ ଭଗବାନଙ୍କର ପିତା ମାତା ଥିଲେ କଶ୍ୟପ ଓ ଅଦିତି । ତେଣୁ ଏଇ ଦ୍ୱାଦଶୀ ତିଥିରେ ଭଗବାନଙ୍କର ଜନ୍ମ ହୋଇଥିବାରୁ ଏହା ପବିତ୍ର ଓ ସ୍ମରଣୀୟ ଦିନ ।

ଆମର ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଦିନଟି ହିଁ ସାଧାରଣ ଭାବରେ ନୂଆ ବର୍ଷ ଭାବରେ ପରିଚିତ । କିନ୍ତୁ ସୁନିଆଠାରୁ ଓଡ଼ିଆମାନଙ୍କର ରାଜକୀୟ ନବବର୍ଷର ଆରମ୍ଭ ହୋଇଥାଏ । ମୋଟ ଉପରେ କହିବାକୁ ଗଲେ, ଓଡ଼ିଆ ରାଜାମାନଙ୍କର ରାଜତ୍ୱ ଅଙ୍କ ଗଣନା ବର୍ଷର ପ୍ରଥମ ଦିନ ଭାବରେ ସୁନିଆ ପରିଚିତ । ଓଡ଼ିଆର ଜନଜୀବନ, ସଂସ୍କୃତି, ପରମ୍ପରା, ଧର୍ମଚେତନା ସବୁର ଅଧୀଶ୍ୱର ଓଡ଼ିଶାର ରାଜା ଶ୍ରୀଜଗନ୍ନାଥ । ମାଦଳା ପାଞ୍ଜି ଏହା ସ୍ୱୀକାର କରିଛି । ଜଗନ୍ନାଥଙ୍କର ସେବକ ଓଡ଼ିଶାବାସୀ । ତେବେ ପ୍ରଥମ ସେବକ ପୁରୀର ଗଜପତି ରାଜା ଜଗନ୍ନାଥଙ୍କର ସମସ୍ତ ପୂଜାବିଧି ତଥା ମନ୍ଦିରର ସମସ୍ତ ଦାୟିତ୍ୱ ତୁଲାଇ ସେ ଓଡ଼ିଶାବାସୀଙ୍କ ପାଖରେ ଚଳନ୍ତି ବିଷ୍ଣୁ ଭାବରେ ସମ୍ମାନିତ ଓ ପୂଜିତ । ପରମ୍ପରାକ୍ରମେ ଏଇ ରାଜାମାନେ ବା ଗଡ଼ଜାତ ଶାସକମାନେ ମହା ସାମନ୍ତର ନାଥ, ଜଗତର ନାଥ, ନୀଳାଚଳ ନାଥ ଜଗନ୍ନାଥଙ୍କର ସାମନ୍ତ ରାଜା । ଏମାନେ ଜଗନ୍ନାଥଙ୍କ ରାଜ୍ୟରେ ହିଁ ରାଜା । ରାଜ୍ୟ ଶାସନଭାର ସେମାନଙ୍କ ଉପରେ ହିଁ ନ୍ୟସ୍ତ । ଯଦିଓ ମହାବିଷୁବ ସଂକ୍ରାନ୍ତିଠାରୁ ଓଡ଼ିଆମାନେ ଧାର୍ମିକ ଭାବରେ ସାମାଜିକ ଜୀବନରେ ବର୍ଷ ଆରମ୍ଭ କରିଥାନ୍ତି, ତେବେ ସୁନିଆଠାରୁ ଓଡ଼ିଆ ଶାସକୀୟ ବର୍ଷର ଆରମ୍ଭ ହୋଇଥାଏ ।

ସୁନିଆଁ ଦିନ ଗୋଟିଏ ସୁନା ମୋହର ଉପରେ ରାଜାଙ୍କର ରାଜତ୍ୱର ଅଙ୍କ ଚିହ୍ନିତ କରାଯାଇଥାଏ । ଏଇ ପର୍ବ ପାଳନ ପଛରେ ଶାସକ ଓ ଶାସିତ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନର ମହତ୍ ଉଦ୍ଦେଶ୍ୟ ନିହିତ । ଏହି ଦିନ [illegible] ତାଙ୍କର ସମସ୍ତ ରାଜଦେୟ ପରିଶୋଧ କରି ଋଣମୁକ୍ତ ହେଉ[illegible] ଅନ୍ୟ ପକ୍ଷରେ ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ ପାଇଁ ଏହି ଦିନଟିର ଗୁରୁତ୍ୱ ଥିଲା ମହତ୍ତ୍ୱପୂର୍ଣ୍ଣ । [illegible] ରାଜସ୍ୱ ଆଦାୟ କରି ରାଜା ଯେପରି ଖୁସି ହେଉଥିଲେ ପ୍ରଜାମାନେ ମଧ୍ୟ ରାଜଦେୟ ପରିଶୋଧ କରି ବେଶ୍ ଆନନ୍ଦ ଅନୁଭବ କରୁଥିଲେ । ସୁନିଆ ଦିନ ପ୍ରଜାମାନେ ତାଙ୍କର ରାଜାଙ୍କୁ ଉପହାର ସ୍ୱରୂପ କିଛି ଭେଟି ଦେଉଥିଲେ । ରାଜା ମଧ୍ୟ ଭେଟି ଗ୍ରହଣ କରିବା ସହିତ ରାଜ୍ୟର ଜ୍ଞାନୀ, ଗୁଣୀ ବ୍ୟକ୍ତିମାନଙ୍କୁ ସମ୍ମାନର ସହିତ ବିଭିନ୍ନ ଉପାଧି ପ୍ରଦାନ କରି ମୁଣ୍ଡରେ ଶିରୋପା ବାନ୍ଧି ଦେଉଥିଲେ । ପାଇକାଳୀ ଗାଁଗୁଡ଼ିକରେ ଏଥି ନିମନ୍ତେ ଶରୀର ଚର୍ଯ୍ୟାର ଆୟୋଜନ କରାଯାଉଥିଲା । ଏହି ଦିନ ଉତ୍ସବ ମଧ୍ୟରେ ବିରାଟ ଉତ୍ସବ ମହାସମାରୋହରେ ପାଳିତ ହେଉଥିଲା । ବିଭିନ୍ନ ମଉଜମଜଲିସ, ଶାସ୍ତ୍ର ଆଲୋଚନା ଓ ଭୋଜିଭାତରେ ସାରାଦିନ ରାଜା ଓ ପ୍ରଜା ଉଭୟ ବ୍ୟସ୍ତ ରହୁଥିଲେ ।

ସୁନିଆଁ ପର୍ବର ନାମକରଣ ପଛରେ ବହୁମତ ଥିବା ଶୁଣାଯାଏ । ସୁନିଆଁ ଦିନ ରାଜାଙ୍କର ରାଜତ୍ୱର ଅଙ୍କ ସୁନା ମୋହରରେ ଚିହ୍ନିତ ହେବା ସହିତ ପୂର୍ବ ବର୍ଷର ସୁନା ମୋହରର ଆକୃତିର ପରିବର୍ତ୍ତନ ହୋଇଥାଏ । ଏହାକୁ "ଅଙ୍କକଟା" ବୋଲି କୁହାଯାଇଥାଏ । ଅଙ୍କ କଟାଯିବା ପରେ ପାଞ୍ଜିକାରମାନେ ସୁନା ମୋହରର ଆକୃତିକୁ ଆଗାମୀ ବର୍ଷର ଶୁଭାଶୁଭ ଗଣନା କରି କହିଥାନ୍ତି । ସୁନା ଶବ୍ଦ ସହିତ ଏଇ ଦିନଟିର ସମ୍ପର୍କ ଥିବାରୁ ଏହାକୁ ସୁନିଆଁ ନାମକରଣ କରିଥିବାର ଅନୁମାନ କରାଯାଏ । ଆଉ ମଧ୍ୟ ଅନେକ ମତ ଦିଅନ୍ତି ଯେ ଏହି ଦିନ ରାଜା ଓ ପ୍ରଜା ଉଭୟ ରାଜସ୍ୱ ପକ୍ଷ ଓ ରାଜଦେୟ ପରିଶୋଧ କରି ମନ ଆନନ୍ଦରେ ଦିନଟିକୁ ଭଲରେ କାଟୁଥିବାରୁ ଏହି ସୁଦିନଟିକୁ ସୁନିଆଁ ଭାବରେ ନାମିତ କରିଛନ୍ତି । କେତେକଙ୍କ ମତରେ ଅଙ୍କ ଗଣନାର ପ୍ରଥମ ସଂଖ୍ୟା ଶୂନ ହୋଇଥିବାରୁ ବର୍ଷ ଗଣନାର ପ୍ରଥମ ଦିନ ଭାବରେ ଶୂନ ଶବ୍ଦରୁ ସୁନିଆ ଶବ୍ଦ ଆସିଛି ।


ପୌରାଣିକମାନଙ୍କ ମତରେ ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ନିଦ୍ରିତ ଅବସ୍ଥାରେ ରହନ୍ତି । ଏଇ ଚାରିମାସ ମଧ୍ୟରୁ ପ୍ରଥମ ଦୁଇମାସ ପରେ ଅର୍ଥାତ ଭାଦ୍ରବ ଶୁକ୍ଳ ଏକାଦଶୀ ତିଥିରେ ପ୍ରଭୁ ପାର୍ଶ୍ୱ ପରିବର୍ତ୍ତନ ବା କର ଲେଉଟାଇ ଥାନ୍ତି, ଅର୍ଥାତ୍ ଶଯ୍ୟା ତ୍ୟାଗ ପାଇଁ ପ୍ରସ୍ତୁତ ହୁଅନ୍ତି । ପାର୍ଶ୍ୱ ପରିବର୍ତ୍ତନ ବ୍ରହ୍ମ ମୁହୂର୍ତ୍ତରେ ହୋଇଥାଏ । ଏଇ ମୁହୂର୍ତ୍ତଟିକୁ ଶୁଭ ମୁହୂର୍ତ୍ତଭାବେ କଳ୍ପନା କରିଥାନ୍ତି । ବାମନ, ଭାଦ୍ରବ, ଶୁକ୍ଳ ଏ ସମସ୍ତ ଶବ୍ଦ ମଙ୍ଗଳକାରକ ଶବ୍ଦ । ତେଣୁ ଏଇ ଶୁଭ ଦିନଟିକୁ ସୁନିଆଁ ଭାବରେ ନାମକରଣ କରାଯାଇଥିବା ସମୀଚିନ ମନେ ହୁଏ ।

ଏଇ ପର୍ବ ପାଳନର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବରେ ସାମାଜିକ । ପ୍ରଜାମାନଙ୍କର ରାଜାଙ୍କ ପ୍ରତି ଆନୁଗତ୍ୟ ଏବଂ ରାଜାଙ୍କର ପ୍ରଜାଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଅନୁରକ୍ତି ହିଁ ଏହି ଦିନଟି ପ୍ରମାଣିତ କରିଥାଏ । ରାଜ୍ୟରେ ସାମ୍ୟ ଓ ମୈତ୍ରୀର ବାଣୀ ପ୍ରସ୍ୱର କରି ଏବଂ ଆଗାମୀ ବର୍ଷ ପାଇଁ ନୂତନ ପ୍ରେରଣା ଓ ଉନ୍ମାଦନାର ସ୍ୱାକ୍ଷର ବହନ କରି ଏଇ ସୁନିଆଁ ପର୍ବଟି କେଉଁ ପୁରାଣ ଯୁଗରୁ ପାଳିତ ହୋଇ ଆସୁଥିଲା । ସମୟ ବଦଳିଛି । ସେଇ ଧୁମ୍‌ଧାମ୍‌ରେ ସେଇ ଉନ୍ମାଦନାରେ ଆଜି ଆଉ ସୁନିଆଁ ପର୍ବ ପାଳିତ ହେଉନାହିଁ । କାରଣ ସମୟକ୍ରମେ ପରବର୍ତ୍ତୀ କାଳରେ କିଛି ଅତ୍ୟାଚାରୀ, ଅହଂକାରୀ ଶାସକଙ୍କ ହାତରେ ଏହାର ମୁଖ୍ୟ ଉଦ୍ଦେଶ୍ୟଟି ନଷ୍ଟ ହୋଇ ଯାଇଛି । ଯେଉଁ ପ୍ରଜାମାନେ ସ୍ୱେଚ୍ଛାକୃତଭାବେ ଭକ୍ତି ସହକାରେ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ରାଜାଙ୍କୁ ଭେଟି ବା ଉପହାର ଦେଇ ନିଜର ସମସ୍ତ ଦେୟ ପରିଶୋଧ କରି ଯାଉଥିଲେ, କ୍ରମେ ସେମାନଙ୍କଠାରୁ ଅତି ନିଷ୍ଠୁର ଭାବରେ କର ଆକାରରେ ସମସ୍ତ ଦେୟ ଆଦାୟ କରାଗଲା । ଯାହା ଫଳରେ ମଣିଷ ମନରୁ ରାଜାଙ୍କ ପ୍ରତି ସମସ୍ତ ବିଶ୍ୱାସ ତୁଟିଗଲା ଏବଂ ଶ୍ରଦ୍ଧାଭକ୍ତି ସ୍ଥାନରେ ଘୃଣା ଅବିଶ୍ୱାସ ସ୍ଥାନ ଅଧିକାର କଲା । ଏଣୁ, ସୁନିଆଁ ପର୍ବର ପ୍ରକୃତ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟଟି ବ୍ୟର୍ଥ ହେଲା ।

ଆଜି ଆଉ ସୁନିଆଁ ଦିନଟି ପୂର୍ବପରି ଆଡ଼ମ୍ବର ସହକାରେ ପର୍ବଭିତ୍ତି ରୂପେ ପାଳିତ ହେଉ ନାହିଁ ଏବଂ ରାଜା ରାଜୁତା ଓ ଜମିଦାରୀ ଶାସନ ମଧ୍ୟ

ପଡ଼ ନାହିଁ । ତଥାପି, ଅତୀତ ଦିନର ପରମ୍ପରାକୁ ସ୍ମରଣ କରି ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀ ଦିନ ସୁନା ମୋହରରେ ଅଙ୍କ କାଟିବା ଏବଂ ନୀତି ଅନୁଯାୟୀ ପୂଜା କରିବାକୁ ଏବେବି ଉତ୍କଳବାସୀ ଭୁଲି ଯାଇନାହାନ୍ତି । ଏପରି ତଡ଼ି ଯାଇଥିଲେ ସୁଦ୍ଧା କନା ପଡ଼ି ରହିଛି । ଆଜିର କମ୍ପ୍ୟୁଟର ଯୁଗରେ ସୁନିଆଁ ପର୍ବ କେବଳ କ୍ୟାଲେଣ୍ଡରର ତାରିଖଟିଏ ହୋଇ ରହିଛି ।

କ୍ୱାଟର ନଂ-୪୨/୪
ଟାଇପ୍-୪(ଏ) ୟୁନିଟ୍-୨ ଭୁବନେଶ୍ୱର ।



# ଓଡ଼ିଶୀ ନୃତ୍ୟ

ଶ୍ରୀ ଲକ୍ଷ୍ମନ ସାହୁ

କଳା ହେଉଛି ମାନବ ସଂସ୍କୃତିର ଅତ୍ୟନ୍ତ ପ୍ରାଚୀନ ଉପଲବ୍ଧି ମଧ୍ୟରୁ ଅନ୍ୟତମ । ମାନବ ଏକ ଚେତନା-ସଂକଳ ପ୍ରାଣୀ । ସୃଷ୍ଟିର ଆରମ୍ଭ କାଳରୁ ମାନବ ହୃଦୟରେ ଜିଜ୍ଞାସା, ବିସ୍ମୟ, କ୍ରୋଧ କୌତୁହଳ ପ୍ରଭୃତି ଭାବଗୁଡ଼ିକ ଜାଗ୍ରତ ହୋଇଛନ୍ତି । ଏହିସବୁ ଭାବଗୁଡ଼ିକ ହେଉଛି ତା' ଜୀବନ ଓ ଜଗତ ସଂପର୍କରୁ ଉଦ୍‌ବୁଦ୍ଧ ହୃଦୟର ଅନୁଭୂତି ବ୍ୟତୀତ ଅନ୍ୟ କିଛି ନୁହେଁ । ଏହିସବୁ ନୂଆ ନୂଆ ଉଦିତ ଭାବଗୁଡ଼ିକୁ ନିରନ୍ତର ପରିଷ୍କାର ଓ ପରିମାର୍ଜିତ କରି କରି ସେ ଆୟତ୍ତ କରିଛି ବିଭିନ୍ନ ପ୍ରକାର କଳାଗୁଡ଼ିକୁ । ସୃଷ୍ଟିର କର୍ତ୍ତା ହେଉଛନ୍ତି ଈଶ୍ୱର । ତାଙ୍କର ସୃଷ୍ଟି ଆକୃତି ନିର୍ମାଣର ପ୍ରେରଣାରୁ ମାନବ ଅନୁକୃତିକୁ ଗ୍ରହଣ କରେ । ସେହି ଅନୁକୃତିର ବ୍ୟାପାର ବା ପ୍ରକୃତିର ଅନୁକୃତି ହିଁ କଳା । କଳା କହିଲେ ଆମ୍ଭେ ଏହାହିଁ ବୁଝୁ, ସୁସ୍ୱାଦ ଓ ମଧୁର ଏକ ଅତି ପରିଷ୍କାରକ ପାଥେୟ ବା ଯିଏ ପ୍ରବୃତ୍ତିକୁ ଦୂରେଇ ଦିଏ । ଜୀବନ ହେତୁ ପ୍ରବୃତ୍ତି ବା କାମନା ରହିଛି । କାମନାର ବିନାଶରେ ଦୁଃଖର ବିନାଶ । ଏଣୁ କଳା ମାନବ ଜୀବନ ପ୍ରବାହର ଅତ୍ୟନ୍ତ ଉପଯୋଗୀ । କଳାର ଅର୍ଥ ନିର୍ବିକଳ୍ପ ଆନନ୍ଦ ବା କାରଣହୀନ ଆନନ୍ଦ । ଏହା ଏକ ବ୍ୟାପକ ଅନୁଭୂତି ବିଶେଷ । ଆମେ କେବଳ ନୃତ୍ୟ, ସଂଗୀତ, ସାହିତ୍ୟ ପ୍ରଭୃତି ବିଭାଗମାନ କରିଛେ ସତ, କିନ୍ତୁ ଏହା ମୂଳତଃ ପ୍ରୟୋଜନ ତଥା ସ୍ୱାଦିନୀ ଭାବେ ଦୁଇ ପ୍ରକାରର । ସୂକ୍ଷ୍ମତଃ ଏହା ଅଖଣ୍ଡ । କଳାର ସୌନ୍ଦର୍ଯ୍ୟତାର ପରିବୋଧ ପାଇଁ ଏସବୁ ବିଭାଗମାନ କରାଯାଇଛି । କଳାହୀନ ଲୋକ ଭର୍ତ୍ତୃହରିଙ୍କ ମତରେ—"ସାହିତ୍ୟ ସଙ୍ଗୀତ କଳା ବିହୀନଃ,

ସାକ୍ଷାତ୍ ପଶୁପୁଚ୍ଛ ବିଷାଣ ହୀନଃ" ।

ଅର୍ଥାତ୍ ତାହାକୁ ସାକ୍ଷାତ୍ ପଶୁ ସହିତ ତୁଳନା କରାଯାଇ ପାରେ, ଯାହାଠାରେ ତିନୋଟି ହେଲେ ସାହିତ୍ୟ, ସଙ୍ଗୀତ ଓ କଳା ପରିଲକ୍ଷିତ ହୁଏ ନାହିଁ ।

କଳାର ସୃଷ୍ଟି ଆନନ୍ଦ ମଧ୍ୟରେ ସିମୀତ ନୁହେଁ । ଲୋକ ମଙ୍ଗଳରେ ମଧ୍ୟ ନିହିତ । ସତ୍ୟଂ ଶିବ ସୁନ୍ଦରର ସିଦ୍ଧି ସହିତ ଚତୁର୍ବର୍ଗ ଫଳପ୍ରାପ୍ତିର ଦ୍ୱାର ଉନ୍ମୁକ୍ତ କରିଦିଏ । କଳା ଲୀଳା ବିଳାସର ପଟଭୂମି ହେଉଛି ନାଟକ । ସମସ୍ତଙ୍କ ପଠନ ଅଧିକାର ତଥା ମାନବ ସମାଜର କଲ୍ୟାଣ ପାଇଁ ସ୍ମୃତିବେଦରୁ ସାର ସଂଗ୍ରହ କରି ପଞ୍ଚମ ବେଦ ନାଟ୍ୟ ଶାସ୍ତ୍ର ରଚନା କଲେ ଭରତ ମୁନି ଏହା ମଧ୍ୟ ଶ୍ରୀମାନ୍ ଭରତଙ୍କର ମୁଖନିସୃତବାଣୀ "ଜଗ୍ରାହ ପାଠ୍ୟଂଋକ୍‌ବେଦାତ୍ ସାମେଭ୍ୟୋ ଗୀତମେବଚ ଯଯୁର୍ବେଦାଭିନୟଂ ରସାନାଥର୍ବଣାଦପି ।।

ଋକ୍‌ବେଦରୁ କଥା ବସ୍ତୁ, ସାମବେଦରୁ ସଙ୍ଗୀତ, ଯଜୁର୍ବେଦରୁ ଅଭିନୟ, ଅଥର୍ବ ବେଦରୁ ରସକୁ ଆଣିଥିଲେ । ଆଦି ନୃତ୍ୟଗୁରୁ ଭାବେ ତାଣ୍ଡବ ନୃତ୍ୟକାରୀ ମହାଦେବ ଜଣାଶୁଣା । ନାରଦ ସଂଗୀତ ଗାୟକ । ସରସ୍ୱତୀ ବୀଣା ବାଦିକା । ଭାରତୀୟ ସାହିତ୍ୟ ନାଟକ ତଥା କଳା ପଦ୍ଧତିରେ ତାର ଦର୍ଶନ ଓ ସଂସ୍କୃତିର ପୂର୍ଣ୍ଣ ପ୍ରଭାବ ପଡ଼ିଛି । ତାହା ସହେତୁ ଯେପରି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ଯାହାର ସେହି ସଭ୍ୟତା, ସଂସ୍କୃତି ତଥା ଦର୍ଶନର ଚିନ୍ତାଧାରା ପ୍ରକାରର, ତାହାର ଠିକ୍ ଅବିକଳ ଛାପା, ତାର ସାହିତ୍ୟ, କଳା ତଥା ନାଟକ ଆଦିରେ ପ୍ରଭାବିତ । ଭୌଗଳିକ ତଥା ଐତିହାସିକ ପରିବେଷ୍ଟନୀ ମଧ୍ୟ କଳା ପାଇଁ ଏକ ଉପକରଣ । ଅବିରେ ନାଟକର ବିଭିନ୍ନ ବିଭାଗରେ ରୂପକ, ଉପରୂପକ

ବିଭକ୍ତ ହୋଇ ପରିଶେଷରେ ଆଞ୍ଚଳିକ ପରିବେଷ୍ଟନୀକୁ ନେଇ ନାଟକ, ନୃତ୍ୟ, ଗୀତିନାଟ୍ୟ, ଲୋକ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଦକ୍ଷିଣୀ ନୃତ୍ୟ, ପ୍ରଭୃତିରେ ବର୍ଗୀକରଣ କରାଯାଇଛି ।

ଓଡ଼ିଶୀ ନୃତ୍ୟର ଶୈଳୀ ଓ ଢାଞ୍ଚା, ଭବ ଓ ଭାବକୁ ଯଦି ପର୍ଯ୍ୟାଲୋଚନା କରାଯାଏ, ତେବେ ତାହା ଦିନେନାଦିନେ ଇତିହାସର ବିସ୍ମୃତ ଦିଗକୁ ଅନ୍ୱେଷିତ ହେବ । କଳାସ୍ଥାପତ୍ୟର ପୀଠସ୍ଥଳୀ ଉତ୍କଳର କାରୁକାର୍ଯ୍ୟମଣ୍ଡିତ ପ୍ରାଚୀନ ମନ୍ଦିର ଗାତ୍ରରୁ ଓଡ଼ିଶୀ ନୃତ୍ୟର ପୂର୍ବସ୍ଥାପମାନ ଦେଖିବାକୁ ମିଳୁଛି, ତାହା ଅସଜ୍ଜିତ ଭାବରେ । ଏକାଦଶ ଶତାବ୍ଦୀରେ ସୋମବଂଶର ନରପତିଗଣ ଶୈବ ଧର୍ମର ଆଶ୍ରୟ ନେଇ ଶୈବ ମନ୍ଦିରମାନ ପ୍ରତିଷ୍ଠା କରିଥିଲେ । ଲଲାଟେନ୍ଦୁ କେଶରୀ ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର ସ୍ଥାପନ କରିଥିଲେ ଏବଂ ତାଙ୍କର ରାଣୀ କୋଳାବତୀ ମଧ୍ୟ ବ୍ରହ୍ମେଶ୍ୱର ମନ୍ଦିର ନିର୍ମିତ କରିଥିଲେ, ଯେଉଁଥିରେକି ସେ ସମୟର ଓଡ଼ିଶୀ ନୃତ୍ୟ ନୃତ୍ତ୍ୟ ନାଟକୀୟ ଭଙ୍ଗୀମାନ ସ୍ଥାନ ପାଇଛି ମୂର୍ତ୍ତି ଆକାରରେ । କେବଳ ସେତିକି ନୁହେଁ; ଏହି ନିଦର୍ଶନର ଶ୍ରେଷ୍ଠ ନମୁନାଭାବେ ଦଣ୍ଡାୟମାନ ହୋଇଛି ଦ୍ୱାଦଶ ଶତକ ନିର୍ମିତ ଲାଙ୍ଗୁଳାନରସିଂହ ଦେବଙ୍କର କୃତିତ୍ୱ ପୂର୍ଣ୍ଣ ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର କୋଣାର୍କଠାରେ । ଏହି ମଧ୍ୟବର୍ତ୍ତୀ କାଳରେ ଯେଉଁସବୁ ଖୋଦେଇ କଳାର ବିକାଶ ଘଟିଥିଲା, ସେଥିରେ ଉତ୍କଳର ପାରଂପାରିକ ସାମାଜିକ ଚିତ୍ରର କାରୁକାର୍ଯ୍ୟମାନ ପରିଲକ୍ଷିତ ହୁଏ । କିନ୍ନର ଓ ଯକ୍ଷ ଯକ୍ଷିଣୀମାନଙ୍କର ଦଣ୍ଡାୟମାନ ହସ୍ତଉତ୍ତୋଳନଠାଣୀ, ତଥା ନାୟିକାମାନଙ୍କର ଦଣ୍ଡାୟମାନ ତଥା ଭାବଭଙ୍ଗୀ ଶୈଳୀ ସବୁ ସାଂପ୍ରତିକ ପ୍ରଚଳିତ ଓଡ଼ିଶୀ ନୃତ୍ୟର ଅବିକଳ ଶୈଳୀ ଭଳି । ଓଡ଼ିଶୀ ନୃତ୍ୟ ପ୍ରବାହର ବହୁ ପୂର୍ବରୁ ଏହା ଦୃଶ୍ୟମାନ ହୋଇଛି । ଏଣୁ ଏହା ଓଡ଼ିଶୀ ନୃତ୍ୟର ଏକ ପ୍ରାକୃତ ଅବସ୍ଥାନ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ ।

ଓଡ଼ିଶୀର ଜନ୍ମସ୍ଥାନ ମନ୍ଦିର ଶ୍ରୀ ମନ୍ଦିରରୁ । ଯେତେବେଳେ ଶକ୍ତୋପାସନା ବିଧିରେ ପଞ୍ଚ ମ'କାରବୃତି ଆଦୃତ କରି ଅର୍ଥାତ୍ ମତ୍ସ୍ୟ, ମାଂସ, ମଦ, ମୈଥୁନ ପ୍ରଭୃତିକୁ ନୈବେଦ୍ୟ ଢାଳି ଦେବଙ୍କୁ ତୃପ୍ତି କରାଯାଉଥିଲା । କୌଶିକୀ ବା ମୈଥୁନର ବିଧାନକୁ କେନ୍ଦ୍ରୀଭୂତକରି ଦେବଦାସୀ ନୃତ୍ୟର ଆବଶ୍ୟକ ପଡ଼ିଥିଲା । ଏହି ଦେବଦାସୀ ନୃତ୍ୟ ଅସଜ୍ଜିତ ଭାବେ ଶ୍ରୀ ଜଗନ୍ନାଥଙ୍କ ଶୟନ ସମୟରେ ଶ୍ରୀମନ୍ଦିରରେ ପରିବେଶିତ ହୋଉଥିଲା । କ୍ରମଶଃ ଏହାର ପରେ ଭକ୍ତି ବାଦର ରୂପ ପଡ଼ିଛି । ପରକୀୟା ମଧୁର ଭାବହିଁ ବୈଦିକୀୟ ବୈଷ୍ଣବଦର୍ଶନର ମୂଳମନ୍ତ୍ର । ଏଣୁ ଉକ୍ତ ଦେବଦାସୀ ନୃତ୍ୟରେ ପରିବର୍ତ୍ତନ ଅଣାଯାଇଛି । ମହାକବି ଜୟଦେବ ତାକୁ ଏକ ଶାସ୍ତ୍ରୀୟ ନୃତ୍ୟର ନିୟମ ଧାରରେ ବାନ୍ଧି ଦେଲେ, ଓ ତାଙ୍କର ସେହି "ଗୀତଗୋବିନ୍ଦର" ସୁଲଳିତ ମୂର୍ଚ୍ଛନା କଥା ଭାବହିଁ ମଣ୍ଡିତ କରିଥିଲା । ଉକ୍ତ ନୃତ୍ୟର ପୁଷ୍ଟି ସାଧନ ଭାବେ ଆମର ପ୍ରତୀତି ପଥକୁ ନିମ୍ନଲିଖିତ କଳାପମାନ ଅବତରିତ ହେବାର ଅନୁମାନ କରାଯାଉଛି । ଭାରତୀୟ କର୍ମକାଣ୍ଡ ମନ୍ତ୍ର ଉଚ୍ଚାରଣ ସମୟରେ ପୁରୋହିତ ଯେଉଁ ଆବାହନ, ସଂସ୍ଥାପନ ସନ୍ନିଧାନ, ଗୁଣ୍ଠନ, ଅବଗୁଣ୍ଠନ ଆଦ ମନ୍ତ୍ର ଉଚ୍ଚାରଣ କଲାବେଳେ ହସ୍ତଉପରେ ହସ୍ତରଖି ତଥା ପାପୁଲିକୁ ବନ୍ଦ କରି ହସ୍ତଦ୍ୱୟ ଘୂରାଏ ଓ ତର୍ଜନୀ ଅନାମିକା ପ୍ରଭୃତିରେ ଯେଉଁ ମୁଦ୍ରାମାନ ଗଠନ କରେ ତାହା ଠିକ୍ ଓଡ଼ିଶୀନୃତ୍ୟର କ୍ରିୟା ପରି । ପୁଣି ଶିଖାୟୈ ବୌଷଟ୍ ଏହିମନ୍ତ୍ର ଉଚ୍ଚାରଣ କଲାବେଳେ ମୁଣ୍ଡରେ ହସ୍ତରେ ହସ୍ତସ୍ଥାପନ ଶୈଳୀଟି ମଧ୍ୟ ଓଡ଼ିଶୀନୃତ୍ୟର ଭଳି । ଏହିପରି ଅନେକ ଉଦାହରଣମାନ ରହିଛି । ସମାଜରେ ଘଟୁଥିବା ନିମ୍ନଉଦାହରଣ ମଧ୍ୟ ନିଆଯାଇପାରେ । ହିଂଅ ଲୋହମାନେ ଦିର୍ଘଙ୍କ ନିକଟରେ ବନ୍ଦାପନା କଲା ସମୟରେ ଦୀପ ବୁଲାଇବା କଳାପଟି ମଧ୍ୟ ଓଡ଼ିଶୀର ଏକ ନୃତ୍ୟଭଙ୍ଗୀ । ପୂର୍ବେ ଦର୍ଶଙ୍କ ନିକଟରେ ଚକ୍ର ଉପାସନା ବିଧିରେ ଯେଉଁ ଦୁଇଗୋଡ଼ ପଣ୍ଡିକୁ ବଙ୍କକରି ଦଣ୍ଡାୟମାନ ଭାବେ ପ୍ରାର୍ଥନା କରାଯାଉଥିଲା, ତାହା ଓଡ଼ିଶୀନୃତ୍ୟର ଅବିକଳ ଦଣ୍ଡାୟମାନ ଭଙ୍ଗୀ ତ୍ରିଭଙ୍ଗୀଭଳି । ଏହି ସବୁ ମୁଖ୍ୟତଃ କ୍ରୀୟାକଳାପ ଭଙ୍ଗୀମାନ ଓଡ଼ିଶୀ ନୃତ୍ୟରେ ପ୍ରତୀତି ହେଉଥିବାରୁ ସ୍ୱଭାବରେ ଅନୁମେୟଯେ ଓଡ଼ିଶୀନୃତ୍ୟକୁ ପୁଷ୍ଟି ସାଧନ କରିବାରେ ଏମାନଙ୍କ ଅବଦାନ ନିଃସନ୍ଦେହଦିଅଁଙ୍କ ତୃପ୍ତି କାମନା ପାଇଁ ଦାସ୍ୟଭକ୍ତି ଏପରି କାକୃତି ଭଙ୍ଗୀ ଭକ୍ତିମାର୍ଗରହିଂ ପାଥେୟ । କେବଳ ଏତିକି ନୁହେଁ ଭାରତୀୟ ଭାଷା ସାହିତ୍ୟମାନଙ୍କରେ ମଧ୍ୟ ଭକ୍ତକୁ ଆଶ୍ରୟକରି ବହୁସ୍ତୋତ୍ର ଜଣାଣ ପାର୍ଥନା ରଚିତ ହୋଇଛି । ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ତୃପ୍ତିବିଧାନ ଓ ନିଜର ଆଦିଭୌତିକ ସଙ୍କଟରୁ ପରିତ୍ରାଣ ତଥା ଆଧିଦୈବିକ କଲ୍ୟାଣ କାମନାର ଚରିତାର୍ଥ ପାଇଁ ଏସବୁ ରଚିତ । କବିତ୍ୱର ପ୍ରସାଦଗୁଣ ଓ ସ୍ୱତଃସ୍ଫୂର୍ତ୍ତ ଆବେଗର ଗଭୀରତା ଦୃଷ୍ଟିରୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ବୈଷ୍ଣବୀୟ ଶ୍ରଦ୍ଧା, ଭକ୍ତି ତା ଉପରେ ଉଜ୍ଜ୍ୱଳ ପ୍ରଲେପ ଢାଳି ଦେଇଛି । ସେହିଭଳି ସାତ୍ତ୍ୱିକ ନୃତ୍ୟୋପଯୋଗୀ ରାଧାକୃଷ୍ଣଙ୍କ ପବିତ୍ର ସଙ୍ଗୀତ, ଯାହାକି ଓଡ଼ିଶୀ ସଙ୍ଗୀତ ଭାବେ ଜନସମାଜରେ ଆତ୍ମ ପ୍ରକାଶ କରିଛି । ତାହା ସେହି ଭକ୍ତି ରସକୁ ଚିରଦିନ ପାଇଁ ପ୍ରାଣବନ୍ତ କରିଛି । ଗୋପାଳକୃଷ୍ଣ, ଦୀନକୃଷ୍ଣ, କବିସମ୍ରାଟ ଉପେନ୍ଦ୍ର ପ୍ରଭୃତିଙ୍କ ଲେଖନୀ ମୁନରେ ଅମୃତ ପ୍ରେମ ରସର ତରଙ୍ଗୀଣୀ ଭକ୍ତଜନର ହୃଦୟକୁ ପ୍ଲାବିତ କରିଛି, ଯଥା——

ମୁଁ ହାଁ ମୁହିଁ କିଶୋରୀ ଚନ୍ଦ୍ରମାଙ୍କର ମୋର
ଆଜି ଯମୁନାକୂଳେ ହୋଇଗଲା ମା
ଚାଠୁମୁଁ ଝଟକରି ଆଜି ଆପଟକରି
ପ୍ରତି ପ୍ରତୀପଯାକ ଥରିଗଲା ମା ।

ଶାସ୍ତ୍ରୀୟ ଓ ସାଧାରଣ ଭାବରେ ନୃତ୍ୟତତ୍ତ୍ୱକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଶାସ୍ତ୍ରୀୟ ନୃତ୍ୟ ସାଧାରଣତଃ ଶାସ୍ତ୍ରୀୟ ରାଗ ଓ ଶୈଳୀ ଉପରେ ପର୍ଯ୍ୟବେଶିତ । ଶାସ୍ତ୍ରୀୟ ନୃତ୍ୟ ଉପରେହିଁ ଆଧୁନିକ ଓ ବାହ୍ୟ ବା ପାଶ୍ଚାତ୍ୟ ସଂସ୍କୃତିର ତଥା ବର୍ତ୍ତମାନ ସାମାଜିକ ନକଲର ଛାପପଡ଼ି ତାହା ବିକୃତ ଅବସ୍ଥାରେ ସାଧାରଣ ନୃତ୍ୟଭାବେ ପରିଚିତ ହୋଇଛି । କିନ୍ତୁ ଓଡ଼ିଶୀକୁ ଏବିକୃତ ଭାବ ସ୍ପର୍ଶ କରିନାହିଁ । ସେହିପରି ରାଗ ତାଳ ସେହି ଠୁମୁରୀ ବୋଲ୍ ପ୍ରଭୃତି ରହିଛି । ସେହି ରାଧାକୃଷ୍ଣଙ୍କ ଅଲୌକିକ ପ୍ରେମସଙ୍ଗିଂତ ତାକୁହିଁ ବାନ୍ଧି ରଖିଛି । ନୃତ୍ୟ ଅଲୌକିକ ପ୍ରେମସଙ୍ଗିଂତ ... ସମୟରେ ଅବିକଳ ବୋଲ୍‌ହିଁ ଓ୍ୱା ଅକ୍ଷୁର୍ଣ୍ଣ ରହିଛି । ଅନ୍ୟାନ୍ୟ ସମୟରେ ଅବିକଳ ବୋଲ୍ ଏଥିରେ ମିଶ୍ରିତ ନୁହେଁ । ବୋଲ୍ କହିଲେ "ଧା ତିନାକ୍"

ପ୍ରଭୃତି ଅବ୍ୟକ୍ତ ଧ୍ୱନି, ଯାହାକି ଆମବଚନର ପୂର୍ବାବସ୍ଥା । ବଚନ ନିର୍ମାଣ ସମୟରେ ନାଦ ବା ପରାବାକ୍ ଯାହାର ନିର୍ମାଣ ସ୍ୱୟଂ ବ୍ରହ୍ମାବୋଲି ଆଖ୍ୟାତ ଶବ୍ଦ ବ୍ରହ୍ମଭାବରେ । ପରା ପଶ୍ୟନ୍ତି ମଧ୍ୟମା, ବୈଖରୀ ପର୍ଯ୍ୟନ୍ତ ଶବ୍ଦର ଏକ ରୂପାନ୍ତର ବା ହୃଦୟର କଥା । ଏହି ବୋଲ୍ ସବୁ ଅବ୍ୟକ୍ତ ସାତ୍ତ୍ୱିକ ଶବ୍ଦ । ସାତ୍ତ୍ୱିକ ସଙ୍ଗୀତ, ସାତ୍ତ୍ୱିକବୋଲ୍, ସାତ୍ତ୍ୱିକ ତାଳ ଓ ରାଗ ତଥା ନୃତ୍ୟ ମଧ୍ୟ ଓଡ଼ିଶୀକୁ ମଣ୍ଡିତ କରିଛି । ଏଣୁ ଓଡ଼ିଶୀ ଯେ ଶାନ୍ତ ରସ ଉପରେ ସୃଷ୍ଟି: ଏହା କେହି ଅସ୍ୱୀକାର କରିବେନାହିଁ । ଏହା ଇନ୍ଦ୍ରିୟଗ୍ରାହୀ ବିଷୟ ମାଧ୍ୟମରେ ଅତିନ୍ଦ୍ରିୟ ବିଷୟରେ ପହଞ୍ଚାଇ ଦିଏ । ଦ୍ୱୈତ ଦର୍ଶନର ପରିଣାମବାଦଭଳି ଏହାର ପ୍ରୀତତି ପରିକ୍ଷିତ । ଓଡ଼ିଶାରେ ଭକ୍ତିବାଦର ଅଭ୍ୟୁଦୟ କାଳରେ ତନ୍ତ୍ରବାଦରେ ବିଲୋପ ହୋଇଥିଲା । ଏଥିରେ ରାମାନୁଜାଚାର୍ଯ୍ୟ, ମାଧବାଚାର୍ଯ୍ୟ,ତଥା ଶ୍ରୀଚୈତନ୍ୟ ମହାପ୍ରଭୁ ଆଦି ସମସ୍ତଙ୍କର ସଫଳ ଉଦ୍ୟମ ନ୍ୟସ୍ତ ଥିଲା । ସେହି ସମୟରେ ଦଶମ ଶତକିରୁ ଆରମ୍ଭହୋଇ ଦ୍ୱାଦଶ ଶତକରେ ଦ୍ୱିତୀୟ ଅନଙ୍ଗଭୀମଙ୍କ ଦ୍ୱାରା ସମାପିତ ଶ୍ରୀମନ୍ଦିରରେ ନାଟ୍ୟମଣ୍ଡପ ନଥିଲା । କିନ୍ତୁ ତାହାପରେ ୧୪୦୦ ବେଳକୁ ନାଟ୍ୟମଣ୍ଡପ ନିର୍ମାଣ ହୋଇଥିବାର ଜଣାପଡ଼ିଛି, ଓ ପାରମ୍ପାରିକ ରୀତିରେ ନାଟ୍ୟକଳାମାନ ପ୍ରଦର୍ଶିତ ହୋଇ ଆସୁଛି । ୧୫୩୫ଠାରୁ ଓଡ଼ିଶୀ ଶାସ୍ତ୍ରୀୟ ପରମ୍ପରାରେ ସ୍ଥାନ ପାଇଲା । ଗୀତଗୋବିନ୍ଦର ସୁଲଳିତ ମୂର୍ଚ୍ଛନା ତଥା ଭାବହିଁ ମଣ୍ଡିତକଲା । ଏଣୁ ବାସ୍ତବ ଓଡ଼ିଶୀର ପ୍ରବର୍ତ୍ତକ ଭାବେ ଜୟଦେବହିଁ ସମ୍ମାନିତ ଦେବଦାସୀ ଓ ମାହାରୀମାନେ ଶତାବ୍ଦୀଧରି ଦେବତାଙ୍କ ନିକଟରେ ସମର୍ପିତ ଭାବନେଇ ଯେଉଁ ସ୍ୱତନ୍ତ୍ର ନୃତ୍ୟଶୈଳୀର ସମୃଦ୍ଧି ସାଧନ କରିଥିଲେ । ତାହାହିଁ ହେଉଛି ଓଡ଼ିଶା ଭକ୍ତି ସ୍ରୋତର ପ୍ରବାହ ଓଡ଼ିଶୀକୁ ଅଧିକ ପ୍ରାଣବନ୍ତ କରି ଆଧ୍ୟାତ୍ମିକ ଚେତନାର ଉଚ୍ଚତମ ସ୍ତରକୁ ଉନ୍ନୀତ କରାଇବା ସଙ୍ଗେ ସଙ୍ଗେ ଏକ ନୈସର୍ଗିକ ସୌନ୍ଦର୍ଯ୍ୟ ବୋଧରେ ଅପରୂପ ଶ୍ରୀମଣ୍ଡିତ କରିଥିଲା ।

ପରକୀୟା ମଧୁର ଭାବହିଁ ଗୌଡ଼ୀୟ ବୈଷ୍ଣବ ଦର୍ଶନର ମୂଳମନ୍ତ୍ର । ଭଗବତ୍ ପ୍ରାପ୍ତି ପାଇଁ ଗୋପୀମାନଙ୍କର ମଧୁର ରସ ଅର୍ଥାତ୍ ଶ୍ରୀକୃଷ୍ଣଙ୍କୁ କାନ୍ତରୂପେ ପ୍ରେମ କରିବାହିଁ ଶ୍ରେଷ୍ଠ ଉପାୟ । ତୁରୀୟ ବ୍ରହ୍ମ ଜଗନ୍ନାଥଙ୍କଠାରୁ ସମସ୍ତଙ୍କ ଉତ୍ପତ୍ତି ଦର୍ଶାଇ ବେଦାନ୍ତ ସାର ଗୁପ୍ତ ଗୀତାରେ କୁହାଯାଇଛି—

"ସର୍ବଦା ନିଳାଦ୍ରିରେ ସ୍ଥିତି । ଏଥୁ ସକଳେ ଯାତ ହୋନ୍ତି,
ସମସ୍ତ ଅବତାର ମାନ । ଜାତ ହୋଇଣ ପଶେ ପୁଣ ।
ବେଦାନ୍ତ ସାର ବ୍ରହ୍ମ ଏହି । ବେଦହିଁ ବର୍ଣ୍ଣି ନ ପାରଇ"

ପୁଣି ଅନ୍ୟତ୍ର ପ୍ରମାଣ ରହିଛି ଯେ:—

ବସୁଦେବ ଦାସ କହେ ଯୋଡ଼ି ବେନି ହାଥ
ଯେଉ ଗୋରା ସେହି କୃଷ୍ଣ ସେଇ ଜଗନ୍ନାଥ ।

ଜଗନ୍ନାଥହିଁ ଶ୍ରୀକୃଷ୍ଣ, ଏଭଳି ଭାବଧାରାରେ ପ୍ରବାହିତ ହୋଇ ତାଙ୍କର ପ୍ରେମ ସଙ୍ଗୀତ ଗାନ କରଯାଇ ଶ୍ରୀମନ୍ଦିରର ନାଟ୍ୟ ମଣ୍ଡପରେ ଓଡ଼ିଶୀର ପରମ୍ପରା ଚାଲୁ ରହିଥିଲା । ତାହା । ପର୍ଯ୍ୟାୟରେ ବିଧିବଦ୍ଧ ରୀତିରେ ଅନ୍ୟତ୍ର ପରିବେଷିତ ହେଲା । ଓଡ଼ିଶୀନୃତ୍ୟ ଏକ ଚିରନ୍ତନ ସତ୍ୟ ଉପରେ ଆଧାରିତ । ଏଣୁ ଓଡ଼ିଶୀନୃତ୍ୟ ହେଉଛି ଦୈହିକ ଓ ମାନସିକ ପ୍ରକ୍ରିୟାର ପ୍ରତିଫଳନ । ଏହାର ଚରମ ଲକ୍ଷ୍ୟ ହେଲା, କଳାକାରର ଆତ୍ମା ସାର୍ବଜନୀନ ସତ୍ୟ ସହିତ ମିଳନ, ଏବଂ ଓଡ଼ିଶୀନୃତ୍ୟ ଆରମ୍ଭ ହୁଏ ମଙ୍ଗଳାଚରଣ ସ୍ତରରୁ । କଳାକାର ନୃତ୍ୟର ଏହି ସ୍ତରରେ ନିଜକୁ ସର୍ବମୟ କର୍ତ୍ତାଙ୍କ ନିକଟରେ ସମର୍ପଣ କରି ଆଶୀର୍ବାଦ ପାଇଁ ଆବେଦନ କରେ । ଭୂମିମାପକ ବକ୍ଷରେ ପାଦ-ସଞ୍ଚାରଣ ପାଇଁ ଓ ନୃତ୍ୟ କରୁଥିବା ବେଳେ ଅନାଗତ ବିପତ୍ତି, ତ୍ରୁଟି ବିଚ୍ୟୁତି ପାଇଁ ସଭାରେ ଉପସ୍ଥିତ, ସହୃଦୟମାନଙ୍କ ନିକଟରେ ଆଗୁଆ କ୍ଷମାଭିକ୍ଷା କରେ, ଏବ ଗୁରୁଙ୍କୁ ପ୍ରଣାମ କଣାଇ ମଞ୍ଚ ବା ରଙ୍ଗ ଦେବତାଙ୍କ ଉଦ୍ଦେଶ୍ୟରେ ପୁଷ୍ପଅର୍ପଣ କରେ । ତାପରେ ବିଭିନ୍ନ ଭାବରେ ରସାପ୍ଲୁତ କରି ସଙ୍ଗୀତର ମାଧୁରୀକୁ ଗ୍ରହଣକରି ନିମଜ୍ଜେଇ ଦିଏ । ସହୃଦୟମାନଙ୍କୁ ଗୀତର ଭାବ ଭିତରେ । ମୁଖ ଓ ଚକ୍ଷୁ ହସ୍ତ ଓ ପାଦ ପ୍ରଭୃତି ଦ୍ୱାରା ଓ ନିଜର ଅଭିନୟ ଦ୍ୱାରା ଯେଉଁ ସାତ୍ତ୍ୱିକଭାବ ଦେଖାଇଦିଏ ତାହା ଦର୍ଶକ ମନକୁ ଘେନିଯାଏ ଦେହାତୀତ ଶୀର୍ଷ ଦେଶକୁ ।

ଓଡ଼ିଶୀ ନୃତ୍ୟର ଏକ ସ୍ୱତନ୍ତ୍ରତା ରହିଛି, ଯଦିଓ ସବୁ ନୃତ୍ୟ ଶୈଳୀର କିଛି କିଛି ଅଂଶ ସହିତ ସାମ୍ୟତା ଅଛି । ତଥାପି ତାହା ପରିବର୍ତ୍ତିତ ହୋଇ ଏହାକୁ ଏକ ସ୍ୱତନ୍ତ୍ର ନୃତ୍ୟ ଭାବେ ସୃଷ୍ଟି କରାଯାଇଛି । ଏଣୁ ଏହା ବିଶ୍ୱକଳାର ଏକ ନମୁନା ଓ "ବସୁଧୈବ କୁଟୁମ୍ବକମ୍"ର ଏକ ପ୍ରତୀକ । ଷୋଡ଼ଶ ଶତାବ୍ଦୀର ଓଡ଼ିଶାର "ଗୋଟି ପୁଅ" ନୃତ୍ୟକୁ ଯେ ଲୋକପ୍ରିୟ କରି ନ ଥିଲା 'ଏହା ଅନସ୍ୱୀକାର୍ଯ୍ୟ । ଦାକ୍ଷିଣାତ୍ୟରେ ପ୍ରଚଳିତ "ଭରତ ନାଟ୍ୟମ୍" ଠାରୁ ଏହା ପୃଥକ । କାରଣ ଭରତ ନୃତ୍ୟରେ ଠିଆ ହେବାର ଭଙ୍ଗୀ ସମଭଙ୍ଗୀ, ମାତ୍ର ଓଡ଼ିଶୀର ତ୍ରିଭଙ୍ଗୀ । ଏହି ତ୍ରିଭଙ୍ଗୀ ଶ୍ରୀ ଭାଗବତରୁ ଉଦ୍ଧୃତ ହୋଇଛି; "ତ୍ରିଭଙ୍ଗୀ ଠାଣି ସେ ମୁରଲି ପାଣୀ" । ବୈଷ୍ଣବୀୟ ଦୃଷ୍ଟି କୋଣରୁ ଓଡ଼ିଶୀକୁ ହିନ୍ଦୁ ସଂସ୍କୃତିର ପ୍ରତିଫଳନ ବୋଲି କୁହାଯାଏ । ଏହାର ପରି-ବେଷଣ ବେଳେ ବୃତ୍ତାକାର ଓ ଅର୍ଦ୍ଧବୃତ୍ତାକାର ଅଙ୍ଗ ସଞ୍ଚାଳନା କରାଯାଏ, ଭରତ ନାଟ୍ୟରେ ଯେପରି ଯମକ ଓ କୋଣ ସୃଷ୍ଟିହୁଏ, ଓଡ଼ିଶୀରେ କିନ୍ତୁ ସେଭଳି ନୁହେଁ । ଏଥିରେ ଅଙ୍ଗରଚନାରେ ଏକ ସାବଲୀଳ ତରଙ୍ଗାୟିତ । ନିରବଚ୍ଛିନ୍ନତା ରହୁଥିବାରୁ ଏହାର ଲାଳିତ୍ୟ ସ୍ୱତନ୍ତ୍ର ଓ ହୃଦୟଗ୍ରାହୀ ।

କଳା ବିଷୟରେ ମୂଳରେ କେତୋଟି ତଥ୍ୟ ଅବତାରଣା କରାଯାଇଛି ଏବଂ ହ୍ଲାଦିନୀ ଓ ପ୍ରୟୋଜନଭାବେ ବର୍ଣ୍ଣନା କରାଯାଇଛି । ଓଡ଼ିଶୀ ଏକ ବିଶିଷ୍ଟ କଳା, ଯେଉଁଥିରେ ସ୍ଥି ସ୍ରାବଣୀଧାରା ଭଳି ନୈସର୍ଗୀକ ଆନନ୍ଦ ଭରି ରହିଛି । ଯାହାର ସ୍ୱାଦ ଅନୁଭବ ମାତ୍ରେ ଚିତ୍ତ ପୁନଃ ପୁନଃ ଅନୁସନ୍ଧାନ କରି ଗହନ ଭାବନା ରାଜ୍ୟରେ ଘୁରି ବୁଲେ । ସେତେବେଳେ ସକଳ ପାର୍ଥିବ ଅବସ୍ଥାନକୁ ଭୁଲିଏବା ପର୍ଯ୍ୟନ୍ତରେ । ଏପରିକି ନିଜର ସ୍ଥିତି ବିଷୟରେ. ତାର ଅନ୍ତଃକରଣ ତାର ବିଦେହକୁ ପସ୍ତରେ । ଏ'ତ ହ୍ଲାଦିନୀ ବିଷୟ । ଓଡ଼ିଶୀରେ ଅତୀନ୍ଦ୍ରିୟ ସାତ୍ତ୍ୱିକ ଆସ୍ୱାଦ୍ୟଗୁଡ଼ିକ ସହୃଦୟରେ ଆତ୍ମା ବିଶୁଦ୍ଧି ପାଇ





ମାହାତ୍ମ୍ୟ ଉରେ ଓ ଏହି ବିଶୁଦ୍ଧ ଆତ୍ମା ତାର ଅଭାବକୁ ହୃଦେଇ ଦିଏ ପ୍ରବୃତ୍ତିଠାରୁ । ଯାହା ଫଳରେ ତାର ଅନ୍ତ-କରଣ ପରିଷ୍କାର ହୁଏ । ଅନ୍ତ ପରିଷ୍କାରର ପାଥେୟ ସେ ଓଡ଼ିଶୀ ଏହା ନିଃସନ୍ଦେହ । ଚତୁର୍ବର୍ଗ ଫଳ ପ୍ରାପ୍ତି ମଧ୍ୟ ଏହାର ପ୍ରୟୋଜନ ବିଷୟରେ ପରିଗଣିତ । ଓଡ଼ିଶୀ ହିଁ ଆଧ୍ୟାତ୍ମିକ ସର୍ଜ୍ଜିୟା ଉପରେ ଆଧାରିତ । ଏଣୁ ସମସ୍ତ ସାତ୍ୱିକ ଭାବର ଉଦ୍ରେକ ତଥା ବ୍ୟାପକ ଦୃଷ୍ଟି କୋଣରୁ ଏହା ଶାନ୍ତ ରସ ଉପରେ ପର୍ଯ୍ୟବେସିତ, ଏହା ନିଃସନ୍ଦେହ ।

---

ସା:/ପୋ: କରଥା, ଭାୟା–ଛଟିଆ, ଜିଲ୍ଲା କଟକ ।

# ନୂଆଖିଆ ପର୍ବ

ଶ୍ରୀ ଚିତ୍ରସେନ୍ ପଣ୍ଡାସୂତ୍

ନୂଆଖାଇ ପଶ୍ଚିମ-ଓଡ଼ିଶାର ଏକ ବିଶିଷ୍ଟ ପର୍ବ । ଏହି ସମଗ୍ର ଅଞ୍ଚଳକୁ ସମ୍ବଲପୁର ଅଞ୍ଚଳ ମଧ୍ୟ କୁହାଯାଏ । ସମ୍ବଲପୁର ଅଞ୍ଚଳ କହିଲେ ସାଧାରଣତଃ ସମ୍ବଲପୁରୀ ସଂସ୍କୃତି ପରିବ୍ୟାପ୍ତ ଏକ ସାଂସ୍କୃତିକ କ୍ଷେତ୍ର (Culture-area) କୁ ବୁଝିଥାଉଁ । ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଏକଦା ଏହି ସାଂସ୍କୃତିକ କ୍ଷେତ୍ର ବା ସାଂସ୍କୃତିକ ଅଞ୍ଚଳକୁ ଦକ୍ଷିଣ କୋଶଳ', 'ହୀରାଖଣ୍ଡ' ପ୍ରଭୃତି କୁହାଯାଉଥିଲା । ପରବର୍ତ୍ତୀ କାଳରେ ଏହି ଅଞ୍ଚଳ ଅଠର ଗୋଟି ଗଡ଼ଜାତରେ ପରିଣତ ହେଲା । ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଏହି ଭୂଖଣ୍ଡର ଅଧିବାସୀ ଏକ ଗୋଷ୍ଠୀର ଲୋକ ଭାବେ ପରିଚିତ । ଆଧୁନିକ ଭାରତ ବର୍ଷରେ ଏହି ସାଂସ୍କୃତିକ କ୍ଷେତ୍ର ଖଣ୍ଡ ବିଖଣ୍ଡିତ ଭାବରେ ମଧ୍ୟପ୍ରଦେଶ ତଥା ଓଡ଼ିଶାରେ ପଡ଼ି ରହିଥିଲେ ମଧ୍ୟ ଏଠାର ଜନଜୀବନ ଓ ସାଂସ୍କୃତିର ଧାରା ଏକ ଓ ଅଭିନ୍ନ । ନୂଆଖାଇ ହେଲା ଏହି ସାଂସ୍କୃତିକ କ୍ଷେତ୍ରର ଏକ ଗଣପର୍ବ । ନୂତନ ଶସ୍ୟକୁ ସ୍ୱାଗତ ଜଣାଇ ଏହି ପର୍ବର ଆୟୋଜନ ହୋଇଥାଏ । ଏହି ପରିପେକ୍ଷୀରେ ଆଲୋଚନା କଲେ ନୂଆଖାଇ ଏକ କୃଷିଭିତ୍ତିକ ପର୍ବ ଅଟେ । କେଉଁ ମାନଧାତା ଯୁଗରୁ ଏହି ପର୍ବଟି ଆମ ସମାଜରେ ଚଳି ଆସୁଛି, ତାହାର କାଳ ନିର୍ଣ୍ଣୟ କରିବା ଅସମ୍ଭବ । କାରଣ 'ଅନ୍ନପୂଜା' ବା 'ଶସ୍ୟପୂଜା' କେତେ ପ୍ରାଚୀନ ତାହା କୁହାଯାଇ ପାରିବ ନାହିଁ । ହିନ୍ଦୁ ମତରେ ବେଦାନୁଯାୟୀ ଅନ୍ନକୁ 'ବ୍ରହ୍ମ' ତଥା 'ଜୀବନ' ସହ ତୁଳନା କରାଯାଇଛି । ପୁନଶ୍ଚ ଅନ୍ନ ବା ଶସ୍ୟର ଦେବୀ ହେଲେ ଲକ୍ଷ୍ମୀ । ତେଣୁ ଏହି ଦିନ ଲକ୍ଷ୍ମୀଙ୍କର ମଧ୍ୟ ପୂଜା ହୋଇଥାଏ ।

ଭାରତ ବର୍ଷରେ ଥିବା ବିଭିନ୍ନ ଆଦିବାସୀ ଗୋଷ୍ଠୀ ଉପରେ ଦୃଷ୍ଟିପାତ କଲେ ନୂଆଖାଇ ପର୍ବର ପ୍ରାଚୀନତା ସଂପର୍କରେ ଆହୁରି ଅନେକ ତଥ୍ୟ ମିଳିବ । ବିଶେଷତଃ ମଧ୍ୟ ଓ ପୂର୍ବ ଭାରତର ଆଦିବାସୀମାନଙ୍କ ମଧ୍ୟରେ ପାଳିତ ହେଉଥିବା ପର୍ବ-ପର୍ବାଣି ଗୁଡ଼ିକ ମଧ୍ୟରେ ନୂଆଖାଇ ପର୍ବର ମହତ୍ତ୍ୱ ବିଶେଷ ଭାବେ ଅନୁଭୂତ ହୋଇଥାଏ । ଅନେକ ବୁଦ୍ଧିଜୀବୀମାନଙ୍କ ମତରେ ଆଦିବାସୀମାନେ ହେଲେ ଏ ଦେଶର ଆଦିମ ଅଧିବାସୀ । ଏହି ଐତିହାସିକ ପୃଷ୍ଠଭୂମି ଉପରେ ନୂଆଖାଇ ପର୍ବର ଇତିହାସ ଦିଗନ୍ତ ବିସ୍ତାରୀ । ଆଦିବାସୀମାନେ ଏହି ପର୍ବ ବିଭିନ୍ନ ନାମକରଣ ସହ ପାଳନ କରନ୍ତି । କିନ୍ତୁ ମଧ୍ୟ-ଭାରତରେ ଥିବା ଆଦିବାସୀମାନଙ୍କ ନାମକରଣରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଯଥା 'ଦୁଧ ଖଡ଼ିଆ' ଏବଂ 'ପାହାଡ଼ି ଖଡ଼ିଆ' ଏହି ପର୍ବକୁ 'ଜେଠ୍ ନଓ୍ୱାଖିଆ' ବୋଲି କହନ୍ତି; 'ଓରାମ୍' ମାନେ 'ନଓ୍ୱାଖାନି' 'ମୁଣ୍ଡା'ମାନେ 'ଜମ୍‌ନବ୍ବା', 'ସାନ୍ତାଳି'ମାନେ ସ୍ଥଳ ବିଶେଷରେ 'ଜାନ୍‌ଥର' ଏବଂ 'ବଇହାର ହୋରୋ' ନବାଇ'; 'ବିରହିଆ' ମାନେ ମଧ୍ୟ ସ୍ଥଳ ବିଶେଷରେ 'ନବ୍ବା' ଏବଂ 'ଜମ୍‌ନଓ୍ୱା', ବସ୍ତର ତଥା ଓଡ଼ିଶାର 'ପରଜା'ମାନେ 'ନଓ୍ୱାଖାନି' ପ୍ରଭୃତି ନାମକରଣ ସହ ଏହି ପର୍ବକୁ ପାଳନ କରନ୍ତି । ଏହାଛଡ଼ା 'କୋରଓ୍ୱା'ମାନେ ଏହି ପର୍ବକୁ 'ଧାନ୍ ନଓ୍ୱାଖାନି' 'ବିରହର' ମାନେ 'ନଓ୍ୱାଜୋମ୍' ମୁଣ୍ଡା'ମାନେ ଏହି ପର୍ବକୁ 'ଜଓ୍ୱାଜୋମ୍' ମଧ୍ୟ କହନ୍ତି । ଛୋଟନାଗପୁର ଅଞ୍ଚଳରେ ବସବାସ କରୁଥିବା 'ଅସୁର' ଗୋଷ୍ଠୀର ଏକ ଉପ-ଗୋଷ୍ଠୀ ହେଉଛି 'ବିରଝିଆ' । ନୂଆଖାଇ ପର୍ବକୁ ଏମାନେ 'ନଓଆ' କହିଥାନ୍ତି । ତ୍ରିପୁରାର ପାହାଡ଼ି ଇଲାକାରେ ସେଠାର ଆଦିବାସୀମାନେ ଏହି ପର୍ବକୁ 'ମିକାତଲ' (Mikatal) ବୋଲି ଏହି

ହେଉଛନ୍ତି । ଏଠାରେ 'ନ' ର ଅର୍ଥ ହେଲା ଶସ୍ୟ' ବା ଧାନ 'ଖଲ'ର ଅର୍ଥ ହେଲା ନୂଆ । ବଙ୍ଗାଳୀମାନେ ଏବଂ ପୂର୍ବ ଓଡ଼ିଶାରେ ଏହି ପର୍ବକୁ 'ନବାନ୍ନ' କହନ୍ତି ।

ଏହାଛଡ଼ା ଭାରତର ଅନ୍ୟାନ୍ୟ ପ୍ରାନ୍ତରରେ ମଧ୍ୟ ଏହି ପର୍ବ ବିଭିନ୍ନ ନାମ ନେଇ ପାଳିତ ହେଉଥିବାର ପୂର୍ଣ୍ଣ ଅନୁମାନ କରାଯାଏ । କାରଣ ନୂଆଖାଇ ହେଲା ଏକ କୃଷି ଭିତ୍ତିକ ପର୍ବ ଏବଂ ଭାରତୀୟ ସମାଜ ମଧ୍ୟ ଯୁଗ ଯୁଗ ଧରି କୃଷିଭିତ୍ତିକ ରହି ଆସିଛି । ଏହି ଦୃଷ୍ଟିକୋଣରୁ ବିଚାର କଲେ ନୂଆଖାଇ ପର୍ବର ବ୍ୟାପକତା ସମ୍ବନ୍ଧରେ ଅନୁମାନ କରାଯାଇ ପାରିବ ନିଶ୍ଚୟ । ଅନ୍ୟ ଅର୍ଥରେ କହିବାକୁ ଗଲେ, ନୂଆଖାଇ ପର୍ବ ଭାରତରେ ସାଂସ୍କୃତିକ ସମନ୍ୱୟର ଆଉ ଏକ ବିଶିଷ୍ଟ ଦିଗ । ଏହାଛଡା ଯେଉଁ ଆଦିବାସୀମାନେ କାଳକ୍ରମେ ଖ୍ରୀଷ୍ଟିଆନ ମିସନାରୀଗୁଡ଼ିକର ପ୍ରଭାବରେ ଆସି ଖ୍ରୀଷ୍ଟ ଧର୍ମାବଲମ୍ବୀ ହୋଇ ଗଲେ ସେମାନେ ନିଜର ଅନେକ ପୁରୁଣା ରୀତି ଇତ୍ୟାଦିକୁ ପରିହାର କରି ପାରିଥିଲେ ମଧ୍ୟ ନୂଆଖାଇ ପର୍ବକୁ ଛାଡି ପାରି ନାହାନ୍ତି । ଆଜି ମଧ୍ୟ ରାଞ୍ଚି ଜିଲ୍ଲାର ଖ୍ରୀଷ୍ଟିଆନ୍ ଆଦିବାସୀମାନଙ୍କ ମଧ୍ୟରେ ଏହି ପର୍ବ ପାଳନ କରାଯାଏ । ସେମାନେ ଏହାକୁ ଗୋଣ୍ଡଳି ନଓ୍ୱାଖାନି କହନ୍ତି । ଏଥିରୁ ଆଦିବାସୀ ଜନ ଜୀବନ ତଥା ସଂସ୍କୃତିକୁ ଯୁଗ ଯୁଗ ଧରି ପ୍ରଭାବିତ କରି ଆସିଥିବା ନୂଆଖାଇ ପର୍ବର ମହତ୍ତ୍ୱ କେତେ ଯେ ବେଶୀ ତାହା ନିଶ୍ଚିତ ଭାବେ ଅନୁମାନ କରାଯାଇ ପାରେ ।

ଉପରୋକ୍ତ ଆଲୋଚନାରୁ ଗୋଟିଏ କଥା ସ୍ୱୀକାର୍ଯ୍ୟ ଯେ, ନୂଆଖାଇ କେବଳ ସମ୍ବଲପୁର ଅଞ୍ଚଳରେ ପାଳିତ ନହୋଇ ଦେଶର ବିଭିନ୍ନ ପ୍ରାନ୍ତରରେ ମଧ୍ୟ ପାଳିତ ହୋଇଥାଏ । ଆଦିବାସୀମାନେ ଏହି ପର୍ବକୁ ଗୋଷ୍ଠୀଗତ ଭାବେ ମହା ଉଲ୍ଲାସରେ ପାଳନ କରିଥାନ୍ତି । ସେମାନେ ପ୍ରଥମେ ନିଜର ଇଷ୍ଟ ଦେବ-ଦେବୀ ଇତ୍ୟାଦିଙ୍କୁ ନୂଆଶସ୍ୟ ଆଣି ଅର୍ପଣ କଲାପରେ ଯାଇ ନିଜେ ତାକୁ ବ୍ୟବହାର କରନ୍ତି । ସୁଖର ଆତିଶଯ୍ୟାରେ ହେଉ ଅବା ଦୁଃଖର ଗହନ ଅନ୍ଧକାର ମଧ୍ୟରେ ହେଉ, ସେମାନେ ସଦାସର୍ବଦା ଏକ ଅଦୃଶ୍ୟ ଶକ୍ତିର ପ୍ରଚ୍ଛନ୍ନ ହାତ ମହସୁସ୍ କରନ୍ତି । ଏହି ଶକ୍ତି ଓ ବିଶ୍ୱାସ ହିଁ ସେମାନଙ୍କୁ କର୍ମମୁଖର କରି ଗଢ଼ି ତୋଳେ ; ଜୀବନ ସଂଗ୍ରାମକୁ ମୁକାବିଲା କରିବାର ସାହସ ଓ ପ୍ରେରଣା ଯୋଗାଏ । ସେମାନଙ୍କର ବିଶ୍ୱାସ ଯେ, ଯଦି ନଓ୍ୱାଖିଆ ପର୍ବ ପାଳନ କରାନଯାଏ, ତେବେ ଗାଁକୁ ନାନା ରୋଗ, ଦୁଃଖ, ଫସଲହାନି ହେବ । ସେହି ବିଶ୍ୱାସ ଯାହା ହେଉନା କାହିଁକି, ସରଳ, ନିଷ୍କପଟ, ଆଦିବାସୀ ଜୀବନର ପ୍ରତିଟି ମୁହୂର୍ତ୍ତ ହେଲା ସେହି ଅଦୃଶ୍ୟ ଶକ୍ତିର ଆଶିର୍ବାଦ । ସେମାନେ ନିଜର ସୁଖ-ଦୁଃଖ, ଆଶା-ନିରାଶା ସବୁକୁ ସେହି ଶକ୍ତିର କରୁଣା ମନେ କରି ମୁଣ୍ଡେଇ ନିଅନ୍ତି ।

ନୂଆଖାଇ ଅବସରରେ ନା ନା ପ୍ରକାର ପିଠା, ମଣ୍ଡା, ଖିରି, ପୁରୀ ଇତ୍ୟାଦି ତିଆରି କରାଯାଏ । ପୂଜାର୍ଚ୍ଚନା ପରେ ସମସ୍ତେ ସେସବୁକୁ ଖାଇ ବେଶ୍ ମଉଜ ମଜଲିସ୍ କରନ୍ତି । ମଦ ଓ ମାଂସର ଧୁମ୍ ଛୁଟେ । ନୃତ୍ୟ, ଗୀତର ଆସର ଜମେ । ସ୍ତ୍ରୀ-ପୁରୁଷ ସମସ୍ତେ ଦଳଗତ ଭାବେ ସଂଗୀତର ତାଳେ ତାଳେ ହଜି ଯାଆନ୍ତି । ପ୍ରକୃତି ରାଣୀର କୋମଳ ଛାତି ଉପରେ ଆତ୍ମ ବିଭୋର ହୋଇ ଆଦିବାସୀ ସନ୍ତାନ କ୍ଷଣିକ ପାଇଁ ନିଜର ପୂର୍ବ ଦୁଃଖ, କଷ୍ଟ ସବୁକୁ ଭୁଲିଯାଏ । ସମ୍ବଲପୁର ଅଞ୍ଚଳରେ ପାଳିତ ହେଉଥିବା ନୂଆଖାଇ ପର୍ବ ପଛରେ ମଧ୍ୟ ସମ ଚିନ୍ତାଧାରା ଓ ଦର୍ଶନ ନିହିତ । ଗାଁ ଓ ସହରର ସବୁ ଗୃହସ୍ଥ ପ୍ରତିବର୍ଷ ଭାଦ୍ର ଶୁକ୍ଳ ପକ୍ଷରେ ସ୍ଥିରୀକୃତ ହୋଇଥିବା ଏକ ଶୁଭ ଦିନରେ ସେ ବର୍ଷର ନୂଆଧାନ ପ୍ରଥମେ ନିଜର ଇଷ୍ଟ ଦେବ-ଦେବୀଙ୍କୁ ଅର୍ପଣ କରନ୍ତି ଏବଂ ଗାଜଣା ବାଜଣା କରି ଉତ୍ସବ ପାଳନ କରନ୍ତି । ସଂଧ୍ୟାବେଳେ ସମସ୍ତେ ଆମିଷ ଭୋଜନ କରିବାର ବିଧି ରହିଛି । ଆମିଷ ଖାଇ ନଥିବା ବ୍ୟକ୍ତି ପର ଜନ୍ମରେ ବକ ଯୋନିରେ ଜନ୍ମ ହେବ ବୋଲି ସେମାନଙ୍କର ବିଶ୍ୱାସ ।

ପଶ୍ଚିମ-ଓଡ଼ିଶାର ନୂଆଖାଇ ପର୍ବ କୌଣସି ଏକ ଗୋଷ୍ଠୀ ସଂପ୍ରଦାୟ, ଜାତି ବା ବ୍ୟକ୍ତି ବିଶେଷ ମଧ୍ୟରେ ସୀମିତ ହୋଇ ରହିନାହିଁ । ଜାତି, ଭେଦ ନିର୍ବିଶେଷରେ ଏହି ପର୍ବ ସମଗ୍ର ସମ୍ବଲପୁର ଅଞ୍ଚଳରେ ପାଳିତ ହୋଇ ଏକ ବ୍ୟାପକତାର ରୂପ ନେଇଛି । ସମଗ୍ର ଅଞ୍ଚଳରେ ନୂଆଖାଇ ପର୍ବ ଯେଉଁ ସାମୂହିକତାର ରୂପ ନେଇ ପାଳିତ ହୋଇ ଆସୁଛି ତାହା ଅନ୍ୟତ୍ର କେଉଁଠି ହେଲେ ଦୃଷ୍ଟିଗୋଚର ହୁଏନାହିଁ । ଏହି ଦିନ, ଶତ୍ରୁ ମିତ୍ର, ସମସ୍ତେ ନିଜର ପୂର୍ବ ଦୁଃଖ କ୍ଲେଶକୁ ଭୁଲି ଯାଆନ୍ତି । ଏହି ପରିପ୍ରେକ୍ଷୀରେ ନୂଆଖାଇ କେବଳ ନୂଆ ଶସ୍ୟ ପାଇଁ ନୁହେଁ, ଏକ ସୁନ୍ଦର, ସୁଖୀ ଓ ସମୃଦ୍ଧ ସାମାଜିକ ଜୀବନକୁ ମଧ୍ୟ ସ୍ୱାଗତ ଜଣାଏ । ଯେ ଯେଉଁଠି ଥାଉନା କାହିଁକି, ଏହିଦିନ ସମସ୍ତେ ନିଶ୍ଚୟ ଘରକୁ ଆସ ଏକାଠି ନୂଆ ଅନ୍ନ ସେବନ କରି ଏହି ପର୍ବର ପରଂପରାକୁ ବଜାୟ ରଖିଛନ୍ତି । ଏହାହିଁ ଏହି ଅଞ୍ଚଳର ନୂଆଖାଇ ପର୍ବର ବିଶେଷତ୍ୱ । ଏଥିରୁ ଗୋଟିଏ କଥା ନିଃସନ୍ଦେହରେ କୁହାଯାଇ ପାରେ ଯେ, ନୂଆଖାଇ ପର୍ବ ସମ୍ବଲପୁର ଅଞ୍ଚଳର ଏକ ଗଣ ପର୍ବ ।

ଏହି ପର୍ବର ଉପରି ପଛରେ ଆଦିବାସୀ ସଂସ୍କୃତର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଧାରଣା କରାଯାଇ ପାରେ । କାରଣ ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀରେ ପରିବ୍ରାଜକ ଟଲେମି ସମ୍ବଲପୁର ଅଞ୍ଚଳକୁ ମୁଣ୍ଡା ଓ ଶବରମାନଙ୍କର ଦେଶ ବୋଲି ବର୍ଣ୍ଣନା କରିଥିଲେ । ଗଣ୍ଡ, ବିଂଝାଲ, ଶବର, ମୁଣ୍ଡା ଆଦି ଆଦିବାସୀମାନେ ହେଲେ ଏହି ଅଞ୍ଚଳର ଆଦିମ ଅଧିବାସୀ । ଏବେ ମଧ୍ୟ ଏହି ଅଞ୍ଚଳର ଆଦବାସୀମାନଙ୍କ ମଧ୍ୟରେ ନୂଆଖାଇ ପର୍ବର ମହତ୍ତ୍ୱ ସଂବନ୍ଧରେ ଆମେ ପୂର୍ବରୁ ଆଲୋକପାତ କରିସାରିଛୁ । ଏହି ପର୍ବ ପାଳନ ପଛରେ ଥିବା ଚିନ୍ତାଧାରା, ପୂଜାବିଧି ତଥା ନାମକରଣ ମଧ୍ୟରେ ଥିବା ସାମଞ୍ଜସ୍ୟ ଏହି ପର୍ବ ମୂଳରେ ଥିବା ଆଦିବାସୀ ସଂସ୍କୃତିର ଛାପକୁ ଉଦ୍ଜୀବିତ କରେ । ଏଥିରୁ ଏହା ସ୍ପଷ୍ଟ ବୁଝା

ପଡୁଛି ଯେ, ପୂର୍ବେ ଏହି ଅଞ୍ଚଳରେ ରହୁଥିବା ଆଦିବାସୀ ମାନଙ୍କର ମୁଖ୍ୟ ପର୍ବ ଥିଲା ନୂଆଖାଇ-। ସଂଭବତଃ ସେମାନଙ୍କ ମଧ୍ୟରେ ଅନେକେ କୃଷିଜୀବି ଥିଲେ । ଏବେ ମଧ୍ୟ ପଦ୍ମପୁର, ଘେଁସ୍ ଆଦି ଅଞ୍ଚଳରେ ବାସ କରୁଥିବା ବିଂଝାଲ ମାନଙ୍କର ଏବଂ କୁଚିଣ୍ଡା ଆଦି ଅଞ୍ଚଳରେ ବାସ କରୁଥିବା ଗଣ୍ଡମାନଙ୍କର ମୁଖ୍ୟ ପେଷା ହେଲା ଚାଷ କରିବା । ପରବର୍ତ୍ତୀ କାଳରେ ଅପଭ୍ରଂଶରେ ହେଉ ଅବା ଆଞ୍ଚଳିକ ସମ୍ବଲପୁରୀ ଭାଷା ସଂସ୍ପର୍ଶରେ ଆସି ତାହା ନୂଆଖାଇ ବା ନୂଆଖିଆ ବୋଲି ପରିଚିତ । ସମଗ୍ର ପୂର୍ବ ଭାରତର ମୁଖ୍ୟ ଚାଷ ହେଲା ଧାନ । ପୁନଶ୍ଚ ନୂଆଖାଇ ଅବସରରେ ନୂଆଧାନ ପୂଜା କରାଯାଇଥାଏ । ତେଣୁ ସମୟାନୁକ୍ରମେ ଏହାର ନାମ ଶୁଦ୍ଧ ଓଡ଼ିଆ ଓ ବଙ୍ଗାଳୀ ଭାଷାରେ ନୂଆଖାଇରୁ ନବାନ୍ନକୁ ରୂପାନ୍ତରିତ ହୋଇଅଛି । ଏଥିରୁ ଗୋଟିଏ କଥା ସୁସ୍ପଷ୍ଟ ଯେ, ଏହି ସଂସ୍କୃତିର ପ୍ରବାହ ଆଦିବାସୀ ଅଧ୍ୟୁଷିତ ମଧ୍ୟ ଭାରତରୁ ପୂର୍ବକୁ ଘଟିଛି । ତେଣୁ ଏହି ଅଞ୍ଚଳର ସଂସ୍କୃତି ସଂପ୍ରତି ଏକ ଶାସନ (ଓଡ଼ିଶା) ଅଧିନରେ ଏକିଭୂତ ହେଲେ ହେଁ ଆଞ୍ଚଳିକ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ଉଦାହରଣ ସ୍ୱରୂପ ପଶ୍ଚିମ-ଓଡ଼ିଶା ବା ସମ୍ବଲପୁର ଅଞ୍ଚଳରେ ନୂଆଖାଇ ପର୍ବ ଯେଉଁଭଳି ଭାବରେ ପାଳନ କରାଯାଏ, ପୂର୍ବ ଓଡ଼ିଶା କିମ୍ବା ବଙ୍ଗଳାରେ ତାହା ପରିଦୃଷ୍ଟ ହୁଏ ନାହିଁ । ସଂସ୍କୃତିର ଏହି ପ୍ରବାହ କ୍ରମରେ କେବଳ ସମ୍ବଲପୁର ଅଞ୍ଚଳରେ ନୂଆଖାଇର ଗୋଷ୍ଠୀଗତ ରୂପ ଏକ 'ଗଣ' ରୂପ ନେଇଛି ।

ଉପରୋକ୍ତ ଆଲୋଚନାରୁ ନିଃସନ୍ଦେହରେ କୁହାଯାଇ ପାରେ ଯେ, ଏହି ଅଞ୍ଚଳରେ ଆର୍ଯ୍ୟ ଓ ଅନାର୍ଯ୍ୟ ସଭ୍ୟତାର ମିଳନ ଘଟିଅଛି । ଆର୍ଯ୍ୟମାନେ ଆଦିବାସୀମାନଙ୍କ ଦେବ-ଦେବୀଙ୍କୁ ଓ ଆଦିବାସୀ ମାନେ ଆର୍ଯ୍ୟ ମାନଙ୍କର ଦେବ-ଦେବୀଙ୍କୁ ପୂଜା କରି ଆସୁଛନ୍ତି । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ଓ ପାଟଣାଗଡ଼ର ଅଧିଷ୍ଠାତ୍ରୀ ଦେବୀ ପାଟଣେଶ୍ୱରୀ ଉଭୟେ ସ୍ଥାନୀୟ ଆଦିବାସୀ ଦେବୀ । କଥିତ ଅଛି ଯେ, ହୀରାକୁଦ୍ ଠାରେ ମହାନଦୀର ଉଭୟ ପାର୍ଶ୍ୱରେ 'ଝରାପାଲି' ଓ 'ଶବର ପାଲି' ନାମକ ଦୁଇଟି ଛୋଟ ପାଲି ବା ପଲ୍ଲୀ ଥିଲା । ସେଠାରେ 'ଝରା'ଏବଂ 'ଶବର' ଜାତିର ଲୋକେ ରହୁଥିଲେ । ଝରା ମାନଙ୍କର ମୁଖ୍ୟ ପେଷାଥିଲା ନଈଗର୍ଭରୁ ସ୍ୱର୍ଣ୍ଣ, ହୀରକ ଆଦି ବହୁମୂଲ୍ୟ ରତ୍ନ ସଂଗ୍ରହ କରିବା । ଲୋକ ମୁଖରୁ ଯାହା ଶୁଣାଯାଏ ଝରାମାନଙ୍କର ସର୍ଦ୍ଦାର ସମଲାଇ ଦେବୀଙ୍କୁ ଆବିଷ୍କାର କରିଥିଲେ ଏବଂ ଗୁପ୍ତରେ ଶ୍ରଦ୍ଧାସହ ପୂଜାକରି ଆସୁଥିଲେ । ଦେବୀ ସେତେବେଳେ ଏକ ସେମେଲ୍ ବା ଶିମୁଳି ବୃକ୍ଷମୂଳେ ପୂଜା ପାଉଥିବାରୁ ତାଙ୍କର ନାମ ସମଲାଇ ହୋଇଥିବାର କୁହାଯାଏ । ଏଠାରେ ଗୋଟିଏ କଥା ଉଲ୍ଲେଖ କରି ଦିଆ ଯାଇପାରେ ଯେ, ସମ୍ବଲପୁରର ଚୌହାଣବଂଶୀୟ ରାଜା ବଳରାମ ଦେବଙ୍କ ଦ୍ୱାରା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା କଲାପରେ ଯାଇ ଲୋକେ ସମଲେଶ୍ୱରୀଙ୍କ ବିଷୟରେ ଅବଗତ ହେଲେ ଏବଂ ନଈକୂଳରେ ଗଢି ଉଠିଥିବା ନଗରଟି କାଳକ୍ରମେ ଦେବୀଙ୍କ ନାମାନୁଯାୟୀ ସମ୍ବଲପୁର ରୂପେ ସ୍ୱୀକୃତି ଲାଭ କରିଛି । ମନ୍ଦିର ନିର୍ମାଣ ପରେ ଶବର ସର୍ଦ୍ଦାରଙ୍କ ବଂଶଧରମାନେ ପୂଜକ ଭାବେ ଓ ଝରା ସର୍ଦ୍ଦାରଙ୍କ ବଂଶଧର ମାନେ ବିଶିଷ୍ଟ ପରିଚାରକ ଛତ୍ର ବାହକ ରୂପେ ରାଜାଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ । ଏହି ପୃଷ୍ଠଭୂମି ଉପରେ ସମଲେଇ ଦେବୀ ଯେ, ଆଦିବାସୀ ଦେବୀ ତାହା ନିଃସନ୍ଦେହରେ କୁହାଯାଇ ପାରେ । ସେ ଯାହା ହେଉ ଗୋଟିଏ କଥା ସୁସ୍ପଷ୍ଟ ଯେ ପଶ୍ଚିମ-ଓଡ଼ିଶାରେ ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ଏକ ଅପୂର୍ବ ମିଳନ ଘଟିଛି ।

ଏହି ପରିପ୍ରେକ୍ଷୀରେ ଆଉ ଗୋଟିଏ କଥା ବିଚାର କରାଯାଇ ପାରେ । ତାହାହେଲା ଯେ କୌଣସି ଆଦିବାସୀ ପର୍ବ ପର୍ବାଣି ପାଳନ କରିବାର ନିର୍ଦ୍ଦିଷ୍ଟ ଦିନ, ବାର କିମ୍ବା ନୀତି, ନିୟମ ନାହିଁ । ଅନ୍ୟ ଦିଗରେ ହିନ୍ଦୁ ପର୍ବ-ପର୍ବାଣି ପାଳନ କରିବାର ସ୍ଥିର ଦିନ, ବାର ଅଛି । ତେଣୁ ସମଗ୍ର ପଶ୍ଚିମ-ଓଡ଼ିଶାରେ ଗୋଟିଏ ଦିନ ନୂଆଖାଇ ପର୍ବ ପାଳନ ହୋଇପାରେ ନାହିଁ । ଲୋକେ ସ୍ଥାନୀୟ ଦେବ,ଦେବୀ, ଗାଁ ଗଉଁତିଆଙ୍କ ନାରେ ଲଗ୍ନ ଦେଖି ନୂଆଖାଇ ପର୍ବ ପାଳନ କରନ୍ତି । ଏହି ଦୃଷ୍ଟିରୁ ବରଗଡ଼ ବଲାଂଗିର, ବରପାଲି, ଖଡ଼ିଆଳ ପ୍ରଭୃତି ସ୍ଥାନରେ ପର୍ବ ପାଳନର ଦିନ ଓ ତାରିଖରେ ତାରତମ୍ୟ ରହୁଥିବାର ଦୃଷ୍ଟିଗୋଚର ହୁଏ । କିନ୍ତୁ ଏହି ପର୍ବ ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀ ସଦୃଶ ଭାବରେ ଭାଦ୍ରବ ମାସରେ ପାଳିତ ହୋଇଥାଏ ।

ଆଦିବାସୀ ଗ୍ରାମ ମାନଙ୍କରେ ଗାଁର ମୁଖିଆ ବା ପୂଜାରୀଙ୍କ ତତ୍ତ୍ୱାବଧାନରେ ଦିନ ବାର ଠିକ୍ ହୁଏ । କିନ୍ତୁ ସମ୍ବଲପୁର ସହରରେ ଦିନ ନିର୍ଣ୍ଣୟ କ୍ଷେତ୍ରରେ ମଧ୍ୟ ଆର୍ଯ୍ୟ ସଂସ୍କୃତିର ବିଶେଷ ପ୍ରଭାବ ଅନୁଭୂତ ହୁଏ । ସମ୍ବଲପୁର ସହରର ହିନ୍ଦୁ ବ୍ରାହ୍ମଣମାନେ ସମଲେଶ୍ୱରୀ ମନ୍ଦିର ପୂଜାରୀଙ୍କ ସହଯୋଗରେ ହିନ୍ଦୁରୀତିରେ ପାଞ୍ଜି ଗଣନା କରି ସମଲେଶ୍ୱରୀଙ୍କ ନାଆଁରେ ଏକ ଶୁଭଦିନ ଓ ଲଗ୍ନ ସ୍ଥିର କରନ୍ତି । ସେହିଦିନ ଠିକ୍ ସମୟରେ ସମଲେଶ୍ୱରୀ ଦେବୀଙ୍କ ପାଖରେ ପ୍ରଥମେ ନୂଆ ଅନ୍ନ ଭୋଗ ଲାଗିଲା ପରେ ଯାଇ ସହରର ଅନ୍ୟ ମାନେ ନିଜ ନିଜ ଘରେ ନିଜ ନିଜ ଇଷ୍ଟ ଦେବ ଦେବୀଙ୍କ ପାଖରେ ନୂଆ ଚାଉଳ ଭୋଗ ଲଗାଇ ସେବନ କରନ୍ତି । ଏହିପରି ଭାବରେ ନୂଆଖାଇ ଏକ ଆଦିବାସୀ ପର୍ବରୁ ସମ୍ବଲପୁର ଅଞ୍ଚଳରେ ଏକ ଗଣପର୍ବ ରୂପେ ବହୁ ପୁରାତନ କାଳରୁ ସ୍ୱୀକୃତି ଲାଭ କରି ଆସିଛି । ଆଦିବାସୀ ଅଧ୍ୟୁଷିତ ପଶ୍ଚିମ-ଓଡ଼ିଶାରେ ଆର୍ଯ୍ୟ ସଂସ୍କୃତି ଯେ ଅନାର୍ଯ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଛି, ତାର ପ୍ରକୃଷ୍ଟ ଉଦାହରଣ ହେଲା ନୂଆଖାଇ । ସମ୍ବଲପୁର ଅଞ୍ଚଳରେ ଘଟିଥିବା ଆର୍ଯ୍ୟ ସଭ୍ୟତାର ଚିନ୍ତନ ମତବାଦ ସହ ଅନାର୍ଯ୍ୟ ସଭ୍ୟତାର ମହାମିଳନର ଏହା ଏକ ଅପୂର୍ବ ନିଦର୍ଶନ ।

---

୨୨୧-କାବେରୀ ଛାତ୍ରାବାସ
ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ-୧୧୦୦୬୭

# ପରଲୋକରେ ରାଷ୍ଟ୍ରପତି ଜିଆ

ଶ୍ରୀମତୀ ସ୍ମିତା ମିଶ୍ର

ଭାରତୀୟ ସେନାବାହିନୀରେ ମୌଲବୀ ରୂପେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କର ପଞ୍ଜାବ ପ୍ରଦେଶର ଜଳନ୍ଧର ସହରରେ ଅଗଷ୍ଟ ୧୨,୧୯୨୪ଦିନ ଯେଉଁ ପୁତ୍ରସନ୍ତାନ ଜନ୍ମ ହୋଇଥିଲା ତାର ନାମକରଣ କରାଯାଇଥିଲା ଜିଆ-ଉଲ-ହକ୍ ଏବଂ ସେହି ପୁତ୍ର ଠିକ୍ ୬୪ବର୍ଷ ପରେ ଅଗଷ୍ଟ ୧୭,୧୯୮୮ଦିନ ପାକିସ୍ଥାନର ରାଷ୍ଟ୍ରପତି ଭବରେ ଜଳନ୍ଧରଠାରୁ ଅଳ୍ପଦୂରରେ ଥିବା ଭାୱାଲପୁର ବିମାନଘାଟୀରୁ ସାତ କିଲୋମିଟର ଦୂରରେ ଅଜଣା ଆତତାୟୀର ଶରବ୍ୟହୋଇ ପାକିସ୍ଥାନ ବିମାନ ବାହିନୀର ଅଭେଦ୍ୟ ଆମେରିକୀୟ ଆକାଶପୋତରେ ଏକ ବିସ୍ଫୋରଣ ଫଳରେ ଅସ୍ୱାଭାବିକ ମୃତ୍ୟୁ ବରଣ କରିଛନ୍ତି । ପାକିସ୍ଥାନର ଇତିହାସରେ ଦୀର୍ଘତମକାଳ ଶାସନ କରିଥିବା ରାଷ୍ଟ୍ରପତିଙ୍କର ଦେହାବିଶେଷର କୌଣସି ପତ୍ତା ପାଇବା ମଧ୍ୟ ଦୁଷ୍କର ହୋଇଯାଇଥିଲା । ଗୋଟିଏ ଯୁଗର ଅବସାନ ଘଟିଲା ।

ଜିଆ-ଉଲ୍-ହକ୍ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜର ଛାତ୍ରଥିଲେ ଏବଂ ତାପରେ ସେ ରାଜକୀୟ ଭାରତୀୟ ସେନା ଏକାଡେମୀରୁ ୧୯୪୬ରେ ସ୍ନାତକ ହୋଇଥିଲେ । ଭାରତ ବିଭାଜନ ବେଳେ ତାଙ୍କ ପରିବାର ପାକିସ୍ଥାନକୁ ଚାଲିଯାଇଥିଲେ । ୧୯୫୫ରେ କ୍ୱେଟା ସହରରେ ଥିବା ଷ୍ଟାଫ୍ କଲେଜରୁ ପାସ୍‌କରି ୧୯୬୩ରେ ଯୁକ୍ତରାଷ୍ଟ୍ର ଆମେରିକାର କାନ୍‌ସାସଠାରେ ଥିବା ଫୋର୍ଟ ଲେବେନବାର୍ଥ କଲେଜରୁ ସେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୬୫ ଏବଂ ୧୯୭୧ରେ ଭାରତ ବିରୁଦ୍ଧରେ ରଣକ୍ଷେତ୍ରରେ ସେ ପାକିସ୍ଥାନୀ ସେନା ପରିଚାଳନା କରିଥିଲେ । ୧୯୭୨ରେ ନବଗଠିତ ଭୁଟ୍ଟୋ ସରକାରଙ୍କ ବିରୋଧରେ ଚକ୍ରାନ୍ତ କରିଥିବା ସେନା ଓ ବିମାନ ବିଭାଗର ଅଫିସରମାନଙ୍କର ବିଚାର ନିମନ୍ତେ ଗଠିତ ସାମରିକ ଟ୍ରାଇବ୍ୟୁନାଲର ସଭାପତି ଭାବରେ ସେ କୁଲପର୍ଫି କରଥିଲୀ ଭୁଟ୍ଟୋଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ । ସମ୍ଭବତଃ ତାଙ୍କର ଗୁଣ ଏବଂ ଚରିତ୍ରରେ ପ୍ରଭାବିତ ହୋଇ ୧୯୭୬ରେ ଭୁଟ୍ଟୋ ଅନ୍ୟଦଶଜଣ ବରିଷ୍ଠ ସେନାନାୟକଙ୍କୁ ପଛରେ ପକାଇ ଜିଆ-ଉଲ୍-ହକ୍‌ଙ୍କୁ ପାକିସ୍ଥାନ ସେନାବାହିନୀର ମୁଖ୍ୟପଦବୀରେ ନିଯୁକ୍ତ କରିଥିଲେ । ଏହି ନିଷ୍ପତ୍ତିରେ ସ୍ୱୟଂ ଜିଆ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ।

ସେନାବାହିନୀର ମୁଖ୍ୟହୋଇ ବର୍ଷେ ନପୂରୁଣୁ ତାଙ୍କ ଅଧୀନରେଥିବା ଛଅଜଣ ସେନା ନାୟକ ତାଙ୍କୁ ଏକ ପ୍ରସ୍ତାବ ଦେଲେ ଏହିପ୍ରସ୍ତାବରେ ଦେଶର ରାଜନୈତିକ ଅବସ୍ଥାକୁ ବିଚାରକରି ଏକ ସଶସ୍ତ୍ର ବିପ୍ଳବଦ୍ୱାରା ଭୁଟ୍ଟୋଙ୍କୁ କ୍ଷମତାଚ୍ୟୁତ କରି ପାକିସ୍ଥାନରେ ସାମରିକ ଶାସନଜାରୀ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା । ଦୁର୍ବଳ ରାଜନୈତିକ ପରିସ୍ଥିତି ଏବଂ ପ୍ରତିକୂଳ ଶାସନ ବ୍ୟବସ୍ଥାକୁ ବିଚାର କରି ସେନାବାହିନୀର ମଙ୍ଗଳ ନିମନ୍ତେ ସାମରିକ ଶାସନ ପ୍ରଚଳନ କରିବା ପ୍ରସ୍ତାବକୁ ନାପସନ୍ଦ କରି ଜିଆ-ଉଲ-ହକ୍ ମେ ୬,୧୯୭୭ଦିନ ଗୋଟିଏ ଗୋପନୀୟ ପତ୍ରରେ ଲେଖିଥିଲେ, "ଆମପରି ସଚ୍ଚା ସୈନିକମାନଙ୍କୁ ରାଜନୀତିଠାରୁ ଦୂରରେ ରହିବାକୁ ପଡ଼ିବ । ରାଜନୈତିକ ଏବଂ ସାମ୍ବିଧାନିକ ସମସ୍ୟାର ସମାଧାନ ରାଜନୀତିଜ୍ଞମାନେ କରିବେ ଏବଂ ଆମେ ଦେଶ ରକ୍ଷା ହିଁ କରିବା" ; କିନ୍ତୁ ଏହିପରି ଲେଖିବାପରେ ପରେ ସେ ଏହି ପ୍ରସ୍ତାବକୁ ଗ୍ରହଣକରି,ଠିକ୍ ଦୁଇମାସପରେ ଜୁଲାଇ ୫,୧୯୭୭ ଦିନ ପ୍ରଧାନମନ୍ତ୍ରୀ ଭୁଟ୍ଟୋଙ୍କୁ ଶାସନ କ୍ଷମତାରୁ ହଟାଇ ବିନା ରକ୍ତପାତରେ ଜିଆ-ଉଲ-ହକ୍ ଶାସକ୍ଷମତା ଗ୍ରହଣ କରିଥିଲେ । ସାଧାରଣ ଜୀବନରେ ପ୍ରବେଶ କରିବା ସମୟରେ ଜିଆ-ଉଲ୍-ହକ୍‌ଙ୍କ ଚରିତ୍ରର ଗୋଟିଏ ବିଶେଷଦିଗ ଏହି ଘଟଣାରେ ପ୍ରକାଶ ପାଇଛି । ସେ ତାଙ୍କର ମନର ଭାବନା ଏବଂ ନିଷ୍ପତ୍ତି କାହାକୁ, କୌଣସି ପ୍ରକାର ଜଣାଇ ଦେଉନଥିଲେ

ବରଂ ନିଜ ଚିନ୍ତାଧାରା ଏବଂ ନିଷ୍ପତ୍ତିର ବିପରୀତ ଭାବ ତାଙ୍କ ଭାଷଣ ଏବଂ ଲେଖାରେ ପ୍ରକାଶ ପାଉଥିଲା, ଯେପରି ଅନ୍ୟମାନେ ଅସତର୍କ ରହି ଜିଆଙ୍କୁ ବିଶ୍ୱାସ କରିପାରିବେ ଯେ ଏହି ନିରୀହ ବ୍ୟକ୍ତିଟି ବାସ୍ତବିକ୍ ନିରାପଦ । କିନ୍ତୁ ଅନ୍ୟମାନଙ୍କ ମନରେ ଏହିପ୍ରକାର ଭାବନା ଜାତ କରାଇ, ନିଜର ସୁବିଧା ଓ ସୁଯୋଗ ନେଇ ସେ ହଠାତ୍ ଆକ୍ରମଣକରି ଅସତର୍କ ଶତ୍ରୁକୁ ବିଚଳିତ କରନ୍ତି ଅନାୟାସରେ ।

ଜିଆଙ୍କ ଚରିତ୍ରର ଏହିବିଶେଷ ଦିଗଟିର ଉତ୍ତରୋତ୍ତର ବିକାଶ ଘଟିଛି ତାଙ୍କର ଦୀର୍ଘ ଏକାଦଶବର୍ଷର କ୍ଷମତାରେ ରହିବା ସମୟ ଭିତରେ । ପାକିସ୍ଥାନର ଆଭ୍ୟନ୍ତରୀଣ ଓ ବୈଦେଶିକ ସମସ୍ୟା ସଂପର୍କରେ ତାଙ୍କର ଏହି ଚରିତ୍ରପ୍ରତି ଧ୍ୟାନଦେଲେ ଅନେକ ଅସମାହିତ ପ୍ରଶ୍ନର ଉତ୍ତର ମିଳିଯାଏ । ପାକିସ୍ଥାନରେ ଅବାଧ ଏବଂ ମୁକ୍ତ ନିର୍ବାଚନ କରାଇବା ନିମନ୍ତେ ବାରମ୍ବାର ପ୍ରତିଶ୍ରୁତି ଏବଂ ସେହି ପ୍ରତିଶ୍ରୁତିଭଙ୍ଗର ଲମ୍ବା କାହାଣୀ ଜୁନେଜୋଙ୍କୁ ହଠାତ୍‌ଦିନେ ପ୍ରଧାନମନ୍ତ୍ରୀତ୍ୱ ନିମନ୍ତେ ଆମନ୍ତ୍ରଣକରି ଆଉଦିନେ ତାଙ୍କୁ ସେହିପରି ବରଖାସ୍ତ କରିଦେବା, ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କୁ ଦୀର୍ଘ ଦୁଇବର୍ଷ ସମୟ ଆଶା ନିରାଶାର ଜୁଆର ଭିତରେ ରଖି ଶେଷରେ ତାଙ୍କୁ ଫାଶୀଦେବା, ଭାରତର ବନ୍ଧୁତା ବିଷୟରେ ବକ୍ତୃତା ଦେଇ ଶିଖ୍ ଆତଙ୍କବାଦୀମାନଙ୍କୁ ସ୍ୱତନ୍ତ୍ରଭାବରେ ଶିକ୍ଷାଦେବା ପ୍ରଭୃତି ବିଭିନ୍ନ ଘଟଣାରୁ ଜିଆଙ୍କର ଚରିତ୍ରର ଏହି ବିଶେଷ ଦିଗର ସନ୍ଧାନ ମିଳିଥାଏ ।

ପରବର୍ତ୍ତୀ କାଳରେ ସାମରିକଶାସନ ସଂପର୍କରେ ସେ ଲେଖିଥିଲେ, "ଦୀର୍ଘ ସମୟଧରି ରାଜନୈତିକ ସ୍ଥିତିର ଅସ୍ୱାଭାବିକତା ଦେଶକୁ କ୍ରମେ ଦୁର୍ବଳ କରିଦେବା ଯୋଗୁଁ, ମୁଁ ଏବଂ ମୋର ସହକର୍ମୀମାନେ ଜୁଲାଇ ୪,୧୯୭୭ ସଂଧ୍ୟା ୫ଟାବେଳେ ସାମରିକ ଶାସନ ଚଳାଇବାକୁ ଏକ ତାତ୍‌କାଳିକ ଯୋଜନା ପ୍ରସ୍ତୁତ କଲୁ ଏବଂ ତାର କିଛି ଘଣ୍ଟାପରେ ଯୋଜନାଟିର ସଂପୂର୍ଣ୍ଣ ଏବଂ ସଫଳ ରୂପାୟନ କରଯାଇଥିଲା । ବିନା ରକ୍ତପାତରେ ସାମରିକ ବାହିନୀ କ୍ଷମତାକୁ ଅକ୍ତିଆର କରିନେଲେ । ଏହି ଯୋଜନାର ଏକ ପ୍ରଧାନସର୍ତ୍ତ ହେଲାଯେ ଏକ ଅବାଧ ଏବଂ ମୁକ୍ତ ସାଧାରଣ ନିର୍ବାଚନ ଅକ୍‌ଟୋବର ୧୮,୧୯୭୭ ଦିନ ପାକିସ୍ଥାନରେ ଅନୁଷ୍ଠିତ ହେବ ଏବଂ ଦେଶର ଶାସନ ଆଉଥରେ ଅଣସାମରିକ ଲୋକଙ୍କ ହାତକୁ ଫେରିଯିବ ।"

କିନ୍ତୁ ଏହିବାକ୍ୟଗୁଡ଼ିକ ଲେଖାହେବା ଢାଳି କାଗଜ ଉପରେ ଶୁଖିବା ଆଗରୁ ଜିଆ-ଉଲ୍-ହକ ଚିନ୍ତା କରୁଥିଲେ କିପରି ତାଙ୍କର ଏକଛତ୍ର ଶାସନ ପାକିସ୍ଥାନରେ ଦୀର୍ଘଦିନ ଧରି ଚାଲିପାରିବ । ତୀକ୍ଷ୍ଣ ବୁଦ୍ଧିସଂପନ୍ନ ଜିଆ ନିଶ୍ଚୟ ହୃଦୟଙ୍ଗମ କରିଥିଲେ ଯେ ପାକିସ୍ଥାନରେ ଜୁଲଫିକର ଅଲ୍ଲୀ ଭୁଟ୍ଟୋ ସବୁଠୁ ଗ୍ରହଣଯୋଗ୍ୟ ନେତା ଏବଂ ତାଙ୍କୁ ରାଜନୀତିରୁ ବିଦାୟ ନଦେବା ପର୍ଯ୍ୟନ୍ତ ଜିଆଙ୍କ ଶାସନ ଦୀର୍ଘକାଳ ଧରି ଚାଲିବା ଅସମ୍ଭବ । ତେଣୁ କ୍ଷମତା ଗ୍ରହଣ କରିବା ପରେ ସେ ଏକ ଷଡ଼ଯନ୍ତ୍ରର ରଚୟିତା ହୋଇ ଜଣେ ରାଜନୀତିଜ୍ଞଙ୍କୁ ଭୁଟ୍ଟୋଙ୍କ ବିରୋଧରେ କେତେକ ଗୁରୁତର ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗ ଆଣିବାକୁ କହିଲେ ସେ ଅଭିଯୋଗମାନଙ୍କ ଭିତରୁ ଗୋଟିଏ ହେଲାଯେ ଭୁଟ୍ଟୋ ନିଜର ସମର୍ଥକଙ୍କଦ୍ୱାରା ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର ଜଣେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହତ୍ୟା କରାଇ ଦେଇଥିଲେ । ଏହି ଅଭିଯୋଗମାନଙ୍କର ବିଚାର ପାକିସ୍ଥାନର ବିଚାରପତି-ମାନଙ୍କରେ ଆରମ୍ଭହେଲା ଏବଂ ଶେଷରେ ପାକିସ୍ଥାନର ସୁପ୍ରିମ୍‌କୋର୍ଟ ଏହି ବିଚାର କରିବାପରେ ଭୁଟ୍ଟୋଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ସୁପ୍ରିମ୍‌କୋର୍ଟର ବିଚାରପତିମାନେ ଜିଆଙ୍କ ଅନୁଗ୍ରହପ୍ରାର୍ଥୀ ହୋଇଥିବାରୁ ଜିଆଙ୍କୁ ଆନନ୍ଦ ଦେବା ନିମନ୍ତେ ଭୁଟ୍ଟୋଙ୍କୁ ଫାଶୀ ଆଦେଶ ଦିଆଯାଇଥିଲା । ଏହି ଅଭିଯୋଗ, ବିଚାର ଏବଂ ଦଣ୍ଡାଦେଶ ଏତେ ଅସ୍ୱାଭାବିକ ଥିଲା ଯେ ନିଜେ ଭୁଟ୍ଟୋ କିମ୍ବା ତାଙ୍କର ପରିବାର ଏହିବିଷୟର ଗୁରୁତ୍ୱ ଏବଂ ଚରମ ପରିଣତି ବିଷୟରେ ସଂପୂର୍ଣ୍ଣ ଅଜ୍ଞ ଥିଲେ । ଅବଶେଷରେ ଭୁଟ୍ଟୋଙ୍କ ଜୀବନରକ୍ଷା କେବଳ ରାଷ୍ଟ୍ରପତିଙ୍କ ଦୟାଉପରେ ନିର୍ଭର କରୁଥିଲା ଏବଂ ଭୁଟ୍ଟୋଙ୍କର ଅତୀବ ବିଶ୍ୱାସନୀୟ ଭୃତ୍ୟ ବୋଲି କୁହାଯାଉଥିବା ଜିଆ-ଉଲ୍ ହକ୍ ହିଁ ଏହିଦୟା ପ୍ରଦର୍ଶନ କରି ପାରିଥାନ୍ତେ । ସମଗ୍ର ବିଶ୍ୱର ବହୁ ରାଜନୀତିଜ୍ଞ, ନେତା ଏବଂ ଚିନ୍ତାଶୀଳ ବ୍ୟକ୍ତିମାନେ ଜିଆ-ଉଲ୍-ହକ୍‌ଙ୍କୁ ଏହି ଦୟା ପ୍ରଦର୍ଶନ କରିବା ନିମନ୍ତେ ପରାମର୍ଶ ଏବଂ ନିବେଦନ କରିଥିଲେ । କିନ୍ତୁ ଜିଆ ଯେ ନିଜର ଅଖଣ୍ଡ ଏବଂ ଅବାଧ ସାମ୍ରାଜ୍ୟର ସ୍ୱପ୍ନ ଦେଖୁଥିଲେ । ସେ ଜାଣିଥିଲେ ସେହି ପଥର ଏକମାତ୍ର ବାଧା ଜୁଲଫିକର ଅଲ୍ଲୀ ଭୁଟ୍ଟୋ ଏବଂ ସେହି ବାଧା ଦୂରନକଲେ ନିଷ୍କଣ୍ଟକ ସାମ୍ରାଜ୍ୟ ଯେ ଗଢ଼ିପାରିବେ ନାହିଁ କିଆ-ଉଲ୍-ହକ୍ । ତେଣୁ ଆଇନର ପରିଧି ଭିତରେ, ଆଇନାନୁମୋଦିତ ପନ୍ଥାରେ ଏବଂ ଆଇନ ଦ୍ୱାରା ରାଓଲପିଣ୍ଡି କେନ୍ଦ୍ର ଜେଲରେ ଏପ୍ରିଲ ୪, ୧୯୭୯ ଦିନ ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କୁ ଏକସାଧାରଣ ଖୁନୀ ଆସାମୀ ହିସାବରେ ବେକରେ ଫାଶ ଝୁଲାଇ ଲଟକାଇ ଦିଆଗଲା, ଜିଆ-ଉଲ-ହକ୍‌ଙ୍କ ନିର୍ମମ ଓ ନିଷ୍ଠୁର ଚକ୍ରାନ୍ତ ଯୋଗୁଁ ।

ସାମରିକ ଶାସନ ପ୍ରବର୍ତ୍ତନ ହେବା ପରେ ଜେନେରାଲ ଜିଆ ମୁଖ୍ୟ ସେନା ଶାସକ ପଦବୀ ଗ୍ରହଣ କରି, ଭୁଟ୍ଟୋଙ୍କ ଦ୍ୱାରା ପ୍ରବର୍ତ୍ତିତ ପାକିସ୍ଥାନର ୧୯୭୩ର ସମ୍ବିଧାନକୁ ସାମୟିକ ଭାବରେ ସ୍ଥଗିତ କରିଦେଲେ ଏବଂ ପ୍ରାଦେଶିକ ସମସ୍ତ ବିଧାନସଭାଗୁଡ଼ିକୁ ଭାଙ୍ଗି ଦେଲେ । ସେତେବେଳେ ଜେନେରାଲ ଜିଆଙ୍କର ଦୁଇଟି ଲକ୍ଷ୍ୟ ଥିଲା–ପ୍ରଥମତଃ ସେନା ଶାସନକୁ ସୁଦୃଢ଼ ଏବଂ ଚିରସ୍ଥାୟୀ କରିବା ନିମନ୍ତେ ଆବଶ୍ୟକୀୟ ଶାସନ ସଂସ୍କାର କରିବା ଏବଂ ଦ୍ୱିତୀୟତଃ ଶାସନ ଭିତରୁ ସମସ୍ତ ଭୁଟ୍ଟୋ ସମର୍ଥକମାନଙ୍କୁ ବାଛି ବାଛି ଅଳିଆ ଭଳି ଫୋପାଡ଼ି ଦେବା । କିନ୍ତୁ ନିଜର ପ୍ରକୃତ ଉଦ୍ଦେଶ୍ୟକୁ ଲୁଚାଇରଖିବା ମିଠା ଭାଷା ଏବଂ ଲମ୍ବାକଥା କହିବା ଜେନେରାଲ ଜିଆଙ୍କ ପ୍ରକୃତିର ଏକ ବିଶିଷ୍ଟ ଦିଗ । ତେଣୁ ସେ ବାରମ୍ବାର ଘୋଷଣା କରୁଥିଲେ ଯେ ଶାସନ ଗ୍ରହଣ କରିବାର ନବେ ଦିନ ମଧ୍ୟରେ ଏକ ଅବାଧ ଏବଂ ମୁକ୍ତ ନିର୍ବାଚନ ମାଧ୍ୟମରେ ନିର୍ବାଚିତ ଲୋକପ୍ରତିନିଧି ମୂଳକ ସରକାରଙ୍କୁ କ୍ଷମତା ଦେଇ ସେନାବାହିନୀ ଗୋଟିଏ ଗୁରୁଦାୟିତ୍ୱରୁ ମୁକ୍ତି ପାଇବ ଏବଂ ଏହାହିଁ ସାମରିକ ଶାସନର ଏକମାତ୍ର ଲକ୍ଷ୍ୟ ଅଟେ । ନିର୍ବାଚନ ଭୁଟ୍ଟୋ ନିମନ୍ତେ ଉପର ଠାଉରିଆ ଭାବରେ ପ୍ରସ୍ତୁତି ପର୍ବ ଆରମ୍ଭ କରି

ଦେଇ ସେ ଭୁଟୋଙ୍କ ବିରୋଧୀ ରାଜନୈତିକ ଦଳମାନଙ୍କର ଅଗାଧ ପ୍ରଶଂସା ପାଇବା ବେଳେ, ପ୍ରକୃତରେ ପ୍ରଚଳିତ ଶାସନ ବ୍ୟବସ୍ଥାର ସୁଦୂର ଦିଗନ୍ତ ବ୍ୟାପୀ ସଂସ୍କାର କରି ଦେଶକୁ ପାଞ୍ଚ ଗୋଟି ସାମରିକ ବିଭାଗରେ ବିଭକ୍ତ କରି ଦେଇଥିଲେ । ଅଗଷ୍ଟ ୨୩,୧୯୭୮ ଦିନ, ଅର୍ଥାତ୍ ସାମରିକ ଶାସନ ପ୍ରବର୍ତ୍ତନ ହେବାଠାରୁ ତେର ମାସ ଅତିବାହିତ ହୋଇ ଯିବା ପରେ ଦେଶରେ ନିର୍ବାଚନ ବଦଳରେ ଜେନେରାଲ ଜିଆ ଭୁଟୋ-ବିରୋଧୀ ଦଳର ନେତାମାନଙ୍କୁ ନେଇ ଏକ ଅଣସାମରିକ ମନ୍ତ୍ରୀମଣ୍ଡଳ ଗଠନ କରି ଦେଲେ । ବିନା ନିର୍ବାଚନରେ ମନ୍ତ୍ରୀ ହୋଇ ପାରିଥିବା ରାଜନୈତିକ ନେତାମାନେ ଗଦ୍‌ଗଦ ହୋଇ ଜିଆଙ୍କୁ ଗଣତନ୍ତ୍ରର ରକ୍ଷକ ତଥା ପାକିସ୍ଥାନର ବନ୍ଧୁ ବୋଲି ଘୋଷଣା କରୁଥିବା ବେଳେ, ଜିଆ ପ୍ରକୃତ କ୍ଷମତା ହସ୍ତଗତ କରିବା ନିମନ୍ତେ ଉଦ୍ୟୋଗୀ ହୋଇ ଯାଉଥିଲେ । ସେପେଟମ୍ବର ୧୪, ୧୯୭୮ ଦିନ ରାଷ୍ଟ୍ରପତି ଫଜଲ ଇଲାହୀ ଚୌଧୁରୀଙ୍କ ପାଞ୍ଚ ବର୍ଷିଆ କାର୍ଯ୍ୟକାଳ ପୂରି ଯିବା ପରେ ଜେନେରାଲ ଜିଆ ତାଙ୍କୁ ସଶ୍ରଦ୍ଧ ଓ ସସମ୍ମାନ ବିଦାୟ ଜଣାଇ ନିଜେ ରାଷ୍ଟ୍ରପତି ହୋଇ ଯାଇଥିଲେ । ଏବେ ସେ ଦେଶର ସେନାବାହିନୀର ମୁଖ୍ୟ, ଦେଶର ଶାସନର ମୁଖ୍ୟ ଏବଂ ରାଷ୍ଟ୍ରର ମୁଖ୍ୟ ହିସାବରେ ଏକାଧାରରେ ସେନା ବାହିନୀ, ଶାସନ ବିଭାଗ, ବିଚାର ବିଭାଗ ଏବଂ ରାଷ୍ଟ୍ରର ଅଳଙ୍କରଣ ମୁଖ୍ୟ ହୋଇ ରହିଲେ । ତେଣୁ ତାଙ୍କର ପ୍ରଭାବ ଓ ପ୍ରତିପତ୍ତି ଅନେକ ଗୁଣରେ ବୃଦ୍ଧି ପାଇ ଦେଶର ନିରଙ୍କୁଶ ଏକଛତ୍ରାଧିପତି ହେବା ସୁଯୋଗ ଆଣିଦେଲା । ଏହି କ୍ଷମତାର ଅଧିକାରୀ ହେବା ପରେ ସେ ଜୁଲଫିକର ଅଲ୍ଲୀ ଭୁଟୋଙ୍କୁ ଫାଶୀ ଦେବା ନିମନ୍ତେ ଆଦେଶ ଦେବାକୁ ସାହସ କରି ପାରିଥିଲେ ।

ସେନା ବାହିନୀର ଅଧିନାୟକ ଜେନେରାଲ ଜିଆ କ୍ରମେ ଦେଶର ନିରଙ୍କୁଶ ଏବଂ ଏକଛତ୍ର ଶାସକ ହୋଇ ଯିବା ପରେ, ଗଣତାନ୍ତ୍ରିକ ପନ୍ଥାର ପରିପନ୍ଥୀ ଉପାୟ ଦ୍ୱାରା ଦେଶକୁ କବଳିତ କରିବାକୁ ଓ ମିଥ୍ୟା ପ୍ରତିଶ୍ରୁତି; ଲୋକ ସମ୍ପର୍କରେ ଅଦ୍ଭୁତ ପ୍ରଚାର ଏବଂ ଭୟ ପ୍ରଦର୍ଶନ ଦ୍ୱାରା ବିଭିନ୍ନ ରାଜନୈତିକ ଦଳମାନଙ୍କୁ ନିଜର ସ୍ତାବକ କରିରଖିବାକୁ ସମର୍ଥ ହୋଇ ଥିଲେ ମଧ୍ୟ ମାନବିକତା ଅଧିକାରକୁ ପଦଦଳିତ କରି ଦେବା ଏବଂ ଭୁଟୋଙ୍କୁ ଫାଶୀ ଦେବା ହେତୁ ସେ ବିଶ୍ୱ ଦରବାରରେ ଅପାଙ୍କ୍ତେୟ ହୋଇ ରହିଥିଲେ । ଏହି ଅବସ୍ଥାରେ ୧୯୭୯ରେ ଋଷ ଦେଶ ଆଫଗାନିସ୍ଥାନ ଆକ୍ରମଣ କରି ଜିଆଙ୍କୁ ଏକ ନବଜୀବନ ଆଣିଦେଲା । ଆଫଗାନିସ୍ଥାନ ପରିପ୍ରେକ୍ଷୀରେ ଜିଆ ଆମେରିକାର ପ୍ରିୟ ବନ୍ଧୁ ହୋଇଗଲେ । ଠିକ୍ ସେତିକି ବେଳକୁ ଯୁକ୍ତରାଷ୍ଟ୍ର ଆମେରିକାର ଇରାନୀୟ ଦୁର୍ଗ ଭୁଶୁଡ଼ି ପଡ଼ିଲା । ଇରାନ୍‌ର ଶାହା ରାଜ୍ୟ ପରିତ୍ୟାଗ କରି ପଳାୟନ କଲେ ଏବଂ ଆମେରିକ ବିରୋଧ ଆୟାତୁଲ୍ଲା ଖୋମେନୀ ଇରାନ୍‌ର ସର୍ବେସର୍ବା ହୋଇଗଲେ । ତେଣୁ ଆମେରିକାର ମଧ୍ୟ ପ୍ରାଚ୍ୟର ଶ୍ରେଷ୍ଠ ବନ୍ଧୁ ହେଲେ ଜେନେରାଲ ଜିଆ ।

ଆନ୍ତର୍ଜାତିକ କ୍ଷେତ୍ରରେ ଆଫଗାନ ସମସ୍ୟାର ସୃଷ୍ଟି ଜିଆଙ୍କ ନିମନ୍ତେ ଏକ ବରଦାନ । ଆଫଗାନ ଶରଣାର୍ଥୀଙ୍କୁ ପାକିସ୍ଥାନରେ ରହିବା ନିମନ୍ତେ ସମସ୍ତ ସୁବିଧା କରି, ଆଫଗାନୀ ଶରଣାର୍ଥୀମାନଙ୍କ ନିମନ୍ତେ ଆଧୁନିକତମ ଅସ୍ତ୍ରଶସ୍ତ୍ର, ରକେଟ୍ କ୍ଷେପଣାସ୍ତ୍ର, ଟ୍ୟାଙ୍କ, ଲଢୁଆ ଉଡ଼ାଜାହାଜ ପ୍ରଭୃତି ଯୁକ୍ତରାଷ୍ଟ୍ର ଆମେରିକାରୁ ଦାନ ଏବଂ ଋଣ ସୂତ୍ରରେ ପାଇ ଜିଆ ପାକିସ୍ଥାନକୁ କ୍ରମେ ଶକ୍ତିଶାଳୀ କରି ତୋଳିଲେ । ଏଥି ନିମନ୍ତେ ସେ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ପ୍ରତିବର୍ଷ କୋଟି କୋଟି ଡଲାର ସାହାଯ୍ୟ ଏବଂ ଋଣ ଆକାରରେ ପାଇ ଆସିଛନ୍ତି । କେବଳ ଅସ୍ତ୍ରଶସ୍ତ୍ର ବାବଦରେ ସେ ବର୍ଷକୁ ୪୦ କୋଟି ଡଲାର ଏବଂ ଶରଣାର୍ଥୀଙ୍କ ନିମନ୍ତେ ବାସସ୍ଥାନ, ଖାଦ୍ୟ, ଔଷଧ ଇତ୍ୟାଦି ବାବଦରେ ବର୍ଷକୁ ୨୦ କୋଟି ଡଲାର ପାଇଥିବା ସମ୍ବାଦ ପ୍ରଚାର କରାଯାଇ ଅଛି । ଏହି ସମୟରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରେଗନ ଏବଂ ତାଙ୍କର ସରକାର ଜେନେରାଲ ଜିଆଙ୍କ ପ୍ରତି ବିଶେଷ ଅନୁକୂଳ ଥିଲେ ଏବଂ ସେହି ହାଓ୍ୱାର ପୂର୍ଣ୍ଣ ସଦ୍‌ବ୍ୟବହାର ଜେନେରାଲ ଜିଆ କରିବାକୁ ସମର୍ଥ ହୋଇଥିଲେ ।

ଆଫଗାନିସ୍ଥାନରେ ଶରଣାର୍ଥୀମାନେ ଜେନେରାଲ ଜିଆଙ୍କ ରାଜକୋଷ ନିମନ୍ତେ ଅପର୍ଯ୍ୟାପ୍ତ ଧନ ଆଣିବା ନିମନ୍ତେ ଏକ ମୁଖ୍ୟ ରାସ୍ତା ହେବା ସଙ୍ଗେ ସଙ୍ଗେ ପାକିସ୍ଥାନ ଜନ ଜୀବନର ସାମାଜିକ ଅବନତିର କାରଣ ହୋଇଛନ୍ତି । ପାକିସ୍ଥାନରେ ଏବେ ନିଶା, ହେରୋଇନ୍ ଓ ହାଶିଶ୍‌ର ଚୋରା ବଜାରର ସ୍ରୋତ ଖୋଲା ବଜା[illegible] ଆସିଯାଇଛି । ଅତ୍ୟନ୍ତ ଆଧୁନିକ ଷ୍ଟେନଗନ୍, ରାଇଫଲ ଇତ୍ୟାଦି ଅସ୍ତ୍ରଶସ୍ତ୍ର ଦେଶର ବଜାରମାନଙ୍କରେ ଅତି ସହଜରେ ମିଳିଯାଉଛି । ତେଣୁ ଦେଶରେ ଚୋରୀ ଡକାୟତି ବୃଦ୍ଧି ପାଇଛି ।

## ଜିଆଙ୍କ ଭାରତ ନୀତି

ଜେନେରାଲ ଜିଆ ଭଲଭାବରେ ଜାଣିଥିଲେ ଯେ ପାକିସ୍ଥାନ ନିମନ୍ତେ ଭାରତ ହିଁ ସବୁଠାରୁ ବଡ଼ ସମସ୍ୟା । ପାକିସ୍ଥାନର ସବୁ ଅନ୍ତର୍ଦେଶୀୟ ଏବଂ ଆନ୍ତର୍ଦେଶୀୟ ନୀତିର କଷଟି ପଥର ହେଉଛି ଭାରତ । ବିଶେଷତଃ ବଙ୍ଗଳାଦେଶ ସୃଷ୍ଟି ହେବା ପରେ ଏହି ସମସ୍ୟା ଆହୁରି ଗୁରୁତର ହୋଇ ଯାଇଅଛି ।

ତେଣୁ ଭାରତ ସହ ବନ୍ଧୁ ଭାବ ରଖି ଭିତରେ ଭିତରେ ଶତ୍ରୁ ଭାବରେ ପ୍ରଜ୍ଜ୍ୱଳିତ କରି ରଖିବାକୁ ଜିଆ ମନସ୍ଥ କରିଥିଲେ । ଭାରତ ସହ ଜିଆଙ୍କର ପରରାଷ୍ଟ୍ର ନୀତିକୁ (A yard from the brink) ବା ତୁଙ୍ଗସ୍ଥାନର ଧାରଠୁ ମାତ୍ର ଗଜେ ବ୍ୟବଧାନ ବୋଲି ବର୍ଣ୍ଣନା କରାଯାଇପାରେ । ଅର୍ଥାତ୍ ସର୍ବଦା ଯୁଦ୍ଧ ଲାଗିଲାଗି ଆସୁଥିବା ମନୋଭାବ ଅଥଚ ପ୍ରକୃତରେ ଯୁଦ୍ଧ ଲାଗିବାର କୌଣସି ସୂଚନା ନାହିଁ । ଏପରି ପରରାଷ୍ଟ୍ର ନୀତି ଯୋଗୁଁ ଉଭୟ ଭାରତ ଏବଂ ପାକିସ୍ଥାନ ଏକ ଅସରନ୍ତି ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରେ ବ୍ୟସ୍ତ ରହିଛନ୍ତି ଏବଂ ଏହି ଅସ୍ତ୍ରଶସ୍ତ୍ର ଉଭୟ ପାରମ୍ପାରିକ ଏବଂ ଆଣବିକ କ୍ଷେତ୍ର ନିମନ୍ତେ ବ୍ୟବହାର ଉପଯୋଗୀ ଅଟେ । ଏହି ନୀତି ଯୋଗୁଁ ପରସ୍ପର ମଧ୍ୟରେ ଅବିଶ୍ୱାସ ସର୍ବଦା ବାତାବରଣକୁ ବିଷାକ୍ତ ରଖି ଅଛି ଏବଂ ସେଥିଯୋଗୁ ଉଭୟ ଦେଶ ନିଜର ସ୍ୱଳ୍ପ ସମ୍ବଳରୁ ବହୁ ଅଂଶ ଦେଶରକ୍ଷା ବାବଦରେ ଖର୍ଚ୍ଚ କରୁଛନ୍ତି । ଏହି

ଦୃଷ୍ଟିରୁ ପାକିସ୍ତାନର ଆଣବିକ ନୀତି, ଶିଖ ନୀତି ଏବଂ ଅନ୍ୟାନ୍ୟ ବିଦ୍ୟମାନ ନୀତିର ପୁନଃମୂଲ୍ୟାୟନ ହୋଇ ପାରିଲେ ଅନେକ ବିଷୟ ସରଳ ହୋଇଯିବ ।

ଜିଆଙ୍କ ଭାରତ ନୀତିର ଏକ ଅନୁସିଦ୍ଧାନ୍ତ ହେଲା ଯେ ଭାରତ ମିତ୍ରମାନେ ପାକିସ୍ତାନର ଶତ୍ରୁ ଏବଂ ଭାରତର ଶତ୍ରୁମାନେ ପାକିସ୍ତାନର ମିତ୍ର ହେବେ । ଏହି ଅନୁସିଦ୍ଧାନ୍ତ ପ୍ରାୟ ସ୍ୱତଃ ସିଦ୍ଧ ବୋଲି ଗ୍ରହଣ କରାଯାଇପାରେ । ସେହି ଦୃଷ୍ଟିରୁ ଯୁକ୍ତରାଷ୍ଟ୍ର ଆମେରିକା, ଋଷିଆ, ଚୀନ, ବ୍ରିଟେନ ପ୍ରଭୃତି ଦେଶ ସହ ଭାରତ ତଥା ପାକିସ୍ତାନର ସଂପର୍କ ବିଶ୍ଳେଷଣ କରିହେବ ।

## ପୂର୍ବରୁ ହତ୍ୟା ଉଦ୍ୟମ

ଜେନେରାଲ ଜିଆଙ୍କୁ ଅଗଷ୍ଟ ୧୭, ୧୯୮୮ ପୂର୍ବରୁ ଅନ୍ତତଃ ଛଅଥର ବ୍ୟର୍ଥ ଚେଷ୍ଟା କରାଯାଇଥିଲା ହତ୍ୟା କରିବା ନିମନ୍ତେ ।

ମାର୍ଚ୍ଚ ୧୯୮୦ରେ ପାକିସ୍ତାନ ସେନାବାହିନୀର ଜଣେ ମେଜର ଜେନେରାଲ ଏବଂ ତାଙ୍କ ପୁଅକୁ ରାଷ୍ଟ୍ରପତିଙ୍କୁ ହତ୍ୟା କରିବା ଅପରାଧରେ ଗିରଫ କରା ହୋଇଥିଲା । ସେହି ମେଜର ଜେନେରାଲଙ୍କ ନାମ ତାଜମଲ ହୁସେନ ।

୧୯୮୨ରେ ଜେନେରାଲ ଜିଆ ରାଓଲପିଣ୍ଡି ଉପରେ ବିମାନରେ ଗଲାବେଳେ, ସେହି ବିମାନକୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା । କିନ୍ତୁ ଜେନେରାଲ ଜିଆ ସେ ଯାତ୍ରା ନିରାପଦରେ ଶେଷ କରି ପାରିଥିଲେ । ଏହି କ୍ଷେପଣାସ୍ତ୍ର ଆକ୍ରମଣ ଜୁଲଫିକର ଅଲ୍ଲୀ ଭୁଟୋଙ୍କର ପୁତ୍ର ମୁରତାଜ ଅଲ୍ଲୀଙ୍କର ସଂଗଠିତ ଅଲ୍-ଜୁଲଫିକର ନାମକ ଗୋଟିଏ ଆତଙ୍କବାଦୀ ସଂଗଠନର କାର୍ଯ୍ୟ ବୋଲି ଜଣାପଡ଼ିଥିଲା ।

୧୯୮୨ରେ ଜଣେ ବ୍ୟକ୍ତି କୋରାନ୍ ଧର୍ମଗ୍ରନ୍ଥ ଭିତରେ ଶକ୍ତିଶାଳୀ ବିସ୍ଫୋରକ ଭର୍ତ୍ତି କରି ବିଶିଷ୍ଟ ବ୍ୟକ୍ତିଙ୍କୁ ହତ୍ୟା କରିବା ନିମନ୍ତେ ପରିକଳ୍ପନା କରିଥିଲେ । ତେଣୁ ତାଙ୍କୁ ୪୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଧର୍ମପ୍ରାଣ ଜେନେରାଲ ଜିଆଙ୍କର କୋରାନ ପ୍ରତି ଅତ୍ୟଧିକ ସମ୍ମାନ ଏବଂ ଆଦର ଥିବା ବିଷୟ ସମସ୍ତେ ଜାଣିଛନ୍ତି । ଦଣ୍ଡିତ ବ୍ୟକ୍ତି ଜେନେରାଲ ଜିଆଙ୍କୁ ହତ୍ୟା କରିବାକୁ ଚେଷ୍ଟା କରୁଥିଲେ ବୋଲି କୁହାଯାଏ ।

୧୯୮୩ରେ ଜଣେ ପୂର୍ବତନ କ୍ରିକେଟ ଖେଳାଳୀ ଅଫତାବ୍ ଗୁଲ୍‌ଙ୍କ ବାସ ଭବନରୁ ସାମରିକ ଗୋଇନ୍ଦା ବିଭାଗ ଦୁଇଗୋଟି ଭୂପୃଷ୍ଠରୁ ଆକାଶକୁ ଯାଇପାରୁଥିବା କ୍ଷେପଣାସ୍ତ୍ର ଜବତ କରିଥିଲେ । ଏହି ଦୁଇଟି କ୍ଷେପଣାସ୍ତ୍ର ଜେନେରାଲ ଜିଆଙ୍କୁ ହତ୍ୟା କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଉଥିଲା ।

୧୯୮୫ରେ ଜିଆଙ୍କୁ ଗାଦିଚ୍ୟୁତ କରିବା ନିମନ୍ତେ ଷଡଯନ୍ତ୍ର କରିଥିବା ଅଭିଯୋଗରେ ସାତଜଣ ସାମରିକ ଅଫିସରଙ୍କୁ ସେନା ବିଚାରାଳୟରେ ବିଚାର କରାଯାଇଥିଲା । ୧୯୮୫ର ଶେଷ ଭାଗରେ ଅନୁରୂପ ଅଭିଯୋଗରେ ଅନ୍ୟ ୧୨ ଜଣ ସାମରିକ ଅଫିସରଙ୍କର ବିଚାର କରାଯାଇଥିଲା ।

ଏଥିରୁ ସ୍ପଷ୍ଟ ହେବ ଯେ ଜିଆଙ୍କୁ ଗାଦିଚ୍ୟୁତ ବା ହତ୍ୟା କରିବା ନିମନ୍ତେ ଧାରାବାହିକ ଭାବରେ ଉଦ୍ୟମ ହେଉଥିଲା ଏବଂ ଏହି ଉଦ୍ୟମ ସହିତ ମୁଖ୍ୟତଃ ପାକିସ୍ତାନର ଆଭ୍ୟନ୍ତରୀଣ ସମସ୍ୟାର ସଂପର୍କ ରହିଥିଲା ।

## ଦୁର୍ଘଟଣାର ବିବରଣୀ

ଆମେରିକାରେ ନିର୍ମିତ ହୋଇଥିବା ଗୋଟିଏ ଏମ୍. ଅଣ୍‌. ଟ୍ୟାଙ୍କ ଭାରତୀୟ ସୀମାନ୍ତ ମରୁଭୂମିରେ କିପରି ଦକ୍ଷତାର ସହ କାର୍ଯ୍ୟ କରିପାରିବ ସେ ସଂପର୍କରେ ଏକ ଉଚ୍ଚସ୍ତରୀୟ ନିଷ୍ପତ୍ତି ନେବାକୁ ଜେନେରାଲ ଜିଆ ଓ ଇସଲାମବାଦରେ ଥିବା ଆମେରିକାର ରାଷ୍ଟ୍ରଦୂତ, ପାକିସ୍ତାନ ସେନାବାହିନୀର କେତେକ ଅତି ବିଶିଷ୍ଟ ସେନାନାୟକ, ଆମେରିକାର ଯାନ୍ତ୍ରୀକ ବାହିନୀର ଜଣେ ବ୍ରିଗେଡ଼ିଅର ଜେନେରାଲ ଏକ ଗୁପ୍ତ ଗସ୍ତରେ ଭାଓ୍ୱାଲପୁରଠାରେ ପହଞ୍ଚିଥିଲେ । ଟ୍ୟାଙ୍କର କାର୍ଯ୍ୟ କ୍ଷମତା ଏବଂ ମରୁଭୂମିରେ ଉପଯୋଗିତା ପରୀକ୍ଷା କରିବା ପରେ ପାକିସ୍ତାନ ସେନାବାହିନୀ ନିମନ୍ତେ ଏହି ଟ୍ୟାଙ୍କ କିଣାଯିବ କି ନାହିଁ ତା'ର ନିଷ୍ପତ୍ତି ନିଆଯିବା କଥା । ଏହି ଉଚ୍ଚସ୍ତରୀୟ ଦଳରେ ପାକିସ୍ତାନର ଜଏଣ୍ଟ-ଚିଫସ୍- ଅଫ୍-ଷ୍ଟାଫ ଜେନେରାଲ ଅଖତାର ଅବଦୁଲ ରହମାନ, ଚିଫ୍-ଅଫ୍-ଜେନେରାଲ-ଷ୍ଟାଫ୍ ଲେଫଟନାଣ୍ଟ ଜେନେରାଲ ମହମ୍ମଦ ଆଫଜଲ, ଭାଇସ୍-ଚିଫ୍- ଅଫ୍- ଷ୍ଟାଫ୍ ଜେନେରାଲ ଅସଲାମ ବେଗ୍‌ଙ୍କ ବ୍ୟତୀତ ସେନାବାହିନୀର ତିନିଜଣ ମେଜର ଜେନେରାଲ ଓ ପାଞ୍ଚଜଣ ବ୍ରିଗେଡ଼ିୟର ମଧ୍ୟ ଥିଲେ । ଏହି ପରିଦର୍ଶନ ଏକାନ୍ତ ଗୋପନୀୟ ଭାବରେ କରାଯାଇଥିଲା, କାରଣ ଏହି ଟ୍ୟାଙ୍କଗୁଡ଼ିକ ଭାରତ ବିରୁଦ୍ଧରେ ଯୁଦ୍ଧ ସମୟରେ ଭାରତର ପଶ୍ଚିମ ସୀମାନ୍ତରେ ବ୍ୟବହାର କରାଯାଇଥାନ୍ତା ।

ଅଗଷ୍ଟ ୧୭, ୧୯୮୮ ଅପରାହ୍ନରେ ଘର ଲେଉଟାଣି ହୋଇ ସମସ୍ତେ ଭାଓ୍ୱାଲପୁର ବିମାନଘାଟିରେ ପହଞ୍ଚିଥିଲେ । ଯଥାରୀତି ସାମରିକ ଅଭିବାଦନ ସରିବା ପରେ ସନ୍ଧ୍ୟା ୪ଟିବେଳେ ବିମାନ ଛାଡ଼ିବା କଥା । କିନ୍ତୁ ବିମାନ ଛାଡ଼ିବା ପୂର୍ବରୁ ଜେନେରାଲ ଜିଆଙ୍କର ଜଣେ ବନ୍ଧୁ ତାଙ୍କୁ ଉପହାର ଦେଇଥିବା କିଛି ଅମ୍ବ କେତେଗୋଟି ଝୁଡ଼ିରେ ଆସି ପହଞ୍ଚିଥିଲା ଏବଂ ସେହି ଅମ୍ବ ଝୁଡ଼ି ସବୁ ଉଡାଜାହାଜରେ ନିଆ ହୋଇଥିଲା । ସେତେବେଳେ ଭାଇସ୍-ଚିଫ୍-ଅଫ୍ ଷ୍ଟାଫ୍ ଜେନେରାଲ ଅସଲାମ ବେଗଙ୍କର କାର୍ଯ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ କରାଯାଇ, ତାଙ୍କୁ ଜିଆଙ୍କ ସାଙ୍ଗରେ ଯିବାକୁ ନ ଦେଇ ଅନ୍ୟ ଗୋଟିଏ ଉଡାଜାହାଜରେ ଅନ୍ୟତ୍ର ଯିବାକୁ ପଡ଼ିଥିଲା ଏବଂ ସେହି ଆକସ୍ମିକ ପରିବର୍ତ୍ତନହିଁ ତାଙ୍କର ଜୀବନ ରକ୍ଷା କରିଦେଲା ଏବଂ ତାଙ୍କୁ ପାକିସ୍ତାନ ସେନାବାହିନୀର ମୁଖ୍ୟ ପଦବୀରେ ଅନୁଷ୍ଠିତ କରାଇ ପାରିଛି । ସେହି ଉଡାଜାହାଜରେ ଜେନେରାଲ ଅସଲାମ ବେଗ୍ ରାଷ୍ଟ୍ରପତି ଜିଆଙ୍କ ଉଡାଜାହାଜ ସି-୧୩୦ ବିମାନ ଘାଟୀ ଛାଡ଼ିବା ଅଳ୍ପ ସମୟ ପୂର୍ବରୁ ବିମାନଘାଟୀରୁ ବାହାରିଥିଲେ । ତା ପରେ ପରେ ଦାବର-୨ ନାମକ ଗୋଟିଏ ହେଲିକେପଟର ମଧ୍ୟ ବିମାନଘାଟୀରୁ ଉଡାଜାହାଜ ଉପରକୁ ଉଠିଥିଲା । ତା'ପରେ ରାଷ୍ଟ୍ରପତିଙ୍କ ସି-୧୩୦ ବିମାନଘାଟୀରୁ ବାହାରିଥିଲା ।

ଆମେରିକାର ଓ୍ୱାସିଂଟନ ଟାଇମସ୍‌ରେ ପ୍ରକାଶ ପାଇଛି ଯେ ରାଷ୍ଟ୍ରପତି ଜିଆ ଏବଂ ଆମେରିକାର ରାଷ୍ଟ୍ରଦୂତ ଆରନୋଲ୍ଡ ରାଫେଲଙ୍କୁ ପ୍ରାଣନାଶର ଧମକ ଅଳ୍ପଦିନ ତଳେ ଦିଆ ଯାଇଥିଲା । ଜିଆ-ଉଲ-ହକ୍‌ଙ୍କ ଜ୍ୟେଷ୍ଠ ପୁତ୍ର କହିଛନ୍ତି ଯେ ପିତାଙ୍କ ଜୀବନ ପ୍ରତି ବିପଦ ବିଷୟରେ ଅଳ୍ପଦିନ ତଳେ ଆଲୋଚନା କରିବା ବେଳେ ଜିଆ କହିଥିଲେ ଯେ ମୁସଲମାନଙ୍କ ମୃତ୍ୟୁର ଦିନ ଜନ୍ମତିଥିରେ ହିଁ ସ୍ଥିରୀକୃତ ହୋଇଥାଏ ଏବଂ ମୃତ୍ୟୁର ଧମକ ଦେଇ ମୋତେ କେହି ଡରାଇ ପାରିବେ ନାହିଁ ।

ବିମାନ ଛାଡ଼ିବାର ଅଳ୍ପ କେତେ ମିନିଟ୍‌ପରେ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଉଡ଼ାଜାହାଜ ଭାଓ୍ୱାଲପୁର ବିମାନଘାଟିର କଣ୍ଟ୍ରୋଲ ଟାଓ୍ୱାର ସହ ସଂପର୍କ ରକ୍ଷା କରିବାକୁ ଅସମର୍ଥ ହୋଇଥିଲା । ରାଷ୍ଟ୍ରପତି ଓ ତାଙ୍କର ସହଚରମାନେ ଭାଓ୍ୱାଲପୁରଠାରୁ ଆଠ କିଲୋମିଟର ଦୂରରେ ବସ୍ତି ଲାଲକମଲ ନାମକ ସ୍ଥାନରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଅନୁମାନ କରାଯାଉଅଛି, କାରଣ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ବିମାନ ସି–୧୩୦ର ଭଗ୍ନାବଶେଷ ଏବଂ ବିମାନ ଆରୋହୀମାନଙ୍କର ଖଣ୍ଡ ବିଖଣ୍ଡିତ ଦେହାବଶେଷ ସେଠାରେ ପ୍ରାୟ ଏକ ବର୍ଗ କିଲୋମିଟର କ୍ଷେତ୍ରରେ ବିଛାଡ଼ି ହୋଇ ପଡ଼ିଥିଲା । ଲାଲକମଲଠାରେ ସନ୍ଧ୍ୟା ୪.୧୦ ବେଳକୁ ନିର୍ଦ୍ଧିଷ୍ଟ ଭାବରେ ଜଣାଗଲା ଯେ ରାଷ୍ଟ୍ରପତିଙ୍କ ବିମାନଟି ବିଧ୍ୱସ୍ତ ହୋଇ ଯାଇଅଛି ।

ଜେନେରାଲ ଅସଲାମ ବେଗ୍ ନିଜ ବିମାନରୁ ରାଷ୍ଟ୍ରପତିଙ୍କ ବିମାନଟି ଧ୍ୱଂସ ପାଉଥିବା ଦୃଶ୍ୟ ନିଶ୍ଚୟ ଦେଖିଥିବେ । ସେ ପାକିସ୍ଥାନର ବର୍ତ୍ତମାନ ରାଷ୍ଟ୍ରପତି ଗୁଲାମ ଇଶାକ୍ ଖାଁଙ୍କ ଦ୍ୱାରା ଗଠିତ ନୂତନ ମନ୍ତ୍ରୀମଣ୍ଡଳର ଜଣେ ସଭ୍ୟ ଏବଂ ଜିଆଙ୍କ ମୃତ୍ୟୁ ହୋଇଥିବା ରାତ୍ରିର ବିଳମ୍ବିତ ପ୍ରହରରେ ବସିଥିବା ମନ୍ତ୍ରିମଣ୍ଡଳର ଜରୁରୀ ବୈଠକରେ ସେ କହିଥିବା ପ୍ରକାଶ ଯେ ସେ ରାଷ୍ଟ୍ରପତିଙ୍କ ଜାହାଜ ସାଙ୍ଗରେ ବେତାର ସଂପର୍କ ରଖିଥିଲେ ଏବଂ ଯେତେବେଳେ ସେହି ସଂପର୍କ ସେ ହରାଇ ବସିଲେ, ସେତେବେଳେ ସେ ନିଜର ବିମାନଚାଳକଙ୍କୁ ଭାଓ୍ୱାଲପୁର ବିମାନଘାଟିକୁ ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ସୁପରିକଳ୍ପିତ ହତ୍ୟାକାଣ୍ଡ

ଏହି ଦୁର୍ଘଟଣା ଆକସ୍ମିକ ଅଟେକି ? ରାଷ୍ଟ୍ରପତି ଜିଆ-ଉଲ-ହକ୍‌ଙ୍କ ସ୍ୱତନ୍ତ୍ର ବିମାନ ସି–୧୩୦ ଆମେରିକାର ପ୍ରମୁଖ ବିମାନ ନିର୍ମାଣକାରୀଙ୍କ ଦ୍ୱାରା ନିର୍ମିତ ଏବଂ ଏହି ବିମାନକୁ ଅଭେଦ୍ୟ ଏବଂ ସୁରକ୍ଷିତ ଉଡନ୍ତା ପୋତ ବୋଲି କୁହାଯାଏ । ଅଗଷ୍ଟ ୧୭, ୧୯୮୮ ଦିନ ରାଷ୍ଟ୍ରପତି ତଥା ପାକିସ୍ଥାନର ଶ୍ରେଷ୍ଠତମ ଆମେରିକାର ରାଜଦୂତ ଓ ସେନା ବାହିନୀର ବରିଷ୍ଠତମ ଦୁଇଜଣ ସେନାପତି ଏହି ବିମାନରେ ଯାଉଥିଲେ ଏବଂ ତେଣୁ ଏହି ବିମାନଟିର ଯାନ୍ତ୍ରିକ ରକ୍ଷଣାବେକ୍ଷଣ ନିଶ୍ଚୟ ଉଚ୍ଚତମ ମାନର ହୋଇଥିବ ବୋଲି ଆଶା କରାଯିବା ସ୍ୱାଭାବିକ । ତେଣୁ ଏହି ଦୁର୍ଘଟଣା ଆକସ୍ମିକ ନୁହେଁ ବୋଲି ଆଶା କରାଯିବା ସ୍ୱାଭାବିକ ଅଟେ । ଏହି ଦୁର୍ଘଟଣା ଯେ କୌଣସି ଆତତାୟୀର ସୁପରିକଳ୍ପିତ ହତ୍ୟାକାଣ୍ଡ ଏଥିରେ ସନ୍ଦେହ ନାହିଁ । ପ୍ରତ୍ୟେକ ବିମାନରେ ଗୋଟିଏ କୃଷ୍ଣ ପେଟିକା ରହିଥାଏ ଏବଂ ଏହି କୃଷ୍ଣ ପେଟିକାରେ ବିମାନ ଚାଳକ ବେତାର ସଂପର୍କ ରଖି କଥାବାର୍ତ୍ତା ହେଉଥିବା ପ୍ରତ୍ୟେକ ଖୁଣ୍ଟିନାଖି କଥାବାର୍ତ୍ତା ରେକର୍ଡ କରାଯାଇଥାଏ । ଏହି କୃଷ୍ଣ ପେଟିକା ବିମାନର ଧ୍ୱଂସାବଶେଷରୁ ଉଦ୍ଧାର କରାଯାଇଅଛି କିନ୍ତୁ ଏହି କୃଷ୍ଣ ପେଟିକାରୁ ଦୁର୍ଘଟଣା ସଂପର୍କରେ କୌଣସି ତଥ୍ୟ ପ୍ରକାଶ ପାଇନାହିଁ । ତେଣୁ ବିମାନ ଦୁର୍ଘଟଣା ସଂପର୍କରେ ବିମାନ ଚାଳକ କୌଣସି ସୂଚନା ପାଇନାହାନ୍ତି ବା ବିମାନ ଚାଳକ ନିଜେ ଏ ସଂପର୍କରେ ଜାଣିଜାଣି ନୀରବତା ଅବଲମ୍ବନ କରି ଅଛନ୍ତି । ଏହି ଦୁର୍ଘଟଣା ଘଟିବାର ଗୋଟିଏ ସମ୍ଭାବ୍ୟ କାରଣ ହେଉଛି ବିସ୍ଫୋରଣ । ଏହି ବିସ୍ଫୋରଣ ସମ୍ଭବତଃ ବିମାନ ଚାଳକଙ୍କ ବସିବା ସ୍ଥାନରେହିଁ ହୋଇଛି, ଯେଉଁ କାରଣରୁ ବିମାନ ଚାଳକ ଆଉ କୌଣସି କଥାବାର୍ତ୍ତା କରିବାକୁ ସମୟ ମଧ୍ୟ ପାଇ ପାରିନାହାନ୍ତି ।

ତେଣୁ ସନ୍ଦେହ କରାଯିବା ସ୍ୱାଭାବିକ ଯେ ଜିଆଙ୍କ ବନ୍ଧୁ ଦେଇଥିବା ଆମ୍ବ ଝୁଡ଼ିରେ ଏକ ଶକ୍ତିଶାଳୀ ବିସ୍ଫୋରକ ରଖା ଯାଇଥିଲା । ଯାହା ଏକ ନିର୍ଦ୍ଦିଷ୍ଟ ସମୟରେ ବିସ୍ଫୋରଣ ହେବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ଏହି ଆମ୍ବ ଝୁଡ଼ି ଗୁଡ଼ିକ ରାଷ୍ଟ୍ରପତିଙ୍କ ନିମନ୍ତେ ସ୍ୱତନ୍ତ୍ରଭାବେ ଉଦ୍ଦିଷ୍ଟ ଥିବା ଯୋଗୁ ସୁରକ୍ଷା ଯାନ୍ତ୍ରରେ କୋହଳ କରାଯାଇଥିବା ଅସମ୍ଭବ ନୁହେଁ ଏବଂ ଏହି ଆମ୍ବ ଝୁଡ଼ିଗୁଡ଼ିକ ଶେଷ ମୁହୂର୍ତ୍ତରେ ନେବା ଲାଗି ଠିକଣା ହୋଇଥିବାରୁ ଆମ୍ବ ଝୁଡ଼ି ଗୁଡ଼ିକ ବିମାନଚାଳକ ନିଜ ପାଖରେ ହିଁ ରଖି ଦେଇଥିବା ସଂଭବ ।

ବିମାନ ବିସ୍ଫୋରଣର ଦ୍ୱିତୀୟ କାରଣ ଏହା ହୋଇପାରେ ଯେ ବିମାନଟି ଆକାଶରେ ଆଗରୁ ଉଡୁଥିବା ଅନ୍ୟ ଏକ ବିମାନ ବା ହେଲିକପ୍‌ଟର ସହ ଧକ୍‌କା ଖାଇ ବିସ୍ଫୋରଣ ହୋଇ ପାରିଥାଏ । ରାଷ୍ଟ୍ରପତିଙ୍କ ବିମାନ ଆକାଶକୁ ଉଠିବା ଆଗରୁ ଭାଓ୍ୱାଲପୁର ବିମାନଘାଟୀରୁ ଗୋଟିଏ ବିମାନ ଏବଂ ଗୋଟିଏ ହେଲିକପ୍‌ଟର ଆକାଶକୁ ଉଠିଥିବା ସ୍ପଷ୍ଟ ଉଲ୍ଲେଖ ଅଛି । ପ୍ରଥମେ ଉଠିଥିବା ବିମାନରେ ବର୍ତ୍ତମାନର ପାକିସ୍ଥାନ ସେନା ବାହିନୀର ମୁଖ୍ୟ ଜେନେରାଲ ଅସଲମ ବେଗ୍ ଥିଲେ ଏବଂ ଯେହେତୁ ତାଙ୍କ ବିମାନ ଅକ୍ଷତ ଅବସ୍ଥାରେ ଫେରି ଆସିବାକୁ ସମର୍ଥ ହୋଇଛି, ତେଣୁ ସେହି ବିମାନ ସହ ଧକ୍‌କା ଲାଗିଥିବା ଆଶଙ୍କା ଅମୂଳକ ହୋଇପାରେ । କିନ୍ତୁ ରାଷ୍ଟ୍ରପତିଙ୍କ ବିମାନ ଆକାଶକୁ ଉଠିବା ଅଳ୍ପ ପୂର୍ବରୁ ଯେଉଁ ହେଲିକୋପ୍‌ଟର (ବାବର-୨) ଆକାଶକୁ ଉଠିଥିଲା ସେ ସଂପର୍କରେ କୌଣସି ଖବର ବର୍ତ୍ତମାନ ମିଳୁନାହିଁ । ତେଣୁ ସଂଦେହର ଅବକାଶ ରହିଛି ଯେ ରାଷ୍ଟ୍ରପତିଙ୍କ ବିମାନଟି ହେଲିକୋପ୍‌ଟର ସହ ଧକ୍‌କା ଖାଇ ବିସ୍ଫୋରଣ ଘଟିଛି ।

ତୃତୀୟ କାରଣ ହୋଇପାରେ ଯେ ଆକାଶରେ ଉଡୁଥିବା ଅନ୍ୟ ଏକ ବିମାନ ବା ହେଲିକୋପ୍‌ଟରରୁ ରାଷ୍ଟ୍ରପତିଙ୍କ ବିମାନ ଉପରକୁ ଷ୍ଟେନ୍‌ଗନ୍ ବା ମେଶିନ୍‌ଗନ୍‌ରୁ ଗୁଳି କରି ବିମାନଟିକୁ ନଷ୍ଟ କରି ଦିଆ ଯାଇଅଛି । ଏପରି କରାଗଲେ, ଯଦି ବିମାନ ଚାଳକଙ୍କ ହଠାତ୍ ମୃତ୍ୟୁ ହୋଇ ଯାଇପାରିଥାଏ, ତେବେ କୃଷ୍ଣ ପେଟିକାରେ କୌଣସି ବାର୍ତ୍ତା ରେକର୍ଡ ହୋଇ

ପାରି ନଥିବ । ଏହିପରି ପରିସ୍ଥିତିରେ ଗୁଳିଗ୍ଚାଳନା କରିବାକୁ ଗୋଟିଏ ବିମାନ ଏବଂ ଗୋଟିଏ ହେଲିକୋପ୍ଟର ଆକାଶରେ ପ୍ରସ୍ତୁତ ହୋଇ ରହିଥିଲା ଏବଂ ସଂଭାବନା ଯେତେ କ୍ଷୀଣ ହେଲେ ମଧ୍ୟ ବିଚାର୍ଯ୍ୟ ସଂଭାବନା ମଧ୍ୟରେ ଏହାର ସ୍ଥାନ ନିଶ୍ଚୟ ରହିବ ।

ଚତୁର୍ଥ ସଂଭାବନା ଏହା ହୋଇପାରେ ଯେ ରାଷ୍ଟ୍ରପତିଙ୍କ ବିମାନଟିକୁ କୌଣସି ଭୂମିରୁ ଆକାଶକୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇଅଛି । କିନ୍ତୁ ଏହିପରି କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରାଗଲେ ପରେ କ୍ଷେପଣାସ୍ତ୍ର ପଛରୁ ବାହାରୁଥିବା ଧୂମ୍ର ପଟଳର ସ୍ପଷ୍ଟ ଚିହ୍ନ ଆକାଶରେ ଦେଖା ଯିବ । ଏପରି କୌଣସି ଧୂମ୍ର ଚିହ୍ନ ଭାଓ୍ୱାଲପୁର ବିମାନଘାଟିରେ ରାଷ୍ଟ୍ରପତି ଜିଆଙ୍କ ବିମାନ ଛାଡ଼ିବାପରେ ଦେଖାଯାଇନଥିଲା ବୋଲି ପ୍ରକାଶ ।

ପଞ୍ଚମ ସଂଭାବନାଟି ହେଉଛି ରାଷ୍ଟ୍ରପତିଙ୍କ ବିମାନଟିରେ ଆଗରୁ ଏକ ଯନ୍ତ୍ର ଲଗା ହୋଇ ବିମାନର ଚାଳନାକୁ ଭୂମିରୁ ନିୟନ୍ତ୍ରଣ କରାଯାଇପାରିଥାଏ ଏବଂ ବିମାନଟି ଅଳ୍ପ କିଛି ସମୟ ଉଡ଼ିବା ପରେ ଏହି ସ୍ୱୟଂ ଚାଳନା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ବିମାନଟିକୁ ନଷ୍ଟ କରି ଦିଆଯାଇ ପାରିଥାଏ । ଏହିପରି ବ୍ୟବସ୍ଥା ଆଧୁନିକ ରକେଟ୍, କ୍ଷେପଣାସ୍ତ୍ର ଏବଂ ମହାକାଶ ଯାନମାନଙ୍କରେ ରହୁଛି । ଏହି ସଂଭାବନାଟି ଅତ୍ୟନ୍ତ କ୍ଷୀଣ ହେଲେ ମଧ୍ୟ ବିଚାରଣୀୟ ।

ଷଷ୍ଠ ସଂଭାବନାଟି ହେଉଛି ବିମାନର ହାଇଡ୍ରଲିକ୍ କଂଟ୍ରୋଲ ବ୍ୟବସ୍ଥାରେ ଗଣ୍ଡଗୋଳ ଘଟାଇ ବିମାନଟିକୁ ଦୁର୍ଘଟଣାଗ୍ରସ୍ତ କରିବା ।

## ଆତତାୟୀ କିଏ ?

ରାଷ୍ଟ୍ରପତିଜିଆଙ୍କୁ ଯେ ହତ୍ୟା କରାଯାଇଅଛି ଏବଂ ସେ କୌଣସି ଆକସ୍ମିକ ଦୁର୍ଘଟଣା ଫଳରେ ପ୍ରାଣ ହରାଇ ନାହାନ୍ତି ଏ ସମ୍ବନ୍ଧରେ ପାକିସ୍ଥାନର ରାଷ୍ଟ୍ରପତି ଗୁଲାମ ଇଶାକ୍ ଖାଁଙ୍କ ବିବୃତି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ ପାକିସ୍ଥାନର ଶତ୍ରୁ ଏବେ ଦେଶର ଆଭ୍ୟନ୍ତରୀଣ ନିରାପତ୍ତାର ବ୍ୟୂହ ଭିତରେ ପ୍ରବେଶ କରିଛି । ପାକିସ୍ଥାନର ସାମରିକ ବାହିନୀର ମୁଖ୍ୟ ଜେନେରାଲ ଅସ୍‌ଲମ୍ ବେଗ୍ ମଧ୍ୟ ସେନାବାହିନୀର ଅଫିସରଙ୍କ ସମ୍ମିଳନୀରେ ଅନୁରୂପ ମନ୍ତବ୍ୟ ବ୍ୟକ୍ତ କରିଛନ୍ତି ।

କିନ୍ତୁ ଏହି ଆତତାୟୀ କିଏ ? ତାର ପରିଚୟ କଣ ? ସେ କେଉଁ ଦେଶର ଲୋକ ? ଏ ସଂପର୍କରେ ଅନେକ ବ୍ୟକ୍ତି ବା ଗୋଷ୍ଠୀ ବା ଦେଶ ସନ୍ଦେହର ସୀମା ଭିତରକୁ ଆସିଯାଆନ୍ତି ।

ସନ୍ଦେହର ସର୍ବନିମ୍ନ ଅବକାଶ ରହିଛି ପାକିସ୍ଥାନର ପଡ଼ୋଶୀ ଦେଶ ଭାରତକୁ ନେଇ । ସନ୍ଦେହର ମୁଖ୍ୟତଃ ଦୁଇଗୋଟି କାରଣ ରହିଅଛି । ପ୍ରଥମତଃ ଦୁର୍ଘଟଣାଟି ଘଟି ଭାରତର ସୀମାନ୍ତରେ ଏବଂ ଏହି ସୀମାନ୍ତବର୍ତ୍ତୀ ଅଞ୍ଚଳରୁ କ୍ଷେପଣାସ୍ତ୍ର ଦ୍ୱାରା ବିମାନଟିକୁ ଧ୍ୱଂସ କରି ଦେବା ସଂଭବ । ଦ୍ୱିତୀୟ କାରଣ ହେଉଛି ଯେ ଭାରତ ଏବଂ ପାକିସ୍ଥାନର ସଂପର୍କ କ୍ରମେ ତିକ୍ତରୁ ତିକ୍ତତର ହୋଇ ଯାଉଥିଲା । ବିଶେଷତଃ ରାଷ୍ଟ୍ରପତି ଜିଆଙ୍କ ଆଣବିକ ନୀତି ଏବଂ ପଞ୍ଜାବର ଶିଖ ସନ୍ତ୍ରାସବାଦୀଙ୍କୁ ସାହାଯ୍ୟ ଦେବା ସଂପର୍କରେ ଭାରତ ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଥିଲା । ଜିଆଙ୍କ ମୃତ୍ୟୁର ଦୁଇଦିନ ପୂର୍ବରୁ ପ୍ରଧାନ ମନ୍ତ୍ରୀ ରାଜୀବଗାନ୍ଧି ଐତିହାସିକ ଲାଲକିଲ୍ଲାଠାରେ ଯେଉଁ ଭାଷଣ ଦେଇଥିଲେ ସେଥିରେ ପାକିସ୍ଥାନ ବିରୋଧୀଭାବ ଏବଂ ଭାଷା ଅତ୍ୟନ୍ତ ସୁସ୍ପଷ୍ଟ ଥିଲା । ପାକିସ୍ଥାନର ଜମିଆତ୍-ଏ-ଉଲେମା-ଏ- ପାକିସ୍ଥାନ ନାମକ ରାଜନୈତିକ ଦଳ ସ୍ପଷ୍ଟ ଭାଷାରେ ଭାରତକୁ ଦୋଷାରୋପ କରିଛନ୍ତି ଜିଆଙ୍କ ମୃତ୍ୟୁ ନେଇ ।

ଭାରତୀୟ ବୈଦେଶିକ ବିଭାଗ ଏହି ଅଭିଯୋଗକୁ ସଂପୂର୍ଣ୍ଣ ଅବାସ୍ତବ, ଭିତ୍ତିହୀନ ଏବଂ ଉଦ୍ଦେଶ୍ୟମୂଳକ ଅପପ୍ରଚାର ବୋଲି କହିଛନ୍ତି ।

ସନ୍ଦେହର କ୍ରମବର୍ଦ୍ଧମାନ ସୋପାନର ଦ୍ୱିତୀୟ ପାବଚ୍ଛରେ ରହିଅଛି ସୋଭିଏତ୍ ଋଷ । ଜିଆ-ଉଲ୍-ହକ୍‌ଙ୍କ ଜ୍ୟେଷ୍ଠ ପୁତ୍ର ଇଜାଜ୍-ଉଲ୍-ହକ୍‌ଙ୍କ ଉକ୍ତି ଅନୁସାରେ ସୋଭିଏତ୍ ଋଷ ଏହି ହତ୍ୟାକାଣ୍ଡ ପଛରେ ରହିଛି । ବ୍ରିଟିଶ୍ ଟେଲିଭିଜନ ସହ ସାକ୍ଷାତକାରରେ ସେ ଏହି ଅଭିଯୋଗ ସ୍ପଷ୍ଟ ଭାବରେ କରିଥିଲେ । ସୋଭିଏତ୍ ଋଷ ମଧ୍ୟ ଜିଆଙ୍କର ଆଫଗାନ ନୀତି ଏବଂ ଜେନିଭା ରାଜିନାମା ପରେ ପାକିସ୍ଥାନର ଅସହଯୋଗ ବିଷୟ ନେଇ ବାରମ୍ବାର ସମାଲୋଚନା କରୁଥିବାରୁ ଏହି ଅଭିଯୋଗର ଯଥାର୍ଥତା ଅଳ୍ପ ପରିମାଣରେ ରହିଛି ।

ତା'ପରେ ସନ୍ଦେହ ସିଡ଼ିର ତୃତୀୟ ପାହାଚରେ ରହିଛି ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସି. ଆଇ. ଏ. । ଏଥରେ ଆମେରିକାର ଜଣେ ପ୍ରବୀଣ ରାଷ୍ଟ୍ରଦୂତ ଏବଂ ଜଣେ ବରିଷ୍ଠ ସେନା ବିଭାଗୀୟ ଅଫିସର ଏହି ଦୁର୍ଘଟଣା ଫଳରେ ପ୍ରାଣ ହରାଇ ଅଛନ୍ତି । ତଥାପି ଭୁଲି ଯାଇ ହେବ ନାହିଁ ଯେ ପାକିସ୍ଥାନର ଆଣବିକ କାର୍ଯ୍ୟକ୍ରମ ଆମେରିକାକୁ କ୍ଷୁବ୍ଧ କରିଥିଲା । ଦ୍ୱିତୀୟତଃ ବିଶ୍ୱର ଅସ୍ତ୍ର ପ୍ରତିଯୋଗିତା କମାଇ ଦେବାକୁ ଆମେରିକା ଏବଂ ସୋଭିଏତ୍ ଋଷ ଏବେ ଯେଉଁ ପ୍ରଚେଷ୍ଟା ଚଳାଇ ଅଛନ୍ତି ତାର ପ୍ରଥମ ପଦକ୍ଷେପ ହେଉଛି ଆଇ. ଏନ୍. ଏଫ୍. ସନ୍ଧି, ଯାହାଦ୍ୱାରା ଉଭୟ ରାଷ୍ଟ୍ରର ମଧ୍ୟମ ଦୂରଗାମୀ ଆଣବିକ କ୍ଷେପଣାସ୍ତ୍ରଗୁଡ଼ିକ ନଷ୍ଟ କରି ଦିଆଯାଉଛି । ଉପସ୍ଥିତିରେ ଏବେ ସୋଭିଏତ୍ ଋଷର ବୈଜ୍ଞାନିକଙ୍କ ଯୁକ୍ତରାଷ୍ଟ୍ର ଆମେରିକା ଯେପରି ଏକ ଆଣବିକ ବିସ୍ଫୋରଣ ଘଟାଇଲା ସେଥିରୁ ଉଭୟ ରାଷ୍ଟ୍ର ପରସ୍ପରର ନିକଟବର୍ତ୍ତୀ ହେଉଥିବା ଜଣା ପଡୁଛି । ଏହି ପରିପ୍ରେକ୍ଷୀରେ ପାକିସ୍ଥାନର ରାଷ୍ଟ୍ରପତି ଜିଆ ସୋଭିଏତ୍ ଋଷ ବିରୋଧରେ ଯାଇ ଆଫଗାନିସ୍ଥାନରେ ଯେପରି ଏକ ମୌଳିକତାବାଦୀ ସରକାର ସ୍ଥାପନା କରିବାକୁ ଚେଷ୍ଟା ଚଳାଇଛନ୍ତି ତାହା ଆମେରିକାର ହୃଦୟର ଗୋପନୀୟ କଥା ହୋଇ ନପାରେ । । ତେଣୁ ଆମେରିକା ବା ସି' ଆଇ. ଏ. ଏହି ହତ୍ୟାକାଣ୍ଡ ସହ ସଂପୃକ୍ତ ହୋଇ ପାରିଥାଏ ।

ହତ୍ୟାକାଣ୍ଡ ହେବାର ଦୁଇଦିନ ଭିତରେ ଯୁକ୍ତରାଷ୍ଟ୍ର ଆମେରିକାର ଏକ ତଦନ୍ତକାରୀ ଦଳ ଏହି ହତ୍ୟାକାଣ୍ଡର ତଦନ୍ତ କରୁଥିବା ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ଯେ କୌଣସି ସାର୍ବଭୌମ ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ଏହା ହସ୍ତକ୍ଷେପ ନୁହେଁକି ? ଏହି ତଦନ୍ତ ଦଳ ଯଦି ଏହି ଦୁର୍ଘଟଣାକୁ ଆକସ୍ମିକ ବୋଲି ଆଖ୍ୟା ଦେଇ ହତ୍ୟାକାଣ୍ଡ ଘଟିଥିବା ମତକୁ ଉପେକ୍ଷା କରିଦିଅନ୍ତି, ତେବେ ପାକିସ୍ଥାନ ସରକାର ଏହି ଘଟଣାକୁ କିପରି ଭାବରେ ନେବେ ?

ସନ୍ଦେହର ଚତୁର୍ଥଗୋଷ୍ଠୀ ହେଉଛନ୍ତି ପାକିସ୍ଥାନର ସିହା ଗୋଷ୍ଠୀ । ପାକିସ୍ଥାନର ମୁସଲମାନଙ୍କ ମଧ୍ୟରେ ସୁନି ଗୋଷ୍ଠୀ ସଂଖ୍ୟାଧିକ ଏବଂ ସିହା ଗୋଷ୍ଠୀ ସଂଖ୍ୟାନ୍ୟୁନ ଭାବରେ ଅବହେଳିତ ନୁହନ୍ତି, ନିପୀଡ଼ିତ ମଧ୍ୟ । ପାକିସ୍ଥାନର ସିହା ସଂପ୍ରଦାୟର ନେତା ଆଲ୍ଲମ ଅରିଫ ହୁସେନ ଉମାଲ ହୋସେନ ଜିଆଙ୍କ ସରିୟାତ ଆଇନ ପ୍ରବର୍ତ୍ତନକୁ ବିରୋଧ କରୁଥିବାରୁ ତାଙ୍କୁ ଅଗଷ୍ଟ ୫, ୧୯୮୮ରେ ପେଶାଓଆରରେ ହତ୍ୟା କରାଯାଇଥିଲା । ପାକିସ୍ଥାନର ସିହା ସମର୍ଥକଙ୍କ ମଧ୍ୟରେ ଆଲ୍ଲମ ଜଣେ ଲୋକପ୍ରିୟ ନେତାଥିଲେ । ସେ ସରିୟାତ୍ ଆଇନ ମାଧ୍ୟମରେ ପାକିସ୍ଥାନରେ ସୁନ୍ନୀମାନଙ୍କ ସପକ୍ଷରେ ଆଇନ ପ୍ରବର୍ତ୍ତିତ ହେଉଛି ବୋଲି ସେ ପ୍ରଚାର କରୁଥିଲେ । ପାକିସ୍ଥାନର ପଡ଼ୋଶୀ ଇରାନ ମଧ୍ୟ ସିହା ଗୋଷ୍ଠୀ ଦ୍ୱାରା ଶାସିତ । ଇରାନର ଶାସନର ପ୍ରାଣକେନ୍ଦ୍ର ଆୟାତୋଲ୍ଲା ଖୋମେନୀ ସିହା ଗୋଷ୍ଠୀର ସର୍ବପ୍ରଧାନନେତା । ତେଣୁ ଇରାନର ଗୁପ୍ତଚରଙ୍କ ସାହାଯ୍ୟ ଦ୍ୱାରା ପାକିସ୍ଥାନର ସିହା ଗୋଷ୍ଠୀ ଏହି କାର୍ଯ୍ୟ ପାଇଁ ଦାୟୀ ହୋଇଥାଇ ପାରନ୍ତି । ଜିଆଙ୍କ ବିମାନରେଥିବା ସିହା ମୁସଲିମ୍ ସଂପ୍ରଦାୟର ବିମାନକର୍ମଚାରୀଙ୍କର ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁଁ ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଅଛି । ସେହି ବିମାନ କର୍ମଚାରୀ ଜଣକ ସିହା ସଂପ୍ରଦାୟର ଉଗ୍ର ସମର୍ଥକ ଥିଲେ ଏବଂ ସେ ଇରାନରୁ ଏକ ବୋମା ଯୋଗାଡ଼କରି ଆଣିଥାଇପାରନ୍ତି କିମ୍ବା ବିମାନଟିକୁ ନିୟନ୍ତ୍ରଣ ବାହାରକୁ ଜାଣିଶୁଣି ନେଇଯାଇ ପାରିଥାନ୍ତି ବୋଲି ସନ୍ଦେହ କରାଯାଉଅଛି । ଜିଆଙ୍କ ମୃତ୍ୟୁପରେ ପାକିସ୍ଥାନରେ ସିହା-ସୁନ୍ନୀଙ୍କ ସାଂପ୍ରଦାୟିକ ଗଣ୍ଡଗୋଳ ଅତ୍ୟନ୍ତ ଭୀଷଣ ହୋଇଥିଲା । ଜିଆଙ୍କ ମୃତ୍ୟୁ ଘଟିବାର ପରଦିନ କରାଚୀରେ ଆନନ୍ଦଉଲ୍ଲାସ ଖେଳିଯାଇଥିଲା ଏବଂ ଲୋକମାନେ ଜିଆଙ୍କ ମୁର୍ଦ୍ଦାବାଦ ଏବଂ ଭୁଟ୍ଟୋଙ୍କ ଜିନ୍ଦାବାଦ କହିକହି ରାସ୍ତାମାନଙ୍କରେ ନାଚିଥିଲେ ।

ସନ୍ଦେହର ଅବକାଶ ରହିଅଛି ପାଲେଷ୍ଟାଇନ୍‌ର ଉଗ୍ରବାଦୀ ପାଲେଷ୍ଟାଇନ୍ ମୁକ୍ତି ସଂଗଠନ ଉପରେ । ଆମେରିକାର ଗୋଟିଏ ଉଡ଼ାଜାହାଜକୁ ଦିଲ୍ଲୀରୁ ଆମେରିକାଯିବା ପଥରେ ହରଣଚାଳକରି ନେଇଥିବା ଏବଂ ସେହି ଉଡ଼ାଜାହାଜର କେତେକ ଯାତ୍ରୀଙ୍କୁ ନିର୍ମମଭାବରେ ହତ୍ୟା କରିଥିବା ଅପରାଧରେ ପାଲେଷ୍ଟାଇନ୍ ମୁକ୍ତି ସଂଗଠନର କେତେକ ଯୁବକଙ୍କୁ ଅଳ୍ପ କେତେମାସ ତଳେ ପାକିସ୍ଥାନର ବିଚାରକମାନେ ପ୍ରାଣଦଣ୍ଡ ଦେଇଥିଲେ । ଆମେରିକାକୁ ସନ୍ତୁଷ୍ଟ କରିବାକୁ ଯାଇ ରାଷ୍ଟ୍ରପତି ଜିଆ ସେହି ଦଣ୍ଡିତ ବ୍ୟକ୍ତିମାନଙ୍କୁ କ୍ଷମା ଦେଇନଥିଲେ ଏବଂ ତେଣୁ ସେ ସଂଗଠନର ପାଞ୍ଚଜଣ ଯୁବକ ଜିଆଙ୍କ ବିରୋଧରେ ପ୍ରତିଶୋଧନେବାକୁ ଯେଉଁ ଶପଥଗ୍ରହଣ କରିଥିଲେ ତା'ର ଫଳରେ ଏହିହତ୍ୟାକାଣ୍ଡ ଘଟିଥାଇପାରେ ।

ସନ୍ଦେହର ଚକ୍ରବାଳ ଭିତରେ ସଂପୂର୍ଣ୍ଣ ଭାବରେ ଉଙ୍କି-ମାରୁଅଛି ଆଫଗାନିସ୍ଥାନ । ଜେନେରାଲ ଜିଆ ଆଫଗାନିସ୍ଥାନର ପ୍ରତିଷ୍ଠିତ ସରକାରଙ୍କର ସଂପୂର୍ଣ୍ଣ ବିରୋଧ କରୁଥିଲେ । ଆଫଗାନିସ୍ଥାନର ଜେନେରାଲ ନଜିବୁଲ୍ଲାଙ୍କୁ ଶାସନ କ୍ଷମତାରୁ ଅପସାରଣକରି ସେଠାରେ ମୁଜାହିଦ୍ଦିନ ନାମକ ବିପ୍ଲବୀମାନଙ୍କର ଏକ ମୌଳିକତାବାଦୀ ସରକାରକୁ କ୍ଷମତା ଅର୍ପଣ କରିବାକୁ ଜେନେରାଲ ଜିଆ ଆପ୍ରାଣ ଚେଷ୍ଟା କରୁଥିଲେ । ତେଣୁ ସେ ପାକିସ୍ଥାନରେ ଶରଣ ନେଇଥିବା ଆଫଗାନ ମୁଜାହିଦ୍ଦିନମାନଙ୍କୁ ଅସ୍ତ୍ରଶସ୍ତ୍ର ଅବାଧରେ ଯୋଗାଇ ଦେଉଥିଲେ ଏବଂ ଜେନିଭା ଚୁକ୍ତିର ବିରୋଧରେ ମୁଜାହିଦ୍ଦିନମାନଙ୍କୁ ଆଫଗାନିସ୍ଥାନରେ ବିଦ୍ରୋହ କରିବାକୁ ସାହାଯ୍ୟ କରୁଥିଲେ ଏହାଫଳରେ ଅନେକ ଆଫଗାନି ପ୍ରାଣ ହରାଇଛନ୍ତି ଏବଂ ଲକ୍ଷାଧିକ ଆଫଗାନ ନିଜନିଜ ଅଙ୍ଗ ହରାଇ ବସିଛନ୍ତି । ତେଣୁ ଆଫଗାନିସ୍ଥାନର ଶାସକ ବା ଜନସାଧାରଣ ଲୋକମାନଙ୍କ ନିମନ୍ତେ ଜିଆ ଅତ୍ୟନ୍ତ ଅପ୍ରିୟ ଥିଲେ, ଯାର ଶେଷଫଳ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ।

ଶେଷରେ ଏବଂ ସନ୍ଦେହ ସୋପାନର ସର୍ବଶେଷ ଶିଖର ଦେଶରେ ରହିଛନ୍ତି ରାଷ୍ଟ୍ରପତି ଜିଆ-ଉଲ-ହକ୍‌ଙ୍କର ସ୍ୱଦେଶର ସ୍ୱଗୋଷ୍ଠୀର ପାକିସ୍ଥାନୀ ସେନାବାହିନୀ । ପାକିସ୍ଥାନ ସେନାବାହିନୀର ମୁଖ୍ୟମାନେ ଜିଆଙ୍କ ଶାସନ ସମୟରେ ଭ୍ରଷ୍ଟାଚାରର ଚରମସୀମା ରେ ଉପନୀତ ହୋଇଥିଲେ । ଆଫଗାନିସ୍ଥାନ ସମସ୍ୟା ସୃଷ୍ଟି ହେବାପରେ ଆମେରିକାରୁ ଅପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର କିଣି, ଯେଉଁ ସୀମାହୀନ ଅର୍ଥ ବ୍ୟୟ ହେଉଥିଲା, ତାର କେତେକାଂଶ ପାକିସ୍ଥାନର ସେନାପତିମାନଙ୍କର ପକେଟକୁ ଯାଉଥିଲା । ତାଛଡ଼ା ଆଫଗାନ୍ ଶରଣାର୍ଥୀମାନେ ଚୋରାରେ ଗଞ୍ଜେଇ, ହେରୋଇନ ପ୍ରଭୃତି ନିଶାଦ୍ରବ୍ୟର ଅବାଧ କାରବାର କରୁଥିଲେ ଏବଂ ଏହି ଚୋର କାରବାର ପଛରେ ପାକିସ୍ଥାନୀ ସେନାପତିମାନଙ୍କର ସଂପୂର୍ଣ୍ଣ ସମର୍ଥନ ଓ ଅର୍ଥ ରହିଥିଲା । ଆଫଗାନ୍‌ଯୁଦ୍ଧର ଅବସାନ ହେବାପରେ ଏହି ସେନାପତିମାନଙ୍କର ସମବେତ କ୍ରୋଧ ଏବଂ ବିରକ୍ତିର ଶୀକାର ଜିଆ-ଉଲ୍-ହକ ହୋଇଥିଲେ ।

ଜେନେରାଲ ଜିଆ ପାକିସ୍ଥାନର ଇତିହାସର ଏକ ପରଂପରା ଭଙ୍ଗ କରିଥିଲେ । ଜେନେରାଲ ଜିଆଙ୍କ ପୂର୍ବରୁ ଆୟୁବ ଖାଁ ଏବଂ ୟାହ୍ୟା ଖାଁ ଦୁଇଥର ସେନା ଶାସନ ପାକିସ୍ଥାନରେ ଚଳାଇଥିଲେ ମଧ୍ୟ, ସେମାନେ ଯାହାଠୁ ଶାସନ କ୍ଷମତା ବଳପୂର୍ବକ ନେଇ ଆସିଥିଲେ, ସେମାନଙ୍କୁ ଶାନ୍ତି ଏବଂ ନିରାପଦରେ ରହିବାକୁ ଅଥବା ବିଦେଶରେ ରହିବାକୁ ସୁବିଧା ଦେଇଥିଲେ । ଆୟୁବ ଖାଁ ଅକ୍ଟୋବର ୧୯୫୮ରେ ଫିରୋଜ ଖାଁ ନୁନ୍‌ଙ୍କଠାରୁ ଏବଂ ୟାହ୍ୟାଖାଁ ମାର୍ଚ୍ଚ ୧୯୬୯ରେ ଆୟୁବଖାଁଙ୍କଠାରୁ ଶାସନ କ୍ଷମତା ନିଜହାତକୁ ନେଇଥିଲେ । କିନ୍ତୁ ଉଭୟ ଫିରୋଜଖାଁ ନୁନ ଏବଂ ଆୟୁବଖାଁ ସସମ୍ମାନ ଅବସର ଗ୍ରହଣ କରିଥିଲେ । କିନ୍ତୁ ଜେନେରାଲ ଜିଆ ଜୁଲ୍‌ଫିକର ଅଲ୍ଲୀ ଭୁଟ୍ଟୋଙ୍କଠାରୁ କ୍ଷମତା

ନିଜହାତକୁ ନେବାପରେ ତାଙ୍କୁ କୌଣସି ରାଜନୈତିକ ଅପରାଧରେ ନୁହେଁ, ବରଂ ଏକ ସାଧାରଣ ମନୁଷ୍ୟର ହତ୍ୟାକାରୀ ଭାବରେ ଦୀର୍ଘ ଦୁଇବର୍ଷ ବିଗ୍ଭରକରି ଶେଷରେ ପ୍ରାଣଦଣ୍ଡରେ ଦଣ୍ଡିତ କରାଇଥିଲେ ।

ଜିଆଙ୍କର ଏହି ଅକ୍ଷମଣୀୟ ଅପରାଧ ନିମନ୍ତେ ମୂଲ୍ୟ ଦେବାକୁ ହେଲା ନିଜ ଜୀବନ ବିନିମୟରେ ? ଭୁଟ୍ଟୋଙ୍କ ପୁଅ ଗୋଟିଏ ଗୁପ୍ତ ସଂଗଠନ ଗଢ଼ି ଜିଆଙ୍କର ଜୀବନ ବିନାଶ କରିବାକୁ ଚେଷ୍ଟା କରୁଥିଲେ । ଗୁପ୍ତ ସଂଗଠନର ନାମ ଥିଲା ଅଲ୍-ଜୁଲ୍‌ଫିକର ଏବଂ ୧୯୮୨ରେ ଏହି ସଂଗଠନ ଦ୍ୱାରା ଘଟିତ ଏକ ଷଡ଼ଯନ୍ତ୍ର ଧରା ଯାଇଥିଲା । ସେହି ସଂଗଠନ କ'ଣ ୧୯୮୮ରେ ସଫଳତା ପ୍ରାପ୍ତ ହୋଇଥିଲେ ?

ମେ ୨୯, ୧୯୮୮ ଦିନ ଜେନେରାଲ ଜିଆ ପାକିସ୍ଥାନର ପ୍ରଧାନମନ୍ତ୍ରୀ ଜୁନେଜୋଙ୍କୁ ବରଖାସ୍ତ କରି ପାକିସ୍ତାନ ମୁସଲିମ ଲିଗ୍‌ରେ ଯେମିତି ଦୁଇ ଦଳ ସୃଷ୍ଟି କଲେ ସେଥିରୁ ଜିଆଙ୍କର ରାଜନୈତିକ ଦୃଷ୍ଟିକୋଣ ଭଲଭାବରେ ଜଣାପଡ଼େ । ମୁସଲିମଲିଗ୍‌ର ସଭାପତି ଜୁନେଜୋଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବରଖାସ୍ତ କରିବା ସଙ୍ଗେସଙ୍ଗେ ମୁସଲିମ୍‌ଲିଗ୍‌ର ତୁଙ୍ଗ ନେତାମାନଙ୍କୁ ପ୍ରଦେଶମାନଙ୍କର ମୁଖ୍ୟମନ୍ତ୍ରୀ ହୋଇ ରହିବାକୁ ଦେଇ, ଜିଆ ସେଠି ସଫଳ ରାଜନୈତିକ ଖେଳ ଖେଳିଲେ, ତାରି ଫଳରେ ମୁସଲିମ୍‌ଲିଗ୍‌ର କେତେକ କର୍ମୀ ଜିଆଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ ।

ତେଣୁ ପାକିସ୍ଥାନରେ ମଧ୍ୟ ସେନା ବାହିନୀ ଏବଂ ରାଜନୈତିକ ଦଳ ଭିତରେ ଜିଆଙ୍କ ହତ୍ୟା କାମନା କରୁଥିବା ଲୋକଙ୍କ ସଂଖ୍ୟା କିଛି କମ୍ ନ ଥିଲା ।

ଏ ପରିସ୍ଥିତିରେ ଆତତାୟୀ ଠିକ୍ କିଏ ତାହା ସଂପୂର୍ଣ୍ଣ ରୂପେ ଉଦ୍‌ଘାଟନ ହେବାକୁ କିଛି ସମୟ ଲାଗିବ କିନ୍ତୁ ଆତତାୟୀର ପରିଚୟ ଏବେ ସଂପୂର୍ଣ୍ଣ ଅଜ୍ଞାତ ନୁହେଁ ।

## ଜିଆଙ୍କ ପରେ ପାକିସ୍ଥାନ

ଯେ କୌଣସି ସମୟରେ ଯେକୌଣସି ଦେଶ ପକ୍ଷରେ ସେ ଦେଶର ମୁଖ୍ୟ ଶାସକଙ୍କୁ ଆତତାୟୀ ହତ୍ୟା କରି ଦେବା ଘଟଣା ନିଶ୍ଚୟ ଗୁରୁତ୍ୱ ପୂର୍ଣ୍ଣ ତଥା ବିପଦସଙ୍କୁଳ । ଏହା ରୋମ ସାମ୍ରାଜ୍ୟର ସିଜରଙ୍କଠାରୁ ଆରମ୍ଭ କରି ଭାରତର ଇନ୍ଦିରା ଗାନ୍ଧିଙ୍କ ପର୍ଯ୍ୟନ୍ତ ଶତଶତ ମୁଖ୍ୟ ଶାସନକର୍ତ୍ତା ଇତିହାସର ପୃଷ୍ଠାରେ ବାରମ୍ବାର ପ୍ରମାଣିତ କରି ଦେଇ ଯାଇଛନ୍ତି । କିନ୍ତୁ ପାକିସ୍ଥାନ ଭଳି ରାଷ୍ଟ୍ର ଯେଉଁଠି କ୍ଷମତା ହସ୍ତାନ୍ତର ପରଂପରା ବା ଶାସନର ହସ୍ତାନ୍ତର ପ୍ରଥା ବର୍ତ୍ତମାନ ପର୍ଯ୍ୟନ୍ତ ଠିକ୍ ହୋଇନାହିଁ, ସେଠାରେ ଅବସ୍ଥା ସାଂଘାତିକ ହେବା ସ୍ୱାଭାବିକ । ତେଣୁ ଜିଆଙ୍କର ମୃତ୍ୟୁ ହେବାର ଅଳ୍ପ କେତେ ଘଣ୍ଟା ପରେ ଯେପରି ଭାବରେ ପାକିସ୍ଥାନର ସିନେଟ୍‌ର (ଯାହା ଭାରତର ରାଜ୍ୟ ସଭା ସହିତ ତୁଳନୀୟ) ସଭାପତି ଗୁଲାମ୍ ଇଶାଖ୍ ଖାଁ ରାଷ୍ଟ୍ରର ଶାସନ କ୍ଷମତା ବିନା ବିପ୍ଳବରେ ନିଜ ହାତକୁ ନେଇ ଯାଇ ପାରିଛନ୍ତି ତାହା ନିଶ୍ଚୟ ପ୍ରଶଂସାର ଯୋଗ୍ୟ । କିନ୍ତୁ ଜିଆ ନଭେମ୍ବର ମାସରେ ପାକିସ୍ଥାନରେ ନିର୍ବାଚନ ହେବ ବୋଲି ଘୋଷଣା କରିଥିଲେ ଏବଂ ସେହି ନିର୍ବାଚନକୁ ସେ ଦଳ ଭିତ୍ତିକ କରିବେ ନାହିଁ ବୋଲି ଘୋଷଣା କରିଥିଲେ ।

ପାକିସ୍ଥାନରେ ମୁଖ୍ୟତଃ ଏବେ ମୁସଲିମ୍‌ଲିଗ୍ ଏବଂ ପାକିସ୍ଥାନ ପିପୁଲସ୍ ପାର୍ଟି ମଧ୍ୟରେ ନିର୍ବାଚନ ଯୁଦ୍ଧ ହେବ । ମୁସଲିମ୍‌ଲିଗ୍ ଏବେ ଦୁଇଭାଗରେ ବିଭକ୍ତ ହୋଇଯିବ ବୋଲି ଆଶଙ୍କା କରାଯାଉଅଛି । ଗୋଟିଏ ଦଳ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଜୁନେଜୋଙ୍କର ଏବଂ ଦ୍ୱିତୀୟଟି ସରକାରୀ ପୃଷ୍ଠପୋଷକତାରେ ପାକିସ୍ଥାନର ପ୍ରାଦେଶିକ ମୁଖ୍ୟମନ୍ତ୍ରୀମାନଙ୍କ ନେତୃତ୍ୱରେ ଗଢ଼ିବ । ନିର୍ବାଚନ ଯଦି ଦଳଭିତ୍ତିକ ଏବଂ ଅବାଧରେ ହୁଏ, ତେବେ ଭୁଟ୍ଟୋଙ୍କ ପ୍ରତିଷ୍ଠିତ ଏବଂ ତାଙ୍କ କନ୍ୟା ବେନଜୀର ଭୁଟ୍ଟୋଙ୍କ ନେତୃତ୍ୱରେ ପରିଚାଳିତ ପାକିସ୍ଥାନ ପିପୁଲସ୍ ପାର୍ଟି ନିଶ୍ଚୟ ଏକ ଉଲ୍ଲେଖନୀୟ ସାଫଲ୍ୟ ଲାଭ କରିବ ବୋଲି ଆଶା କରାଯାଇପାରେ ।

ଜେନେରାଲ ଜିଆ ମଧ୍ୟାହ୍ନର ସୂର୍ଯ୍ୟପରି ପାକିସ୍ଥାନର ଦିଗନ୍ତ ବ୍ୟାପୀ ଆକାଶକୁ ଆଚ୍ଛନ୍ନ କରି ରଖିଥିଲେ । ମଧ୍ୟାହ୍ନରେ ହଠାତ୍ ସୂର୍ଯ୍ୟର ଅନୁପସ୍ଥିତି ଯେପରି ପୃଥିବୀକୁ ଅସ୍ତ ବ୍ୟସ୍ତ କରି ଦେବ, ଜେନେରାଲ ଜିଆଙ୍କ ପରେ ପାକିସ୍ଥାନର ଅବସ୍ଥା ଠିକ୍ ସେହିପରି ହୋଇଯାଇଅଛି । ଯେଉଁ ଯୁଗର ଅବସାନ ଘଟିଗଲା, ସେହି ଯୁଗ ଜିଆଙ୍କର ପ୍ରବଳ ବ୍ୟକ୍ତିତ୍ୱର ସ୍ୱାକ୍ଷର ଅଙ୍ଗେଅଙ୍ଗେ ବହନ କରିଅଛି । ବାସ୍ତବିକ ସେହି ଯୁଗରେ ଜିଆଙ୍କ ବ୍ୟତିତ ଅନ୍ୟ କୌଣସି ପାକିସ୍ଥାନୀ ନେତା ନିଜର ବ୍ୟକ୍ତିତ୍ୱର ପଦଚିହ୍ନ ମଧ୍ୟ ରଖିବାକୁ ସମର୍ଥ ହୋଇ ନାହାନ୍ତି । ତେଣୁ ଜିଆଙ୍କର ଏହି ନାଟକୀୟ ଅନ୍ତର୍ଦ୍ଧାନ ହଠାତ୍ ଅନେକ ପ୍ରଶ୍ନବାଚୀର ଜନକ ଏବଂ ସେହି ଅସଂଖ୍ୟ ପ୍ରଶ୍ନ ଅଟି ଉତ୍ତରହୀନ ନିସ୍ତବ୍ଧତାର ପ୍ରାଚୀର ସମ୍ମୁଖରେ ନିରୁତ୍ତର । ପାକିସ୍ଥାନର ଶାସନ ଗୋଷ୍ଠୀ ମୁଖ୍ୟତଃ ଚାରି ଗୋଟି, ଯଥା:- ସେନାବାହିନୀ, ସରକାରୀ କର୍ମଚାରୀ, ଜମିଦାର ଏବଂ ପୁରାତନ ଧନୀ ବ୍ୟକ୍ତିମାନେ ଏବଂ ବ୍ୟବସାୟୀ, ଶିଳ୍ପପତି ଏବଂ ନୂତନ ଯୁଗର ସଦ୍ୟ ଧନୀକ ଶ୍ରେଣୀ । ସେମାନେହିଁ ଏ ପ୍ରଶ୍ନର ଉତ୍ତର ଖୋଜି ବାହାର କରିବେ ।

କିନ୍ତୁ ପାକିସ୍ଥାନର ମୂକ, ଦରିଦ୍ର, ନିରନ୍ନ ଜନସାଧାରଣଙ୍କ ନିମନ୍ତେ ଏହି ପ୍ରଶ୍ନର ଉତ୍ତର ଦେବା ଆଜି ସମୀଚୀନ ନୁହେଁ, ବରଂ ଅତ୍ୟାବଶ୍ୟକ । ଯଦି ଆଜି ପାକିସ୍ଥାନର ଜନସାଧାରଣ କ୍ଷମତାର ଆସ୍ୱାଦ ଲାଭ କରିବାକୁ ଚାହାନ୍ତି, ତେବେ ଏହାହିଁ ତାଙ୍କ ନିମନ୍ତେ ଏକ ସୁଯୋଗ । ନଭେମ୍ବର ୧୯୮୮ରେ ନିର୍ବାଚନ ବେଳେ ପାକିସ୍ଥାନର ଲୋକେ ଯେବେ ଶାସନକୁ ନିଜ ହାତକୁ ନେବାକୁ ଚାହିଁବେ, ତାର ପ୍ରତିରୋଧ ଶକ୍ତି ପାକିସ୍ଥାନର ଶାସକ ଗୋଷ୍ଠୀଙ୍କ ପାଖରେ ନଥିବ ।

କିନ୍ତୁ ବସ୍ତୁତଃ, ଏବେ ପାକିସ୍ଥାନ ସମ୍ମୁଖରେ ତିନିଗୋଟି ସମ୍ଭାବନା ରହିଛି । ପ୍ରଥମତଃ ସେନାବାହିନୀ ଦେଶର ଶାସନ କ୍ଷମତା ଅଖଣ୍ଡ ଏବଂ ଅବିଭାଜ୍ୟ ଭାବରେ ନିଜ ହାତକୁ ନେଇଯିବ । କିନ୍ତୁ ଏବେ ଜିଆଙ୍କ ସାଥିରେ ସେନାବାହିନୀର ବହୁ

ମୁଖ୍ୟ ସେନାପତିମାନେ ମୃତ୍ୟୁ ବରଣ କରିଥିବାରୁ, ସେନାବାହିନୀ ଏଭଳି ଗୋଟିଏ ନିଷ୍ପତ୍ତି ନେବା କଷ୍ଟକର ।

ଦ୍ୱିତୀୟତଃ ସେନାବାହିନୀ ପ୍ରଥମ କେତେଦିନ ଦେଶରେ ଦ୍ୱୈତ ଶାସନ ଚାଲିବାକୁ ଛାଡ଼ିଦେଇ ପାରନ୍ତି । ଏହି ଦ୍ୱୈତ ଶାସନ ବେଳେ ସେନାବାହିନୀର ମନୋନୀତ ଏକ ରାଜନୈତିକ ଦଳ ଶାସନରେ ରହିଲେ ମଧ୍ୟ କ୍ଷମତାର ପ୍ରକୃତ ସୂତ୍ର ସେନାବାହିନୀ ହସ୍ତରେ ରହିବ ।

ତୃତୀୟତଃ, ସେନାବାହିନୀ ଦେଶର ଅଖଣ୍ଡତା ଏବଂ ସୁରକ୍ଷାର ଦାୟିତ୍ୱ ନେଇ ଶାସନ କ୍ଷମତା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଦଳମାନଙ୍କ ଉପରେ ଛାଡ଼ିଦେଇ ପାରନ୍ତି ।

ତେଣୁ ସେନାବାହିନୀହିଁ ପାକିସ୍ଥାନର ଭବିଷ୍ୟତର ଚାବିକାଠି ନିଜ ହାତରେ ରଖିଅଛି ।

ଗତ ବାରବର୍ଷ ପରେ ଚିଫ୍-ଅଫ୍-ଆର୍ମିଷ୍ଟାଫ୍ ହେବାରେ ଜିଆଙ୍କ ପରେ ଜେନେରାଲ ମିର୍ଜା ଅସଲମ ବେଗ୍ ପ୍ରଥମ ବ୍ୟକ୍ତି । ତାଙ୍କୁ ଜିଆ ନିଜେ ବାଛି ବାଛି ସେନାବାହିନୀର ଦ୍ୱିତୀୟ ସର୍ବୋଚ୍ଚ ପଦ ନିମନ୍ତେ ନିଯୁକ୍ତି ଦେଇଥିଲେ । ସେତେବେଳେ ସେ କେତେକ ବରିଷ୍ଠ ସେନାପତିମାନଙ୍କୁ ଅତିକ୍ରମକରି ଯାଇଥିବାରୁ ସେମାନଙ୍କର ଗାତ୍ର ଦାହ ହେଉଥିବ ଏବଂ ସେଥିଯୋଗୁଁ ଜେନେରାଲ୍ ବେଗ୍ ପ୍ରଥମେ ସେନାବାହିନୀ ଭିତରେ ନିଜର ଆଧିପତ୍ୟ ଏବଂ ପ୍ରାଧାନ୍ୟ ବିସ୍ତାର କରି ସାରିବା ପରେ ଅଣସାମରିକ ଶାସନ ପ୍ରତି ଦୃଷ୍ଟି ଦେବେ ।

କିନ୍ତୁ ସେନାବାନୀର ଏହି ଅନ୍ତର୍ଦ୍ୱନ୍ଦ୍ୱ ଶେଷ ହେବା ପୂର୍ବରୁ ପାକିସ୍ଥାନର ରାଜନୈତିକ ଦଳମାନେ କଣ ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ଆପୋଷ ନିଷ୍ପତି ନେଇ ପାରିବେ ?

ନିକଟ ଅତୀତରେ ବର୍ମା ଏବଂ ଫିଲିପିନ୍ସ୍‌ରେ ଗଣତନ୍ତ୍ର ନିମନ୍ତେ ହୋଇଥିବା ସଂଗ୍ରାମ ଏବଂ ସେହି ସଂଗ୍ରାମରେ ଗଣତନ୍ତ୍ରର ବିଜୟ ପାକିସ୍ତାନ ରାଜନୀତିକୁ ପ୍ରଭାବିତ କରିବ ବୋଲି ସମ୍ଭାବନା କ୍ଷୀଣ ହେଲେ ମଧ୍ୟ, ନିଶ୍ଚୟ ଅନୁପସ୍ଥିତ ନୁହେଁ । ତେଣୁ ଜିଆ-ଉଲ୍-ହକ୍‌ଙ୍କ କଳ୍ପିତ ଦଳ-ବିହୀନ ଗଣତାନ୍ତ୍ରିକ ଶାସନ ତାଙ୍କ ପରେ ବଞ୍ଚି ପାରିବକି ? ଏହି ପ୍ରଶ୍ନର ଉତ୍ତର ସେନାବାହିନୀ ଏବଂ ରାଜନୈତିକ ଦଳମାନେହିଁ ଦେଇ ପାରିବେ ।

ଦ୍ୱିତୀୟତଃ ଜିଆ-ଉଲ୍- ହକ୍‌ଙ୍କ ବୈଦେଶିକ ନୀତି ଏବେ ପାକିସ୍ତାନ କେତେଦୂର ଅନୁସରଣ କରିବ ? ଜିଆଙ୍କର ଭାରତ ସହ ବୈଦେଶିକ ନୀତି ଯେପରି ଛାଇ ଆଲୁଅର ଏକ ନିପୁଣ ଖେଳ ଥିଲା ତାଙ୍କର ଆଫଗାନ ବୈଦେଶିକ ନୀତି ସେହିପରି ଅନମନୀୟ ଦୃଢ଼ତାର ଅନୁସରଣ କରୁଥିଲା । ଏହି ପ୍ରକାର ବୈଦେଶିକ ନୀତି ଅବଲମ୍ବନ କରିବାକୁ ଯେପରି ବାକ୍‌ଚାତୁରୀ ଏବଂ କପଟ ଶଠତାର ଆବଶ୍ୟକ ତାହା ଜିଆଙ୍କଠାରେ ପୂର୍ଣ୍ଣ ମାତ୍ରାରେ ଥିଲା ।

ବସ୍ତୁତଃ ପ୍ରଶ୍ନ ହେଉଛି ମାତ୍ର ଗୋଟିଏ । ଜିଆଙ୍କ ଅନୁପସ୍ଥିତିରେ ତାଙ୍କ ବ୍ୟକ୍ତିତ୍ୱ ଆଉ କେତେକାଳ ଜୀବିତ ହୋଇ ରହିବ ? କାରଣ ପ୍ରକୃତରେ ପାକିସ୍ଥାନର ଶାସନ ଗତ ଦଶନ୍ଧିରେ ତା ବ୍ୟତୀତ ଆଉ କ'ଣ ବା ଥିଲା ?

---

ଅଧ୍ୟାପିକା, ରାଜନୀତି ବିଜ୍ଞାନ ବିଭାଗ
ଶୈଳବାଳା ମହିଳା କଲେଜ, କଟକ



# ଆନ୍ତର୍ଜାତିକ ଥଇଥାନ ସମ୍ବତ୍ସର

ଶ୍ରୀମତୀ ନିର୍ମଳା କୁମାରୀ ମହାପାତ୍ର

ଜାତିସଂଘର ସେକ୍ରେଟାରୀ ଜେନେରଲ ଶ୍ରୀଯୁକ୍ତ ଜେଭିଅର ପରେଜ ଦି କୁଏଲର ବାସହୀନମାନଙ୍କର ସମ୍ବତ୍ସର (Year of the homeless ) ରୂପେ ପାଳନ କରାଯିବବୋଲି ଘୋଷଣା କରିଛନ୍ତି, ;ଅର୍ଥାତ୍ ପୃଥିବୀର ବିଭିନ୍ନ ଦେଶର ବାସ ସଂସ୍ଥାନ ସମସ୍ୟାକୁ ଆଖିରେ ରଖି ବାସହୀନଙ୍କୁ ବାସଗୃହ ଯୋଗାଇଦେବା ଭଳି ଏକ ମହତ ଯୋଜନାକୁ କାର୍ଯ୍ୟକାରୀ କରିବା ଏହି ଘୋଷଣାର ମୂଳଲକ୍ଷ୍ୟ । ରଏଟର ଅନୁଯାୟୀ ବିଶ୍ୱର ୨୦ ପରସେଣ୍ଟ ଲୋକ ବାସହୀନ ଅଟନ୍ତି । ଆନ୍ତର୍ଜାତିକ ଶ୍ରମସଂଘ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି ଯେ ପୃଥିବୀର ୧୦କୋଟି ଲୋକ ବାସହୀନ ଅଟନ୍ତି । ପୃଥିବୀର ପ୍ରାୟ ପ୍ରତି ୪ଜଣରୁ ୧ ଜଣକର ଆଦୌ ଘରନାହିଁ କିମ୍ବା ବାସ ଅଯୋଗ୍ୟ ସ୍ଥାନରେ ବସବାସ ଅଛି । ରାସ୍ତାକଡ଼ ରେଳଷ୍ଟେସନ, ପୋଲ ଉପର ବା ତଳ, ବସଷ୍ଟାଣ୍ଡରେ ଲୋକେ ଅସ୍ଥାନ କମାଇ ଜୀବନ ସଂଗ୍ରାମ କରୁଥିବାର ଦେଖାଯାଏ । ବର୍ଷାମାନଙ୍କରେ କିମ୍ବା ଗଛମାଳ ବା ଚୋଟା ଗହଳରେ ଗୃହହୀନ ଲୋକମାନଙ୍କର ଯାଯାବର ଜୀବନର କ୍ରମାଗତ ଅଧ୍ୟାୟ ପରିଦୃଷ୍ଟ ଓ ପରିଲକ୍ଷିତ ହୋଇଥାଏ । ଗାଁ-ଗଣ୍ଡାଠାରୁ ସହର ବା ନଗର ଜୀବନରେ ବାସଗୃହ ସମସ୍ୟା ବହୁଗୁଣେ ଉତ୍କଟ ।

ବାସଗୃହ ମନୁଷ୍ୟର ଏକ ମୌଳିକ ଆବଶ୍ୟକତା । ଖାଦ୍ୟ, ବସ୍ତ୍ର ଓ ବାସଗୃହ ମନୁଷ୍ୟର ସର୍ବନିମ୍ନ ଆବଶ୍ୟକତା ହେଲେହେଁ ସେଥିମଧ୍ୟରୁ ବାସଗୃହ ସାମାଜିକସ୍ଥିତି ନିମନ୍ତେ ଏକାନ୍ତ ଆବଶ୍ୟକ । ସୃଷ୍ଟିର ସ୍ଥିତି ପାଇଁ ଆଧାର ଲୋଡ଼ା । ମାନବ ଶିଶୁର ସୃଷ୍ଟି ମାଆର ଜରାୟୁ ଭିତରେ । ତାହାଏକ ସର୍ବ ସୁରକ୍ଷିତ ଜୈବିକ ପ୍ରକୋଷ୍ଠ । ସକଳ ସ୍ତନ୍ୟପାୟୀ ପ୍ରାଣୀ ଜଗତରେ ଏ ସତ୍ୟ ପରିଦୃଷ୍ଟ । ପକ୍ଷୀ ଶାବକର ଭ୍ରୂଣ ଅଣ୍ଡାଖୋଳ ଭିତରେ ସଯତ୍ନେ ସାଇତା ହୋଇଥାଏ । ଉଦ୍ଭିଦର ମଂଜି କେତେ ଯତ୍ନରେ ପ୍ରକୃତି କୋଳରେ ଫଳପୁଟ ଭିତରେ ବା ସ୍ଥଳବିଶେଷରେ ଫଳବାହାରେ (ନଗ୍ନବୀଜ ଭାବେ)ଥାଏ । ସେସବୁ ଚିନ୍ତାକଲେ ଆଶ୍ଚର୍ଯ୍ୟ ଲାଗେ । ପ୍ରକୃତିର ଘର, ଯାହାକୁ ଆମେ ପରିବେଶ କହୁ, ବେଶ୍ ସୁନ୍ଦର, ସୁରମ୍ୟ ଓ ଅଦୃଶ୍ୟ ଯଦି ତେବେ ତାକୁଭଂଗି ଚୁରି ଆପଣାର ପସନ୍ଦ ଅନୁସାରେ ବିଭିନ୍ନ ମଡ଼େଲରେ ନୂଆରୂପ ଦିଅନ୍ତି ମଣିଷ ବା ପଶୁପକ୍ଷୀ ଆଦି । "ବୀରଭୋଗ୍ୟା ବସୁନ୍ଧରା" ନ୍ୟାୟରେ ବଳବାନ୍ ହିଁ ସୁଖସମୃଦ୍ଧି ଉପଭୋଗ କରେ ଓ ଦୁର୍ବଳ ହତାଶରେ ସଢ଼ୁଥାଏ ।

ମନୁଷ୍ୟଠାରୁ ଆରମ୍ଭକରି କୀଟ ପତଙ୍ଗ ପର୍ଯ୍ୟନ୍ତ ସମସ୍ତେ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତା ସଂଗ୍ରହ ପାଇଁ ସଂଗ୍ରାମ କରନ୍ତି । ପରିବେଶର ପ୍ରତିକୂଳ ବାତାବରଣରୁ ନିଜକୁ ସୁରକ୍ଷିତ କରିବାପାଇଁ ବାସଗୃହର ଉଦ୍ଭବନ । ହୁଏତ ତାହା ହୋଇପାରେ ଖରା, ବର୍ଷା, ଶୀତ, କାକରର ପ୍ରକୋପ କିମ୍ବା ବନ୍ୟ ପଶୁଙ୍କର ଭୟ ଅବା ଅସାମାଜିକତାରୁ ଦୂରେଇ ରହିବାର ବଳବତୀ ଇଚ୍ଛା କିମ୍ବା ପ୍ରାକୃତିକ ଦୁର୍ବିପାକରୁ ନିଜକୁ ବଞ୍ଚାଇବାର ପ୍ରାଣାନ୍ତ ପ୍ରାଣମୂର୍ଚ୍ଛା ପ୍ରଚେଷ୍ଟା । ସବୁପ୍ରକାର ପ୍ରତିକୂଳତାଠାରୁ ହୋଇପାରେ ନିରାପଦରେ ରଖେ ବାସଗୃହ । ତାହା ହୁଏତ୍ ଗଛଡ଼ାଳରେ ଚଢ଼େଇବସା—ମଣିଷରମଞ୍ଚା—ନଦୀ ଓ ହ୍ରଦ ବକ୍ଷରେ ଭସମାନ ନୌକାଗୃହ—ବରଫ ଆସ୍ତରଣ ଭିତରେ ଇଗ୍ଲୁ ପଥ—ପାହାଡ଼ ପର୍ବତ ଦେହରେ ଗୁଂଫା—ପୃଥିବୀ ବକ୍ଷରେ ପର୍ଣ୍ଣକୁଟୀର ଠାରୁ ଆରମ୍ଭକରି ବହୁତଳ ପ୍ରାସାଦ—ଅନ୍ତରୀକ୍ଷରେ ବ୍ୟୋମକୁଟୀର—ଘର—ସରୀସୃପ ବା କେତେକ ପଶୁପକ୍ଷୀମାନଙ୍କର ଗର୍ତ୍ତଗୃହ—ଯୁଦ୍ଧକାଳୀନ ଆତ୍ମରକ୍ଷାର ଟ୍ରେଞ୍ଚଘର ଇତ୍ୟାଦି । ସାମାଜିକ ଅଭାବ ମେଣ୍ଟାଇବାପାଇଁ ତମ୍ବୁଘର, ବିବାହ ବ୍ରତୋପନୟନ ଉତ୍ସବରେ ପ୍ରସ୍ତୁତ ସୁମଜ୍ଜିତ ଆସ୍ଥାନଘର ବା "ଜାନିଘର" କରାଯିବାର ଦେଖାଯାଏ ।

ବିଜ୍ଞାନ ଯୁଗରେ ଆଧୁନିକ ମଣିଷ କେବଳ ତତ୍‌କ୍ଷଣାତ୍ ତମ୍ବୁ ପରକରି ଆରାମରେ ରହିପାରୁନି ; ଅଧିକନ୍ତୁ ତା'ର ଇଚ୍ଛାନୁସାରେ ବହୁତଳ ବିଶିଷ୍ଟ ପ୍ଲାଷ୍ଟିକ ଘର ଏକସ୍ଥାନରୁ ଉଠାଇ ନେଇ ଅନ୍ୟସ୍ଥାନରେ ଅନାୟାସରେ ବସାଇପାରୁଛି । ମହାଶୂନ୍ୟରେ ପ୍ରାସାଦ ନିର୍ମାଣ ପରିକଳ୍ପନା ତା'ର ଅନେକ ସଫଳତା ମଧ୍ୟରୁ ଏକ ସାମାନ୍ୟ ଉଦାହରଣ ମାତ୍ର । ଜାପାନୀମାନଙ୍କର କାଗଜଘର, ବରଫ ପଡୁଥିବା ଅଞ୍ଚଳରେ କାଠଘର, ମରୁଭୂମିର ତମ୍ବୁ ତଳ ବା ଓଟର ପିଠତଳକୁ ଆଶ୍ରୟ କରୁଥିବା ମନୁଷ୍ୟ କ'ଣ ନ କରିପାରେ ସତେ ! !ତେବେ ଏସୃଷ୍ଟିରେ କି ଖୋଲା ଆକାଶତଳେ ମନୁଷ୍ୟ ଜୀବନ ବିତାଏ-ଏଭଳି ନଜିରର ବି ଅଭାବନାହିଁ । ୱାସିଂଟନ୍, ଟୋକିଓ, ଚିକାଗୋ, ଦିଲ୍ଲୀ, ବମ୍ବେ ପରି ବଡ଼ବଡ଼ ନଗରରେ ଅତି ସୁନିପୁଣ କୌଶଳରେ ତିଆରି ବିଳାସପୂର୍ଣ୍ଣ ପ୍ରାସାଦ ଦେଖି ଚିତ୍ତରେ ଗୃହହୀନମାନଙ୍କର ଗୃହସମସ୍ୟାକୁ ଚିନ୍ତାକରିପାରୁ ପାରେନା । ବାସହୀନକୁ ବାସଗୃହ ଦରକାର । ବାସଗୃହ କହିଲେ ସ୍ଥାୟୀଭାବେ ବସବାସ ପାଇଁ ନିର୍ମିତ ବା ଉଦ୍ଦିଷ୍ଟ ଘର । କିନ୍ତୁ ସ୍ମରଣୀୟ ଯେ ବାସଗୃହ ଓ ଭଡ଼ାଘର ଏକାକଥା ନୁହେଁ ।

ଗୃହପାଇଁ ସାମାଜିକ ମଣିଷ କେତେ ବ୍ୟାକୁଳ ତାହା ନିମ୍ନ ଉଦାହରଣରୁ ବୁଝିହୁଏ—

୧ । 'ଗୃହ' ଶବ୍ଦରୁ 'ଘର' ଶବ୍ଦର ସୃଷ୍ଟି । ସେହିପରି 'ଗୃହିଣୀ' ରୁ 'ଘରଣୀ' ; 'ଗୃହସ୍ଥ'ରୁ 'ଗେରସ୍ତ' ଶବ୍ଦର ଉଦ୍‌ଭବ । "ଘର"ର ଅନ୍ୟନାମ "ସଂସାର" । ସଂସାର ପରି ଏକ ବ୍ୟାପ୍ତ କଥାକୁ ଘର ଉପରେ ଆଧାରିତ କରାଯାଇ ଘରର ମହତ୍ତ୍ୱକୁ ବଢ଼ାଇ ଦିଆଯାଇଛି । ଅତଏବ 'ବିନ୍ଦୁ' ଭିତରେ 'ସିନ୍ଧୁ'କୁ ଉପଲବ୍ଧି କଲାଭଳି 'ଘର' ହେଲା 'ସଂସାର'ର କ୍ଷୁଦ୍ର ସଂସ୍କରଣ ରୂପେ ଏକ ମିନିଏଚର ।

୨ । ଝିଅବାହା ବେଳେ ବାପାମାଆ ଖୋଜନ୍ତି "ବରଘର" କନ୍ୟାପାଇଁ ବର ଦରକାର ଓ ଘର ମଧ୍ୟ ଦରକାର । ସ୍ଥଳବିଶେଷରେ ଜଣେ ତରୁଣୀକୁ ବୁଢ଼ାବର ଓ କୋଠାଘର ଯୋଗାଇ ଦିଆଯାଇଥାଏ । ବୋଧହୁଏ କୋଠାଘର ପ୍ରଲୋଭନରେ ତରୁଣୀଜଣକ ବୁଢ଼ାବରକୁ ଆଦରିଯାଏ । ଜଣେ ତରୁଣୀପାଇଁ ବୁଢ଼ାବରର ଅଯୋଗ୍ୟତାକୁ କୋଠାଘର ପୂରଣକରେ ବୋଲି ସମାଜ ମତଦେଇ ତାହା ଗ୍ରହଣ କରିନିଏ ।

୩ । ଘରଭାଙ୍ଗିଯିବାଠାରୁ ବଡ଼ ବିପତ୍ତି ନାହିଁ । ଗ୍ରାମବହୁଳ ଭାରତବର୍ଷର ଗ୍ରାମୀଣ ଜୀବନରେ ଅଗ୍ନିନିରୋଧକ ( Fire Proof ) ଗୃହ ଅପେକ୍ଷା ଛପରଘରର ସଂଖ୍ୟା ଅଧିକ । ଘର ପୋଡ଼ି ପୁଣି ବଡ଼ ବିପଦ । କଥାରେ ଅଛି— "ଘରପୋଡ଼ିଠାରୁ ବିପତ୍ତି ନାହିଁ । ଘରତିଆରି ଓ ତାହାର ରକ୍ଷଣାବେକ୍ଷଣ ସଂପର୍କରେ କଥାଅଛି—

''ଭଲ ଡାଳ—
ପୋତାଶାଳ—
ଭିଥହେନ୍ତାଳ—
ଘରଣୀ ଚେତାଳ—
ଏ ଘରରହେ ଅପାର କାଳ '' ।

୪ । ଘରଭିତରେ ମଣିଷ ନିରାପଦରେ ରହେ । ଏଣୁ କୁହାଯାଏ—''ଘରୁ ବାହାରିଲେ ଅନାଥ ବାଆ ବହେ'' । ବଦଖର୍ଚ୍ଚୀ ପୁତ୍ରକୁ ଗୁରୁଜନବର୍ଗ ଯେଉଁ ଅପମାନସୂଚକ ଶବ୍ଦମାନ ପ୍ରୟୋଗ କରନ୍ତି ''ବାସ୍ତୁଘ୍ନ'' । ''ବାସ୍ତୁ'' ଅର୍ଥ ବାସଗୃହ ବାସସ୍ଥାନ ବା ଭିଟାମାଟି । ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଆମ ସଂସ୍କୃତିରେ ଅଚଳନ୍ତି ଭୂସଂପତ୍ତି ବିଶେଷକରି ଭିଟାମାଟି ପ୍ରତି ଲୋକମାନଙ୍କର ସର୍ବାଧିକ ମମତା ରହିଥାଏ । ପୁତ୍ରର ଆପଣାର ବାସକୁ ନିଜର ଦୁର୍ବୁଦ୍ଧି ଯୋଗୁ ହରାଇଥାଏ । ଅତଏବ ତା ପ୍ରତି ଦରଦ ପ୍ରକାଶ କରିବା ଯାହା ଅପାତ୍ରରେ ଦାନଦେବା ତାହା । ମାତ୍ର ବାସହୀନ ପ୍ରକୃତରେ ଦୟାର ପାତ୍ର । ଶରଣାର୍ଥୀ, ଗୋତିଶ୍ରମିକ, ଜମିଦାରଙ୍କର ସିକିମ୍ପ୍ରଜା ଏମାନେ ହେଲେ ବାସ୍ତବରେ ଗୃହହୀନ ଓ ବସ୍ତୁହରା । ବସ୍ତୁପାଇଁ ସେମାନଙ୍କର ଆତୁର କାତର ଆଖି କେବେ ଦେଖିଛନ୍ତି କି ?

୫ । ଘରଟିଏ ଗଢ଼ିବା ଏକ ଧର୍ମକାର୍ଯ୍ୟ । ଠିକ୍ ସେ ଉକ୍ତିର ବିପରୀତ ଅର୍ଥ ବୁଝାଉଥିବା ''ଘରଭଙ୍ଗା'' ବିଶେଷଣରେ ଟାଉଟରର ସ୍ତରର ଲୋକକୁ ଭୂଷିତ କରାଇ ସମାଜ ବଡ଼ ସମାଲୋଚକର ପଦ ମର୍ଯ୍ୟାଦା ପାଏ । ଆଗକାଳେ ରାଜାମହାରାଜାମାନେ ପଣ୍ଡିତ ଓ ବ୍ରାହ୍ମଣମାନଙ୍କ ପାଇଁ ଶାସନ ବସାଇବା, ଦରିଦ୍ରକୁ ଆଶ୍ରୟଦେବା, ଘରଡିହ ଓ ଗୃହନିର୍ମାଣ ଉପକରଣ ତଥା ତନ୍ନିମିତ୍ତ ଅର୍ଥଦାନ କରିବାର ବହୁ ପ୍ରମାଣମିଳେ । ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଆତ୍ମଗୋପନ କରି ସଂଗ୍ରାମ ଚଳାଉଥିବା ଡାପଙ୍ଗଗଡ଼ର ପ୍ରବଳ ପ୍ରତାପି ମାଧବଚନ୍ଦ୍ର ଦଳବେହେରା ଜଣେ ଗୃହହୀନ କୈବର୍ତ୍ତକୁ ଗୃହ ଓ ନୌକା ନିର୍ମାଣ ପାଇଁ ସାହାଯ୍ୟ ଦେବାକୁ ଯାଇ ନିଜେ ଖୋର୍ଦ୍ଧା କୋର୍ଟରେ ଆତ୍ମସମର୍ପଣ କରି ତାଙ୍କ ମୁଣ୍ଡପାଇଁ ଘୋଷିତ ହୋଇଥିବା ପୁରସ୍କାର କଥିତ କୈବର୍ତ୍ତକୁ ଦିଆଯିବାର ସ୍ୱୀକୋକ୍ତି ଦେବା ଏକ ଅମର ଜ୍ୱଳନ୍ତ ଇତିହାସ ନୁହେଁ କି ? ଅଧୁନାତନ ଯୁଗରେ ମଧ୍ୟ ସରକାର ଭୂମିହୀନକୁ ଘରଡିହ ଯୋଗାଇବା ଘରତିଆରି ପାଇଁ ଋଣଦେବା, ଗୃହନିର୍ମାଣ ସଂସ୍ଥା ଜରିଆରେ ଗ୍ରାମ ଓ ସହରାଞ୍ଚଳରେ ଘରତିଆରି କରି କିସ୍ତି ଅନୁସାରେ ବିକ୍ରୟ କରିବା, ନଗର ଉନ୍ନୟନ ଯୋଜନା କାର୍ଯ୍ୟକାରି କରି ନୂତନ କଲୋନୀ ସୃଷ୍ଟି କରିବା ଓ ସ୍ଥିତନଗରର ନବୀକରଣ ଓ ସୌନ୍ଦର୍ଯ୍ୟ ଅଭିବୃଦ୍ଧି ପାଇଁ ପଦକ୍ଷେପମାନ ନେବା ଆଦି ଯୋଜନାମାନ ଚଳାଉଛନ୍ତି । ପରିକଳ୍ପିତ ବିଂଶସୂତ୍ରୀ କାର୍ଯ୍ୟ-କ୍ରମରେ ବାସଗୃହ ସମସ୍ୟା ସମାଧାନ ଓ ଗ୍ରାମ୍ୟ ପୁନର୍ଗଠନ ଅନ୍ତର୍ଭୁକ୍ତ କରାଯିବା ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ଅଟେ । ସହରାଞ୍ଚଳରେ ଗୃହହୀନଜନିତ ଅସୁବିଧାକୁ ଦୂରକରିବା ପାଇଁ ଓ କାର୍ଯ୍ୟ ଉପଲକ୍ଷେ ସହରଗତ ଯାତ୍ରୀମାନଙ୍କର ଅସୁବିଧାକୁ ମେଣ୍ଟାଇବା ପାଇଁ ସୁଲଭ ଶୌଚାଳୟ ଯୋଜନା ମଧ୍ୟ ହାତକୁ ନିଆଯାଇଛି ।

ସାଧାରଣତଃ ସୃଷ୍ଟିର ନିୟମାନୁସାରେ ଘର ପୁରୁଣା ହେଲେ ଭାଙ୍ଗିଯାଏ. ଗୃହଦାହ, ବାତ୍ୟା, ବନ୍ୟା ଭୂକମ୍ପ ଆଦି ଦୈବୀ ଦୁର୍ବିପାକ କବଳରେ ଘର ମଧ୍ୟ ନଷ୍ଟ ହୁଏ ।

କେତେକ କ୍ଷେତ୍ରରେ ଆଳସ୍ୟବଶତଃ ହେପାଜତ ବା ଯତ୍ନର ଅଭାବରୁ କିମ୍ବା ଇର୍ଷାଦ୍ୱେଷର ଶିକାର ହୋଇ କୃତ୍ରିମ ଉପାୟରେ ଅକାଳରେ ଘର ଉଜୁଡ଼ି ଯାଏ । ମଣିଷ ମନରେ ସେ ହୀନଭାବ ନ ରହିବା ଉଚିତ । ବାସ ହୀନଙ୍କୁ ବାସ ଗୃହ ଦରକାର । ଜନସାଧାରଣ, ସରକାର. ସର୍ବୋପରି ବାସଗୃହ ଆବଶ୍ୟକ କରୁଥିବା ବ୍ୟକ୍ତି ନିଜେ ସଚେଷ୍ଟ ହେଲେ ଏହା ସମ୍ଭବପର ହୁଏ । ଜଣେ ବାସହୀନ ଦରିଦ୍ରକୁ ପ୍ରତ୍ୟେକ ଥିଲାବାଲା ଖଣ୍ଡେ ଇଟା ଓ ଟଙ୍କାଟିଏ ଲେଖା ସାହାଯ୍ୟ କଲେ ଆପଣାର ଶ୍ରମ ବିନିଯୋଗ କରି ଗୃହହୀନ ବ୍ୟକ୍ତି ଗୃହନିର୍ମାଣରେ ସାମର୍ଥ୍ୟ ହୋଇ ପାରିବେ । ସରକାରଙ୍କ ପୂର୍ଣ୍ଣ ସହାୟତା ଯଦି ପ୍ରତ୍ୟେକ ଗୃହହୀନ ଜନସାଧାରଣ କାମନା କରନ୍ତି, ତେବେ କଥାଟା ଭିନ୍ନରୂପ ନେବ ।

ପ୍ରଶ୍ନ ଆସିବ—"ସରକାର କିଏ ?"

ଉତ୍ତର ହେବ—"ଆମେ, ଆପଣ ଓ ସମସ୍ତେ ।"

ତେବେ ଆମ ସମସ୍ତଙ୍କର ସହାୟତାରେ ଘର ହେବ । ବନ-ନିଗମରୁ ରିହାତି ମୂଲ୍ୟରେ କାଠ, ବାଉଁଶ, ବହଳା ଯୋଗାଡ଼ କରି, ଗୃହନିର୍ମାଣ ବୋର୍ଡ ବା ତତ୍ ସଂପୃକ୍ତ ଦପ୍ତରରୁ ଆନୁସଙ୍ଗିକ ଅର୍ଥ ଓ ପରାମର୍ଶର ସହାୟତା ନେଇ ଆପଣାର ଶ୍ରମ ମେହେନତ ମିଶାଇ ପାରିଲେ ଘର ଠିଆ ହେବ । ଚାରି ପାଖରୁ ସାହାଯ୍ୟ ନ ମିଳିଲେ ସହାନୁଭୂତି କଥାପଦେ ତ, ମିଳିବ । ସେଇ ଉଦ୍‌ବୋଧନ ତ ଲକ୍ଷେ ଟଙ୍କାର ବଳ ଦେବ ।

ବିଶ୍ୱରେ ପ୍ରାୟ ପ୍ରତି ୪ ଜଣରେ ଜଣେ ଗୃହହୀନ କିମ୍ବା ବାସ ଅନୁପଯୁକ୍ତ ସ୍ଥାନରେ ଆଶ୍ରା ନେଉଥିଲା ବେଳେ ଭୂମି, ଶ୍ରମ ଓ ଶକ୍ତିର ଅଯଥାର୍ଥ ଅପବ୍ୟବହାରରେ ଆମେ କେବଳ ବ୍ୟଥିତ ନହୋଇ ତାହାର ନିରାକରଣ ବ୍ୟବସ୍ଥା କରିବା ଉଚିତ୍ । ଲଟିନ ଆମେରିକାରେ କେବଳ ୨ କୋଟି ଶିଶୁ ଓ ଯୁବକ ରାସ୍ତାକଡ଼ରେ ଆଶ୍ରା ନେଉଥିଲା ବେଳେ ଦକ୍ଷିଣ ଆଫ୍ରିକାର ସହରମାନଙ୍କରେ ବସବାସ କରୁଥିବା ପ୍ରାୟ ୮୦ ଲୋକ ଅସ୍ୱାସ୍ଥ୍ୟକର ପରିବେଶରେ ବାସକରନ୍ତି । ଧନକୁବେର ଆମେରିକାରେ ପ୍ରାୟ ୨ଲକ୍ଷ ଲୋକ ବାସହୀନ ଅଟନ୍ତି । ଏ ପରିପ୍ରେକ୍ଷୀରେ ସମସ୍ୟାର ଆଶୁ ସମାଧାନ ପାଇଁ ସମସ୍ତେ ତତ୍ପର । ଜାପାନର ପ୍ରଧାନମନ୍ତ୍ରୀ ଶ୍ରୀ ଯାଶୁହୀରୋ ନାକା-ସୋନ୍ କହନ୍ତି କି ତାଙ୍କ ଦେଶ ଜାପାନ ପୃଥିବୀର ବିକାଶୋ-ନ୍ମୁଖ ରାଷ୍ଟ୍ରମାନଙ୍କୁ ଏ ବାବଦରେ ସହାଯତା କରିବ । ଧନୀ ଲୋକ ଧର୍ମନିମିତ୍ତ ମଠ, ମନ୍ଦିର ନିର୍ମାଣରେ ଅର୍ଥ ବିନିଯୁକ୍ତ କରନ୍ତି । ସେମାନଙ୍କୁ ନିବେଦନ—"ମାନବ ପ୍ରତି ସଦୟ ବ୍ୟବହାରରେ ଦେବତା ସନ୍ତୁଷ୍ଟ ହୁଅନ୍ତି । ଜନ ସାଧାରଣ ମାନବବାଦୀ ହୁଅନ୍ତି । ଗୃହହୀନ ନିରନ୍ନଙ୍କୁ ଦାନ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇ ବିନିଯୁକ୍ତ ଅର୍ଥର ପ୍ରକୃତ ମୂଲ୍ୟ ପାଆନ୍ତୁ ।" ମାନବବାଦୀ କବି ସ୍ୱର୍ଗତ ଦୟରୁଧର ପରିଡ଼ାଙ୍କ ଆହ୍ୱାନ କହେ—

"ବାସହୀନ ଶତ ଦରିଦ୍ର ଲକ୍ଷତ
ରହିଛନ୍ତି ଯେତେ ଯହିଁ,
ତୋଳିଦିଅ ତହିଁ କୁଟୀର ମାଳିକା
ମୁଖେ ତାଙ୍କ ଅନ୍ନଦେଇ ।
ତାହାହିଁ ଦେବତା ମନ୍ଦିର ରଚନା
ତାହା ତାଙ୍କ ଭୋଗ ଖଞ୍ଜା ।,
ଦେବାଶିଷ ନିଶ୍ଚେ ଲଭିବ ମାନବ
କଲେ ଦେବତା ପୂଜା ।"

ମାନବ ପୂଜାରେ ଯଦି ଅହଙ୍କାରର ପ୍ରଚ୍ଛନ୍ନ ଛାପ ରହେ ତେବେ ସେହି ଦାନ ଅନୁଦାନ ବିକୃତ ଓ ବିକଳାଙ୍ଗ ହିଁଏ । ଅନୁଗ୍ରାହୀର ମର୍ଯ୍ୟାଦାହାନି ଘଟେ । ଅତଏବ ହାର୍ଦ୍ଦିକତା ଓ ସମ୍ମାନର ସହ ଏ ସବୁ ସମ୍ପାଦିତ ହେବା ଆବଶ୍ୟକ । ଅନ୍ୟଥା ଗ୍ରହୀତା ମନର ପୁଞ୍ଜିଭୂତ ଅସନ୍ତୋଷ ଅସ୍ୱାଗତ ପରିବ୍ୟାପ୍ତ ଅଶାନ୍ତି ବିଶ୍ୱର ନୈତିକ ଜୀବନକୁ କଳୁଷିତ କରିବ । ବର୍ତ୍ତମାନ ବ୍ୟକ୍ତି ଜୀବନଠାରୁ ଆରମ୍ଭକରି ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ବିଶ୍ୱର ପ୍ରତିଟି କ୍ଷେତ୍ରରେ ପୁଞ୍ଜିବାଦ, ଅସମତା, ବର୍ଣ୍ଣ ବୈଷମ୍ୟ ଆଦି ଯୋଗୁଁ ଜନଜୀବନ ବିପନ୍ନ ହୋଇପଡ଼ିଛି । ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ, ପରସ୍ପର ମଧ୍ୟରେ ସାହାଯ୍ୟ ସହାନୁଭୂତି ଆନୟନ, ବିଶ୍ୱରୁ ଯୁଦ୍ଧଭୟ ଦୂରକରିବା ଆଦି ହେଲା ଜାତିସଂଘର ମୁଖ୍ୟ ଲକ୍ଷ୍ୟ । ମାନବିକ ସମ୍ବଳର ପୂର୍ଣ୍ଣ ବିକାଶ ଓ ସାମର୍ଥ୍ୟର ପୂର୍ଣ୍ଣ ଉପଯୋଗ ହୁଏ ତା'ର ଶାରିରୀକ, ମାନସିକ ଓ ବୌଦ୍ଧିକ ଆବଶ୍ୟକତା ପରିପୂରଣରେ ତେଣୁ ଗୃହହୀନ, ଅଶାନ୍ତ ବୁଭୁକ୍ଷୁ ଠାରୁ ନୈତିକତା ଆଶାକରିବା ପ୍ରାୟତଃ ଭୁଲ । ଏଇଥିରୁ ଜନ୍ମ ନିଏ ଅପରାଧ ପ୍ରବଣତା । ପୁଣି ଅପରାଧକୁ ଦମନ କରିବା ପାଇଁ ସମର୍ଥ ମାନବଶକ୍ତି ବିନିଯୁକ୍ତ ହେବା ଅନ୍ୟ ଏକ ନିର୍ବୋଧତା । "ମୂଳୁ ମାଇଲେ ଯିବ ସରିଙ୍କ" ନ୍ୟାୟରେ ଅସମତା ଅନ୍ୟାୟର ମୂଳୋତ୍ପାଟନ କରାଗଲେ ପଶୁପକ୍ଷୀର ମନ ବୁଝୁଥିବା ମଣଷ ଭିତରେ ଶାନ୍ତି-ପ୍ରୀତି ମୈତ୍ରୀଭାବ ରହିବ ହିଁ ରହିବ ।

ବିଶାଳ ବିଶ୍ୱରୁ ଫେରି ପୁଣି ସେଇ ଟିକି ଘରକୁ ଆସିବା । କୁଟାକାଠି କିମ୍ବା ଇଟା ପଥରର ମୂର୍ତ୍ତ ବସ୍ତୁରେ ଗଢ଼ା ଘର ଭିତରେ ଅମୂର୍ତ୍ତ ଚିନ୍ତାଧାରାରେ ପରଶ ରହିବା ସହି ଆମ ଏଇ ପୃଥିବୀର ପ୍ରତିଟି ସଂସ୍କୃତିର ଏକ କାଳ୍ପନିକ ସୁଖମୟ ପୁରର ପରିକଳ୍ପନା କରାଯାଇଛି । କିଏ କହେ ତାହା-ସ୍ୱର୍ଗ ; କିଏ କହେ ବୈକୁଣ୍ଠ ବା ଗୋଲକପୁର ; କିଏ ଅବା କହେ Heaven. ତେବେ ତୁଳନା ଉପମାରେ ଉପାଣିତ ଆମର ଘରେ ଉପସ୍ଥିତଟି ହେଲା—

"ବୈକୁଣ୍ଠ ସମାନ ଆହା ଅଟେ ସେଇ ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।"

ଶିକ୍ଷୟିତ୍ରୀ,
ସରକାରୀ ଉଚ୍ଚବାଳିକା ବିଦ୍ୟାଳୟ, ୟୁନିଟ୍-୨ ଭୁବନେଶ୍ୱର-୯

# ଓଡ଼ିଶାର ଝୁଲଣ ଯାତ୍ରା

ଅଧ୍ୟାପିକା ଶୁଭ୍ରାଂଶୁବାଳା ମହାନ୍ତି

ଓଡ଼ିଶାର ସ୍ମୃତି ଗ୍ରନ୍ଥମାନଙ୍କରେ ଝୁଲଣ ଉତ୍ସବର କୌଣସି ପରିଚୟ ନଥିଲେ ମଧ୍ୟ ଏହାକୁ "ନବୀନ ଉତ୍ସବ" ବା "ପରବର୍ତ୍ତୀ ଉତ୍ସବ" କୁହାଯାଇଥାଏ । ଏହି ଯାତ୍ରା ଜଗନ୍ନାଥ ମହାପ୍ରଭୁଙ୍କର ତ୍ରୟୋଦଶ ଯାତ୍ରା ମଧ୍ୟରେ ଅଙ୍ଗୀଭୂତ ନହେଲେ ମଧ୍ୟ ଉପଯାତ୍ରାମାନଙ୍କ ମଧ୍ୟରେ ପ୍ରଧାନ । ଶ୍ରାବଣମାସ ଶୁକ୍ଳ ଦଶମୀଠାରୁ ଝୁଲଣଯାତ୍ରା ଆରମ୍ଭ ହୋଇ ଭାଦ୍ରବ ପ୍ରତିପଦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଏହାର ବହୁଳ ପ୍ରଚାର ଓ ପ୍ରସାରରୁ ସ୍ପଷ୍ଟ ଅନୁମେୟ ଯେ ଏହାଏକ ପୁରାତନ ଉତ୍ସବ । ତଥାପି ରସିକ ଦାସ, ମାଧବୀ ଦାସ, ବନମାଳୀ ଦ୍ୱିଜ ଓ ହଳଧର ଦାସ କବିମାନଙ୍କର ପ୍ରାଚୀନ ସଙ୍ଗୀତମୂଳକ ରଚନାରୁ ଜଣାଯାଏ ଯେ ଏହା ରାୟ ରାମାନନ୍ଦଙ୍କର ପ୍ରଭାବରୁ ୧୫୫୦–୧୫୬୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦେବସଭା ମଣ୍ଡପଠାରେ ଆରମ୍ଭ ହୋଇଥିଲା । ପୁଣି ମାଦଳାପାଞ୍ଜିର ଉଲ୍ଲେଖରୁ ଜଣାପଡେ ଯେ ଚୈତନ୍ୟ ମହାପ୍ରଭୁ ତଥା ଅନ୍ୟ ବୈଷ୍ଣବମାନଙ୍କର ଏକ ସିଦ୍ଧାନ୍ତ ଓ ସମୂହ ଆଲୋଚନାରୁ ଝୁଲଣଯାତ୍ରା ଅନୁଷ୍ଠିତ ହେଉଅଛି ।

ଝୁଲଣଯାତ୍ରାକୁ "ହିନ୍ଦୋଳ ମହୋତ୍ସବ" ତଥା "ଚନ୍ଦ୍ରାବଳୀ ରସ" ମଧ୍ୟ କୁହାଯାଏ । ଏହି ଯାତ୍ରାରେ ରାଧାକୃଷ୍ଣଙ୍କୁ ଯୁଗଳ ଭାବେ ଦୋଳିରେ ଉପବେଶନ କରାଇ ଝୁଲା ଯାଉଥିବାରୁ ଏହାକୁ ଝୁଲଣଯାତ୍ରା କୁହାଯାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ଏହି ପ୍ରାବୃଟ କାଳରେ ଗୋପପୁରର ଆନନ୍ଦ ଗୋପୀ, ଶ୍ରୀକୃଷ୍ଣ ଓ ରାଧାଙ୍କୁ ପୁଷ୍ପଦୋଳିରେ ବସାଇ ଝୁଲାଉଥିବାରୁ ଏ ଯାତ୍ରାର ଏପରି ନାମକରଣ ହୋଇଛି । ଏହାଛଡା ଶ୍ରୀକୃଷ୍ଣ ସେହି ସମୟରେ ରାଜଗୀଜାରୁ ଜଣାଯାଏ ଯେ ଜଗନ୍ନାଥଙ୍କୁ ଅବତାରୀ ବିଗ୍ରହ ବୋଲି ସ୍ୱୀକୃତ କରାଯାଇଛି । ତଥାପି ଏଥିରେ ବ୍ରଜଲୀଳାମୟ କୃଷ୍ଣଚନ୍ଦ୍ରଙ୍କର ଲୀଳାଘଟନ ଏଠାରେ ପ୍ରତ୍ୟକ୍ଷ ଭାବରେ ପର୍ଯ୍ୟବେସିତ ହୋଇନାହିଁ । ଏହି ବିଷୟ ଉପରେ ମତାନୈକ୍ୟ ହେବାରୁ ରାଜା ବଡଦ୍ୱାର ନିକଟରେ ଗୋଟିଏ ପୁରାଣ ସଭା ଡକାଇ ଥିଲେ । ଏହି ଧର୍ମ ସଭାରେ ୩୯ ଜଣ ବ୍ୟବସ୍ଥାପକ, ଅଣଷଠି ମଣ୍ଡଳୀ ଓ ୪ ସଂପ୍ରଦାୟର ମହାବୈଷ୍ଣବମାନେ ଏକତ୍ର ହେଲେ । ଏହି ଧର୍ମ ସଭାରେ ଶ୍ରୀକୃଷ୍ଣଙ୍କର ରାସକୁ ଉପରେ ଅବତାରଣା କରାଗଲା । ଏଥିରେ ମନ୍ଦିରର ବଡ ପଣ୍ଡା ଗୋଦାବର ରାଜଗୁରୁ କୃଷ୍ଣଚନ୍ଦ୍ରଙ୍କର ଲୀଳାରେ ଶରତରାସ, ବସନ୍ତରାସ, ଓ ପ୍ରାବୃଟରାସ ତ୍ରୟ ପ୍ରଧାନ ବୋଲି ମତ ଦେଇଥିଲେ । ସେ ନିଜ ପୁସ୍ତକରେ ଶରତରାସ, ଦୋଳରେ ବସନ୍ତରାସ ଓ ଶ୍ରୀଗୁଣ୍ଡିଚ୍ଚା ସମୟରେ ପ୍ରାବୃଟରାସ । ଏସବୁ ଶ୍ରୀମନ୍ଦିରର ଆତପ ମଣ୍ଡପରେ ଅନୁଷ୍ଠିତ ହୋଇଥାଏ । କିନ୍ତୁ ଏହି ରାସମାନଙ୍କ ମଧ୍ୟରୁ ପ୍ରାବୃଟରାସ ଦର୍ଶନୋପଯୋଗୀ ହୋଇ ନଥିବାରୁ ଏହି ରାସକୁ ଦର୍ଶନଯୋଗ୍ୟ କରିବାକୁ ରାୟ ରାମାନନ୍ଦ ପ୍ରସ୍ତାବ ଆଗତ କରିବାରୁ, ଏହା ରାଜା ପ୍ରତାପରୁଦ୍ର ଦେବଙ୍କର ୪ ଅଙ୍କରେ ଦର୍ଶନଯୋଗ୍ୟ ହେବାକୁ ସ୍ଥିର ହେଲା । ଏହାର ଦାୟିତ୍ୱ ଗୋଦାବର ରାଜଗୁରୁଙ୍କ ଉପରେ ନ୍ୟସ୍ତ କରାଗଲା । ସେହି ସଭାର ସ୍ମୃତି ଉଦ୍ଦେଶ୍ୟରେ ସେହି ମଠର ନାମ "ପୁରାଣ ସଭା ମଠ" ନାମରେ ଅଭିହିତ କରାଗଲା । ସେହି ମଠରେ ଶ୍ରୀକ୍ଷେତ୍ରର ସମସ୍ତ ଧର୍ମ ଚର୍ଚ୍ଚା କରାଯାଉଥିଲା ଏବଂ ସନ୍ଥ ମହନ୍ତଙ୍କର ଅନୁମୋଦନରେ ଶ୍ରାବଣ ଭାଦ୍ରବ ମାସର ସନ୍ଧି ସ୍ଥଳରେ ଚନ୍ଦ୍ରାବଳୀରାସ ବୃନ୍ଦାବନଲୀଳା ଭାବେ ଅଚରିତ ହେଲା । ତେଣୁ, ସେହି ଦିନଠାରୁ ପ୍ରାବୃଟରାସ ଯେଉଁ ଆତପ ମଣ୍ଡପରେ ଗୁପ୍ତଭାବରେ ଅନୁଷ୍ଠିତ ହେଉଥିଲା, ଆଉ ସେଠାରେ ନହୋଇ ନୃସିଂହ ମଣ୍ଡପ ବା ମୁକ୍ତି ମଣ୍ଡପରେ ସ୍ଥିରଭାବେ ପ୍ରଚଳିତ ହେଉଅଛି । ଯଦିଓ ମଣ୍ଡପ ଝୁଲଣ ଉଦ୍ଦେଶ୍ୟରେ ନହୋଇଛି, ତଥାପି ଶ୍ରୀଚୈତନ୍ୟଙ୍କ ପରେ ଏହା ତିଆରି ହୋଇଥିବାରୁ ମଣ୍ଡପର ଉର୍ଦ୍ଧ୍ୱ ବରାଣ୍ଡିରେ ଶ୍ରୀଚୈତନ୍ୟଙ୍କର ପ୍ରତିମୂର୍ତ୍ତି ତତ୍‌କାଳୀନ ପ୍ରଭାବରେ ସ୍ଥାନ ପାଇଛି । ଏହି ଝୁଲଣଯାତ୍ରା ବିଶେଷ ଭାବେ ଦିବ୍ୟସିଂହଙ୍କର ୩ୟ ଓ ୪ର୍ଥ ଅଙ୍କ ସମୟରେ ପ୍ରସାର ଲାଭ କରିଥିଲା । ସଭାର ନିୟମାନୁଯାୟୀ ମଠାଧୀଶମାନେ ଏହି ଝୁଲଣ କାର୍ଯ୍ୟ ସମ୍ପାଦନ କରୁଥିଲେ । ଏବେ କିନ୍ତୁ ଶ୍ରୀମନ୍ଦିର ତରଫରୁ ସେବାୟତମାନେ ଏହା ସମ୍ପାଦନ କରୁଛନ୍ତି ।


ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ସର୍ବତ୍ର ଝୁଲଣ ଯାତ୍ରା ପାଳନ କରାଯାଉଛି । ମଠବାଡ଼ି ଓ ଦେବାଳୟମାନଙ୍କରେ ବହୁ ଆଡମ୍ବରରେ ଏହି ଯାତ୍ରା ପାଳନ କରାଯାଏ । ପୁରୀ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ପରେ ସାୟଂ କାଳରେ ଶ୍ରୀବ୍ରଜେନ୍ଦ୍ରନନ୍ଦନ ମଦନମୋହନ, ଲକ୍ଷ୍ମୀଦେବୀ ଓ ସରସ୍ୱତୀଦେବୀଙ୍କ ସହିତ ଅପୂର୍ବ କାରୁକାର୍ଯ୍ୟ ଖଚିତ ହିନ୍ଦୋଳାରେ ବିଜେ କରନ୍ତି । ଦେବାଦେବୀମାନଙ୍କୁ ସୁସଜ୍ଜିତ ଦୋଳରେ ଉପବିଷ୍ଟ କରାଇ ପୂଜକମାନେ ଦୋଳକୁ ଝୁଲାଉ ଥିବାର ଦେଖାଯାଏ । ଯେତେବେଳେ ଦେଖୁଥିଲେ ସେତେବେଳେ ଜଣାପଡେ, ସତେ ଯେପରି ଠାକୁରମାନେ ସବୁବେଳେ ଝୁଲି ରହିଛନ୍ତି । ଅବଶ୍ୟ ଦୋଳିରେ ଝୁଲିଲେ ଛୋଟ ଛୁଆ ଠାରୁ ବଡ ମଣିଷ ସେତିକି ଖୁସି ହୋଇ ଥାଆନ୍ତି ପୂର୍ବ କାଳରେ ସେହି

ପ୍ରଥା ଥିଲା ବୋଲି ଝୁଲଣ ଯାତ୍ରା ସମ୍ପାଦିତ କରେ । ଝୁଲିବା ମନଖୁସିର ଏକ ପରିଚୟ ମାତ୍ର ଏବଂ ମନଦୁଃଖ ଥିବାବେଳେ ଝୁଲିଲେ ମନରେ ପରିବର୍ତ୍ତନ ଆସେ, ମନ ଫୁର୍ତ୍ତି ହୋଇଯାଏ ଓ ଦୁଃଖର ଅବସାନ ଘଟେ । ଏ ଉକ୍ତିରେ ଆଦୌ ଭୁଲ ନାହିଁ । ତେଣୁ ଏ ପର୍ବର ଅନ୍ତର୍ନିହିତ ଉଦ୍ଦେଶ୍ୟ ହିଁ ଖୁସି ବା ଆନନ୍ଦ । ଏହି ମହୋତ୍ସବରେ ନୃତ୍ୟ ସେବା ସମର୍ପଣ କରିବା ଏକ ବିଶିଷ୍ଟ ଅଂଶ । ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ବର୍ତ୍ତମାନ ଠାକୁର ଝୁଲଣରେ ବିଜେ ହେବାପରେ ଗୋଟିପୁଅ ବା କିଶୋର ନୃତ୍ୟ ପରିବେଷଣ କରାଯାଏ । ବୈଷ୍ଣବ ଗ୍ରନ୍ଥରେ ସ୍ତ୍ରୀ ନର୍ତ୍ତକୀମାନଙ୍କଠାରୁ ଦୂରରେ ରହିବା ଲାଗି ନିର୍ଦ୍ଦେଶ ଥିବାରୁ ଗୋଟିପୁଅ ନୃତ୍ୟକୁ ଏଠାରେ ସ୍ଥାନ ଦିଆଯାଇଛି । ବର୍ତ୍ତମାନ ଏହି ଝୁଲଣ ଯାତ୍ରାରେ ଏହା ପ୍ରଧାନ ଅଂଶ ବିଶେଷ ହୋଇଛି ।


ଝୁଲଣ ଯାତ୍ରା ଓଡ଼ିଶାର ପୁରପଲ୍ଲୀରେ ଆଦୃତ । ଏହି ସମୟରେ ନୃତ୍ୟ, ଗୀତ, ବାଦ୍ୟାଦିରେ ମହା ଆଡ଼ମ୍ବରରେ ଶ୍ରୀକୃଷ୍ଣ ଓ ରାଧାଙ୍କର ପ୍ରାବୃଟରାସ ଜନିତ ଝୁଲଣ ଯାତ୍ରା ସମାପ୍ତ ହୁଏ । ଏହାକୁ ଦର୍ଶନ କରିବା ଲାଗି ବିଭିନ୍ନ ପୁରପଲ୍ଲୀରୁ ଲୋକମାନେ ଶ୍ରୀମନ୍ଦିରରେ ଏକତ୍ରିତ ହୋଇଥାଆନ୍ତି । ଏହିପରି ସପ୍ତଦିନ ବ୍ୟାପୀ ଯାତ୍ରାଟି ମହାସମାରୋହରେ ପାଳିତ ହୋଇ ପରିସମାପ୍ତ ହୁଏ । ବଡ ଖୁସିର କଥା, ଶ୍ରୀକ୍ଷେତ୍ର ପୁରୀରେ ଥିବା ଛୋଟବଡ ମଠଗୁଡ଼ିକରେ ଅତି ଜାକଜମକରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ ।

ମନୁଷ୍ୟର କର୍ମମୟ ଜୀବନରେ କର୍ମକ୍ଲାନ୍ତି ଏପରି ଲାଗି ରହିଥାଏ ଯେ, ନିଜକୁ ଖୁସି ରଖିବା ସବୁ ସମୟରେ ସମ୍ଭବ ହୁଏ ନାହିଁ । ତେଣୁ ପର୍ବପର୍ବାଣୀର ଉଦ୍ଦେଶ୍ୟ ମନୁଷ୍ୟ ମନରେ କିଛି ପରିବର୍ତ୍ତନ ଆଣିବା ସାମନାକୁ ସରସ, ସୁନ୍ଦର ଓ ଫୁର୍ତ୍ତି କରିବା । ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ମନୁଷ୍ୟ ପ୍ରତ୍ୟେକ ଋତୁ ବା ସମୟରେ ସବୁ ପ୍ରକାର ଖାଦ୍ୟ ଖାଇପାରେ ନଥାଏ । ତେଣୁ ପର୍ବପର୍ବାଣୀ ଓ ଜାନିଯାତ୍ରାଗୁଡ଼ିକରେ ଭଲ ଭଲରେ ସୁସ୍ୱାଦୁ ଖାଦ୍ୟ ଆୟୋଜନ କରେ । ଅର୍ଥାତ ଏହି ଦୁଇଟି ଉଦ୍ଦେଶ୍ୟରୁ ଅନୁମେୟ ଯେ ପର୍ବପର୍ବାଣୀ, ଯାତ୍ରା, ପର୍ବ ଓ ପବିତ୍ର-ଦିବସଗୁଡ଼ିକରେ ଭଲ ଭାବରେ ଭଲ ଖାଦ୍ୟ ଖାଇ, ଖୁସିରେ ଭ୍ରମଣ କରି ସମୟ କଟାଇବା ଓ ମନରେ କିଛି ନୂତନତା ଆଣିବା । ଏଇଟି କେବଳ ଏହି ସମୟର ସୃଷ୍ଟି ତାହା ନୁହେଁ; ବହୁ ପୁରାତନ କାଳରୁ ହିଁ ଏହା ପ୍ରଚଳିତ ଅଛି । ଏହା ଆମର ସ୍ୱକୀୟ ସଂସ୍କୃତି ।

ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ
ଆଠଗଡ, କଟକ



# ସରକାରୀ ମୁଦ୍ରଣାଳୟରେ ପରମାରାଧ୍ୟ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା



ଭାଦ୍ରବର ମେଘମେଦୁର ଆକାଶ । ଚପଳାର ସ୍ୱର୍ଣ୍ଣାଭ ଝଲକରେ ଚମତ୍କୃତ ପ୍ରକୃତିରାଣୀ । ଝରିଝରି ଆସେ ବିନ୍ଦୁବିନ୍ଦୁ ବାରିଧ । ଧୀର ଶୀତ ସମୀରଣରେ ଧରିତ୍ରୀ ସଦ୍ୟସ୍ନାତା । ଜନମାନସରେ ପବିତ୍ରତାର ମୃଦୁ ସିହରଣ । ଐତିହାସିକ ସ୍ୱାକ୍ଷର ଉଦ୍ଭାସିତ ଏଇ ପୁଣ୍ୟ ଶୌର୍ଯ୍ୟ ନଗରୀସ୍ଥ ସରକାରୀ ମୁଦ୍ରଣାଳୟର ପରିସରରେ ଭକ୍ତିଭାବର ଉଦ୍‌ବେଳନ । ମୁଦ୍ରଣାଳୟର ପ୍ରବେଶ ଦ୍ୱାରର ପୂଜାପୀଠରେ ବିରାଜମାନ ଦେବଶିଳ୍ପୀ ପ୍ରଭୁ ଶ୍ରୀ ଶ୍ରୀ ବିଶ୍ୱକର୍ମା । ମହାହସ୍ତୀ ବାହନରେ ସମାସୀନ । ଏକ ପୌରାଣିକ ଆଖ୍ୟାୟିକା ଅବଲମ୍ବନରେ ପୀଠସ୍ଥଳୀ ସୁଶୋଭିତ । ଓଡ଼ିଆ ଜାତିର ପରମ ପୂଜିତା ମାତା ମହାଲକ୍ଷ୍ମୀ–କ୍ଷୀର ସମୁଦ୍ର ଗର୍ଭଜାତା ଅଗ୍ରଜ ଓ ସ୍ୱାମୀ ଉଭୟଙ୍କ ଦ୍ୱାରା ବିତାଡ଼ିତା–ପିତା ବରୁଣ ଦେବଙ୍କ ପୁରେ ମହାବାରିଧି ତଟରେ ଶ୍ରୀ ଶ୍ରୀ ବିଶ୍ୱକର୍ମା ଦେବଙ୍କୁ ଅର୍ପିତ ଦିଅଛି ମନ୍ଦିର ନିର୍ମାଣ ପାଇଁ–ମାଆର ଆଦେଶ ପତ୍ରର ପରିପାଳନାୟ......ଅଜର–ମାଆ ଦମକାଙ୍କର ଆଳୟ..– ନାନା......ରତ୍ନଖଚିତ ହୀରା, ନୀଳା, ମୋତି, ମାଣିକ୍ୟ, ବୈଦୁର୍ଯ୍ୟ ବିଖଚିତ ରତ୍ନ ସିଂହାସନ–ବହୁସେହି ମହାପ୍ରଭୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ଅପୂର୍ବ ସର୍ଜ–ସତ୍ୟ, ଶାନ୍ତି, ଦୟା ଓ କ୍ଷମାର ପ୍ରତୀକ ପ୍ରଭୁ ସତତ କର୍ମ ନିରତ । ହସ୍ତରେ ନିହାଣ ଓ ମୁଦ୍‌ଗର । ଯୁଗଯୁଗ ଧରି ମୁଦ୍ରଣାଳୟ କର୍ମଚାରୀମାନଙ୍କୁ କର୍ମାଭିମୁଖୀ କରିବା ପାଇଁ ରହି ଦିଅନ୍ତି

ହୃଦୟରେ ଅଦମ୍ୟ ପ୍ରେରଣା, ଉତ୍ସାହ, ଆଶା ଓ ଆକାଂକ୍ଷାର ନବକୁସୁମ ।

ଏଠି ସଂଗଠନର ପ୍ରଶ୍ନନାହିଁ ଭେଦାଭେଦର ରଚନା ନାହିଁ.. ପରସ୍ପରଣାର ସଂକୀର୍ଣ୍ଣତା ନାହିଁ । ଅଛି ଅଭେଦ ମଣ ହୃଦୟର ବନ୍ଧନ । ଜାତି, ଦଳ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଐକ୍ୟ ତାନର ମନ୍ତ୍ରରେ ଉଦବୁଦ୍ଧ ହେବାର ମହାସ୍ରୋତ ।

ପ୍ରତୋଷବର ଏକମାତ୍ର ପୂର୍ବରୁ ସମସ୍ତ ଉପ-ବିଭାଗର ଅନୁମୋଦନକ୍ରମେ ବିଭାଗୀୟ କର୍ମଚାରୀମାନଙ୍କର ସମ୍ମିଳିତ ବୈଠକରେ ନିର୍ବାଚିତ ହୋଇଥାନ୍ତି ସର୍ବସମ୍ମତିକ୍ରମେ ସଭାପତି, ଉପ-ସଭାପତି, ସଂପାଦକ, ନାଟ୍ୟ ସଂପାଦକ ପ୍ରଭୃତି ।

ଶ୍ରୀ ଶ୍ରୀ ବିଶ୍ୱକର୍ମାଦେବଙ୍କ ପୂଜା ଆରାଧନା ଅନୁଷ୍ଠିତ ହେଲ ଉନେଇ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଷୋଡ଼ଶୋପଚାରରେ ... ଧ୍ୟାନ, ଆବାହନ, ଆସନ, ପାଦ୍ୟାର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଳ, ନୀରାଜନ, ଅର୍ଚ୍ଚନାରେ । ଘଣ୍ଟ-ଘଣ୍ଟା, ଶଙ୍ଖ-ମୃଦଙ୍ଗ, ଧୂପ-ଦୀପ-ଆରତୀର ସୁମଧୁର ସ୍ୱରରେ ମୁଦ୍ରଣାଳୟର ବାୟୁମଣ୍ଡଳ ଆମୋଦିତ । ସଭିଙ୍କ ଅନ୍ତରରୁ ସ୍ତୁତିସ୍ୱ—ଓଁ ନମଃ ବିଶ୍ୱକର୍ମା ଦେବାୟ । କାରଣ ଶରୀର ପାଇଁ ପ୍ରାଣବନ୍ତର ଆବଶ୍ୟକତା ଯେତେ, ଅନୁରୂପଭାବେ ଆତ୍ମା ନିମିତ୍ତ ପ୍ରାର୍ଥନା ମଧ୍ୟ । ପ୍ରାର୍ଥନା ବଳରେ ଜୀବାତ୍ମାର ପରମାତ୍ମା ସହ ମିଳନ ହୋଇଥାଏ । ପ୍ରାର୍ଥନା ବ୍ୟକ୍ତିର 'ମୁଁ'ତ୍ୱର ଭାବକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଆତ୍ମାକୁ ଉପଲବ୍ଧ କରାଏ । ଏହି ପବିତ୍ର ପ୍ରତୋଷବରେ ପୁରୋଧା ସାଜିଥିଲେ ବୈଷୟିକ ନିର୍ଦ୍ଦେଶକ ଶ୍ରୀ ବିଶ୍ୱନାଥ ଶତପଥୀ ।

ସେଦିନର ସଂଧ୍ୟାଥିଲା ଅନନ୍ୟ.....ଅସାଧାରଣ । ସଂଧ୍ୟା ଆସିଥିଲା ଚପଳ ଛଟା ସାଜି । ଆଣିଥିଲା ସାଥୀରେ କନାର ପସରା ସୁରଝଙ୍କାରର ମୃଦୁ ମୂର୍ଚ୍ଛନା ତୋଳି । ଅଗଣିତ ଦର୍ଶକମାନଙ୍କ ଅନ୍ତରରେ ଉତ୍କଣ୍ଠତାର ଅରୁଣିମା ଅଙ୍କୁରିତ । ଅଭିନବ ଅଭିନୟ ନିଖୁଣ ଅବଲୋକନରେ ସମସ୍ତେ ବିସ୍ମୟ । ସ୍ରଷ୍ଟା, ଭକ୍ତ, ଦର୍ଶକ, କଳାକାର—ସମସ୍ତେ ଭବସାଗରରେ ନିମଜ୍ଜିତ ।


ଚଳିତ ବର୍ଷର ପରିବେଷିତ ପୌରାଣିକ ନାଟକ "ଶକୁନି ଚକ୍ରାନ୍ତ" ମହାଭାରତର ଅମ୍ଳାନଗାଥା । ସ୍ୱରଚିତ ନାଟକଟିକୁ ଆପ୍ରାଣ ଉଦ୍ୟମକରି ନିର୍ଦ୍ଦେଶନା ଦେଇଥିଲେ ଚାକିରୀରୁ ଅବସର ନେବାକୁ ଯାଉଥିବା ବିଦାୟୀ ନାଟ୍ୟ ନିର୍ଦ୍ଦେଶକ ତଥା ଅକ୍ଷର ସଂଯୋଜନ ଉପବିଭାଗର ରକ୍ଷଣାବେକ୍ଷକ ଶ୍ରୀ ରାଜକିଶୋର ଦେ । ନାଟକଟିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ନିଜେ ଉଚ୍ଚକୋଟୀର ଅଭିନୟ ପ୍ରଦର୍ଶନ କରିଥିଲେ ଶକୁନି ଭୂମିକାରେ ।

ଶିଶୁପାଳନ ହିଁ ନାଟକର ମୁଖ୍ୟ କଥାବସ୍ତୁ । ପାରମ୍ଭିକ ନାଟିକା 'ପ୍ରତିହିଂସା" ରୂପାୟିତ ହୋଇଥିଲା ନିଖୁଣ ଭାବେ ମୁଦ୍ରଣ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା । ଏଥିରେ ଗୀତିକାର ଶ୍ରୀ ଚିତ୍ତଚରଣ ବେହେରା ନିଜର ପାରଦର୍ଶିତାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ଦୀର୍ଘକାଳର ଅଭିଜ୍ଞତାକୁ ପାଥେୟ କରି । ନାଟକ ମଞ୍ଚ ଓ କଳା ନୈପୁଣ୍ୟର ଉତ୍ତମ ପରିପାଟୀ ପ୍ରଦର୍ଶିତ ହୋଇଥିଲା ସାଲେପୁର କଳାବୃନ୍ଦ ଚିତ୍ରାଳୟର ଅପରାଜେୟ ମଞ୍ଚଶିଳ୍ପୀ ମାଷ୍ଟର ଗନ୍ଧର୍ବ ବାବୁଙ୍କ ରୂପସଜ୍ଜାର ମୋହନ ମାଧୁରୀରେ । ନାଟକର ବିଭିନ୍ନ ଚରିତ୍ରଗୁଡ଼ିକୁ ଜୀବନ୍ତକରି ଗଢ଼ିତୋଳିଥିଲେ ନିର୍ଦ୍ଦେଶକ ରାଜୁ ଦେ ଓ ଶରତ, ବିଷ୍ଣୁ, କିଶୋର, ଶଶୀ, ଶଙ୍କର, ଶେଷଦେବ, ପ୍ରାଣକୃଷ୍ଣ, ମନୋରଂଜନ, ବିକ୍ରମ, ହରି, ତ୍ରିନାଥ ଓ ପ୍ରିୟବ୍ରତ ପ୍ରଭୃତି କଳାକାରବୃନ୍ଦ ।

ଅନ୍ତିମ ପର୍ବରେ ବିସର୍ଜନ ଉତ୍ସବ—ନାନା ବାଦ୍ୟ ଧ୍ୱନିରେ ମୁଦ୍ରଣାଳୟ ପ୍ରାଙ୍ଗଣ ମୁଖରିତ । ପ୍ରଭୁ ଗ୍ଲାନିଯାନ୍ତି ସଭିଙ୍କ ତନୁମନରେ ଭରିଦେଇ କର୍ମପ୍ରବଣତାର ବିପୁଳତା ଓ ଆଗାମୀ ସମ୍ବତ୍ସରର ପ୍ରତୋଷବକୁ ଅଭିନନ୍ଦନ ଜଣାଇ । ଆଦର୍ଶପୂର୍ଣ୍ଣ ଏଇ ପାରଂପରିକ ମହୋତ୍ସବର ପଥପ୍ରଦର୍ଶକ ସାଜିଥିଲେ ବିଜ୍ଞ ପରିଚାଳକ ତଥା ଦକ୍ଷ ପ୍ରଶାସକ ଶ୍ରୀ ଶ୍ରୀରାମ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକଙ୍କ ଅକୁଣ୍ଠିତ ତ୍ୟାଗ ତଥା ପ୍ରୋତ୍ସାହନ ଆଗାମୀ କର୍ଣ୍ଣଧାରମାନଙ୍କର ଧ୍ୟେୟ ହେଉ—ଅନୁଷ୍ଠାନର ଏହାହିଁ ବିନମ୍ର ନିବେଦନ ।



OGP—MP-VI (I. & P. R.) 26—6,000—1-9-1988


8th ANNUAL CONFERENCE OF
ORISSA POLICE OSAP. HAV. CONST. AND
SEPOYS CONFEDRATION, ORISSA, BBSR.
25 AUG. 1988





Vol. XLIV No. 2 UTKAL PRASANGA Regd. No. O-05/88
Licence No. C. R. N. P. 5—Licensed to post without Pre-Payment

THE ORISSA STATE CO-OPERATIVE MARKETING FEDERATION LIMITED
STATION ROAD, BHUBANESWAR - 751 006

* ଚାଷୀମାନଙ୍କୁ ସୁବିଧାରେ ସାର ଓ ପୋକମରା ଔଷଧ ଆଦି ଯୋଗାଇ ଦେବାପାଇଁ ରାଜ୍ୟ ସମବାୟ ବାଣିଜ୍ୟ ସଂଘ ତରଫରୁ ସମଗ୍ର ରାଜ୍ୟରେ ୧୩ ଶହରୁ ଊର୍ଦ୍ଧ୍ୱ ବିକ୍ରୟ କେନ୍ଦ୍ର ଖୋଲା ଯାଇଅଛି ।

* ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉଥିବା ବ୍ଲକରେ ଜଣେ ଚାଷୀ ଶତକଡ଼ା ୫୦ ଭାଗ ରିହାତିରେ ସାର ଓ ଔଷଧ କିଣି ପାରିବେ । ଜଣେ ଚାଷୀ ସର୍ବୋଚ୍ଚ ଟ୧୦୦.୦୦ ପର୍ଯ୍ୟନ୍ତ ରିହାତି ପାଇ ପାରିବେ । ଏଥିପାଇଁ ସେ ଅତି କମ୍‌ରେ ଏକ ହେକ୍‌ଟର ଜମି ଚାଷ କରିଥିବା ଦରକାର ।

* କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାରେ ସ୍ୱତନ୍ତ୍ର ଖାଦ୍ୟ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଜିଲ୍ଲାଗୁଡ଼ିକର ୧୧୬ଟି ବ୍ଲକରେ ଜଣେ ଚାଷୀ ୫୦ କେ. ଜି. ସି. ଏ. ଏନ୍. ଓ ୨ କେ. ଜି. ଅଣୁସାର କିଣିଲେ ଶତକଡ଼ା ୫୦ ଭାଗ ରିହାତି ପାଇବେ । ଏହି ରିହାତି ଜଣେ ଚାଷୀକୁ ଟ୧୦୦.୦୦ ପର୍ଯ୍ୟନ୍ତ ଦିଆଯାଇ ପାରିବ । ଏହି ବ୍ଲକରେ ଜଣେ ଚାଷୀ ହେକ୍‌ଟର ପ୍ରତି ୨୦୦ କେ. ଜି. ସୁପର ଓ ୧୦୦ କେ. ଜି. ସି. ଏ. ଏନ୍. ସାର କିଣିଲେ ସର୍ବୋଚ୍ଚ ୧୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ ।

* ସାର ଛଡ଼ା ଘାସମରା ଔଷଧ, ପୋକମରା ଔଷଧ, ସ୍ପ୍ରେୟାର ଓ ଡଷ୍ଟର ଇତ୍ୟାଦି କିଣିବାରେ ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ରିହାତି ଦିଆଯାଉଅଛି ।

* ଚାଷୀମାନେ ବାଣିଜ୍ୟ ମହାସଂଘର ଯେ କୌଣସି ବିକ୍ରୟ କେନ୍ଦ୍ରରୁ ସାର, ପୋକମରା ଔଷଧ, ଘାସମରା ଔଷଧ, ସ୍ପ୍ରେୟର ଓ ଡଷ୍ଟର ଇତ୍ୟାଦି କିଣିବାକୁ ପାଇବେ ।

* କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଆଦିବାସୀ ଓ ହରିଜନ ଚାଷୀମାନଙ୍କୁ ବିକ୍ରୟ କେନ୍ଦ୍ରମାନଙ୍କରୁ ଉପରୋକ୍ତ କୃଷି ସାମଗ୍ରୀ କିଣିବାପାଇଁ ଅଗ୍ରାଧିକାର ଦିଆଯାଉଛି ।

ଆପଣଙ୍କ ନିକଟସ୍ଥ ବିକ୍ରୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ରାଜ୍ୟ ସମବାୟ ବାଣିଜ୍ୟ
ମହାସଂଘ, ଓଡ଼ିଶା

PRINTED AT ORISSA GOVERNMENT PRESS, MADHUPATNA, CUTTACK-10

# ସଙ୍ଗ

